# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୯/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, September 19/2025 | Page 14 | ₹ 7.00

୫୧ଶ ଭାଗ ୨୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 295 | ମୂଲ୍ୟ₹୭/-






INDIA'S FIRST 5 YEAR WARRANTY *Conditions apply

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. *As per cumulative dispatch numbers till August 2025. T&C Apply.

CALL TOLL-FREE
1800 266 0018

Authorized Dealers: , Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Jagatsinghpur: SUNNY AUTOBIKES , Ph: 9289233592, Bhubaneswar: Rohan Hero, Ph: 9289922474, Bharat Hero, Ph: 9289922180, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Vishal Hero, Ph: 9289922984, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph:9289923107,Chandikhol: S. K. Hero, Ph: 9289922900, , Jajpur Road: Soumik Hero, Ph: 9289922611 Authorized HeroSure Dealers: Bhubaneshwar: Arundhati Motobikes ,Ph- 7682841658 Associate Dealers: Telkoi:Panchamukhi Motors-9717004926, Barbil:Wheels Motors-9776931870 Rairangpur:Maa Sakambari Motors-7008581719, Mayurbhanj:Jk Motors-9040909925, Mayurbhanj:Mahaveer Motors-7326872255/9853290346, BasudevPur:Bidyalalita Automobile-9827487072, Kamrda:Siddhivinayak Motors-7208675074 , Rahama:Sarala Automobiles-9937018532, Kendrapara:Baishnabi Motors-9437089454/9853471301, Pattamundai:Mishra Auto-9853843713, Narsinghpur:Ambika Motocorp-9861811411, Nimapara:Basudev Automobiles-9861020724, Pipili:Shri Ram Motors-9437110789, Balugaon: Mahamayee Motors-9437004624, Khurdha:Dinesh Trading Co.-9778097876, Sakhigopal:Sai Motors-9439765820, Begunia:Rashmi Automobiles-9178316145, Balipatna:M/S Jagannath Motors-7064309702, Chandpur:Apsara-9861418161, Khuakia:Binayak Automobiles-9090444379 Jajpur Town:Ayush Automobiles-9556189870

SAATCHI & SAATCHI

**ଜିମି କିମେଲଙ୍କ ଶୋ'କୁ ବନ୍ଦକଲା ଏବିସି ନ୍ୟୁଜ୍**

ଏବିସି ନ୍ୟୁଜ୍‌ରେ ଆମେରିକୀୟ କମେଡିଆନ୍ ତଥା ଟିଭି ହୋଷ୍ଟ ଜିମି କିମେଲଙ୍କ ଲୋକପ୍ରିୟ ଲେଟ୍ ନାଇଟ ଟକ୍ ଶୋ' 'ଜିମି କିମେଲ ଲାଇଭ୍'ର ପ୍ରସାରଣକୁ ବୁଧବାରଠାରୁ ବନ୍ଦ କରାଯାଇଛି। କଞ୍ଜରଭେଟିଭ ଆକ୍ଟିଭିଷ୍ଟ ତଥା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହଯୋଗୀ ଚାର୍ଲି କିର୍କଙ୍କୁ ନେଇ ଜିମି ଏକ ବିବାଦୀୟ ମନ୍ତବ୍ୟ ଦେବାପରେ 'ଜିମି କିମେଲ ଲାଇଭ'କୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିବା ଏବିସି ନ୍ୟୁଜ୍ ନେଟ୍‌ୱର୍କ ସୂଚନା ଦେଇଛି। 'ଜିମି କିମେଲ ଲାଇଭ୍' ଆମେରିକାର ସବୁଠାରୁ ଲୋକପ୍ରିୟ ନାଇଟ ଶୋ' ମଧ୍ୟରୁ ଅନ୍ୟତମ।

## ସଂକ୍ଷେପରେ

### ସବୁ ଧର୍ମକୁ ସମ୍ମାନ କରେ: ସିଜେଆଇ

**ନୂଆଦିଲ୍ଲୀ, ୧୮।୯**

ମଧ୍ୟପ୍ରଦେଶର ଖଜୁରାହୋସ୍ଥିତ ଜାଭେରୀ ମନ୍ଦିରରେ ଭଗବାନ ବିଷ୍ଣୁଙ୍କ ୭ ଫୁଟ ଉଚ୍ଚ ଭଙ୍ଗା ମୂର୍ତ୍ତିକୁ ସ୍ଥାପନ କରିବା ପାଇଁ କରାଯାଇଥିବା ଏକ ପିଟିଶନକୁ ଖାରଜ କରି ବୁଧବାର ପ୍ରଧାନ ବିଚାରପତି ବି. ଆର୍. ଗବଇ କହିଥିଲେ, ଏହା ମୁଖ୍ୟତଃ ଏକ ପ୍ରଚାରମୁଖୀ ଆବେଦନ, ଆଉ କିଛି ନୁହେଁ। ଯାଆନ୍ତୁ ସ୍ୱୟଂ ଭଗବାନଙ୍କୁ କିଛି କରିବାକୁ କୁହନ୍ତୁ। ଯଦି ଆପଣ ଭଗବାନ ବିଷ୍ଣୁଙ୍କର ବଡ଼ ଭକ୍ତ, ତେବେ ତାଙ୍କୁ ପ୍ରାର୍ଥନା କରିବା ସହ ଧ୍ୟାନ କରନ୍ତୁ, ଯାହାଫଳରେ ସେ ଆପଣଙ୍କୁ ଉଚିତ ମାର୍ଗଦର୍ଶନ ଦେବେ। ପ୍ରଧାନ ବିଚାରପତିଙ୍କର ଏପରି ଟିପ୍ପଣୀ ପରେ ତାଙ୍କୁ ସମାଲୋଚନାକରି ସୋସିଆଲ ମିଡିଆରେ ଅନେକ ପୋଷ୍ଟ କରାଯାଇଥିଲା। ଉକ୍ତ ଟିପ୍ପଣୀକୁ ନେଇ ବିବାଦ ବଢ଼ିବା ପରେ ଗୁରୁବାର ସୁପ୍ରିମକୋର୍ଟରେ ସିଜେଆଇ କହିଛନ୍ତି, ସେ ଦେଇଥିବା ଟିପ୍ପଣୀ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ଏବଂ ଅନେକେ ତାଙ୍କୁ ସମାଲୋଚନା କରୁଥିବା ନେଇ ସେ ଜାଣିବାକୁ ପାଇଛନ୍ତି। ସେ ସବୁ ଧର୍ମକୁ ସମ୍ମାନ କରନ୍ତି। କୌଣସି ଧର୍ମ ବିରୋଧରେ ଉଦ୍ଦେଶ୍ୟମୂଳକ ଭାବେ ଟିପ୍ପଣୀ କରିନାହାନ୍ତି।

### ସମସ୍ତ ଇପିଏଫ୍ଓ ସେବା ଗୋଟିଏ ଲଗ୍‌ଇନ୍‌ରେ ଉପଲବ୍ଧ ହେବ: ମାଣ୍ଡବ୍ୟ

**ନୂଆଦିଲ୍ଲୀ, ୧୮।୯ (ପି.ଟି.)**

କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍ଓ)ର ୭ କୋଟିରୁ ଉର୍ଦ୍ଧ୍ୱ ସଦସ୍ୟ ଏଣିକି ସେମାନଙ୍କ ପୋର୍ଟାଲରେ ଗୋଟିଏ ଲଗ୍‌ଇନ୍ କରି ସମସ୍ତ ପ୍ରମୁଖ ସେବା ପାଇବା ସହ ସେମାନଙ୍କ ପ୍ରୋଭିଡେଣ୍ଟ ଫଣ୍ଡ୍ ଆକାଉଣ୍ଟର ସବିଶେଷ ତଥ୍ୟ ପାଇପାରିବେ। କେନ୍ଦ୍ର ଶ୍ରମମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଗୁରୁବାର ଏହା କହିଛନ୍ତି। ଇପିଏଫ୍ଓ ଏହାର ସଦସ୍ୟମାନଙ୍କୁ ପ୍ରଭାବଶାଳୀ, ସ୍ୱଚ୍ଛ ଏବଂ ୟୁଜର ଫ୍ରେଣ୍ଡଲି ସେବା ପ୍ରଦାନ ସୁନିଶ୍ଚିତ କରିବା ପାଇଁ ଆଣିଥିବା ପ୍ରମୁଖ ସଂସ୍କାର ସମ୍ପର୍କରେ ମାଣ୍ଡବ୍ୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସମ୍ପ୍ରତି ସଦସ୍ୟମାନେ ସେମାନଙ୍କ ପ୍ରୋଭିଡେଣ୍ଟ ଫଣ୍ଡ ଅଂଶଦାନ, ଅଗ୍ରିମ କିମ୍ବା ଟଙ୍କା ଉଠାଣ ସହ ସମ୍ପୃକ୍ତ କାରବାର ଜାଣିବା ପାଇଁ ଇପିଏଫ୍ଓର ପାସ୍‌ବୁକ୍ ପୋର୍ଟାଲକୁ ଲଗ୍‌ଇନ୍ କରୁଥିଲେ। ଇପିଏଫ୍ଓ ଏବେ 'ପାସ୍‌ବୁକ୍ ଲାଇଟ୍' ନାମରେ ନୂଆ ସୁବିଧା ଆରମ୍ଭ କରିଛି। ଏହାଦ୍ୱାରା ପାସ୍‌ବୁକ୍ ପୋର୍ଟାଲକୁ ନ ଯାଇ 'ମେମ୍ବର ପୋର୍ଟାଲ' ଜରିଆରେ ଏହାର ସଦସ୍ୟମାନେ ସହଜରେ ସେମାନଙ୍କ ପାସ୍‌ବୁକ୍ ଯାଞ୍ଚ କରିପାରିବା ସହ ସହଜ ଓ ସୁବିଧାଜନକ ଫର୍ମାଟରେ ସେମାନଙ୍କ ଅଂଶଦାନ, ଉଠାଣ ଓ ବାଲାନ୍ସ ଦେଖିପାରିବେ। ଗୋଟିଏ ଲଗ୍‌ଇନ୍‌ରେ ପାସ୍‌ବୁକ୍ ସମେତ ସମସ୍ତ ପ୍ରମୁଖ ସେବା ମିଳିପାରିବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ଗ୍ରାଫିକାଲ ଡିସ୍‌ପ୍ଲେ ସମେତ ପାସ୍‌ବୁକ୍‌ର ସବିଶେଷ ତଥ୍ୟକୁ ବିସ୍ତୃତ ଭାବେ ଦେଖିବା ପାଇଁ ସଦସ୍ୟମାନଙ୍କୁ ପାସ୍‌ବୁକ୍ ପୋର୍ଟାଲକୁ ଯିବାକୁ ପଡ଼ିବ।

### ପଞ୍ଜାବରେ ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହିଳାଙ୍କୁ ହତ୍ୟା

**ଲୁଧିଆନା, ୧୮।୯**

ପଞ୍ଜାବର ଲୁଧିଆନା ଜିଲା ରାୟପୁର ଗ୍ରାମରେ ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହିଳା ରୂପିନ୍ଦର କୌର ପାନ୍ଧେର(୭୧)ଙ୍କୁ ହତ୍ୟା କରାଯାଇଛି। ଅଭିଯୁକ୍ତ ସୁଖଜିତ ସିଂ ସୋନୁ ରୂପିନ୍ଦରଙ୍କ ମୁଣ୍ଡକୁ ବେସ୍‌ବଲ୍ ବ୍ୟାଟ୍‌ରେ ପିଟି ହତ୍ୟା କରିଛନ୍ତି। ପରେ ସେ ରୂପିନ୍ଦରଙ୍କ ମୃତଦେହରେ ନିଆଁ ଲଗାଇ ଏକ ନାଳରେ ଫିଙ୍ଗି ଦେଇଥିଲେ। ପୋଲିସ ନାଳ ମଧ୍ୟରୁ ରୂପିନ୍ଦରଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରିଥିଲା। ଗୁରୁବାର ପୋଲିସ ସୁଖଜିତଙ୍କୁ ଗିରଫ କରିଛି।

ପୋଲିସ ସୂଚନା ମୁତାବକ, ଛାଡ଼ପତ୍ର ପରେ ରୂପିନ୍ଦର ବହୁ ବର୍ଷ ଧରି ଆମେରିକାରେ ଏକାକୀ ରହୁଥିଲେ। ଗତ କିଛି ମାସ ଧରି ଇଂଲଣ୍ଡରେ ରହୁଥିବା ପ୍ରବାସୀ ଭାରତୀୟ ଚରଣଜିତ ସିଂ ଗ୍ରେୱାଲ (୭୫)ଙ୍କ ସହ ସେ ସମ୍ପର୍କରେ ଥିଲେ। ଚରଣଜିତଙ୍କଠାରୁ ବିବାହ ପ୍ରତିଶ୍ରୁତି ପାଇ ତାଙ୍କୁ ବିବାହ କରିବାକୁ ରୂପିନ୍ଦର ଭାରତ ଆସିଥିଲେ। ଏହି ସମୟରେ ଚରଣଜିତଙ୍କ ନିର୍ଦ୍ଦେଶକ୍ରମେ ସୁଖଜିତ ରୂପିନ୍ଦରଙ୍କୁ ହତ୍ୟା କରିଥିବା ପୋଲିସ କହିଛି। ଲୁଧିଆନାର ମୂଳ ନିବାସୀ ଚରଣଜିତ ଇଂଲଣ୍ଡରେ ରହି ରୂପିନ୍ଦରଙ୍କ ହତ୍ୟାର ଷଡ଼ଯନ୍ତ୍ର ରଚିଥିଲେ। ଗିରଫ ହେବା ପରେ ରୂପିନ୍ଦରଙ୍କୁ ହତ୍ୟା କରିଥିବା ନେଇ ସୁଖଜିତ ପୋଲିସ ସମ୍ମୁଖରେ ଦୋଷ ସ୍ୱୀକାର କରିଛନ୍ତି।

**ଦିଲ୍ଲୀରେ ଆଜି**




ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରୁଛନ୍ତି। (ଫଟୋ: ଚମନ ଗୌତମ)

# 'ଭୋଟ ଚୋରଙ୍କୁ ସୁରକ୍ଷା ଦେଉଛନ୍ତି ସିଇସି'

**ନୂଆଦିଲ୍ଲୀ, ୧୮।୯ (ପି.ଟି.)**

ନିର୍ବାଚନ କମିଶନଙ୍କୁ ଲଗାତର ଟାର୍ଗେଟ କରିଆସୁଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗୁରୁବାର ସିଇସି ଜ୍ଞାନେଶ କୁମାରଙ୍କୁ ସନ୍ଦେହର କାଠଗଡ଼ାରେ ଛିଡ଼ା କରାଇଛନ୍ତି। ଏଆଇସିସି ମୁଖ୍ୟାଳୟ ଇନ୍ଦିରା ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାହୁଲ କହିଛନ୍ତି, ସିଇସି ଭୋଟ ଚୋରିକୁ ରୋକିବା ଜରୁରୀ। ଭୋଟର ତାଲିକାରୁ ମତଦାତାଙ୍କ ନାମ ହଟାଇବା ନେଇ କର୍ଣାଟକ ଅପରାଧ ତଦନ୍ତ ବିଭାଗ (ସିଆଇଡି) ପକ୍ଷରୁ ମଗାଯାଇଥିବା ତଥ୍ୟ ସିଇସି ସପ୍ତାହେ ମଧ୍ୟରେ ପ୍ରଦାନ କରନ୍ତୁ। ସିଇସି ଏହି ତଥ୍ୟ ପ୍ରଦାନ ନ କଲେ ସମ୍ବିଧାନ ହତ୍ୟାକାରୀଙ୍କ ସହଯୋଗୀ ରୂପେ ଧରାଯିବେ। ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ସେମାନଙ୍କ କାର୍ଯ୍ୟ କରିବାକୁ ଦିଆଯାଉନାହିଁ। ତେଣୁ ନ୍ୟାୟପାଳିକାର ହସ୍ତକ୍ଷେପ ଜରୁରୀ ହୋଇପଡ଼ିଛି। ରାହୁଲ ଆହୁରି କହିଛନ୍ତି, ଏହି ଅଭିଯୋଗ ସେ ପୂର୍ବରୁ କହିଥିବା 'ହାଇଡ୍ରୋଜେନ୍ ବୋମା' ନୁହେଁ। ଆଗକୁ ସେ ଏନେଇ ବିସ୍ତୃତ ବିବରଣୀ ପ୍ରଘଟ କରିବେ।

ଗତ ୧୦-୧୫ ବର୍ଷ ଧରି ଭାରତରେ ଏପରି ଚାଲିଛି। ଦେଶର ଗଣତନ୍ତ୍ରକୁ ହାଇଜାକ୍ କରାଯାଇଛି। ଗଣତନ୍ତ୍ରକୁ କେବଳ ଦେଶବାସୀ ହିଁ ରକ୍ଷା କରିପାରିବେ। ଗଣତନ୍ତ୍ର ଓ ସମ୍ବିଧାନ ଚୋରି ହୋଇଯାଇଥିବା ବିଷୟ ଯେଉଁଦିନ ଲୋକେ ବୁଝିଯିବେ, ସେହିଦିନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯିବ। ଏହି ଅବସରରେ ରାହୁଲ କର୍ଣାଟକ ଆଳନ୍ଦ ନିର୍ବାଚନମଣ୍ଡଳୀର ଉଦାହରଣ ଦେଇ କହିଛନ୍ତି, ୨୦୨୩ ବିଧାନସଭା ନିର୍ବାଚନ ବେଳେ ୬,୦୧୮ ଭୋଟ ଚୋରି ହୋଇଥିଲା। କଂଗ୍ରେସର ସ୍ଥିତି ସୁଦୃଢ଼ ଥିବା ବୁଥ୍‌ଗୁଡ଼ିକୁ ଜାଣିଶୁଣି ଟାର୍ଗେଟ କରାଯାଇଥିଲା। ମହାରାଷ୍ଟ୍ର ରଜୁରା ନିର୍ବାଚନମଣ୍ଡଳୀରେ ୬,୮୫୦ ମତଦାତାଙ୍କୁ ଜାଲ୍ ଦର୍ଶାଇ ଅଟୋମେଟେଡ୍ ସଫ୍ଟୱେର ଜରିଆରେ ସେମାନଙ୍କୁ ହଟାଇ ଦିଆଯାଇଥିଲା। କର୍ଣାଟକ, ମହାରାଷ୍ଟ୍ର, ହରିୟାଣା, ଉତ୍ତର ପ୍ରଦେଶ ଓ ବିହାରରେ ସମାନ ପନ୍ଥା ଆପଣାଯାଉଛି ବୋଲି ରାହୁଲ ଅଭିଯୋଗ ଆଣିଛନ୍ତି। ଜ୍ଞାନେଶ କୁମାର ନିଜ କାମ କରନ୍ତୁ। ସିଇସି ରୂପେ ସେ ଶପଥ ନେଇଛନ୍ତି। କର୍ଣାଟକ ସିଆଇଡିକୁ ସେ ସପ୍ତାହେ ମଧ୍ୟରେ ମଗାଯାଇଥିବା ତଥ୍ୟ ପ୍ରଦାନ କରନ୍ତୁ ବୋଲି ରାହୁଲ ଦାବି କରିଛନ୍ତି।

### ଅଭିଯୋଗ ଆଣିଲେ ରାହୁଲ, ଖଣ୍ଡନ କଲେ ଇସି

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁବାର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଭୋଟ ଚୋରିରେ ସମ୍ପୃକ୍ତ ତଥା ଗଣତନ୍ତ୍ରର ବିଧ୍ୱଂସକମାନଙ୍କୁ ସିଇସି ସୁରକ୍ଷା ଦେଉଛନ୍ତି ବୋଲି ରାହୁଲ ସମାଲୋଚନା କରିବା ସହ ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ ସମ୍ବଳିତ ପ୍ରମାଣ ଉପସ୍ଥାପନ କରିଛନ୍ତି। କର୍ଣାଟକ ବିଧାନସଭାର ଏକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଂଗ୍ରେସ ମତଦାତାଙ୍କ ଭୋଟକୁ କିପରି ଉଦ୍ଦେଶ୍ୟମୂଳକ ଭାବେ ବ୍ୟବସ୍ଥିତ ରୂପେ ହଟାଇ ଦିଆଯାଇଥିଲା, ରାହୁଲ ତାହା ଦର୍ଶାଇଛନ୍ତି। ଅନ୍ୟପକ୍ଷେ ନିର୍ବାଚନ କମିଶନ (ଇସି) ଏହାକୁ ତ୍ରୁଟିପୂର୍ଣ୍ଣ ଓ ଭିତ୍ତିହୀନ ଅଭିଯୋଗ କହି ଖଣ୍ଡନ କରିଛନ୍ତି। ଏଥିସହ ପ୍ରଭାବିତ ବ୍ୟକ୍ତିଙ୍କ ଯୁକ୍ତି ଶୁଣିବା ପାଇଁ ସୁଯୋଗ ନ ଦେଇ ତାଙ୍କୁ ଭୋଟର ତାଲିକାରୁ ହଟାଇବା ସମ୍ଭବ ନୁହେଁ ବୋଲି କମିଶନ କହିଛନ୍ତି। ସେହିପରି ଭାରତୀୟ ଗଣତନ୍ତ୍ର ଉପରେ ରାହୁଲଙ୍କ ଆସ୍ଥା ନ ଥିବାରୁ ସେ ଭାରତରେ ନେପାଳ ଓ ବାଂଲାଦେଶ ଭଳି ସ୍ଥିତି ଉପୁଜାଇବାକୁ ଚାହୁଁଥିବା ଭାଜପା ପକ୍ଷରୁ ସମାଲୋଚନା କରାଯାଇଛି।

# ଚାବାହର ବନ୍ଦର ଉପରେ ପୁଣି ଆମେରିକା କଟକଣା

### ପ୍ରଭାବିତ ହେବ ଭାରତର ବାଣିଜ୍ୟ

**ୱାଶିଂଟନ/ନୂଆଦିଲ୍ଲୀ, ୧୮।୯**



ଆଫଗାନିସ୍ତାନ ଓ କେନ୍ଦ୍ରୀୟ ଏସିଆକୁ ଭାରତର ରଣନୈତିକ ପ୍ରବେଶପଥ କୁହାଯାଉଥିବା ଚାବାହର ପୋର୍ଟ ଉପରେ ପୂର୍ବ କଟକଣା ରିହାତିକୁ ଆମେରିକା ହଟାଇ ଦେଇଛି। ଇରାନ ଫ୍ରିଡମ୍ ଆଣ୍ଡ୍ କାଉଣ୍ଟର ପ୍ରୋଲିଫେରେଶନ୍ ଆକ୍ଟ(ଆଇଏଫ୍‌ସିଏ) ବଳରେ ଇରାନର ଏହି ବନ୍ଦର ପ୍ରତି ୱାଶିଂଟନ କୋହଳ ମନୋଭାବ ପୋଷଣ କରିଥିଲା। ତେବେ ଏହାକୁ ହଟାଇଦେବା ଫଳରେ ଆସନ୍ତା ୨୯ରୁ ଭାରତୀୟ ଅପରେଟରମାନେ ଚାବାହର ବନ୍ଦର ଦେଇ ସାମଗ୍ରୀ ଆମଦାନୀ ରପ୍ତାନି କରିପାରିବେ ନାହିଁ। ଫଳରେ ଭାରତର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଯୋଗସୂତ୍ରକାରୀ ପ୍ରକଳ୍ପଗୁଡ଼ିକର ଭବିଷ୍ୟତ ପ୍ରତି ଅନିଶ୍ଚିତତା ସୃଷ୍ଟି ହୋଇଛି।

୨୦୧୮ରେ ଚାବାହରସ୍ଥିତ ଶହୀଦ ବେହେସ୍ତି ଟର୍ମିନାଲର ନିୟନ୍ତ୍ରଣ ଭାରତ ନିଜ ହାତକୁ ନେଇଥିଲା। ସେବେଠୁ ଉକ୍ତ ଟର୍ମିନାଲ ଜରିଆରେ କେନ୍ଦ୍ର ସରକାରଙ୍କ ଇଣ୍ଡିଆ ପୋର୍ଟସ ଗ୍ଲୋବାଲ ଲିମିଟେଡ୍ ଆଫଗାନିସ୍ତାନ ଓ ସେଣ୍ଟ୍ରାଲ ଏସିଆକୁ ସାମଗ୍ରୀ ପରିବହନ କରିଆସୁଥିଲା। ପାକିସ୍ତାନ ଦେଇ ପରିବହନକୁ ଏଡ଼ାଇବା ପାଇଁ ଏହା ଭାରତ ପାଇଁ ଏକ ଷ୍ଟ୍ରାଟେଜିକ୍ ଟ୍ରାଞ୍ଜିଟ୍ ପଏଣ୍ଟ ପାଲଟିଥିଲା। ଫଳରେ ଭାରତ ୮ ନିୟୁତ ଟନ୍‌ରୁ ଉର୍ଦ୍ଧ୍ୱ ସାମଗ୍ରୀ ପରିଚାଳନା କରିପାରୁଥିଲା ଏବଂ ବନ୍ଦରର କ୍ଷମତା ୧ ଲକ୍ଷରୁ ୫ ଲକ୍ଷ ଟିଇୟୁ (୨୦ ଫୁଟ୍ ଇକ୍ୟୁଭାଲେଣ୍ଟ ୟୁନିଟ୍) ପର୍ଯ୍ୟନ୍ତ ବୃଦ୍ଧି ପାଇଁ ଲକ୍ଷ୍ୟ ରଖିଥିଲା। ତେବେ ନିକଟରେ ଏକ ଅନ୍ତର୍ଜାତୀୟ ବେଆଇନ ଆର୍ଥିକ ନେଟ୍‌ୱର୍କ ଇରାନର ଇସ୍‌ଲାମିକ ରିଭଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି)କୁ ସମର୍ଥନ କରୁଥିବା ଦର୍ଶାଇ ଆମେରିକା ଏହି ଇସ୍‌ଲାମୀୟ ରାଷ୍ଟ୍ର ଉପରେ ଚାପ ସୃଷ୍ଟି ସକାଶେ ପୁନଃ କଟକଣା ଜାରି କରିବାକୁ ନିଷ୍ପତ୍ତି ନେଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉଚ୍ଚ ଟାରିଫ୍ ଯୋଗୁ ଆମେରିକାକୁ ଭାରତୀୟ ସାମଗ୍ରୀ ରପ୍ତାନି ବାଧାପ୍ରାପ୍ତ ହୋଇଛି। ଏଭଳି ସମୟରେ ଇରାନ ଉପରେ ଅସନ୍ତୁଷ୍ଟ ଟ୍ରମ୍ପଙ୍କ ଏହି କାର୍ଯ୍ୟାନୁଷ୍ଠାନ ପରୋକ୍ଷରେ ଭାରତ ପାଇଁ କ୍ଷତିକାରକ ହେବ ବୋଲି କୁହାଯାଉଛି।

### ଭାରତରେ ପ୍ରତି ଅଧଘଣ୍ଟାରେ ଗୋଟିଏ ନିୟୁତପତି ପରିବାର

**ମୁମ୍ବାଇ, ୧୮।୯**

ଭାରତ ଗତ ୪ ବର୍ଷ ହେଲା ପ୍ରତି ୩୦ ମିନିଟ୍‌ରେ ଗୋଟିଏ ଲେଖାଏ ନିୟୁତ ଡଲାର ପରିବାର ଯୋଡ଼ି ଆସୁଛି। ଦେଶରେ ଅନ୍ୟୂନ ୮.୫ କୋଟି ଟଙ୍କା (୧ ନିୟୁତ ଡଲାର)ର ସମ୍ପତ୍ତି ଥିବା ପରିବାର ସଂଖ୍ୟା ୨୦୨୧ରେ ୪.୫୮ ଲକ୍ଷ ଥିବାବେଳେ ୨୦୨୫ରେ ୮.୭୧ ଲକ୍ଷରେ ପହଞ୍ଚିଥିବା ହାରୁନ୍ ଇଣ୍ଡିଆ ୱେଲ୍‌ଥ ରିପୋର୍ଟରୁ ଜଣାପଡ଼ିଛି। ନିୟୁତପତି ପରିବାର ସଂଖ୍ୟା ଦେଶର ମୋଟ ପରିବାରର ମାତ୍ର ୦.୩୧%। ମହାରାଷ୍ଟ୍ର ଦେଶର ସର୍ବବୃହତ୍ ଅର୍ଥନୀତି ରହିଥିବାବେଳେ ସେଠାରେ ୧,୭୮,୬୦୦ ମିଲିୟନେୟାର ପରିବାର ରହିଛନ୍ତି। କେବଳ ମୁମ୍ବାଇରେ ୧,୪୨,୦୦୦ ନିୟୁତପତି ପରିବାର ରହିଛନ୍ତି। ୨୦୨୫ରେ ମହାରାଷ୍ଟ୍ରର ଅର୍ଥନୀତି ୪୮୦ ବିଲିୟନ ଡଲାର ବା ୪୦.୫ ଟ୍ରିଲିୟନ ଟଙ୍କାରେ ପହଞ୍ଚିଛି। ୭୯,୮୦୦ ମିଲିୟନେୟାର ପରିବାର ସହ ଦିଲ୍ଲୀ ଦ୍ୱିତୀୟ ସ୍ଥାନରେ ଥିବାବେଳେ ୩୧,୬୦୦ ଏଭଳି ପରିବାର ସହ ବେଙ୍ଗାଲୁରୁ ତୃତୀୟ ସ୍ଥାନରେ ରହିଛି।

# ଭାରତ ଉପରୁ ୨୫% ଶୁଳ୍କ ହଟାଇପାରେ ଆମେରିକା

### ଜବାବୀ ଟାରିଫ୍ ୧୦ରୁ ୧୫%କୁ ଖସିପାରେ: ସିଇଏ

**କୋଲକାତା, ୧୮।୯**

ନଭେମ୍ବର ୩୦ ପରେ ଆମେରିକା ସହ ଟାରିଫ୍ ପ୍ରସଙ୍ଗର ସମାଧାନ ହେବା ନେଇ ଆଶା କରାଯାଉଥିବା ଗୁରୁବାର ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ୍ କହିଛନ୍ତି। ଆମେରିକା ଭାରତୀୟ ସାମଗ୍ରୀ ଉପରେ ଲଗାଇଥିବା ୨୫ ପ୍ରତିଶତ ଦଣ୍ଡାତ୍ମକ ଶୁଳ୍କକୁ ପ୍ରତ୍ୟାହାର କରିନେଇପାରେ। ଏଥିସହିତ ୨୫ ପ୍ରତିଶତ ଜବାବୀ ଟାରିଫ୍‌କୁ ୧୦ରୁ ୧୫ ପ୍ରତିଶତକୁ ହ୍ରାସ କରାଯାଇପାରେ ବୋଲି ନାଗେଶ୍ୱରନ୍ ଆଶାବ୍ୟକ୍ତ କରିଛନ୍ତି।



ଭି. ଅନନ୍ତ ନାଗେଶ୍ୱରନ୍

ରୁଷିଆରୁ ନୂଆଦିଲ୍ଲୀ ତୈଳ କିଣା ଜାରି ରଖିଥିବାରୁ ଗତ ଅଗଷ୍ଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତରୁ ଆମଦାନୀ ସାମଗ୍ରୀ ଉପରେ ୨୫ ପ୍ରତିଶତ ଅତିରିକ୍ତ ଟାରିଫ୍ ଲଗାଇଥିଲେ। ପୂର୍ବର ୨୫% ରେସିପ୍ରୋକାଲ ଟାରିଫ୍ ସହ ଏହା ମିଶି ଭାରତୀୟ ସାମଗ୍ରୀ ଉପରେ ଟାରିଫ୍ ପରିମାଣ ୫୦%ରେ ପହଞ୍ଚିଥିଲା। ଭାରତ ଚାମ୍ବର ଅଫ୍ କମର୍ସ ପକ୍ଷରୁ କୋଲକାତାରେ ଆୟୋଜିତ ଏକ ଆଲୋଚନାଚକ୍ରକୁ ଉଦ୍‌ବୋଧନ ଦେଇ ନାଗେଶ୍ୱରନ୍ କହିଛନ୍ତି, ୨ ଦେଶର ସରକାରଙ୍କ ମଧ୍ୟରେ ଆଲୋଚନା ଜାରି ରହିଛି। ମୋର ଅନୁମାନ, ଆଗାମୀ ୮ରୁ ୧୦ ସପ୍ତାହ ମଧ୍ୟରେ ଟାରିଫ୍ ସମସ୍ୟାର ସମାଧାନ ହୋଇଯିବ। ଯଦି ଟାରିଫ୍ ଜାରି ରହେ, ତେବେ ଆମେରିକାକୁ ରପ୍ତାନି ହ୍ରାସ ପାଇବ। ଭାରତ ଏକ ଆକାଂକ୍ଷୀ ନିମ୍ନ-ମଧ୍ୟମ ଆୟକାରୀ ଅର୍ଥନୀତି ଏବଂ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଏହାର ବାସ୍ତବ ଜିଡିପି ଅଭିବୃଦ୍ଧି ୭.୮ ପ୍ରତିଶତ ରହିଥିଲା। କୋଭିଡ୍ ମହାମାରୀ ପରେ ଭାରତୀୟ ଅର୍ଥନୀତି ଅନ୍ୟ ଅନେକ ଦେଶଠାରୁ ଦ୍ରୁତତର ଅଭିବୃଦ୍ଧି କରିଛି।

# ଆଦାନୀ ଗ୍ରୁପ୍‌କୁ ସେବିର କ୍ଲିନ୍‌ଚିଟ୍

### ହିଣ୍ଡେନ୍‌ବର୍ଗ ଅଭିଯୋଗ

**ନୂଆଦିଲ୍ଲୀ, ୧୮।୯ (ପି.ଟି.)**



ଗୌତମ ଆଦାନୀ

ଆମେରିକାର ଶର୍ଟ-ସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଭାରତୀୟ ବ୍ୟବସାୟୀ ଗୌତମ ଆଦାନୀଙ୍କ ଗ୍ରୁପ୍ କମ୍ପାନୀ ବିରୋଧରେ ଆଣିଥିବା ଷ୍ଟକ୍ ଜାଲିଆତି ଅଭିଯୋଗ ଉପରେ ବଜାର ନିୟନ୍ତ୍ରକ ସେବି ଗୁରୁବାର କ୍ଲିନ୍‌ଚିଟ୍ ଦେଇଛି। ଆଦାନୀ ଗ୍ରୁପ୍ ଏହାର ତାଲିକାଭୁକ୍ତ କମ୍ପାନୀଗୁଡ଼ିକୁ ପାଣ୍ଠି ସ୍ଥାନାନ୍ତର ଲାଗି ସହଯୋଗୀ ସଂସ୍ଥାଗୁଡ଼ିକୁ ବ୍ୟବହାର କରିଥିବାର କୌଣସି ପ୍ରମାଣ ନାହିଁ ବୋଲି ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ୨ଟି ଅଲଗା ନିର୍ଦ୍ଦେଶନାମାରେ କହିଛି। ଇନ୍‌ସାଇଡର ଟ୍ରେଡିଂ, ଷ୍ଟକ୍‌ଜାଲିଆତି ଏବଂ ସର୍ବସାଧାରଣ ଶେୟାରହୋଲ୍ଡିଂ ନିୟମାବଳୀ ଉଲ୍ଲଂଘନ ଅଭିଯୋଗ ଅମୂଳକ ବୋଲି ସବିଶେଷ ତଦନ୍ତରୁ ଜଣାପଡ଼ିଛି।

ଆଦାନୀ ଗ୍ରୁପ୍ ଏହାର କମ୍ପାନୀଗୁଡ଼ିକ ମଧ୍ୟରେ ଅର୍ଥ ସ୍ଥାନାନ୍ତର ଲାଗି ଆଡିକର୍ପ ଏଣ୍ଟରପ୍ରାଇଜେସ୍, ମାଇଲଷ୍ଟୋନ୍ ଟ୍ରେଡ୍‌ଲିଙ୍କ୍‌ସ ଏବଂ ରେହଭାର ଇନ୍‌ଫ୍ରାଷ୍ଟ୍ରକ୍ଚରକୁ ବ୍ୟବହାର କରୁଥିବା ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ୨୦୨୩ ଜାନୁଆରୀରେ ଅଭିଯୋଗ ଆଣିଥିଲା। ତେବେ ଉକ୍ତ କାରବାରରେ ସେବିପ୍ରକଟୀକରଣ ମାନଦଣ୍ଡରେ ଉଲ୍ଲଂଘନ ହୋଇ ନ ଥିବା ବୋର୍ଡ ସଦସ୍ୟ କମଲେଶ ସି. ବର୍ଷ୍ଣୀ କହିଛନ୍ତି। ପ୍ରତିଭୂତ ଅଧିଗ୍ରହଣ କିମ୍ବା ନିୟନ୍ତ୍ରଣରେ ମଧ୍ୟ କୌଣସି ଉଲ୍ଲଂଘନ ହୋଇନାହିଁ। ତେଣୁ ଆଦାନୀ କମ୍ପାନୀ କିମ୍ବା ଏହାର କାର୍ଯ୍ୟନିର୍ବାହୀମାନଙ୍କୁ ଦାୟୀ କରିବା ଅଥବା ଦଣ୍ଡିତ କରିବାର କୌଣସି କାରଣ ନାହିଁ ବୋଲି ସେବି କହିଛି।

# 'ଆଦାନୀ କଣ୍ଟେଣ୍ଟ' ହଟାଇବାକୁ ନିର୍ଦ୍ଦେଶ

### ଉଦ୍‌ବେଗ ପ୍ରକାଶ କଲା ଏଡିଟର୍ସ ଗିଲ୍ଡ

**ନୂଆଦିଲ୍ଲୀ, ୧୮।୯**

ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଆଦାନୀ ଏଣ୍ଟରପ୍ରାଇଜେସ୍ ଲିଃ(ଏଇଏଲ୍) ସମ୍ପର୍କିତ ଯାଞ୍ଚ ହୋଇ ନ ଥିବା ସମ୍ମାନହାନିକାରକ ବିଷୟବସ୍ତୁ ହଟାଇଦେବାକୁ ୟୁଟ୍ୟୁବ୍ ଏବଂ ସରକାରଙ୍କଠାରୁ ନୋଟିସ୍ ପାଇଥିବା କେତେଜଣ ଖବରଦାତା ଏବଂ କଣ୍ଟେଣ୍ଟ କ୍ରିଏଟର କହିଛନ୍ତି। ଦିଲ୍ଲୀ କୋର୍ଟଙ୍କ ଏଭଳି ନିର୍ଦ୍ଦେଶକୁ ନେଇ ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ଏଇଏଲ୍ ସମ୍ପର୍କିତ ଯାଞ୍ଚ ହୋଇ ନ ଥିବା ମାନହାନିକାରକ ରିପୋର୍ଟରୁ ଦୂରେଇ ରହିବାକୁ ୯ ଖବରଦାତା, ଆକ୍ଟିଭିଷ୍ଟ ଓ ସଂସ୍ଥାଙ୍କୁ ସିଭିଲ୍ କୋର୍ଟ କହିବା ସହ ୫ ଦିନ ମଧ୍ୟରେ କଣ୍ଟେଣ୍ଟଗୁଡ଼ିକୁ ହଟାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଯଦି କୌଣସି କଣ୍ଟେଣ୍ଟ ମଧ୍ୟବର୍ତ୍ତୀ ସଂସ୍ଥା କିମ୍ବା ସରକାରୀ ସଂସ୍ଥା ପ୍ରତି ମାନହାନିକାରକ ବୋଲି ଯଦି ବିଚାର କରାଥାଏ, ତେବେ ତାହାର ୟୁଆର୍‌ଏଲ୍ ଏବଂ ଲିଙ୍କ୍ ପଠାଇବାକୁ ଅଦାଲତ କର୍ପୋରେଟ୍ ସଂସ୍ଥାକୁ କହିବା ସହ ଏଭଳି କଣ୍ଟେଣ୍ଟ ପୋଷ୍ଟ ୩୬ ଘଣ୍ଟା ମଧ୍ୟରେ ହଟାଇବାକୁ ନିର୍ଦ୍ଦେଶରେ କୁହାଯାଇଥଲା।

ସିଭିଲ୍ କୋର୍ଟଙ୍କ ରାୟକୁ ୪ ଜଣ ଖବରଦାତା ଜିଲା କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହାର ଶୁଣାଣି କରି ଜିଲା ଜଜ୍ ଆଶିଷ ଅଗ୍ରୱାଲ କହିଛନ୍ତି, ସିଭିଲ୍ ପ୍ରୋସିଜିଓର କୋଡ୍‌ର ବ୍ୟବସ୍ଥା ଅନୁଯାୟୀ ରାୟ ପ୍ରଦାନ ପୂର୍ବରୁ ପ୍ରତିବାଦୀଙ୍କ ଯୁକ୍ତି ଉପସ୍ଥାପନ ସୁଯୋଗ ଦେବା ଆବଶ୍ୟକ ଥିଲା। ଜିଲା କୋର୍ଟ ଉକ୍ତ ବିବାଦୀୟ ରାୟକୁ ଖାରଜ କରିଦେଇଛନ୍ତି।

# ହଲିଉଡ୍‌ର ପ୍ରଖ୍ୟାତ ଅଭିନେତା ରବର୍ଟ ରେଡ୍‌ଫୋର୍ଡଙ୍କ ପରଲୋକ

**ୱାଶିଂଟନ୍, ୧୮।୯**



ପ୍ରସିଦ୍ଧ ହଲିଉଡ୍ ଅଭିନେତା ତଥା ନିର୍ଦ୍ଦେଶକ ରବର୍ଟ ରେଡ୍‌ଫର୍ଡଙ୍କ ମଙ୍ଗଳବାର ୮୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। ହଲିଉଡ୍‌ରେ ସେ ଗୋଲ୍ଡେନ ବୟ ନାମରେ ପରିଚିତ ଥିଲେ। ରବର୍ଟ ୧୯୬୦ରେ ହଲିଉଡ୍‌ରେ ପ୍ରବେଶ କରିଥିଲେ। 'ବୁଚ୍ କାସିଡି ଆଣ୍ଡ ଦି ସଣ୍ଡାସ୍ କିଡ୍ (୧୯୬୯)', 'ଅଲ୍ ଦି ପ୍ରେସିଡେଣ୍ଟସ୍ ମେନ୍ (୧୯୭୬)', 'ଦି ଷ୍ଟିଙ୍ଗ୍ (୧୯୭୩)', 'ଆଉଟ୍ ଅଫ୍ ଆଫ୍ରିକା (୧୯୮୫)' ପରି ସୁପରହିଟ୍ ଫିଲ୍ମରେ ତାଙ୍କ ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ନିର୍ଦ୍ଦେଶନା କ୍ଷେତ୍ରରେ ମଧ୍ୟ ରବର୍ଟ ସଫଳତା ପାଇଛନ୍ତି। ୧୯୮୦ରେ 'ଅର୍ଡିନାରୀ ପିପୁଲ' ଫିଲ୍ମ ପାଇଁ ସେ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଓସ୍କାର ପୁରସ୍କାର ଜିତିଥିଲେ। ଆମେରିକା ଫିଲ୍ମ ଇଣ୍ଡଷ୍ଟ୍ରିରେ ନିଜ ୬ ଦଶନ୍ଧିର କ୍ୟାରିୟରରେ ସେ ଅଭିନେତା, ନିର୍ଦ୍ଦେଶକ ତଥା ପ୍ରଯୋଜକ ଭାବେ ସେ ଅନେକ ସଫଳତା ପାଇଛନ୍ତି।

# ଡ୍ରଗ୍ସ କାରବାର ସହ ଜଡ଼ିତ ଭାରତୀୟ କର୍ପୋରେଟ ଲିଡରଙ୍କ ଭିଜା ରଦ୍ଦକଲା ଆମେରିକା

**ନୂଆଦିଲ୍ଲୀ, ୧୮।୯**

ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ପକ୍ଷରୁ କେତେକ ଭାରତୀୟ କମ୍ପାନୀର ବ୍ୟବସାୟ କାର୍ଯ୍ୟନିର୍ବାହୀ ଓ କର୍ପୋରେଟ୍ ଲିଡରଙ୍କ ଭିଜାକୁ ରଦ୍ଦ କରାଯାଇଛି। ଫେଣ୍ଟାନିଲ ପ୍ରିକସର୍ସ (ଏକ ପ୍ରକାର ଡ୍ରଗ୍ସ)ର ଚାଲାଣରେ ସମ୍ପୃକ୍ତ ଥିବା ଅଭିଯୋରେ ସେମାନଙ୍କ ଭିଜାକୁ ରଦ୍ଦ କରାଯାଇଥିବା ନେଇ ନୂଆଦିଲ୍ଲୀସ୍ଥିତ ଆମେରିକା ଦୂତାବାସ ପକ୍ଷରୁ ଗୁରୁବାର ଏକ ବିବୃତି ଜାରିକରି ସୂଚନା ଦିଆଯାଇଛି। ତେବେ ଉକ୍ତ ବିବୃତିରେ କାହାରି ନାମ ନିଆଯାଇନାହିଁ। ଆମେରିକା ଦୂତାବାସର ଜଣେ ଅଧିକାରୀ କହିଛନ୍ତି, ଡ୍ରଗ୍ସ କାରବାରକୁ ନେଇ ଆମେରିକା ଦୂତାବାସକୁ ଅନେକ ଅଭିଯୋଗ ମିଳୁଥିଲା। ଏଥିରେ ବିଭିନ୍ନ କମ୍ପାନୀର ବ୍ୟବସାୟ କାର୍ଯ୍ୟନିର୍ବାହୀ ଏବଂ କର୍ପୋରେଟ୍ ଲିଡରମାନଙ୍କ ସମ୍ପୃକ୍ତି ନେଇ ତଥ୍ୟ ସାମ୍ନାକୁ ଆସିଥିଲା। ଆମେରିକା ନାଗରିକମାନଙ୍କୁ ବିପଜ୍ଜନକ ସିନ୍ଥେଟିକ ଡ୍ରଗ୍ସରୁ ସୁରକ୍ଷା ଦେବା ପାଇଁ ଏହି ପଦକ୍ଷେପ ନେବାକୁ ପଡ଼ିଥିବା ସେ କହିଛନ୍ତି। ତେବେ ଘଟଣାକୁ ନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ।

# ଉତ୍ତରାଖଣ୍ଡରେ ଭୂସ୍ଖଳନ: ଜଣେ ମୃତ, ୧୧ ନିଖୋଜ

**ଗୋପେଶ୍ୱର, ୧୮।୯ (ପି.ଟି.)**



ଉତ୍ତରାଖଣ୍ଡର ଚାମୋଲି ଜିଲାରେ ବାଦଲଫଟା ବର୍ଷା ଲାଗିରହିବା ଫଳରେ ବନ୍ୟା ସାଙ୍ଗକୁ ଭୂସ୍ଖଳନ ଘଟି ଜଣେ ଲୋକଙ୍କ ମୃତ୍ୟୁ ହେବା ସହ ଅନ୍ୟ ୧୧ ଜଣ ନିଖୋଜ ଅଛନ୍ତି। ଭୂସ୍ଖଳନରେ ୨୦ ଜଣ ଆହତ ହେବା ସହ ଜିଲାର ୪ଟି ଗ୍ରାମରେ ୩୩ ଘର କ୍ଷତିଗ୍ରସ୍ତ ହୋଇଛି। କୁଣ୍ଟାରି ଲାଗାଫଲି ଗ୍ରାମରେ ମାଟି ଅତଡ଼ା ତଳୁ ଜଣକ ମୃତଦେହ ବାହାରିଥିବାବେଳେ ୨ ମହିଳା ଓ ଜଣେ ପିଲାଙ୍କୁ ଉଦ୍ଧାର କରାଯାଇଥିବା ରାଜ୍ୟର ଏମର୍ଜେନ୍ସି ଅପରେଶନ ସେଣ୍ଟର ପକ୍ଷରୁ କୁହାଯାଇଛି। ନିଖୋଜ ୧୧ ଜଣଙ୍କ ମଧ୍ୟରୁ କୁଣ୍ଟାରି ଲାଗାଫଲି ଗ୍ରାମରୁ ୭ ଜଣ ହୋଇଥିବାବେଳେ କୁଣ୍ଟାରି ଲାଗାସରପାନି ଓ ଧୁର୍ମାରୁ ୨ ଜଣ ଲେଖାଏ ଅଛନ୍ତି।

ଡେରାଡୁନ୍‌ଠାରୁ ୨୬୦ କି.ମି. ଏବଂ ଗୋପେଶ୍ୱରଠାରୁ ୫୦ କି.ମି. ଦୂରରେ ଥିବା ନନ୍ଦନଗର ଅଞ୍ଚଳ ଅନ୍ତର୍ଗତ ୪ ଗ୍ରାମ କ୍ଷତିଗ୍ରସ୍ତ ହୋଇଛି। ବର୍ଷାଜନିତ ଘଟଣାରେ ୨୦୦ରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। କୁଣ୍ଟାରି ଲାଗାଫଲି ଗ୍ରାମରୁ ୧୫୦ରୁ ୨୦୦ ଲୋକଙ୍କୁ ସୁରକ୍ଷିତ ଅଞ୍ଚଳକୁ ସ୍ଥାନାନ୍ତର କରାଯାଇଛି।

ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୯/୨୦୨୫ | Bhubaneswar, Friday, September 19/2025 | ପୃଷ୍ଠା-୧







# ଅନାସ୍ଥା ଆଣିଲା କଂଗ୍ରେସ

## ଜଗତେ କେବଳ ଜଣେ ହସିବେ: ଭାଜପା

ଭୁବନେଶ୍ୱର,୧୮।୯(ରବିନାରାୟଣ ଜେନା)

ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ପୂର୍ବରୁ କଂଗ୍ରେସ ସରକାରଙ୍କ ବିରୋଧରେ ଅନାସ୍ଥା ଆଣିବ ବୋଲି ଯେଉଁ କହିଆସୁଥିଲା ତାହା ଗୁରୁବାର କରି ଦେଖାଇଛି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ୧୫ଜଣ ବିଧାୟକଙ୍କ ଦସ୍ତଖତ ସମ୍ବଳିତ ଏକ ପ୍ରସ୍ତାବ ବିଧାନସଭା ସଚିବଙ୍କ ଜରିଆରେ ବାଚସ୍ପତିଙ୍କୁ ପ୍ରଦାନ କରିଛନ୍ତି। ପ୍ରସ୍ତାବରେ ସିପିଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ମଧ୍ୟ ସମର୍ଥନ ରହିଛି। କାଡାମଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଜେଡି ଉପମୁଖ୍ୟ ସଚେତକ ପ୍ରତାପ ଦେବଙ୍କୁ ଭେଟି ଅନାସ୍ଥାକୁ ସମର୍ଥନ ସପକ୍ଷରେ ଆଲୋଚନା କରିଛନ୍ତି। ହେଲେ ଏନେଇ ବିଜେଡି ତା'ର ସ୍ପଷ୍ଟ ଆଭିମୁଖ୍ୟ ପ୍ରକାଶ କରିନାହିଁ।

ଗୁରୁବାର ମୌସୁମୀ ଅଧିବେଶନ ପ୍ରଥମ ଦିନରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବାଚସ୍ପତି ସୁରମା ପାଢ଼ୀ ଗୃହର ଦିବଂଗତ ସ୍ୱର୍ଗତ ସଦସ୍ୟମାନଙ୍କ ସମ୍ମାନାର୍ଥେ ଶୋକପ୍ରସ୍ତାବ ଆଗତ କରିଥିଲେ। ଏହାପରେ ଗୃହକୁ ଶୁକ୍ରବାର ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଉଲ୍ଲେଖଯୋଗ୍ୟ ☞ପୃଷ୍ଠା-୨



ବାଚସ୍ପତିଙ୍କ ଉଦ୍ଦେଶ୍ୟରେ ବିଧାନସଭା ସଚିବ ସତ୍ୟବ୍ରତ ସାହୁଙ୍କୁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ଦଳର ନେତା ତାରାପ୍ରସାଦ ବାହିନୀପତି, ସିଏସ୍ ରାଜନ ଏକ୍କା, ସୋଫିଆ ଫିର୍ଦ୍ଦୋସ ଗୁରୁବାର ୧୫ ବିଧାୟକଙ୍କ ଦସ୍ତଖତ ସମ୍ବଳିତ ଅନାସ୍ଥା ପ୍ରସ୍ତାବ ପ୍ରଦାନ କରୁଛନ୍ତି।

# ବିଜେଡି ତଣ୍ଟିରେ କଣ୍ଟା

- ଅନାସ୍ଥାକୁ ସମର୍ଥନ କରିବନି ଦଳ
- ଆଇଏଏସ୍‌ଙ୍କ ପରେ ଜଣେ ଓଏଏସ୍ ଅଫିସରଙ୍କୁ ଭେଟିବାକୁ ଧାଉଁଛନ୍ତି

ଭୁବନେଶ୍ୱର,୧୮।୯(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ପ୍ରସଙ୍ଗକୁ ନେଇ କଂଗ୍ରେସ ପକ୍ଷରୁ ଅନାସ୍ଥା ପ୍ରସ୍ତାବ ଅଣାଯାଇଛି। ଚଳିତ ଅଧିବେଶନରେ ଅନାସ୍ଥା ଆଣିବ ବୋଲି କଂଗ୍ରେସ ପକ୍ଷରୁ ବହୁ ଆଗରୁ ବାରମ୍ବାର କୁହାଯାଇଥିଲା। ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା, ଆଇନ ଶୃଙ୍ଖଳା ପରିସ୍ଥିତି, ଚାଷୀ ସମସ୍ୟା, ବେରୋଜଗାରି ବୃଦ୍ଧି ପାଉଥିବା ଆଦି ପ୍ରସଙ୍ଗ ନେଇ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିଥିବା କହିଛି। ଅନାସ୍ଥା ପ୍ରସ୍ତାବକୁ ସମର୍ଥନଦେବା ଲାଗି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏବଂ ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରମୁଖ ବିଜେଡିର ସହଯୋଗ ଲୋଡ଼ିଛନ୍ତି। ଏହାପରେ ବିଜେଡି ବିଧାୟକ ପ୍ରତାପ ଦେବ ବିଜେଡି ପକ୍ଷରୁ ଗଠିତ ଫ୍ଲୋର ମ୍ୟାନେଜମେଣ୍ଟ କମିଟି ସହ ଦ୍ୱିପ୍ରହର ସମୟରେ ଏକ ☞ପୃଷ୍ଠା-୨

# ଆକ୍ରମଣର ମିଳିତ ମୁକାବିଲା କରିବେ ପାକିସ୍ତାନ-ସାଉଦି ଆରବ

**ସାଉଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍‌ଙ୍କ ନିମନ୍ତ୍ରଣକ୍ରମେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ବୁଧବାର ରିୟାଧ ଗସ୍ତ କରି ତାଙ୍କ ସହ ଏକ ବିସ୍ତୃତ ପ୍ରତିରକ୍ଷା ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। 'ଷ୍ଟ୍ରାଟେଜିକ୍ ମ୍ୟୁଚୁଆଲ ଡିଫେନ୍ସ ଏଗ୍ରିମେଣ୍ଟ' ଶୀର୍ଷକ ଏହି ଐତିହାସିକ ଚୁକ୍ତି ସମ୍ପନ୍ନ ହେବା ଫଳରେ ପାକିସ୍ତାନ କିମ୍ବା ସାଉଦି ଆରବ ଉପରେ କୌଣସି ଆକ୍ରମଣକୁ ଉଭୟ ଦେଶ ଉପରେ ଅତିକ୍ରମଣ ବୋଲି ଇସ୍‌ଲାମାବାଦ ଓ ରିୟାଧ ବିବେଚନା କରି ମିଳିତ ଭାବେ ଏହାର ମୁକାବିଲା କରିବେ। ପାକିସ୍ତାନ ହେଉଛି ଏକମାତ୍ର ଆଣବିକ ଅସ୍ତ୍ରସମ୍ପନ୍ନ ମୁସଲମାନ ବହୁଳ ରାଷ୍ଟ୍ର। ଏହା ନିକଟରେ ଇସ୍‌ଲାମିକ୍ ଦୁନିଆର ସର୍ବବୃହତ୍ ସେନା ରହିଛି। ପଡ଼ୋଶୀ ଭାରତ ପଟୁ କୌଣସି ପ୍ରକାର ଚ୍ୟାଲେଞ୍ଜ ଆସିଲେ ମୁକାବିଲା ପାଇଁ ପ୍ରସ୍ତୁତ ରହିଥିବା ଇସ୍‌ଲାମାବାଦ କହିଆସୁଥିବାବେଳେ ସାଉଦି ଆରବ ସହ ସଦ୍ୟ ପ୍ରତିରକ୍ଷା ଚୁକ୍ତି ପାକିସ୍ତାନର ସାମରିକ ବଳ ବୃଦ୍ଧି ଘଟାଇପାରେ। ସେହିପରି ଇସ୍‌ଲାମିକ୍ ରାଷ୍ଟ୍ରଗୁଡ଼ିକୁ ନେଇ ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ଅନୁରୂପ ଏକ ସାମରିକ ମହାମେଣ୍ଟ ପ୍ରତିଷ୍ଠା କରିବାକୁ ପାକିସ୍ତାନ ଚାହୁଁଥିଲା। ଉପରୋକ୍ତ ଚୁକ୍ତି ଇସ୍‌ଲାମିକ୍ ସାମରିକ ମହାମେଣ୍ଟ ପାଇଁ ମୂଳଦୁଆ ପକାଇଥିବା କୁହାଯାଉଛି। ତେଣୁ ଏହାକୁ ଭାରତ ପାଇଁ ଚିନ୍ତାଜନକ ମନେକରାଯାଉଛି।**

## ଭାରତ ପାଇଁ ଚିନ୍ତାଜନକ ପ୍ରତିରକ୍ଷା ଚୁକ୍ତି

ଇସ୍‌ଲାମାବାଦ/ରିୟାଧ/ନୂଆଦିଲ୍ଲୀ, ୧୮।୯(ପି.ଟି./ରଏଟର୍ସ)

ପାକିସ୍ତାନ ଓ ସାଉଦି ଆରବ ଏକ 'ରଣନୈତିକ ପାରସ୍ପରିକ ପ୍ରତିରକ୍ଷା' ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ତଦନୁସାରେ ପାକିସ୍ତାନ କିମ୍ବା ସାଉଦି ଆରବ ଉପରେ କୌଣସି ଆକ୍ରମଣ ହେଲେ ତାକୁ ଉଭୟ ଦେଶ ବିରୋଧରେ ଅତିକ୍ରମଣ ରୂପେ ବିବେଚନା କରାଯିବ ବୋଲି ଏକ ମିଳିତ ଘୋଷଣାନାମାରେ କୁହାଯାଇଛି। ଉପସାଗରୀୟ ରାଷ୍ଟ୍ରର ରାଜଧାନୀ ରିୟାଧକୁ ବୁଧବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍‌ଙ୍କ ଗସ୍ତ ☞ପୃଷ୍ଠା-୨



ରିୟାଧରେ ସାଉଦି ଆରବ କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍‌ଙ୍କ ସହ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରିବା ଅବସରରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍। **(ଫଟୋ ସୌଜନ୍ୟ: ରଏଟର୍ସ)**

# ନ୍ୟାଶନାଲ ଜିଓଗ୍ରାଫିକ୍‌ର କଭର ପେଜ୍‌ରେ ଶିମିଳିପାଳ କଳାବାଘ

ନୂଆଦିଲ୍ଲୀ,୧୮।୯(ପି.ଟି.)

ଓଡ଼ିଶାର ଶିମିଳିପାଳ ଜାତୀୟ ଉଦ୍ୟାନରେ ଭାରତୀୟ ଫଟୋଗ୍ରାଫର ପ୍ରସନ୍‌ଜିତ ଯାଦବଙ୍କ ଦ୍ୱାରା ନିଆଯାଇଥିବା ଏକ ଦୁର୍ଲଭ କଳାବାଘର ଫଟୋ ନ୍ୟାଶନାଲ ଜିଓଗ୍ରାଫିକ୍ ମାଗାଜିନର ଆଗାମୀ ଅକ୍ଟୋବର ମାସର ସଂସ୍କରଣ ପାଇଁ କଭର ପେଜ୍ ଭାବେ ସ୍ଥାନିତ ହୋଇଛି। ଉକ୍ତ କଭର ପେଜ୍ ଫଟୋ ପାଇଁ ପ୍ରସନ୍‌ଜିତଙ୍କୁ ଶିମିଳିପାଳର ଘନ ଜଙ୍ଗଲ ମଧ୍ୟରେ ଅନେକ ମାସ ଧରି ବାଘଗୁଡ଼ିକଙ୍କ ଉପରେ ନଜର ରଖିବାକୁ ପଡ଼ିଥିଲା। କଭର ପେଜ୍‌ରେ ସ୍ଥାନିତ ହୋଇଥିବା ବାଘଟି ସ୍ୟୁଡୋ ମେଲାନିଷ୍ଟିକ୍ ଟାଇଗର ପ୍ରଜାତିର ହୋଇଥିବା ବେଳେ ଏହା ବିଶ୍ୱର ସବୁଠାରୁ ଦୁର୍ଲଭ ବାଘ ମଧ୍ୟରୁ ଅନ୍ୟତମ। ଏହି ପ୍ରକାରର କଳାବାଘ କେବଳ ଶିମିଳିପାଳରେ ଦେଖାଯାଆନ୍ତି ବୋଲି ପ୍ରସନ୍‌ଜିତ କହିଛନ୍ତି। ସେ କହିଛନ୍ତି, ଜଣେ ଏକ୍ସପ୍ଲୋରର ଏବଂ ନ୍ୟାଶନାଲ ଜିଓଗ୍ରାଫିକ୍‌ର ଫଟୋଗ୍ରାଫର ଭାବେ ଦୀର୍ଘ ମାସ ଧରି ଶିମିଳିପାଳ ଜଙ୍ଗଲରେ ବୁଲିବା ତାଙ୍କ ପାଇଁ ଏକ ନିଆରା ଅନୁଭୂତି ଥିଲା। ☞ପୃଷ୍ଠା-୨









# ୧୩୫ ଶିଳ୍ପ ସଂସ୍ଥା ଉପରେ ଗଡୁଛି ୩୭୯୭ କୋଟିର ଜଳକର

ଭୁବନେଶ୍ୱର,୧୮।୯(ରବିନାରାୟଣ ଜେନା)

ରାଜ୍ୟରେ ଶିଳ୍ପସଂସ୍ଥାଗୁଡ଼ିକ ଉପରେ ଅନେକ ହଜାର କୋଟି ଟଙ୍କାର ଜଳକର ବକେୟା ଗଡୁଛି। ସମ୍ପୃକ୍ତ ଶିଳ୍ପସଂସ୍ଥା ରାଜ୍ୟର ପ୍ରମୁଖ ୧୧ଟି ନଦୀରୁ ଜଳ ଟାଣୁଥିଲେ ହେଁ ସମୟ ଭିତରେ ରାଜ୍ୟ ସରକାରଙ୍କୁ ଜଳକର ଦେଉନାହାନ୍ତି। ଫଳରେ ୧୩୫ଟି ପ୍ରମୁଖ ଶିଳ୍ପସଂସ୍ଥା ଉପରେ ୩,୭୯୭.୧୪କୋଟି ଟଙ୍କାର ଜଳକର ୨୦୨୫ ମାର୍ଚ୍ଚ ସୁଦ୍ଧା ବକେୟା ଗଡୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଦର୍ଶାଇଛନ୍ତି।

ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଯୋଗୁ ଜଳପ୍ରବାହରେ ଅନିୟମିତତା ପରିଲକ୍ଷିତ ହୋଇଛି। ଓଡ଼ିଶାରେ ପ୍ରବାହିତ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ପଡ଼ୋଶୀରେ ଅସ୍ଥିରତା




# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଓଡ଼ିଶା ଗୋଷ୍ଠୀ ସହାୟିକା ସଂଘ ପକ୍ଷରୁ ଗଣ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଓଡ଼ିଶା ବୁଣାକାର ମହାସଂଘ ଖବରଦାତା ସମ୍ମିଳନୀ, ସ୍ଥାନ: ରେଡକ୍ରସ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶିଳାଶ୍ରୀ ସାହିତ୍ୟ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର ସଭାଗୃହ, ସମୟ: ସନ୍ଧ୍ୟା ୬ଟା ୩୦।
- ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ଆଲୋଚନାଚକ୍ର (ସଂସ୍କୃତି ସୁରକ୍ଷା ପାଇଁ ଗଣମାଧ୍ୟମର ଭୂମିକା), ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୭ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ଆୟୋଜିତ ନାଟ୍ୟ ଲହରୀ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

### କଟକ
- ଭାରତ ସରକାରଙ୍କ ଇନ୍‌ଟାକ୍ ପକ୍ଷରୁ ଜନତା ରଙ୍ଗମଞ୍ଚକୁ ଐତିହାସିକ ସାଂସ୍କୃତିକ ଅନୁଷ୍ଠାନ ମାନ୍ୟତା ଫଳକ ଉନ୍ମୋଚନ ଉତ୍ସବ, ସ୍ଥାନ: ଜନତା ରଙ୍ଗମଞ୍ଚ, ବାଙ୍କାବଜାର, ସମୟ: ପୂର୍ବାହ୍ନ ୧୦ଟା।
- ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଜାଗା ମିଶନ ଯୋଜନା ପୁନଃ ପ୍ରଚଳନ ନିମନ୍ତେ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ତୃତୀୟ ଦିବସ, ସ୍ଥାନ: ବାରବାଟୀ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।

### ଭଦ୍ରକ
- ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ୩ୟ ଶ୍ରାଦ୍ଧ ଉତ୍ସବ, ସ୍ଥାନ: ତିହିଡ଼ି କାଳୀପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ୩ୟ ଶ୍ରାଦ୍ଧବାର୍ଷିକ ପାଳନ, ସ୍ଥାନ: ପାନ୍ଥନିବାସ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

### କେନ୍ଦୁଝର
- ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକରେ ଗୀତା ଯଜ୍ଞ ଓ ସ୍ମୃତିସଭା, ସ୍ଥାନ: ବୈତରଣୀ ନଦୀ ଉତ୍ତରବାହିନୀ ଘାଟ, ଆନନ୍ଦପୁର, ସମୟ: ସକାଳ ୮ଟା ଓ ସନ୍ଧ୍ୟା ୬ଟା।

### ମୟୂରଭଞ୍ଜ
- ମୟୂରଭଞ୍ଜ ମହୋତ୍ସବ ନେଇ କପ୍ତିପଦା ଉପଖଣ୍ଡସ୍ତରୀୟ ପ୍ରସ୍ତୁତି ବୈଠକ, ସ୍ଥାନ: ଉଦଳା ପିଡବ୍ଲୁଡି ଡାକ ବଙ୍ଗଳା, ସମୟ: ଅପରାହ୍ନ ୩ଟା।

### ବ୍ରହ୍ମପୁର
- କଂଗ୍ରେସର ପ୍ରତିବାଦ କାର୍ଯ୍ୟକ୍ରମ, ସ୍ଥାନ: ଆର୍‌ଡିସି ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- କାଲୁଆ ଯାତ୍ରା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଗୋଷାଣୀନୂଆଗାଁ ବଡ଼ସାହି, ସମୟ: ସନ୍ଧ୍ୟା ୭ଟା।

### ଗଞ୍ଜାମ
- ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ମହକ, ସ୍ଥାନ: ଛତ୍ରପୁର ଜିଲ୍ଲା ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବ୍ୟାଙ୍କ ପରାମର୍ଶ କମିଟି ବୈଠକ, ସ୍ଥାନ: ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

### ଢେଙ୍କାନାଳ
- ଫୁଡ୍ ଲଭର୍ସ ପକ୍ଷରୁ ଫୁଡ୍ ଫେଷ୍ଟା, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୪ର୍ଥ ଶ୍ରେଣୀ ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ଏନ୍‌ଏଚ୍‌ଏମ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

### ଜଗତ୍‌ସିଂହପୁର
- ପାରାଦୀପ ନଗର କଂଗ୍ରେସ ପକ୍ଷରୁ ବିଶ୍ୱକର୍ମା ପୂଜା ମଣ୍ଡପ ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ପଡ଼ିଆ ବ୍ୟାଙ୍କ ଛକ, ପାରାଦୀପ, ସମୟ: ସକାଳ ୭ ଟା।
- ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ତଟ ସଫେଇ ଦିବସ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଗଣପତି ଶିଶୁ ବିଦ୍ୟାମନ୍ଦିର, ବାଲିଝରା, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ ତଟରକ୍ଷକ ବାହିନୀର ନୂତନ ପାଟ୍ରୋଲିଂ ଜାହାଜ 'ଅଦମ୍ୟ'ର ଲୋକାର୍ପଣ ଉତ୍ସବ, ସ୍ଥାନ: କୋଷ୍ଟଗାର୍ଡ ବର୍ଥ, ପାରାଦୀପ ବନ୍ଦର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜଗନ୍ନାଥ ଟ୍ରକ୍ ମାଲିକସଂଘ ପୂଜା ତୋରଣ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାଙ୍କ ଛକ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୮ଟା।

### କେନ୍ଦ୍ରାପଡ଼ା
- ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

### ଯାଜପୁର
- ମା' ବିରଜାଙ୍କ ଷୋଡ଼ଶ ପୂଜା, ସ୍ଥାନ: ବ୍ୟାସନଗର ବିରଜା ନଗର ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା୨୦।

### ନୟାଗଡ଼
- ନାରାୟଣୀଙ୍କ ଷୋଡ଼ଶ ପୂଜାର ଷଷ୍ଠ ଦିବସ, ସ୍ଥାନ:ଭାପୁର ବ୍ଲକର ପଥରଚକଡା ପୀଠ, ସମୟ: ସକାଳ ୮ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନର ୩ୟ ଦିବସ, ସ୍ଥାନ: ଦଶପଲ୍ଲା ବ୍ଲକର ମଧ୍ୟଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୯ଟା।
- ଖଣ୍ଡପଡ଼ା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଖଣ୍ଡପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସତ୍ୟ ସାଇ ବାବାଙ୍କ ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ଦଶପଲ୍ଲା ବ୍ଲକର ଗୋହିରିମଡା ସହ ଆଖପାଖ ଗାଁ, ସମୟ: ସକାଳ ୮ଟାରୁ ରାତି ୯ଟା ୩୦।
- ବିମଳାଙ୍କ ଷୋଡ଼ଶ ପୂଜାର ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା।

### ରାୟଗଡ଼ା
- ଜୀବନ ପାଇଁ ଖାଦ୍ୟ ହେକାଥନ- ୨୦୨୫ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣୁପୁର, ସମୟ: ସକାଳ ୯ଟା।

### ନବରଙ୍ଗପୁର
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର, ସ୍ଥାନ: ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆର୍‌ଏମ୍‌ସି ପକ୍ଷରୁ ୬ଟି ଷ୍ଟଲ ସିଲ୍ କରାଯିବ, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।
- ଅବିଭକ୍ତ କୋରାପୁଟ ଜିଲାକୁ ନେଇ ରାଜ୍ୟ ଗଠନ ଦାବିରେ ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ତୃପ୍ତି ଲଜ୍, ସମୟ: ଅପରାହ୍ନ ୩ଟା।
- ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଯୁଗ୍ମ ବୈଠକ, ସ୍ଥାନ: ନବରଙ୍ଗପୁର ଜିଲା ପରିଷଦ ବୈଠକ ଗୃହ, ସମୟ: ଅପରାହ୍ନ ୪ଟା।

### କୋରାପୁଟ
- ସ୍ୱାର୍କ-୨୦୨୫, ସ୍ଥାନ: ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମେସିଙ୍ଗପୁଟ, ଲମତାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍‌ସ୍ତରୀୟ ଖେଳକୁଦ ଚୟନ, ସ୍ଥାନ: ନୋଡାଲ ହାଇସ୍କୁଲ, ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମ, ସ୍ଥାନ: ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୁସ୍ଥ ନାରୀ ସଶକ୍ତ ଅଭିଯାନ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଲମତାପୁଟ, ସମୟ: ପୂର୍ବାହ୍ନ ୧୧ଟା।

### ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ସମ୍ବଲପୁର ରେଳ ମଣ୍ଡଳରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ଉପଲକ୍ଷେ ୱାକାଥନ କାର୍ଯ୍ୟକ୍ରମ, ସ୍ଥାନ: ରେଳ ନଗର, ସମୟ: ସକାଳ ୭ଟା।
- ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ରେଙ୍ଗାଲି ବ୍ଲକ ଅର୍ନ୍ତଗତ ନିଶାନଭଙ୍ଗା ଜଙ୍ଗଲ, ସମୟ : ସକାଳ ୯ଟା ୩୦।
- ଓଡ଼ିଶା କେନ୍ଦୁପତ୍ର ସଂଘର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସକାଳ ୯ଟା ୩୦।
- ପ୍ରଫେସର ଦୁର୍ଗା ପ୍ରସାଦ ନାୟକ ସ୍ମାରକୀ ବକ୍ତୃତାମାଳା, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା୬ଟା।
- ରାବଣ ବଧ ଉତ୍ସବର ପ୍ରସ୍ତୁତି ଓ ଅଭ୍ୟାସ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

### ବଲାଙ୍ଗୀର
- ଖପ୍ରାଖୋଲ ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଦ୍ୱିତୀୟ ସର୍ବଭାରତୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା

### ରାଉରକେଲା
- ଷ୍ଟିଲ୍ ଏମ୍ପ୍ଲଇଜ୍ ଟ୍ରେଡ୍ ୟୁନିଅନ ଓ ସାଥୀ ପକ୍ଷରୁ ବିକ୍ଷୋଭ, ସ୍ଥାନ: ବିଶ୍ରା ଛକ, ସମୟ: ସକାଳ ୭ଟା ୩୦।
- ଅଭିଭାବକ ବୈଠକ, ସ୍ଥାନ: ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ଗୋପବନ୍ଧୁ ପାଠାଗାରରେ ସାହିତ୍ୟ ସଭା, ସ୍ଥାନ: ଛେଣ୍ଡ ପାଠାଗାର ସତ୍ୟବାଦୀ କକ୍ଷ, ସମୟ: ସନ୍ଧ୍ୟା ୭ଟା।

### ବରଗଡ଼
- କ୍ୟାନସର ଚିହ୍ନଟ ଶିବିର, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ସକାଳ ୯ଟା।
- ପ୍ରଶିକ୍ଷଣ ଶିବିର-'ସମ୍ଭବ', ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ବାଳିକା ହାଇସ୍କୁଲ, ବରଗଡ଼, ସମୟ: ସକାଳ ୯ଟା ୩୦।
- ସେବାପକ୍ଷ ଅବସରରେ କର୍ମଶାଳା, ସ୍ଥାନ:ଜିଲା ସଂସ୍କୃତି ଭବନ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସୁପ୍ରିୟା ସ୍ମାରକୀ ଫୁଟବଲ,ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ:ଅପରାହ୍ନ ୨ଟା।

### କଳାହାଣ୍ଡି
- ସେବାପକ୍ଷ ଉପଲକ୍ଷେ ଭାଜପାର ରକ୍ତଦାନ ଶିବିର, ସ୍ଥାନ: ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: କେସିଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଅଗ୍ରସେନ ଜୟନ୍ତୀ ଉପଲକ୍ଷେ ସୁପର ଡ୍ୟାନ୍ସର କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ଅଗ୍ରସେନ ଭବନ, ସମୟ: ଅପରାହ୍ନ ୪ଟା।

### ବୌଦ୍ଧ
- ସ୍ୱାସ୍ଥ୍ୟ ନାରୀ ଶକ୍ତି ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ହରଭଙ୍ଗା ବ୍ଲକ, ସମୟ: ସକାଳ ୮ଟା।
- ସର୍ବସାଧାରଣଙ୍କ ଜନଶୁଣାଣି ଶିବିର, ସ୍ଥାନ: ଗୁନ୍ଦୁଲିଆ ମାର୍କେଟ କମ୍ପ୍ଲେକ୍ସ, ସମୟ: ପୂର୍ବାହ୍ନ ୧୧ଟା।

### ଦେବଗଡ଼
- ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।

### ସୁବର୍ଣ୍ଣପୁର
- ତରଭାରେ ବିଶ୍ୱକର୍ମାଙ୍କ ଭସାଣି ଶୋଭାଯାତ୍ରା, ସ୍ଥାନ: ବିଦ୍ୟୁତ୍ ବିଭାଗ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ନବାହ୍ନ ପରାୟଣର ଦ୍ୱିତୀୟ ଦିବସ, ସ୍ଥାନ: କର୍ଡପାଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

### ନୂଆପଡ଼ା
- ମଦର ଟେରେସା ସେବା ସଂଗଠନ ପକ୍ଷରୁ ସେବାପକ୍ଷ ପାଳନ, ସ୍ଥାନ: କୋମନା ବ୍ଲକ ଜଟଗଡ ପଞ୍ଚାୟତ ଗଡଗଡବାହାଲି ଗାଁ, ସମୟ: ସକାଳ ୯ଟା ୩୦।
- ବିଶ୍ୱକର୍ମା ଟ୍ରଷ୍ଟ ପକ୍ଷରୁ ମର୍ତ୍ତି ବିସର୍ଜନ, ସ୍ଥାନ: ଆମ୍ବେଡକର ଛକ ନିକଟ ବାରିକ ଗ୍ୟାରେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ତୃତୀୟ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦୀର୍ଘଦିନର ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁ ମାର୍ଗଦର୍ଶକ ସାଜିବେ। ଆନୁଷଙ୍ଗିକ ସାହାଯ୍ୟରୁ ନିର୍ମାଣାଧୀନ କାମର ପ୍ରତିବନ୍ଧକ ଦୂର ହେବ। ଶୁକ୍ରଙ୍କ ପ୍ରଭାବରୁ ପରିବହନ, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। କର୍ମକ୍ଷେତ୍ରରେ କେତେକାଂଶରେ ସାଧାରଣ ଘଟଣାରେ ମନସ୍ତାପ କରିବାକୁ ପଡ଼ିପାରେ।

**ବୃଷ** ବନ୍ଧୁଙ୍କ ନିକଟରୁ ଆନୁଷଙ୍ଗିକ ସାହାଯ୍ୟ ଲାଭରୁ କାର୍ଯ୍ୟ ହାସଲ କରିବେ। ମନୋବଳ ଟାଣ ରହିବ ଓ ଅଟକିଥିବା କାମକୁ ଶେଷ କରିପାରିବେ। ପାରିବାରିକ ସମସ୍ୟା ଭିତରେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିବା ପାଇଁ ସମର୍ଥ ହେବେ। ଆଧାତ୍ମିକ ଗ୍ରହ ଶନିଙ୍କ କୃପାରୁ ବନ୍ଧୁଙ୍କ ଗହଣରେ ତୀର୍ଥାଟନର ସୁଯୋଗ ଲାଭ କରି ଖୁସୀ ଅନୁଭବ କରିପାରନ୍ତି।

**ମିଥୁନ** ପରିବାର ସ୍ଥାନରେ ବୁଧ ହେତୁ ପାରିବାରିକ ସମସ୍ୟା ଥିଲେ ମଧ୍ୟ କାମ ସଫଳତାର ସହ ସମ୍ପନ୍ନ କରିବେ। କିଛି ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ ଦେବାକୁ ପଡିପାରେ। ବ୍ୟବସାୟରେ ସମସ୍ୟା ବଡ ଆକାର ଧାରଣ କରିପାରେ। ଆନୁଷ୍ଠାନିକ କାମରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କର୍କଟ** ସ୍ୱରାଶିରେ ଚନ୍ଦ୍ର ଅବସ୍ଥାନ କରିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ। ସହକର୍ମୀଙ୍କ ସହ ସୁସମ୍ପର୍କ ଅଭାବରୁ କର୍ମକ୍ଷେତ୍ରରେ ସମାଲୋଚନାର ପାତ୍ର ହେବେ। ବିନୟ ବଚନ ପ୍ରଭାବରୁ ସମସ୍ୟାଗୁଡ଼ିକର ସରଳ ସମାଧାନ କରିବାରେ ସଫଳ ହେବେ। ପାରିବାରିକ କଳହକୁ କେନ୍ଦ୍ରକରି ସାୟାହ୍ନେ ଭାବପ୍ରବଣ ହୋଇପାରନ୍ତି।

**ସିଂହ** ନୀଚାରୋହୀ କର୍ମାଧିପତି ପାପଗ୍ରହ ଯୁକ୍ତ କାରଣରୁ କାମର ଚାପ ବୃଦ୍ଧିଜନିତ ମାନସିକ ସ୍ଥିରତା ରହିବ ନାହିଁ। ପରିସ୍ଥିତିରେ ପଡି ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ଗତକାଲି ପରି ଆଜି ମଧ୍ୟ ପାରିବାରିକ ପରିସ୍ଥିତି ଅପରିବର୍ତ୍ତିତ ରହିବ। ବନ୍ଧୁ ପରିଜନଙ୍କ ସହିତ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିପାରନ୍ତି।

**କନ୍ୟା** ଏକାଦଶ ସ୍ଥାନରେ ବୃହସ୍ପତି ଅବସ୍ଥାନ କରିଥିବାରୁ କୌଣସି ସମସ୍ୟା ବିଚଳିତ କରିପାରିବ ନାହିଁ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ଭୁଲ କାମ କରିପାରନ୍ତି। ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନର ରାସ୍ତା ବାହାର କରିବାରେ ସମର୍ଥ ହେବେ। କର୍ମକ୍ଷେତ୍ରରୁ ଫେରିବା ବେଳକୁ ନିଜ ମନ ପସନ୍ଦର ଜିନିଷଟି କିଣିବାରେ ସମର୍ଥ ହେବେ।

**ତୁଳା** କର୍ମଭାବସ୍ଥ ଚନ୍ଦ୍ର ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବାରେ ସହାୟକ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ , ପରିବହନ ଏବଂ ଦୂରଯାତ୍ରା କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁଙ୍କର ଆଗଭଳି ଭଲ ମନୋଭାବ ନ ଥିବା ଅନୁଭବ କରିପାରନ୍ତି। ରଚନାତ୍ମକ କାମରେ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ, ଚୁକ୍ତିପତ୍ର କରିବାରେ ସଫଳ ହେବେ।

**ବିଛା** ବୁଧାଦିତ୍ୟ ଯୋଗ ପ୍ରଭାବରୁ କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ପ୍ରଶଂସିତ ହେବେ। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ଶତ୍ରୁ ସାମୟିକ କାମଟିକୁ ଅଟକାଇ ଦେଇପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ଦେଖାସାକ୍ଷାତରୁ ଉପକୃତ ହେବାର ସୂଚନା ରହିଛି।

**ଧନୁ** ନିଜ ଗୃହକୁ ରାଶ୍ୟାଧିପତି ବୃହସ୍ପତିଙ୍କ ଦୃଷ୍ଟିରୁ ଆରୋଗ୍ୟଲାଭ କରିବା ସହ ନୂତନ ଯୋଜନାରେ ସଫଳତା ପାଇବେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ କଳହର ସୂତ୍ରପାତ ହେବ। ସ୍ଥଗିତ କାମକୁ ପୂରା କରିବା ସହ ଆଲୋଚନା, ଲେଖାପଢା କ୍ଷେତ୍ରରୁ ଶୁଭଫଳ ପାଇବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ।

**ମକର** କର୍ମଭାବରେ ମଙ୍ଗଳଗ୍ରହ ଅମଙ୍ଗଳ ବିନାଶ ପୂର୍ବକ ଜମିଜମା ସମ୍ବନ୍ଧୀୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ। ଉପର ଅଧିକାରୀଙ୍କ ହସ୍ତକ୍ଷେପ ଫଳରେ ବିବାଦୀୟ ପରିସ୍ଥିତି ବଦଳି ଯାଇପାରେ। ଦୂରଯାତ୍ରା କ୍ଷେତ୍ରରେ କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିଯିବ।

**କୁମ୍ଭ** ରାହୁଙ୍କ ପ୍ରଭାବରୁ ପ୍ରତ୍ୟେକ ପରିସ୍ଥିତିରେ କୌଶଳ ପ୍ରୟୋଗକରି କାମ ହାସଲ କରିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ କାର୍ଯ୍ୟରେ ମତମନ୍ତବ୍ୟ ଦେବା ଠିକ୍ ହେବନାହିଁ। ପ୍ରତିବାଦୀଙ୍କ ଅନୁପସ୍ଥିତିଜନିତ କଚେରି ମାମଲାରେ ବାଧା ହୋଇପାରେ। ଆଜିର ଅର୍ଥନୈତିକ ସ୍ଥିତି, ପାରିବାରିକ ପରିସ୍ଥିତି ଏବଂ ବନ୍ଧୁସମ୍ପର୍କ ପ୍ରାୟତଃ ଭଲ ରହିବ।

**ମୀନ** ସହକର୍ମୀଙ୍କ ସହାନୁଭୂତି ଯୋଗୁ ହାତକୁ ନେଇଥିବା କାମ ସମ୍ପନ୍ନରେ ଅସୁବିଧା ହେବ ନାହିଁ। ଭୁଲ୍ ବୁଝାମଣାରୁ ପାରିବାରିକ ଜୀବନରେ ଅନାଦର ପାଇପାରନ୍ତି। କଠୋର ପରିଶ୍ରମ ସମସ୍ୟା ସମାଧାନର ମାର୍ଗଦର୍ଶକ ସାଜିବ। ଚନ୍ଦ୍ର ଓ ବୁଧଙ୍କ ଶୁଭସଂସ୍ଥାନ ହେତୁ ଦୋକାନ, ନିର୍ମାଣ, ଯାତ୍ରା, ବିବାଦ, ସଭାସମିତି ପ୍ରଭୃତିରୁ ସଫଳତା ପାଇବେ।

ଆଜି ସେପ୍ଟେମ୍ବର ୧୯ ତାରିଖ, ଆଶ୍ୱିନ କୃଷ୍ଣ ତ୍ରୟୋଦଶୀ ଶୁକ୍ରବାର। ରାଶିନକ୍ଷତ୍ର-ସକାଳ ଘ. ୦୭।୦୬ ମି. ଗତେ, ମଘା/ସିଂହ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୫।୩୩ ଗତେ, ଘ.୦୬।୨୬ ମଧ୍ୟେ, ଘ.୦୭।୧୪ ଗତେ, ଘ.୦୮।୩୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୧୦।୦୯ ଗତେ, ଘ.୧୧।୪୦ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ଆକ୍ରମଣର ମିଳିତ...

ସମୟରେ ସାଉଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍‌ଙ୍କ ସହ ସେ ଉକ୍ତ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ଗଲ୍ଫ ରିଜିଅନ୍‌ରେ ଆମେରିକାର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ରହିଆସିଥିବା କାତାର ରାଜଧାନୀ ଦୋହାରେ ପାଲେଷ୍ଟିନୀୟ ଆତଙ୍କବାଦୀ ସଂଗଠନ ହମାସ୍‌ର ଶୀର୍ଷ ରାଜନେତାମାନଙ୍କୁ ହତ୍ୟା ପାଇଁ ଇସ୍ରାଏଲ୍ ଟାର୍ଗେଟ କରିବାର କିଛିଦିନ ପରେ ପାକିସ୍ତାନ ଓ ସାଉଦି ଆରବ ମଧ୍ୟରେ ଏହି ଚୁକ୍ତି ସମ୍ପନ୍ନ ହୋଇଛି। ପ୍ରତିରକ୍ଷା ଚୁକ୍ତିର ଦିନକ ପରେ ଗୁରୁବାର ନୂଆଦିଲ୍ଲୀ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଭାରତର ଜାତୀୟ ସ୍ୱାର୍ଥକୁ ସୁରକ୍ଷିତ ରଖିବା ସହ ବ୍ୟାପକ ଜାତୀୟ ନିରାପତ୍ତାକୁ ସୁନିଶ୍ଚିତ କରିବା ଦିଗରେ ସବୁ ପ୍ରକାର ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ କଂଗ୍ରେସ ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୂଟନୈତିକ ବିଫଳତା ବୋଲି ସମାଲୋଚନା କରିଛି।

ପାକିସ୍ତାନ-ସାଉଦି ଆରବ ମିଳିତ ଘୋଷଣାନାମାରେ ଉଲ୍ଲେଖ କରାଯାଇଛି, ଏହି ପ୍ରତିରକ୍ଷା ଚୁକ୍ତି ସମ୍ପୃକ୍ତ କ୍ଷେତ୍ରରେ ନିରାପତ୍ତା ଓ ଶାନ୍ତିକୁ ସୁନିଶ୍ଚିତ କରିବା ଲାଗି ଉଭୟ ଦେଶର ସୁରକ୍ଷାକୁ ତ୍ୱରାନ୍ୱିତ କରିବା ଉପରେ ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି। ୨ ଦେଶ ମଧ୍ୟରୁ କାହା ଉପରେ ବି ଆକ୍ରମଣ ହେଲେ ତାକୁ ଉଭୟେ ନିଜ ଉପରେ ଅତିକ୍ରମଣ ବିବେଚନା କରି ଏହାର ମିଳିତ ମୁକାବିଲା କରିବେ। ପାକିସ୍ତାନ ଓ ସାଉଦି ଆରବର ୮ ଦଶନ୍ଧି ପୁରୁଣା ଐତିହାସିକ ସହଭାଗିତାକୁ ଆଗକୁ ଆହୁରି ମଜଭୁତ କରିବା ଦିଗରେ ଏହା ସହାୟକ ହେବ। ଭ୍ରାତୃତ୍ୱ ଓ ଇସ୍‌ଲାମିକ୍ ଏକତା ଆଧାରିତ ତଥା ଘନିଷ୍ଠ ପ୍ରତିରକ୍ଷା ସହଯୋଗକୁ ଭିତ୍ତିକରି ୨ ଦେଶ ଉପରୋକ୍ତ ସହମତି ପ୍ରକାଶ କରିଛନ୍ତି। ଗୁରୁବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଏକ ସୋସିଆଲ ମିଡିଆ ପୋଷ୍ଟରେ ଉଲ୍ଲେଖ କରିଛନ୍ତି, ସାଉଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍‌ଙ୍କ ସହ କ୍ଷେତ୍ରୀୟ ଆହ୍ୱାନ ଓ ଦ୍ୱିପାକ୍ଷିକ ସହଯୋଗିତା ବୃଦ୍ଧି ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି।

କ୍ରାଉନ୍ ପ୍ରିନ୍ସଙ୍କ ନିରନ୍ତର ସମର୍ଥନ, ସାଉଦି ନିବେଶ ଓ ଦୁଇଦେଶର ବାଣିଜ୍ୟ ତଥା ବ୍ୟବସାୟ ବୃଦ୍ଧିକୁ ସେ ସମ୍ମାନ ଦିଅନ୍ତି। ତୈଳ ପ୍ରାଚୁର୍ଯ୍ୟ ରାଷ୍ଟ୍ରକୁ ଶେହବାଜଙ୍କ ଗସ୍ତ ପୂର୍ବରୁ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ଏହାକୁ ଉଭୟ ରାଷ୍ଟ୍ରର ସ୍ୱାର୍ଥ ସମ୍ବଳିତ ଏକ ଐତିହାସିକ ସୁଯୋଗ ବୋଲି ଅଭିହିତ କରିଥିଲା। ସପ୍ତାହେ ଭିତରେ ଉପସାଗରୀୟ ଅଞ୍ଚଳକୁ ଏହା ହେଉଛି ଶେହବାଜଙ୍କ ତୃତୀୟ ଗସ୍ତ। ଏହା ପୂର୍ବରୁ ଶେହବାଜ କାତାରକୁ ୨ ଥର (ଗୁରୁବାର ଓ ସୋମବାର) ଗସ୍ତ କରିଥିଲେ। ସେପ୍ଟେମ୍ବର ୯ରେ କାତାରରେ ଇସ୍ରାଏଲର ଆକ୍ରମଣ ପରିପ୍ରେକ୍ଷୀରେ ଦୋହାକୁ ସମର୍ଥନ କରିବା ଥିଲା ତାଙ୍କ ଗସ୍ତର ଉଦ୍ଦେଶ୍ୟ। ଶେହବାଜଙ୍କ ସଦ୍ୟ ରିୟାଧ ଗସ୍ତବେଳେ ତାଙ୍କ ସହ ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ୍ ମୁନିର, ବହିର୍ବ୍ୟାପାର ମନ୍ତ୍ରୀ ଇଶାକ୍ ଡାର୍, ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍, ଅର୍ଥମନ୍ତ୍ରୀ ମହମ୍ମଦ ଔରଙ୍ଗଜେବ୍, ସୂଚନା ମନ୍ତ୍ରୀ ଅତାଉଲ୍ଲାହ ତରାର, ପରିବେଶ ମନ୍ତ୍ରୀ ମୁସାଦିକ୍ ମଲିକ୍ ଏବଂ ସ୍ୱତନ୍ତ୍ର ସହଯୋଗୀ ତାରିକ୍ ଫତେମି ଯାଇଥିଲେ।

ଗତ ମେ'ରେ ଭାରତ ଓ ପାକିସ୍ତାନ ମଧ୍ୟରେ ୪ ଦିନ ଧରି ସାମରିକ ସଂଘର୍ଷ ଲାଗିରହିବାର ୪ ମାସ ପରେ ଏହି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସମ୍ପନ୍ନ ହୋଇଛି। ଏହା ଉପରେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୈସ୍ୱାଲ କହିଛନ୍ତି, ଜାତୀୟ ସୁରକ୍ଷା ସହ ଆଞ୍ଚଳିକ ଓ ବୈଶ୍ୱିକ ସ୍ଥିରତା ଉପରେ ଏହି ଚୁକ୍ତିର କି ପ୍ରଭାବ ପଡ଼ିବ, ନୂଆଦିଲ୍ଲୀ ତାହା ଅନୁଧ୍ୟାନ କରିବ। ଭାରତର ଜାତୀୟ ସ୍ୱାର୍ଥକୁ ସୁରକ୍ଷା ଦେବା ଏବଂ ସବୁ କ୍ଷେତ୍ରରେ ବ୍ୟାପକ ଜାତୀୟ ନିରାପତ୍ତାକୁ ସୁନିଶ୍ଚିତ କରିବା ହେଉଛି ନୂଆଦିଲ୍ଲୀର ପ୍ରାଥମିକତା।

## ଅନାସ୍ଥା ଆଣିଲା...

ଯେ, ଗୃହ ମୁଲତବୀ ହେବା ପରେ କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମଙ୍କ ପ୍ରକୋଷ୍ଠରେ କିଛି ସମୟ ଧରି ଅନାସ୍ଥା ସମ୍ପର୍କରେ ଦଳର ସଦସ୍ୟଙ୍କ ସହ ଆଲୋଚନା ହୋଇଥିଲା। ପରେ ୧୫ ବିଧାୟକଙ୍କ ଦସ୍ତଖତ ଥିବା ଅନାସ୍ଥା ପ୍ରସ୍ତାବ ଚିଠି ବିଧାନସଭା ସଚିବ ସତ୍ୟବ୍ରତ ସାହୁଙ୍କ ଜରିଆରେ ବାଚସ୍ପତିଙ୍କୁ ପ୍ରଦାନ କରିଥିଲେ। ଏହାପରେ କାଡାମଙ୍କ ନେତୃତ୍ୱରେ କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି, ସିଏସ୍ ରାଜନ୍ ଏକ୍କା, ପବିତ୍ର ସାଉନ୍ତା ପ୍ରମୁଖ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ପ୍ରକୋଷ୍ଠରେ ଅନାସ୍ଥା ପ୍ରସ୍ତାବ ପାଇଁ ସହଯୋଗ ଲୋଡ଼ିବାକୁ ପହଞ୍ଚିଥିଲେ। ହେଲେ ସେଠାରେ ଉପସ୍ଥିତ ଥିବା ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ ଓ ଅନ୍ୟ ସଦସ୍ୟମାନଙ୍କ ସହ ଏନେଇ ଆଲୋଚନା ହୋଇଥିଲା। ଏହି ଅବସରରେ କାଡାମ କହିଛନ୍ତି, କଂଗ୍ରେସ ସବୁବେଳେ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆସିଛି। ରାଜ୍ୟରେ ଯେଉଁଭଳି ଭାବେ ନାରୀ ନିର୍ଯାତନା ବଢ଼ିଚାଲିଛି ଏବଂ ମହିଳାମାନେ ତ୍ରାହି ତ୍ରାହି ଡାକୁଛନ୍ତି ତାହା ସମସ୍ତେ ଜାଣିଛନ୍ତି। ରାଜ୍ୟରେ ଚାଷୀଙ୍କଠାରୁ ଆରମ୍ଭ କରି ବେକାର ଯୁବତୀଯୁବକ ଏବଂ ଆଦିବାସୀଙ୍କ ପର୍ଯ୍ୟନ୍ତ ସମସ୍ତେ ସମସ୍ୟା ଦେଇ ଗତି କରୁଛନ୍ତି। ଏହାକୁ ନେଇ କଂଗ୍ରେସ ଅନାସ୍ଥା ଆଗତ କରିଛି। ଆଶା କରୁଛୁ ରାଜ୍ୟବାସୀଙ୍କ ହିତ ପାଇଁ ବିଜେଡି ଆମକୁ ସମର୍ଥନ ଦେବ।

ଅପରପକ୍ଷେ ଭାଜପାର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ବିଜେଡି ଓ କଂଗ୍ରେସ ଭିତରେ 'ସିଲ୍‌ଭର ମେଡାଲ' ପାଇଁ ଲଢ଼େଇ ଚାଲିଛି। ଅନାସ୍ଥାର କୌଣସି ପ୍ରଭାବ ସରକାରଙ୍କ ଉପରେ ପଡ଼ିବ ନାହିଁ ବୋଲି ସେ କହିଛନ୍ତି। ସେହିପରି ଭାଜପା ବିଧାୟକ ବାବୁ ସିଂ କହିଛନ୍ତି, ଅନାସ୍ଥା ଆଣି କଂଗ୍ରେସ ଲୋକହସା ହେବ ଏବଂ 'ଜଗତେ କେବଳ ଜନେ ହସିବେ'। ବିଧାନସଭାରେ ଆବଶ୍ୟକ ସଂଖ୍ୟା ନ ଥାଇ କଂଗ୍ରେସ ଅନାସ୍ଥା ଆଣିବା କେବଳ ସସ୍ତା ବଞ୍ଚାଇବାକୁ ଉଦ୍ୟମ ଛଡ଼ା ଆଉ କିଛି ନୁହେଁ ବୋଲି ସେ କହିଛନ୍ତି।

### କଂଗ୍ରେସର ହୁଇପ୍

ବିଧାନସଭାର ମୌସୁମୀ ଅଧିବେଶନ କାଳରେ ଗୃହରେ କଂଗ୍ରେସର ସମସ୍ତ ସଦସ୍ୟ ଉପସ୍ଥିତ ରହିବା ପାଇଁ ଦଳର ମୁଖ୍ୟ ସଚେତକ ସିଏସ୍ ରାଜନ ଏକ୍କା ହୁଇପ୍ ଜାରି କରିଛନ୍ତି। ଏହାକୁ ନେଇ ବିଧାୟକ ଅଶୋକ ଦାସ ଗୁରୁବାର କହିଛନ୍ତି, ଶୁକ୍ରବାର ଗୃହରେ ଅନାସ୍ଥା ପ୍ରସ୍ତାବ ଆସିବ। ତେଣୁ କଂଗ୍ରେସର ସମସ୍ତ ସଭ୍ୟ ଉପସ୍ଥିତ ରହିବା ଆବଶ୍ୟକ। ଏଥିପାଇଁ ସମସ୍ତଙ୍କୁ ପିସିସି ସଭାପତି ଭକ୍ତ ଚରଣ ଦାସ ସତର୍କ କରିଥିବାବେଳେ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ମଧ୍ୟ ବାରମ୍ବାର କହିଛନ୍ତି। ଦଳର ସମ୍ମାନ ଓ ସ୍ୱାଭିମାନ ଦୃଷ୍ଟିରୁ ୧୫ଜଣ ସଦସ୍ୟଙ୍କ ଉପସ୍ଥିତି ଜରୁରୀ। ତେଣୁ କୌଣସି ପରିସ୍ଥିତିରେ ବି ଜଣେ ହେଲେ ସଦସ୍ୟ ଯେପରି ଅନୁପସ୍ଥିତ ନ ରହିବେ ସେଥିପାଇଁ ଦଳ ପକ୍ଷରୁ ହୁଇପ୍ ଜାରି କରାଯାଇଛି। ଯଦି କିଛି ଜରୁରୀ ସ୍ଥିତି ଉପୁଜେ ତେବେ ଦଳର ନିଷ୍ପତ୍ତି ଅନୁଯାୟୀ ଯାହା କିଛି କରାଯିବ ବୋଲି ସେ କହିଛନ୍ତି।

## ବିଜେଡି ତଣ୍ଟିରେ...

ବୈଠକ କରିଥିଲେ। କମିଟିରେ ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ, ନିରଞ୍ଜନ ପୂଜାରୀ, ପ୍ରତାପ ଦେବ, ଅରୁଣ କୁମାର ସାହୁ, ମନୋହର ରନ୍ଧାରୀ, ବ୍ରଜ କିଶୋର ପ୍ରଧାନ, ସାରଦା ନାୟକ, ଗୌତମବୁଦ୍ଧ ଦାସ ଏବଂ ସାରଦା ଜେନା ରହିଛନ୍ତି। ଦଳ ପକ୍ଷରୁ ଅନାସ୍ଥାକୁ ସମର୍ଥନ ନ ଦେବା ନେଇ ଏକ ପ୍ରକାର ସ୍ଥିର ହୋଇଥିବା ଜଣାପଡ଼ିଛି। ବିଜେଡି ପକ୍ଷରୁ ବିଭିନ୍ନ ପ୍ରସଙ୍ଗ ଉଠାଇ ଗୃହ ନ ଚଳାଇ ଦେବାକୁ ସ୍ଥିର କରାଯାଇଛି। ଏହାକୁ ବିଜେଡିର ବହୁ ବିଧାୟକ ଗ୍ରହଣ କରିନାହାନ୍ତି। ଭାଜପା ଏବଂ ବିଜେଡି ମଧ୍ୟରେ ଭଲ ସମ୍ପର୍କ ରହିଥିବା କଥା ଦୀର୍ଘଦିନରୁ ଚର୍ଚ୍ଚା ହୋଇଆସୁଛି। ସେଥିପାଇଁ ବିଜେଡିର ଅନେକ ନେତା ଏହାକୁ ବିରୋଧ ମଧ୍ୟ କରିଆସୁଛନ୍ତି। ଏବେ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ ନ କରିବା ଅର୍ଥ ପରୋକ୍ଷରେ ଭାଜପା ସହ ବିଜେଡିର ବୁଝାମଣା କଥା ପୁଣି ଥରେ ତଳସ୍ତରକୁ ଯିବ ବୋଲି ଦଳର ବହୁ ବିଧାୟକ ଯୁକ୍ତି ରଖୁଛନ୍ତି। ରାଜ୍ୟ ସରକାରଙ୍କ ବିରୋଧରେ ଯଦି ବିଜେଡି ପକ୍ଷରୁ ବିଭିନ୍ନ ପ୍ରସଙ୍ଗରେ ଅଭିଯୋଗ କରାଯାଉଛି ତେବେ ଅନାସ୍ଥାକୁ ସମର୍ଥନ ଦେବାରେ ଅସୁବିଧା କେଉଁଠି ବୋଲି ଦଳର ବିଧାୟକମାନେ ହିଁ କୁହାକୁହି ହେଲେଣି। ଏଭଳି ସ୍ଥିତିରେ ବିଜେଡି ତଣ୍ଟିରେ ଅନାସ୍ଥା ଏକ କଣ୍ଟା ଭଳି ଲାଗିବାକୁ ଯାଉଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ବିଜେଡି ସବୁବେଳେ ସମଦୂରତା ନୀତି ଅବଲମ୍ବନ କରିଆସିଛି। ଅନାସ୍ଥାକୁ ବାଚସ୍ପତି ଏ ପର୍ଯ୍ୟନ୍ତ ଗ୍ରହଣ କରିନାହାନ୍ତି। ତେଣୁ ନଈ ନ ଦେଖୁଣୁ ଲଙ୍ଗଳା ହେବା ଉଚିତ ନୁହେଁ ବୋଲି ସେ କହିଛନ୍ତି। ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ସମଦୂରତା ନୀତି ବିଷୟରେ କହିବା ପରେ ବିଜେଡି ଅନାସ୍ଥା ପ୍ରସ୍ତାବକୁ ସମର୍ଥନ ଦେବ ନାହିଁ ବୋଲି ପରୋକ୍ଷରେ ଇଙ୍ଗିତ କରିଥିବା ଚର୍ଚ୍ଚା ହେଉଛି। ସେପଟେ ଦଳ ଭିତରେ ବର୍ତ୍ତମାନ ଆଉ ଏକ ନୂଆ କଥା ଚର୍ଚ୍ଚାକୁ ଆସିଛି। ଦଳର ବହୁ ବରିଷ୍ଠ ନେତା ପୂର୍ବରୁ ଜଣେ ଆଇଏଏସ୍‌ଙ୍କ ପଛରେ ଯେମିତି ଦୌଡୁଥିଲେ ବର୍ତ୍ତମାନ ସେହିଭଳି ଆଉ ଜଣେ ଓଏଏସ୍ ଅଫିସରଙ୍କ ପାଖରେ ନିଜର ଓଜନ ଖସାଇବାକୁ ବସିଲେଣି ବୋଲି ଶୁଣିବାକୁ ମିଳୁଛି। ନବୀନ ନିବାସରେ ଅଧିକାଂଶ ବିଷୟ ବୁଝାବୁଝି କରୁଥିବା ଜଣେ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ଦେଖା ହେବାକୁ ଦଳର ବରିଷ୍ଠ ନେତାମାନେ କୁଆଡ଼େ ସମୟ ମାଗୁଛନ୍ତି ବୋଲି ଚର୍ଚ୍ଚା ହେଉଛି। ସେହି ଓଏଏସ୍ ଅଫିସର ଜଣଙ୍କ ଭି.କେ. ପାଣ୍ଡିଆନ୍‌ଙ୍କ ଏକାନ୍ତ ଅନୁଗତ ବୋଲି ସମସ୍ତେ ଜାଣନ୍ତି। ଅନାସ୍ଥା ପ୍ରସ୍ତାବକୁ ନେଇ ଚାଲିଥିବା ରାଜନୀତି ବିଷୟରେ ଚର୍ଚ୍ଚା ଆଉ ଆଲୋଚନା କରିବାକୁ ଅଧିକାଂଶ ନେତା ନବୀନ ନିବାସ ଯାଇ ସେହି ଓଏଏସ୍ ଅଧିକାରୀଙ୍କୁ ଭେଟିଥିବା ଜଣାପଡ଼ିଛି, ଯେତେବେଳେ କି ବିଜେଡି ସଭାପତି ନବୀନ ପଟ୍ଟନାୟକ ନୂଆଦିଲ୍ଲୀ ଗସ୍ତରେ ଅଛନ୍ତି।

## ନ୍ୟାଶନାଲ ଜିଓଗ୍ରାଫିକ୍‌ର...

ଏହି ଅବସରରେ ଦୁର୍ଲଭ ବାଘମାନଙ୍କ ସୁରକ୍ଷା ଦିଗରେ ଓଡ଼ିଶା ବନ ବିଭାଗର ଉତ୍ସର୍ଗୀକୃତ ପରିଚାଳନା ଓ ଅଧିକାରୀମାନଙ୍କ ପ୍ରତିବଦ୍ଧତାକୁ ସେ ପ୍ରତ୍ୟକ୍ଷ ଭାବରେ ଦେଖିଥିଲେ। ଅନେକ ମାସର ଧୈର୍ଯ୍ୟ ଓ ପରିଶ୍ରମ ପରେ ବ୍ୟାଘ୍ର ଗବେଷକଙ୍କ ମଧ୍ୟରେ ଟି୧୨ ଭାବେ ପରିଚିତ ଥିବା ବାଘର ଏକ ଉତ୍କୃଷ୍ଟ ଫଟୋ ନେବା ତାଙ୍କ ପାଇଁ ଆନନ୍ଦଦାୟକ ମୁହୂର୍ତ୍ତ ଥିଲା। ତାଙ୍କ ଦ୍ୱାରା ନିଆଯାଇଥିବା ଏହି ଫଟୋ ଏବଂ ଷ୍ଟୋରି ନ୍ୟାଶନାଲ ଜିଓଗ୍ରାଫିକ୍ ମାଗାଜିନର କଭର ପେଜ୍‌ରେ ସ୍ଥାନିତ ହେବା ନିଶ୍ଚିତ ଭାବେ ତାଙ୍କ ପାଇଁ ସମ୍ମାନର ବିଷୟ ବୋଲି ପ୍ରସନ୍ନଜିତ କହିଛନ୍ତି। ଉକ୍ତ କଭର ଫଟୋର ଷ୍ଟୋରିରେ ବ୍ୟାଘ୍ର ସଂରକ୍ଷଣର ଜଟିଳ ବାସ୍ତବତା ଏବଂ ସ୍ୟୁଡୋ ମେଲାନିଷ୍ଟିକ୍ ପ୍ରଜାତିର ବାଘଙ୍କ ବିରଳ ଜେନେଟିକ ମ୍ୟୁଟେଶନ ସମ୍ପର୍କିତ ବୈଶିଷ୍ଟ୍ୟ ବିଷୟରେ ଲୋକଙ୍କ ପାଇଁ ବିସ୍ତୃତ ସୂଚନା ରହିଥିବା ନେଇ ନ୍ୟାଶନାଲ ଜିଓଗ୍ରାଫିକ୍‌ର ମୁଖ୍ୟ ସମ୍ପାଦକ ନାଥନ ଲମ୍ପ୍ କହିଛନ୍ତି।

## ୧୩୫ ଶିଳ୍ପ ସଂସ୍ଥା...

ଋଷିକୁଲ୍ୟା, ବଂଶଧାରା, ନାଗାବଳୀ, କୋଲାବ, ଇନ୍ଦ୍ରାବତୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ବାହୁଦାରୁ ଶିଳ୍ପ ସଂସ୍ଥାଗୁଡ଼ିକ ଜଳ ନେଉଛନ୍ତି। ୧୩୫ଟି ଶିଳ୍ପ ସଂସ୍ଥା ୧୧ଟି ନଦୀରୁ ୧,୧୬୧.୭୧ କ୍ୟୁସେକ୍ ଜଳ ଟାଣୁଥିବାବେଳେ ୧,୦୩୭.୪୧ ମିଲିୟନ କ୍ୟୁବିକ୍ ମିଟର(ଏମ୍‌ସିଏମ୍) ଜଳ ବ୍ୟବହାର କରୁଛନ୍ତି। ଏବାବଦକୁ ପ୍ରମୁଖ ୧୩୫ଟି ଶିଳ୍ପ ସଂସ୍ଥା ଉପରେ ୩,୭୯୭.୧୪କୋଟି ଟଙ୍କା ବକେୟା ରହିଛି। ସେଥିମଧ୍ୟରେ କଟକ ଘଣ୍ଟିଖାଲସ୍ଥିତ ଆରତୀ ଷ୍ଟିଲ ଲି. ଉପରେ ମାର୍ଚ୍ଚ ୨୦୨୫ ସୁଦ୍ଧା ୫୮.୩୬୮କୋଟି ଟଙ୍କା ବକେୟା ଗଡୁଥିବାବେଳେ ପାରାଦ୍ୱୀପସ୍ଥିତ ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ ଉପରେ ୧୦୮.୯୮୧କୋଟି, ସମ୍ବଲପୁରସ୍ଥିତ ଭୂଷଣ ପାୱାର ଆଣ୍ଡ ଷ୍ଟିଲ ଲି. ଉପରେ ୨୪୪.୧୦୯ କୋଟି, ପାରାଦୀପ ଫସ୍‌ଫେଟ୍‌ସ ଉପରେ ୪୫.୫୧୩ କୋଟି, ବିରଜା ଷ୍ଟିଲ୍ ଆଣ୍ଡ୍ ଏନର୍ଜି ଉପରେ ୯୮କୋଟିରୁ ଅଧିକ ଟଙ୍କା ବକେୟା ରହିଛି। ସେହିପରି ଢେଙ୍କାନାଳସ୍ଥିତ ଭୂଷଣ ଷ୍ଟିଲ ଆଣ୍ଡ ଷ୍ଟ୍ରିପ ଉପରେ ୧୮୫କୋଟି, ଶ୍ରୀ ମହାବୀର ଫେରୋ ଆଲୟଜ ଉପରେ ୨୫.୭୪୦କୋଟି, ଜୟପୁରସ୍ଥିତ ବଲାରପୁର ଇଣ୍ଡଷ୍ଟ୍ରିଜ୍ ଲି. ଉପରେ ୧୯୫.୮୩୯କୋଟି ଟଙ୍କା ବକେୟା ଗଡୁଛି।

ଏହି ୧୧ଟି ନଦୀରୁ ଚାଷ ପାଇଁ ୨୪,୧୫୪.୯୭ ଏମ୍‌ସିଏମ୍ ଜଳ ବ୍ୟବହାର କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେଥିମଧ୍ୟରେ ମହାନଦୀରୁ ୧୨,୭୧୦.୫୯ ଏମ୍‌ସିଏମ୍, ବ୍ରାହ୍ମଣୀରୁ ୩୩,୨୫.୪୮, ବୈତରଣୀରୁ ୧,୯୪୩.୬୫, ଋଷିକୁଲ୍ୟାରୁ ୧,୪୦୨.୪୭, ବଂଶଧାରାରୁ ୭୧୯.୭୪, ନାଗାବଳୀରୁ ୧୭୦.୮୯, କୋଲାବରୁ ୧,୪୦୨.୬୩, ଇନ୍ଦ୍ରାବତୀରୁ ୧,୫୮୦.୨୧, ସୁବର୍ଣ୍ଣରେଖାରୁ ୩୯୪,୮୦, ବାହୁଦାରୁ ୧୭୦,୧୬ ଏବଂ ଜମ୍ବାରୀରୁ ୬୬.୩୫ ଏମ୍‌ସିଏମ୍ ଜଳ ଚାଷ ପାଇଁ ବ୍ୟବହାର କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମଣ୍ଡା ପିଠା ଗୋଟି ଅଇଁଠା କଲି**
**କଷା କିଏ ମିଶାଇଲା**
**ଗଲା କଥା ଆଉ ଲେଉଟି ଆସେ କି**
**ଯେତେ ଆଶା କଲେ ଭଲା ?**

ଗତସ୍ୟ ଶୋଚନା ନାସ୍ତି। ଘଟିଯାଇଥିବା ଘଟଣା ପାଇଁ ମନସ୍ତାପ କରିବା ବା ଭାବି ଭାବି ସମୟ ନଷ୍ଟ କରିବା ଅନୁଚିତ। ସେହିପରି ଯାହା ବିତିଯାଇଛି ତାହା ଆଉ ଫେରି ଆସି ନ ଥାଏ। ଅତୀତ ସବୁବେଳେ ଅଫେରା। ତେଣୁ ପଛ କଥା ଚିନ୍ତା କରି ଅଯଥାରେ ସମୟ ନଷ୍ଟ କରିବାରେ କିଛି ଲାଭ ମିଳି ନ ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ମାଗିଖିଆ ଲାଗି ଖାଏ ନାହିଁ**
**କି ଲାଗିଖିଆ ମାଗି ଖାଏ ନାହିଁ।**

ଯିଏ ଭିକ ମାଗି ପେଟ ପୋଷେ ସେ କେବେ କଷ୍ଟ କରି କାମ କରିବାକୁ ଇଚ୍ଛା କରି ନ ଥାଏ। ସେହିପରି ଯିଏ କାମଦାମ କରି ନିଜ ପେଟ ପୋଷୁଥାଏ ସେ ପର ଆଗରେ ହାତ ପାତିବାକୁ ସଙ୍କୋଚ କରିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।




# ୬୦ ବର୍ଷୀୟ ସୁଭଦ୍ରା ହିତାଧିକାରୀଙ୍କୁ ମିଳିବ ବାର୍ଦ୍ଧକ୍ୟ ପେନ୍‌ସନ

**■ ସୁଭଦ୍ରା ଲାଭ ଏଯାଏ ପାଇଥିଲେ ବି ସେମାନଙ୍କୁ ଭତ୍ତା ଦିଆଯିବ**

**■ ବୃଦ୍ଧାବସ୍ଥା, ଅକ୍ଷମତା, ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ, ବିଧବାଙ୍କ କ୍ଷେତ୍ରରେ ଏହା ଲାଗୁ ହେବ**

ଭୁବନେଶ୍ୱର, ୧୮।୯(ସୁନିତ୍ ମିଶ୍ର)

ସୁଭଦ୍ରା ହିତାଧିକାରୀ ୬୦ ବର୍ଷ ବୟସ ହେବା ପରେ ପେନ୍‌ସନ ପାଇଁ ଆବେଦନ କରିପାରିବେ। ସୁଭଦ୍ରା ଉପରେ ପ୍ରଥମ ରାଜ୍ୟସ୍ତରୀୟ ପରିଚାଳନା ଏବଂ ତଦାରଖ କମିଟି ବୈଠକର ସମୀକ୍ଷା ପରେ ମହିଳା ଏବଂ ଶିଶୁ ବିକାଶ ବିଭାଗ ପକ୍ଷରୁ ଗୁରୁବାର ଏହି ସୂଚନା ପ୍ରଦାନ କରାଯାଇଛି। ଏଥିସହ ମଧୁବାବୁ ପେନ୍‌ସନ ଯୋଜନା (ଏମ୍‌ବିପିୱାଇ) କିମ୍ବା ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍‌ଏସ୍‌ଏପି)ରେ ସୁଭଦ୍ରା ଯୋଜନାର ପୂର୍ବତନ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବାକୁ ସରକାରଙ୍କ ପକ୍ଷରୁ ଚିଠି ଜାରି କରାଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଗତ ୧୬ ତାରିଖରେ ଏନେଇ ମହିଳା ଓ ଶିଶୁ ସୁରକ୍ଷା ବିଭାଗକୁ ଚିଠି ଲେଖାଯାଇଥିବା ସୂଚନା ଦିଆଯାଇଛି । ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି, ୬୦ ବର୍ଷ ହେବା ପରେ ସୁଭଦ୍ରା ହିତାଧିକାରୀ ଏମ୍‌ବିପିୱାଇ/ଏନ୍‌ଏସ୍‌ଏପି ଅନ୍ତର୍ଗତ ଯେକୌଣସି ସାମାଜିକ ସୁରକ୍ଷା ପେନ୍‌ସନ ପାଇଁ ଆବେଦନ କରିପାରିବେ। କିନ୍ତୁ ପେନ୍‌ସନ ମଞ୍ଜୁରୀ ସମ୍ପୃକ୍ତ ଯୋଜନା ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରିବା ଜରୁରୀ। ଏହା ସହ ଏହି ବ୍ୟବସ୍ଥା ଉପଲବ୍ଧତା ଉପରେ ନିର୍ଭରକରିବ। ରାଜ୍ୟ ସରକାର ନିଜର ଆର୍ଥିକ କ୍ଷମତା ଏବଂ ବିକାଶର ସୀମା ମଧ୍ୟରେ ତଥା ପର୍ଯ୍ୟାପ୍ତ ସମ୍ବଳ ଆଧାରରେ ଦୁର୍ବଳ ଜନସଂଖ୍ୟାକୁ ସାମାଜିକ ସୁରକ୍ଷା ପେନ୍‌ସନ ସୁନିଶ୍ଚିତ କରାଇବେ। ବୃଦ୍ଧାବସ୍ଥା, ଅକ୍ଷମତା, ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ, ବିଧବାଙ୍କ କ୍ଷେତ୍ରରେ ଏହା ଲାଗୁହେବ। ଯଦିଓ ସୁଭଦ୍ରା ଯୋଜନାର ପୂର୍ବତନ ହିତାଧିକାରୀମାନେ ପୂର୍ବରୁ ସରକାରଙ୍କ ଠାରୁ ଲାଭପାଇ ସାରିଛନ୍ତି କିନ୍ତୁ ଏମ୍‌ବିପିୱାଇ/ଏନ୍‌ଏସ୍‌ଏପି ଏବଂ ଉଭୟ ଅନ୍ତର୍ଗତ ଅପେକ୍ଷାରେ ରହିଥିବା ତାଲିକାଭୁକ୍ତ ଆବେଦନକାରୀ ତଥା ଏପର୍ଯ୍ୟନ୍ତ ଏପରି କୌଣସି ଲାଭ ପାଇ ନ ଥିବା କିମ୍ବା ସୁଭଦ୍ରା ଯୋଜନାର ପୂର୍ବତନ ହିତାଧିକାରୀଙ୍କ ତୁଳନାରେ ଅଧିକ ବୟସ୍କ/ଅଧିକ ଆବଶ୍ୟକତା ଥିବା ଆବେଦନକାରୀଙ୍କୁ ପ୍ରାଥମିକତା ପ୍ରଦାନ ଦିଆଯିବ। ଏମ୍‌ବିପିୱାଇ/ଏନ୍‌ଏସ୍‌ଏପି ଅନ୍ତର୍ଗତ ସୁଭଦ୍ରା ଯୋଜନାର ପୂର୍ବତନ ହିତାଧିକାରୀଙ୍କୁ ପେନ୍‌ସନ ମଞ୍ଜୁର କରିବା ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା/ଛାଡ଼ ଆବଶ୍ୟକତା ନାହିଁ। ତଥାପି ସେମାନେ ନିଜ ଅନୁଯାୟୀ, ବାର୍ଦ୍ଧକ୍ୟ ପେନ୍‌ସନ ପାଇଁ ଆବେଦନ କରିପାରିବେ ଏବଂ ଜିଲା ସାମାଜିକ ସୁରକ୍ଷା ଅଧିକାରୀମାନେ ସୁଭଦ୍ରା ହିତାଧିକାରୀଙ୍କୁ ଆବେଦନ କରିବାରେ ସମସ୍ତ ଆବଶ୍ୟକ ସହାୟତା ପ୍ରଦାନ କରିବେ। ସୁଭଦ୍ରା ଯୋଜନାର ପୂର୍ବତନ ହିତାଧିକାରୀ ସିଧାସଳଖ ଏମ୍‌ବିପିୱାଇ/ଏନ୍‌ଏସ୍‌ଏପିରେ ଆସିବେ ନାହିଁ। ସେମାନଙ୍କୁ ସେଥିପାଇଁ ୬୦ ବର୍ଷ ବୟସ ହେବା ପରେ ଆବେଦନ କରିବାକୁ ପଡ଼ିବ। ପ୍ରଥମେ ଅଧିକ ବୟସ୍କ/ଦୁର୍ବଳ ଏବଂ ଅପେକ୍ଷା ତାଲିକାରେ ଥିବା ଲୋକଙ୍କୁ ପ୍ରାଥମିକତା ମିଳିବ ବୋଲି ମହିଳା ଏବଂ ଶିଶୁ ବିକାଶ ବିଭାଗ ପକ୍ଷରୁ ସୂଚିତ କରାଯାଇଛି।

# ସୀତାରାମ ୟେଚୁରୀ ସାମ୍ପ୍ରଦାୟିକତା ବିରୋଧରେ ସାଲିସ ନ କରି ଲଢ଼ିଥିଲେ

ଭୁବନେଶ୍ୱର, ୧୮।୯(ବନ୍ଦନା ସେଠୀ)



ସୀତାରାମ ୟେଚୁରୀଙ୍କ ୭୪ତମ ଜୟନ୍ତୀ ସ୍ମାରକୀ ବକ୍ତୃତାମାଳାରେ ଉଦ୍‌ବୋଧନ ଦେଉଛନ୍ତି ସିପିଆଇ(ଏମ୍) ନେତା ପ୍ରକାଶ କରାତ୍।

ବିଶିଷ୍ଟ ସିପିଆଇଏମ୍ ନେତା ସୀତାରାମ ୟେଚୁରୀ ଭାରତର ଧର୍ମନିରପେକ୍ଷ ଏବଂ ଗଣତାନ୍ତ୍ରିକ ଭାବନାକୁ ମଜବୁତ୍ କରିଥିଲେ। ସେ କେବେ ସାମ୍ପ୍ରଦାୟିକତା ବିରୋଧରେ କୌଣସି ସାଲିସ ନ କରି ଲଢ଼ିଥିଲେ। ୟେଚୁରୀ ତାଙ୍କ ରାଜନୈତିକ ଯାତ୍ରାରେ ସର୍ବଦା ଭାରତୀୟ ସମ୍ବିଧାନର ମୂଳ ନୀତିଗୁଡ଼ିକୁ ତୋଳି ଧରିଥିଲେ ଏବଂ ଏଗୁଡ଼ିକୁ ନଷ୍ଟ କରିବାକୁ ଚେଷ୍ଟା କରୁଥିବା ଶକ୍ତିମାନଙ୍କ ବିରୋଧରେ ଲଢ଼ିଥିଲେ ବୋଲି ସିପିଆଇ(ଏମ୍) ନେତା ପ୍ରକାଶ କରାତ୍ କହିଛନ୍ତି। ଗୁରୁବାର ବୁଦ୍ଧ ମନ୍ଦିରରେ ଆୟୋଜିତ ସୀତାରାମ ୟେଚୁରୀ ସ୍ମାରକୀ ବକ୍ତୃତା 'ସୀତାରାମ ୟେଚୁରୀ: ଧର୍ମନିରପେକ୍ଷତା, ଗଣତନ୍ତ୍ର ଏବଂ ଭାରତବାସୀଙ୍କ ସୁରକ୍ଷା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ କରାତ୍ ଯୋଗଦେଇ, ୟେଚୁରୀଙ୍କ ଧର୍ମନିରପେକ୍ଷତା, ଗଣତନ୍ତ୍ର ଏବଂ ଲୋକଙ୍କ ମୁକ୍ତିର ମୂଲ୍ୟବୋଧ ପ୍ରତି ଜୀବନବ୍ୟାପୀ ପ୍ରତିବଦ୍ଧତାକୁ ଉଲ୍ଲେଖ କରିଥଲେ। ସର୍ବଦା ଜାତି, ଧର୍ମ, ଭାଷା ଏବଂ ଅଞ୍ଚଳ ନିର୍ବିଶେଷରେ ଲୋକଙ୍କ ଐକ୍ୟକୁ ପ୍ରୋତ୍ସାହିତ କରିଥିଲେ। ଏଥିସହ ସମାଜକୁ ବିଭକ୍ତ କରୁଥିବା ଘୃଣାର ରାଜନୀତିରୁ ସାବଧାନ କରିଥିଲେ। ସେ ଜରୁରୀକାଳରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ ଏକଛତ୍ରବାଦୀ ପ୍ରବୃତ୍ତି ବିରୋଧରେ ଲଢ଼ିଥିଲେ। ସର୍ବଦା ସାମାଜିକ ନ୍ୟାୟ, ସମାନ ବିକାଶ ଏବଂ ଗରିବଙ୍କ କଲ୍ୟାଣ ପାଇଁ ଏବଂ ଲୋକାଭିମୁଖୀ ଭାରତର ଦୃଷ୍ଟିକୋଣକୁ ତାଙ୍କ ରାଜନୀତିର କେନ୍ଦ୍ରବିନ୍ଦୁ କରିଥିଲେ ବୋଲି କରାତ୍ ମତ ରଖିଥିଲେ।

ସୀତାରାମ ୟେଚୁରୀ ସ୍ମୃତି କମିଟିର ଅଧ୍ୟକ୍ଷ ଅଳି କିଶୋର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଟିର ସୁରେଶ ଚନ୍ଦ୍ର ପଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବରିଷ୍ଠ ସିପିଆଇ(ଏମ୍) ନେତା ଜନାର୍ଦ୍ଦନ ପତି, ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ସିପିଆଇଏମ୍‌ଏଲ ଲିବରେଶନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଏବଂ ଫରୱାର୍ଡ ବ୍ଲକ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ପୁଷ୍ପା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଜପା ବିଧାୟକ ଦଳ ବୈଠକ

**ପୂର୍ବ ସରକାରର ବିଫଳତା ବିଷୟରେ ପ୍ରସ୍ତୁତ ହୋଇ ଆସିବାକୁ ବିଧାୟକଙ୍କୁ ନିର୍ଦ୍ଦେଶ**


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବିଧାନସଭା ୫୪ ନଂ ପ୍ରକୋଷ୍ଠରେ ଗୁରୁବାର ଅନୁଷ୍ଠିତ ଭାଜପା ବିଧାୟକ ଦଳ ବୈଠକ।

ଭୁବନେଶ୍ୱର, ୧୮।୯(ସୁନିତ୍ ମିଶ୍ର)

ଭାଜପା ବିଧାୟକ ଦଳ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଯାହା ବିରୋଧୀ ଦଳ ସଦସ୍ୟମାନେ ଆଣିବେ ସେଥିଲାଗି ସରକାର ଓ ମନ୍ତ୍ରିମଣ୍ଡଳ ପ୍ରସ୍ତୁତ। ବିଜେଡି ଓ କଂଗ୍ରେସର ବିଚାରଧାରା ସମ୍ପୂର୍ଣ୍ଣ ଅଲଗା। ସରକାର ମ୍ୟାଜିକ୍ ନମ୍ବରରେ ଚାଲିଥାଏ। ୧୪୭ ବିଧାନସଭା ସଂଖ୍ୟାରୁ ଲୋକମାନେ ଭାଜପାକୁ ସମର୍ଥନ କରିଛନ୍ତି। ଭାଜପା ସରକାରରେ ଲୋକମାନେ ପ୍ରଗତି ପଥରେ ଯାଉଛନ୍ତି। ସେକଥା ଓଡ଼ିଶାବାସୀ ଭଲଭାବେ ଜାଣିଛନ୍ତି ବୋଲି ମହାଲିଙ୍ଗ କହିଛନ୍ତି। ଜଣେ ବିଧାୟକଙ୍କ ସୂତ୍ରରୁ ଜଣାପଡ଼ିଛି, ଭାଜପା ବିଧାୟକ ଦଳ ବୈଠକରେ ଅନାସ୍ଥା ପ୍ରସ୍ତାବ ଉପରେ ମୁଖ୍ୟତଃ ବିଶେଷ ଆଲୋଚନା ହୋଇଛି। ଏହି ପ୍ରସଙ୍ଗ ଆସିଲେ ଦଳୀୟ ସବୁ ବିଧାୟକ ଗୃହରେ ଉପସ୍ଥିତ ରହି ଆଲୋଚନାରେ ଭାଗନେବାକୁ କୁହାଯାଇଛି। ଏଥିଲାଗି ସମସ୍ତଙ୍କୁ ପ୍ରସ୍ତୁତ ହୋଇ ଆସିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଅନାସ୍ଥା ଆଲୋଚନା ହେଲେ ୨୫ ବର୍ଷର ବିଜେଡି ଏବଂ ୪୦ ବର୍ଷର କଂଗ୍ରେସ ସରକାର ସମୟରେ ଯାହାସବୁ ଦୁର୍ନୀତି ହୋଇଛି ସେ ବିଷୟରେ ଆଲୋଚନା କରିବାକୁ ସୁଯୋଗ ମିଳିବ ବୋଲି ବୈଠକରେ କୁହାଯାଇଛି।

# ସୁନା ଚୋରି ପ୍ରସଙ୍ଗ ଉଠାଇଲା କଂଗ୍ରେସ

ଭୁବନେଶ୍ୱର, ୧୮।୯(ରବିନାରାୟଣ ଜେନା)

**ବାଚସ୍ପତିଙ୍କ ହସ୍ତକ୍ଷେପ ଲୋଡ଼ିଲେ କାଡାମ**

ବିଧାନସଭାର ବଜେଟ ଅଧିବେଶନ ସମୟରେ କଂଗ୍ରେସ ସଦସ୍ୟଙ୍କ ଚୋରି ଜିନିଷକୁ ଉଦ୍ଧାର କରିବା ପାଇଁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ବାଚସ୍ପତିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଗୁରୁବାର ମଧ୍ୟାହ୍ନରେ କାଡାମ ବାଚସ୍ପତିଙ୍କ ଉଦ୍ଦେଶ୍ୟରେ ସଚିବଙ୍କୁ ଏକ ଚିଠି ପ୍ରଦାନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଗତ ଅଧିବେଶନକାଳରେ ନାରୀ ନିର୍ଯାତନା ନେଇ କଂଗ୍ରେସ ବିଧାୟକମାନେ ଗୃହ ତଦନ୍ତ କମିଟି ଗଠନ ଦାବି କରିବା ଯୋଗୁ ବିଧାନସଭାରୁ ନିଲମ୍ବିତ ହୋଇଥିଲେ। ସେତେବେଳେ ବାଚସ୍ପତିଙ୍କ ଏହି ନିର୍ଦ୍ଦେଶ ଅଗଣତାନ୍ତ୍ରିକ ବୋଲି କହି କଂଗ୍ରେସ ସଦସ୍ୟମାନେ ନାରାବାଜି କରିଥିଲେ। ଏହା ପରଦିନ ମାର୍ଚ୍ଚ ୨୬ରେ ବିଧାନସଭା ଗୃହ ମଧ୍ୟକୁ ସଦସ୍ୟମାନେ ପ୍ରବେଶ କରିବାବେଳେ ବିଧାନସଭାର ସୁରକ୍ଷା କର୍ମୀଙ୍କ ଆକ୍ରୋଶର ଶିକାର ହୋଇଥିଲେ। ସେହି ସମୟରେ କିଛି ଅସାମାଜିକ ତତ୍ତ୍ୱ ବିଧାୟକମାନଙ୍କ ଘଣ୍ଟା, ସୁନା ଚେନ ଓ ବ୍ୟାଗରେ ଥିବା କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ପ୍ୟାଣ୍ଟ ଶାର୍ଟ ମଧ୍ୟ ଚୋରି କରିନେଇଥିଲେ। ଉକ୍ତ ଜିନିଷକୁ ତୁରନ୍ତ ଉଦ୍ଧାର କରି ଫେରାଇବାକୁ ବାଚସ୍ପତିଙ୍କୁ ପତ୍ର ଲେଖିଛି ବୋଲି କାଡାମ କହିଛନ୍ତି।

# ପ୍ରାଚୀନ ଦୁର୍ଗାମେଢ଼କୁ ଅନୁଦାନ ଦେବେ ରାଜ୍ୟ ସରକାର

ଭୁବନେଶ୍ୱର, ୧୮।୯(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ଧାର୍ମିକ ଭାବଧାରାକୁ ପ୍ରୋତ୍ସାହନ ଦେବାକୁ ରାଜ୍ୟ ସରକାର ଆଉଏକ ନିଷ୍ପତ୍ତି ନେଇଛନ୍ତି। ଏବେ ପ୍ରାଚୀନ ଦୁର୍ଗାମେଢ଼କୁ ସରକାର ଦେବେ ଆର୍ଥିକ ଅନୁଦାନ। ଏନେଇ ଓଡିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଚିଠି ହୋଇଛି। ଏନେଇ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଛି। ପ୍ରତ୍ୟେକ ଜିଲାରେ ମେଢ଼ଗୁଡ଼ିକର ବର୍ଷ ଅନୁସାରେ ବିବରଣୀ ପ୍ରସ୍ତୁତ କରାଯିବ। ଆଗାମୀ ୨ ଦିନ ଭିତରେ ଏହାର ତାଲିକା କରାଯିବ। ଏଥିପାଇଁ ରହିଥିବା ଫର୍ମରେ ଜିଲା ହିସାବରେ ବର୍ଗୀକରଣ କରାଯାଇଛି। ୧୦୦ ବର୍ଷରୁ ଊର୍ଦ୍ଧ୍ୱ ମେଢକୁ 'କ' ବର୍ଗରେ, ୭୫ ବର୍ଷରୁ ଊର୍ଦ୍ଧ୍ୱ ମେଢକୁ 'ଖ' ବର୍ଗରେ ଓ ୫୦ ବର୍ଷରୁ ଊର୍ଦ୍ଧ୍ୱ ମେଢକୁ 'ଗ' ବର୍ଗରେ ସ୍ଥାନ ଦିଆଯାଇଛି। ଯେଉଁ ଜିଲାରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ମେଢ଼ ନ ଥିବ, ସେଠାରେ ସବୁଠାରୁ ୨ଟି ପୁରାତନ ମେଢ଼ର ବିବରଣୀ ଦେବାକୁ ସଂସ୍କୃତି ବିଭାଗ ନିର୍ଦ୍ଦେଶ ଦେଇଛି।

# ସାର ସଙ୍କଟ: ୨୩ରେ କିଷାନ କଂଗ୍ରେସର ବିଧାନସଭା ଘେରାଉ

ଭୁବନେଶ୍ୱର, ୧୮।୯ (ରବିନାରାୟଣ ଜେନା)

ସାରା ରାଜ୍ୟର ସାର ଅଭାବ ନେଇ କିଷାନ କଂଗ୍ରେସ ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୨୩ରେ ବିଧାନସଭା ଘେରାଉ କରାଯିବ ବୋଲି ପିସିସି କିଷାନ ସେଲର ଅଧ୍ୟକ୍ଷ ଅଭୟ ସାହୁ କହିଛନ୍ତି। ସେ କହିଛନ୍ତି ଯେ, ଆସନ୍ତା ୨୩ ତାରିଖ ମଙ୍ଗଳବାର ସକାଳ ୯ଟାରେ କଟକସ୍ଥିତ ଲକ୍ଷେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଓଡ଼ିଶା କିଷାନ କଂଗ୍ରେସର ଏକ ଶୋଭାଯାତ୍ରା ବାହାରି ଜାତୀୟ ରାଜପଥରେ ରସୁଲଗଡ଼, ବାଣୀବିହାର ଦେଇ ମାଷ୍ଟରକ୍ୟାଣ୍ଟିନସ୍ଥିତ କଂଗ୍ରେସ ଭବନରେ ପହଞ୍ଚିବ। ସେଠାରେ ଚାଷୀ ସଭା କରାଯିବା ପରେ ଚାଷୀକୁଳର ନେତା ଓ କର୍ମୀମାନେ ବିଧାନସଭା ଘେରାଉ କରିବେ। ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଏହି କାର୍ଯ୍ୟକ୍ରମରେ ଓଡ଼ିଶାବାସୀ ବହୁ ସଂଖ୍ୟାରେ ଭାଗ ନେବାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଆହ୍ୱାନ କରିଥିବା ସାହୁ ଜଣାଇଛନ୍ତି।

# ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସିନେଟ ସଦସ୍ୟ ହେଲେ ଏମ୍‌ପି ଭର୍ତ୍ତୃହରି ମହତାବ

କଟକ, ୧୮।୯(କାର୍ତ୍ତିକ ସାହୁ)

କଟକ ଏମ୍‌ପି ଭର୍ତ୍ତୃହରି ମହତାବ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସିନେଟ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଗତ ଅଗଷ୍ଟ ୨୦ରେ ଅନୁଷ୍ଠିତ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ବୈଠକରେ ଏନେଇ ପ୍ରସ୍ତାବ ଗୃହୀତ ହୋଇଛି। ଓଡ଼ିଶା ବିଶ୍ୱବିଦ୍ୟାଳୟ ଆମେଣ୍ଡମେଣ୍ଟ ଆକ୍ଟ-୨୦୨୪ର ଧାରା ୯-(୧) ଅନୁଯାୟୀ ଏମ୍‌ପି ମହତାବ ଆଗାମୀ ୩ ବର୍ଷ ଯାଏ ସିନେଟ ସଦସ୍ୟ ଭାବେ ରହିବେ। ବିଶ୍ୱବିଦ୍ୟାଳୟର କୁଳସଚିବଙ୍କ ପକ୍ଷରୁ ଗୁରୁବାର ଏନେଇ ଏମ୍‌ପି ମହତାବଙ୍କୁ ପତ୍ର ପ୍ରେରଣ କରାଯାଇଥିବା ସୂଚନା ମିଳିଛି।




# ଗୃହରେ ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୮।୯ (ରବିନାରାୟଣ ଜେନା)

**ମୌସୁମୀ ଅଧିବେଶନ ଆରମ୍ଭ**

ସପ୍ତଦଶ ବିଧାନସଭାର ୪ର୍ଥ ଅର୍ଥାତ୍ ମୌସୁମୀ ଅଧିବେଶନ ଗୁରୁବାର ଆରମ୍ଭ ହୋଇଛି। ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହର ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଏକ ଶୋକପ୍ରସ୍ତାବ ଆଗତ କରିଥିଲେ। ମୁଖ୍ୟମନ୍ତ୍ରୀ ଶୋକପ୍ରସ୍ତାବ ଆଗତ କରି କହିଥିଲେ, ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ଜଣେ ଲୋକପ୍ରିୟ ନେତା ଥିଲେ। ସେ ନୂଆପଡ଼ା ନିର୍ବାଚନମଣ୍ଡଳୀରୁ ୪ଥର ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହେବା ସହ ମନ୍ତ୍ରୀ ମଧ୍ୟ ଥିଲେ। ସ୍ୱର୍ଗତ ଢୋଲକିଆଙ୍କ ସହ ସେ ମିଶି କାମ କରିଥିବା କହିଛନ୍ତି। ତାଙ୍କର ୬୯ ବର୍ଷ ବୟସରେ ୨୦୨୫ ସେପ୍ଟେମ୍ବର ୮ ତାରିଖରେ ଦେହାନ୍ତ ହୋଇଛି ।

ମୁଖ୍ୟମନ୍ତ୍ରୀ ଦିବଂଗତ ନେତା ରାଜେନ୍ଦ୍ର ଢୋଲକିଆଙ୍କ ସମେତ ପୂର୍ବତନ ଉପବାଚସ୍ପତି ତଥା ରାଷ୍ଟ୍ରମନ୍ତ୍ରୀ ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ, ପୂର୍ବତନ ସଦସ୍ୟ ପ୍ରସନ୍ନ କୁମାର ପଟ୍ଟନାୟକ, କରେନ୍ଦ୍ର ମାଝୀ, ନିରଞ୍ଜନ ହେମ୍ବ୍ରମ, ପ୍ରଫୁଲ୍ଲ କୁମାର ଭଞ୍ଜ, ମହମ୍ମଦ ରଫିକ ଏବଂ ପୂର୍ବତନ ଓଏପିଏଫ୍ ଲୋକନାଥ ଶବର, ପୂର୍ବତନ କନଷ୍ଟେବଲ ଲକ୍ଷ୍ମଣ ମାଝୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କ ଉଦ୍ଦେଶ୍ୟରେ ଗୃହରେ ସମବେଦନା ଜଣାଇବା ପାଇଁ ଅନୁରୋଧ କରିଥିଲେ। ସେହିପରି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ସିପିଆଇ(ଏମ୍) ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଶୋକ ପ୍ରସ୍ତାବକୁ ସମର୍ଥନ କରି ଗୃହର ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶେଷରେ ବାଚସ୍ପତି ସୁରମା ପାଢ଼ୀ ଗୃହର ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶୋକବ୍ୟକ୍ତ କରିବା ପରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହା ପରେ ବାଚସ୍ପତି ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

# ଟେଣ୍ଡର ପ୍ରକ୍ରିୟାରେ ୧୨ ଖଣି: ମନ୍ତ୍ରୀ ବିଭୂତି ଜେନା

ଭୁବନେଶ୍ୱର, ୧୮।୯ (ରବିନାରାୟଣ ଜେନା)

ରାଜ୍ୟରେ ଚଳିତ ଆର୍ଥିକବର୍ଷ(୨୦୨୫-୨୬)ରେ ୧୨ଟି ଖଣି ନିଲାମ କରାଯିବ। ଏନେଇ ବିଭାଗ ପକ୍ଷରୁ ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ଗୁରୁବାର ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ପେସା ଆଇନ ଲାଗୁ ହେବା ପରେ ଖଣିଗୁଡ଼ିକର ନିଲାମ ହେବ କି ନାହିଁ ତାହା ବିଧିବ୍ୟବସ୍ଥା ଅନୁଯାୟୀ ପଦକ୍ଷେପ ନିଆଯିବ। ଚଳିତ ଆର୍ଥିକବର୍ଷ କେନ୍ଦୁଝରସ୍ଥିତ ମୁରଗାବେଢ଼ାର ଗୋଟିଏ ଖଣି ଅବଧି ଶେଷ ହେବାକୁ ଯାଉଛି। ଅନ୍ୟପକ୍ଷରେ ନିଲାମ ପ୍ରକ୍ରିୟା ମଧ୍ୟରେ ଥିବା ୧୨ଟି ଖଣି ଭିତରେ ସୁନ୍ଦରଗଡ଼ ଆଲାଘାଟ ୱେଷ୍ଟ ଆଇରନ୍ ବ୍ଲକ, କେନ୍ଦୁଝରର ରେଙ୍ଗାଲବେରହା ଏନ-ଇ ଏକ୍ସଟେନଶନ ଆଣ୍ଡ ନୂଆଗାଁ ୱେଷ୍ଟ ଆଇରନ ଓର୍ ବ୍ଲକ, ଠାକୁରାଣୀ ଏ-୧ ଆଇରନ ଓର୍ ବ୍ଲକ, ଯଯାଙ୍ଗ-ଏ ଆଇରନ ଆଣ୍ଡ ମାଙ୍ଗାନିଜ୍, ବଲାଙ୍ଗୀରର ଟେଲେଇପଦର ପିପଲାମୁଣ୍ଡା-ଲୁକାପଡା ବ୍ଲକ, ସୁନ୍ଦରଗଡ଼ର ଟୁଁମୁରା ଲାଇମଷ୍ଟୋନ୍ ଓ କେଡେଶୋଲା ୱେଷ୍ଟ ଆଇରନ ଓର୍ ଏବଂ ପଟାମୁଣ୍ଡା ଏ ମାଙ୍ଗାନିଜ୍, ନୂଆପଡ଼ାର ଗରମୁରା ଲାଇମ୍‌ଷ୍ଟୋନ୍, କୋରାପୁଟର ତାରାପାଣି ୱେଷ୍ଟ ବକ୍ସାଇଟ୍, କୁଟିଙ୍ଗା ମାଙ୍ଗାନିଜ୍ ଓ କରନପୋଡ଼ିକୋଣ୍ଡା ବକ୍ସାଇଟ୍ ବ୍ଲକ ରହିଛି ବୋଲି ମନ୍ତ୍ରୀ ଗୃହକୁ ଜଣାଇଛନ୍ତି।



> ନମ୍ର ହେବା ଅର୍ଥ ହେଲା– ମନରେ, ପ୍ରାଣରେ ଏବଂ ଶରୀରରେ ସର୍ବଦା ସଚେତନ ରହିବା ଯେ, ଭଗବାନଙ୍କୁ ଛାଡି କିଛି ଜାଣି ହେବ ନାହିଁ– ନିଜର ଅସ୍ତିତ୍ୱ ପର୍ଯ୍ୟନ୍ତ ରହିବ ନାହିଁ ଓ କିଛି କାର୍ଯ୍ୟ କରିହେବ ନାହିଁ। ଭଗବାନଙ୍କ ବ୍ୟତୀତ ମଣିଷ କେବଳ ଅଜ୍ଞାନ, ଶକ୍ତିହୀନ ଓ ଅବ୍ୟବସ୍ଥିତ। –ଶ୍ରୀମା

# ପଡ଼ୋଶୀରେ ଅସ୍ଥିରତା



ନିରୁପମା ରାଓ

ଦକ୍ଷିଣ ଓ ଦକ୍ଷିଣ–ପୂର୍ବ ଏସିଆରେ ଦେଖାଯାଉଥିବା ଅସ୍ଥିରତା ଉଭୟ ଭାରତ ଓ ତାହାର ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ପାଇଁ ଅଧିକ ବିପଜ୍ଜନକ ହୋଇଛି। ନିକଟରେ ନେପାଳର ହିଂସାତ୍ମକ ବିଦ୍ରୋହରେ ଏହା ପ୍ରତିଫଳିତ ହୋଇଛି। ଭାରତର ପୂର୍ବଭାଗରେ ଥିବା ବାଂଲାଦେଶରେ ୨୦୨୪ରେ ମଧ୍ୟ ସମାନ ପ୍ରକାର ଉତ୍ତେଜନା ପ୍ରକାଶ ପାଇବା ଯୋଗୁ ସେଠାକାର ସରକାର କ୍ଷମତାଚ୍ୟୁତ ହୋଇଥିଲେ। ଏହା ସହ ଦକ୍ଷିଣ–ପୂର୍ବରେ, କୋର୍ଟ ନିର୍ଦ୍ଦେଶରେ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀଙ୍କୁ ହଟାଇ ଦିଆଯିବା ଏବଂ ସୀମାରେ କାମ୍ବୋଡ଼ିଆ ସହ ଏହାର ସଂଘର୍ଷ ଭଳି ଘଟଣା ସାମ୍ନାକୁ ଆସିଛି। ଆର୍ମଡ୍ କନ୍ଫ୍ଲିକ୍ଟ ଲୋକେଶନ ଆଣ୍ଡ୍ ଇଭେଣ୍ଟ ଡେଟା ପ୍ରୋଜେକ୍ଟର ତଥ୍ୟ ଅନୁଯାୟୀ, ମ୍ୟାନ୍ମାରରେ ଆଙ୍ଗ୍ ସାନ୍ ସୁକିଙ୍କ ଗଣତାନ୍ତ୍ରିକ ସରକାରର ପତନ ଘଟାଇ ମିଲିଟାରି ଶାସନ ପ୍ରତିଷ୍ଠା ହେବା ପରଠାରୁ ଗୃହଯୁଦ୍ଧରେ ୨୦୨୧ରୁ ଏଯାବତ୍ ଅତିକମ୍‌ରେ ୮୦ ହଜାର ଲୋକଙ୍କ ଜୀବନ ଗଲାଣି। ଭାରତର ପଶ୍ଚିମରେ ପାକିସ୍ତାନରେ ଇସ୍‌ଲାମିକ ଉଗ୍ରବାଦୀ ଗୋଷ୍ଠୀ ସକ୍ରିୟ ହେବା ସହ ସେଠାରେ ଅର୍ଥନୀତି ଭୁଶୁଡ଼ି ପଡ଼ିବା ଶାସକୀୟ ପ୍ରଦର୍ଶନରେ ଦୁର୍ବଳତା ଦର୍ଶାଇଛି। ଦକ୍ଷିଣରେ, ଶ୍ରୀଲଙ୍କାରେ ୩ ବର୍ଷ ପୂର୍ବେ ଏହାର ପ୍ରଧାନମନ୍ତ୍ରୀ ବିତାଡ଼ିତ ହେବା ପରେ କିଛିଟା ସ୍ଥିରତା ଆସିଥାଇପାରେ, କିନ୍ତୁ ଏହାର ଅର୍ଥ ବ୍ୟବସ୍ଥାର ପୁନର୍ଗଠନର ସଙ୍କେତ ଦେଖାଯାଇନି। ଏହା ବ୍ୟତୀତ ଭାରତର ଉତ୍ତରରେ, ଆଞ୍ଚଳିକ କ୍ଷେତ୍ରରେ ପ୍ରାଧାନ୍ୟ ବୃଦ୍ଧି ପାଇଁ ଚାଇନାର ଆକାଂକ୍ଷା ଅସ୍ଥିରତାର ଆଉ ଏକ ଉତ୍ସ ବୋଲି କୁହାଯାଇପାରେ।

ବାଂଲାଦେଶରୁ ଆସୁଥିବା ଅଧିକ ଶରଣାର୍ଥୀ ଭାରତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଅଶାନ୍ତ ସ୍ଥିତି ସୃଷ୍ଟି କରୁଛନ୍ତି। ଏହାବ୍ୟତୀତ ପାକିସ୍ତାନ ପ୍ରାୟୋଜିତ ସୀମାପାର ଆତଙ୍କବାଦ ଯୋଗୁ ଚଳିତବର୍ଷ ଯୁଦ୍ଧ ପରିସ୍ଥିତି ଉପୁଜିଥିଲା। ଏବେ ନେପାଳର ଅସ୍ଥିର ରାଜନୀତି ଚାଇନାକୁ ପୁନର୍ବାର ହସ୍ତକ୍ଷେପ କରିବାର ସୁଯୋଗ ଦେଇଛି। ଏଭଳି ଅସ୍ଥିରତାକୁ ଭାରତ କିଭଳି ଅନୁଧ୍ୟାନ କରି ହ୍ରାସ କରିବ ଏବଂ କିପରି ଆଞ୍ଚଳିକ ସ୍ଥିରତା ଆଣିବ ତାହାହିଁ ବଡ଼ ପ୍ରଶ୍ନ। ଏବେ ନେପାଳରୁ ଆରମ୍ଭ କରିବା। ଏହା ଏକ ମହତ୍ତ୍ୱାକାଂକ୍ଷୀ ସମ୍ବିଧାନ ଦ୍ୱାରା ତିଷ୍ଠି ରହିବାକୁ ସଂଗ୍ରାମ କରିଆସିଛି, ଯାହା ଦୁଇ ଦଶନ୍ଧି ପୂର୍ବେ ଏକ ଦୀର୍ଘ ମାଓ ବିଦ୍ରୋହକୁ ଶେଷ କରିବାକୁ ଗଢ଼ାଯାଇଥିଲା। ନେପାଳର ସରକାରୀ ସଂସ୍ଥାଗୁଡ଼ିକ ଦୁର୍ବଳ ରହିଛନ୍ତି ଓ ବାଧାର ସମ୍ମୁଖୀନ ହେଉଛନ୍ତି ଏବଂ ବିଚ୍ଛିନ୍ନତାବାଦ, ଦୁର୍ନୀତି ତଥା ଏକ ବିଶ୍ୱାସଯୋଗ୍ୟ ବ୍ୟବସ୍ଥା ଆଣିବାରେ ରାଜନୈତିକ ନେତାମାନଙ୍କ ଅକ୍ଷମତା ଯୋଗୁ ସ୍ଥିରତାର ଆଶା ବାରମ୍ବାର ଧୂଳିସାତ୍ ହୋଇଯାଇଛି। ଏହିସବୁ ଗମ୍ଭୀର ତ୍ରୁଟି ଯୋଗୁ ନିକଟରେ ସେଠାରେ ହିଂସା ଉପୁଜିଛି। ନେପାଳ ସହିତ ଆମର ଦୀର୍ଘ ତଥା ଖୋଲା ସୀମା ରହିଛି। ଏଣୁ ସେଠାରୁ ଅତ୍ୟଧିକ ଶରଣାର୍ଥୀ ଆଗମନ ଓ ସୀମାପାର



ଅପରାଧର ଆଶଙ୍କା ଅଛି। ତଥାପି ଭାରତ ସହ ଥିବା ଦୃଢ଼ ସାଂସ୍କୃତିକ, ଜାତିଗତ, ଧାର୍ମିକ ଓ ଆର୍ଥିକ ସମ୍ପର୍କ କିଭଳି ନଷ୍ଟ ନ ହେବ, ସେଥିପାଇଁ ନେପାଳ ସରକାର ସବୁବେଳେ ସତର୍କ ରହିବ। ତେବେ ନେପାଳର ଘରୋଇ ରାଜନୀତିରେ ବଢୁଥିବା ଚାଇନାର ପ୍ରଭାବକୁ ଅଣଦେଖା କରାଯିବା ଉଚିତ ନୁହେଁ, ଯାହା ରଣନୀତିକ ଦୃଷ୍ଟିରୁ ଭାରତ ପାଇଁ ଅତ୍ୟନ୍ତ ଚିନ୍ତାର କାରଣ ହେବ। ବାଂଲାଦେଶରେ, ଶେଖ୍ ହାସିନାଙ୍କୁ ବିତାଡ଼ିତ କରାଯିବା ପରଠାରୁ ଏକ ମଧ୍ୟବର୍ତ୍ତିକାଳୀନ ସରକାର ଚାଲିଛି। ହେଲେ ସେଠାରେ ଆଇନଶୃଙ୍ଖଳା ବଜାୟ ରଖିବା କିମ୍ବା ମାନବ ଅଧିକାର ସୁରକ୍ଷା କ୍ଷେତ୍ରରେ ଏହି ସରକାର ବିଫଳ ହୋଇଛି। କିଛି ଦଶନ୍ଧି ପୂର୍ବରୁ ଥିବା ତାହାର ଏକ ସମୃଦ୍ଧ ଅର୍ଥ ବ୍ୟବସ୍ଥା ଏବେ ଘରୋଇ ରାଜନୈତିକ ଅସ୍ଥିରତା ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ମାଡ଼ରେ ଚାପଗ୍ରସ୍ତ ହୋଇପଡ଼ିଛି। ରାଜନୈତିକ ଉତ୍ତେଜନାର ପରିବେଶ ଯୋଗୁ ଦେଶର ସଂଖ୍ୟାଲଘୁମାନେ ଅତ୍ୟଧିକ ଅସୁରକ୍ଷିତ ମଣୁଛନ୍ତି। ତେବେ ସୀମାରେ ପ୍ରବାଶନ ଓ ଆତଙ୍କବାଦ ହେଲେ ଢାକାରେ ବ୍ୟବସ୍ଥିତ ଶାସନ ଦରକାର। କିନ୍ତୁ ଏବକାର ମଧ୍ୟବର୍ତ୍ତିକାଳୀନ ସରକାରଙ୍କ ବିଫଳତାକୁ ଦେଖିଲେ ଭାରତ ପ୍ରତି ଅଧିକ ବିପଦ ରହିଛି ବୋଲି କୁହାଯାଇପାରେ।

ପ୍ରଥମ ଥର ପାଇଁ ଥାଇଲାଣ୍ଡର ବିପର୍ଯ୍ୟୟ ଓ କାମ୍ବୋଡ଼ିଆ ସହ ସୀମା ବିବାଦକୁ ଗୁରୁତ୍ୱ ଦିଆ ନ ଯାଇପାରେ, କିନ୍ତୁ ଭାରତ ତାହାର ଆକ୍ଟ ଇଷ୍ଟ ପଲିସିରେ ଦକ୍ଷିଣ–ପୂର୍ବ ଏସୀୟ ଦେଶ ସଂଗଠନର ୧୦ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହିତ ଏକ ଗଭୀର ଆର୍ଥିକ ଓ ରଣନୀତିକ ସମ୍ପର୍କ ଯୋଡ଼ିବା ଆରମ୍ଭ କରିଛି। ସେହି ସଂଗଠନରେ କୌଣସି ଅସ୍ଥିରତା ସୃଷ୍ଟିହେଲେ ଏଭଳି ପଦକ୍ଷେପ ବିଗିଡ଼ିଯିବ। ଦୀର୍ଘଦିନରୁ ଦକ୍ଷିଣ ଓ ଦକ୍ଷିଣ–ପୂର୍ବ ଏସିଆ ମଧ୍ୟରେ ଥାଇଲାଣ୍ଡ ଏକ ସମ୍ପର୍କର ସେତୁ ଭାବେ ରହିଆସିଛି। ଯଦି ଏହାର ବ୍ୟବସ୍ଥା ଦୁର୍ବଳ ହୋଇଯାଏ ଏବଂ କାମ୍ବୋଡ଼ିଆ ସହ ସୀମା ଉତ୍ତେଜନା ବୃଦ୍ଧିପାଏ, ତେବେ ଭାରତର ଏକ ପରସ୍ପର ସମ୍ବନ୍ଧିତ ତଥା ସୁରକ୍ଷିତ ପ୍ରଶାନ୍ତ ମହାସାଗରୀୟ କରିଡର ସମ୍ଭବ ହୋଇପାରିବ ନାହିଁ।

ପାକିସ୍ତାନରେ ଦୀର୍ଘ ସମୟରୁ ସମସ୍ୟା ଲାଗି ରହିଛି। ୨୦୨୨ରେ ମିଲିଟାରି ସମର୍ଥନରେ ଇମ୍ରାନ୍ ଖାନ୍‌ଙ୍କ ନିର୍ବାଚିତ ସରକାରକୁ ବିଦା କରାଯିବା ପରେ ଦେଶର ସିଭିଲିଆନ୍ ଅଥରିଟିଗୁଡ଼ିକୁ ଲଗାତର ଅଣଦେଖା କରାଯାଇଆସୁଛି। ରକ୍ତାକ୍ତ ରାଜନୀତିରେ ଉଗ୍ରବାଦୀ ଗୋଷ୍ଠୀଗୁଡ଼ିକ ସକ୍ରିୟ ହୋଇଯାଇଛନ୍ତି ଏବଂ ପାକିସ୍ତାନର ଦୁର୍ବଳ ଅର୍ଥ ବ୍ୟବସ୍ଥା ଏହାର ଗତିଶୀଳତାକୁ ଆହୁରି ବଢ଼ାଇଦେଇଛି। ଭାରତର ଦୃଷ୍ଟିକୋଣକୁ ଦେଖିଲେ ଏହାର ଆଭ୍ୟନ୍ତରୀଣ ସମସ୍ୟାଠାରୁ ପାକିସ୍ତାନର ସମସ୍ୟାଗୁଡ଼ିକ ଅଧିକ ଗୁରୁତ୍ୱ ରଖେ, କାରଣ ସେମାନେ ନିୟମିତ ଭାବେ କଶ୍ମୀରରେ ଲାଇନ୍ ଅଫ୍ କଣ୍ଟ୍ରୋଲ(ଏଲ୍ଓସି)ରେ ଅଧିକ ବିପଦ ସୃଷ୍ଟି କରିବା ସହ ଆତଙ୍କବାଦକୁ ପ୍ରୋତ୍ସାହିତ କରି ଆଞ୍ଚଳିକ ଶାନ୍ତିର ଆଶାକୁ ଭାଙ୍ଗି ଦେଉଛନ୍ତି। କେବଳ ଏତିକି ନୁହେଁ, ସେମାନେ ଆଣବିକ ବିପର୍ଯ୍ୟୟର ସଙ୍କଟ ସୃଷ୍ଟି କରୁଛନ୍ତି। ପାକିସ୍ତାନ– ଚାଇନାର ସମ୍ପର୍କ ବର୍ତ୍ତମାନର ସ୍ଥିତିକୁ ଆହୁରି ଜଟିଳ କରିଦେଇଛି।

ଭାରତର ପଡ଼ୋଶୀ ଦେଶଗୁଡ଼ିକରେ ଗଣତନ୍ତ୍ରର ଅଧୋଗତି ହେବା ଲକ୍ଷ୍ୟ କରାଯାଉଛି। ସମ୍ବିଧାନର ପୁନର୍ଲିଖନ ହେଉଛି ଓ ନ୍ୟାୟାଳୟଗୁଡ଼ିକର ରାଜନୀତିକରଣ କରାଯାଉଛି। ଦୁର୍ବଳତାକୁ ଦେଖି ଅନେକ ସେନାଧ୍ୟକ୍ଷ ଖୋଲାଖୋଲି ଭାବେ ଗଣତନ୍ତ୍ରରେ ବାଧା ସୃଷ୍ଟି କରିବା ସହ ରାଜନେତାଙ୍କୁ ଜେଲ୍‌ରେ ରଖୁଛନ୍ତି କିମ୍ବା ନିର୍ବାସିତ କରୁଛନ୍ତି। ଏହି ଧାରାକୁ ପ୍ରତିହତ କରିବା ପାଇଁ ବିଶ୍ୱର ବୃହତ୍ ଗଣତାନ୍ତ୍ରିକ ଦେଶ ଭାରତ ପାଇଁ ଏକ ଅଧିକ ଦୃଢ଼ ଆଞ୍ଚଳିକ ରଣନୀତି ଆପଣାଇବାକୁ ପଡ଼ିବ। ଅବଶ୍ୟ ପାକିସ୍ତାନ ବ୍ୟତୀତ ଅଧିକାଂଶ ଦକ୍ଷିଣ ଏସିଆ ଦେଶ ଯେତେବେଳେ ସଙ୍କଟର ସମ୍ମୁଖୀନ ହୁଅନ୍ତି, ସେତେବେଳେ ଭାରତ ପ୍ରଥମେ ପଦକ୍ଷେପ ନେଇଥାଏ। କିନ୍ତୁ ଭାରତର ପଡ଼ୋଶୀମାନେ ଏହାର ସାହାଯ୍ୟ ଦରକାର ନାହିଁ ବୋଲି ଭାବି ସେମାନଙ୍କ ସୁରକ୍ଷା ବିଷୟକୁ ଅଣଦେଖା କରୁଛନ୍ତି। ତେବେ ଭାରତର ପଡ଼ୋଶୀ ଦେଶଗୁଡ଼ିକ ଅଧିକ ବିପଜ୍ଜନକ ସ୍ଥିତିରେ ନ ଥିଲେ ମଧ୍ୟ ବିଶ୍ୱର ଅନେକ ଦେଶ ଏହାକୁ ଅଧିକ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଉଛନ୍ତି। ଏହି ଅଞ୍ଚଳରେ ଟ୍ରମ୍ପଙ୍କ ଏକଚାଟିଆ ନୀତିକୁ ଛୋଟ ଦେଶଗୁଡ଼ିକ ପ୍ରତ୍ୟାଖ୍ୟାନ କରୁଛନ୍ତି। ଜାପାନ ଓ ଦକ୍ଷିଣ କୋରିଆ ଆଣବିକ ଅସ୍ତ୍ରଶସ୍ତ୍ରର ଅଧିକାରୀ ହେବାକୁ ଯେଉଁ ଲକ୍ଷ୍ୟ ରଖିଛନ୍ତି, ଯାହାକୁ ନେଇ ବିତର୍କ ଚାଲିଛି।

ଝଡ଼ ସାମ୍ନାରେ ଭାରତ ମଜଭୁତ ଭାବେ ଠିଆ ହୋଇଥିଲେ ମଧ୍ୟ ଆଞ୍ଚଳିକ ଓ ଟ୍ରମ୍ପଙ୍କ ପ୍ରେରିତ ଅସ୍ଥିରତା ଯୋଗୁ ଦେଶର ଗୁରୁତ୍ୱପୂର୍ଣ୍ଣ ରଣନୀତିକ ସ୍ୱାଧୀନତା ବଜାୟ ରଖିବା କଷ୍ଟକର ହୋଇପଡୁଛି। ଏବେ ଆମେରିକା ସହ ସମ୍ପର୍କ ଦୃଢ଼ କରିବାର ସମୟ ନୁହେଁ, ବରଂ ଆମେରିକାର ନୀତିରେ ହଠାତ୍ ହୋଇଥିବା ପରିବର୍ତ୍ତନକୁ ବିରୋଧ କରାଯିବା ସହ ରଣନୀତିକ, ପ୍ରଯୁକ୍ତିଗତ ତଥା ଆର୍ଥିକ କ୍ଷେତ୍ରରେ ଆଞ୍ଚଳିକ ଭାଗୀଦାରି ଜାରି ରଖିବାକୁ ପଡ଼ିବ। ଦକ୍ଷିଣ ଏସିଆରେ ଭାରତ ତାହାର ପ୍ରାଧାନ୍ୟ ବିସ୍ତାର କରିବାକୁ ଚାହୁଁନାହିଁ। ବରଂ ଏହାର ଲକ୍ଷ୍ୟ ହେଉଛି ଏକ ସମ୍ମିଳିତ, ନିୟମ ଆଧାରିତ ଏବଂ ପରସ୍ପର ସମ୍ବନ୍ଧିତ ଆଞ୍ଚଳିକ କ୍ଷେତ୍ର ଗଢ଼ିବା, ଯଦ୍ଦ୍ୱାରା ବାରମ୍ବାର ଦେଖାଯାଉଥିବା ସଙ୍କଟର ଏକ ଇତିହାସରେ ପରିବର୍ତ୍ତନ ଆସିବା ଓ ଭବିଷ୍ୟତରେ ଏକ ସ୍ଥାୟୀ ସ୍ଥିରତା ପ୍ରତିଷ୍ଠା ହୋଇପାରିବ।

**ଭାରତର ପୂର୍ବତନ ବୈଦେଶିକ ସଚିବ**

## ଏଇ ଭାରତରେ

ରାଜସ୍ଥାନର ୱାଇଲ୍ଡ ଲାଇଫ ଫଟୋଗ୍ରାଫର ଶ୍ରବଣ ପଟେଲ ତଳ ଛାପରା ସଂରକ୍ଷିତ ଜଙ୍ଗଲର ପ୍ରାଣୀଙ୍କ ପାଇଁ ଛୋଟ ଜଳାଶୟ ନିର୍ମାଣ କରୁଛନ୍ତି। ଫଳରେ ଜଙ୍ଗଲୀ ପ୍ରାଣୀମାନେ ସବୁ ସମୟରେ ପାଣି ପିଇପାରୁଛନ୍ତି। ୨୦୨୨ରେ ବନ୍ୟପ୍ରାଣୀଙ୍କ ଫଟୋ ଉଠାଇବା ପାଇଁ ସେହି ସଂରକ୍ଷିତ ଜଙ୍ଗଲକୁ ଯାଇଥିବାବେଳେ ସେଠାରେ ଜଳାଭାବ ସ୍ଥିତିକୁ ଲକ୍ଷ୍ୟ କରି ସେ ଜଳାଶୟ ନିର୍ମାଣ ଆରମ୍ଭ କରିଥିଲେ। ଏବେ ସୁଦ୍ଧା ସେ ୧୩୦ଟି ପୋଖରୀ କରିସାରିଲେଣି। ଏଭଳି ପୋଖରୀକୁ ସ୍ଥାନୀୟ ଅଞ୍ଚଳରେ ଖୈଲି କୁହାଯାଏ । ପ୍ରତ୍ୟେକଟି ପାଇଁ ୩୦,୦୦୦ରୁ ୪୦,୦୦୦ ଟଙ୍କା ଖର୍ଚ୍ଚ ହେଉଛି। ସେ ପ୍ରଥମେ ଗୋଟିଏ ପୋଖରୀ କରି ତାହାକୁ ସୋସିଆଲ ମିଡ଼ିଆରେ ଶେୟାର କରିବା ପରେ ଏହାକୁ ଅନେକ ସମର୍ଥନ କରିଥିଲେ। ପରେ ସେ ‘ ୱାନ ରୁପି ପର୍ ଡେ ଫର୍ ୱାଇଲ୍ଡ ଲାଇଫ କଞ୍ଜରଭେସନ୍’ ହ୍ୱାଟ୍ସଆପ ଗ୍ରୁପ ଖୋଲିଥିଲେ । ଏବେ ଏଥିରେ ୧୦୦୦ ସଭ୍ୟ ଯୋଡ଼ି ହୋଇଛନ୍ତି ଓ ବର୍ଷକୁ ୩୬୫ ଟଙ୍କା ଦେଉଛନ୍ତି। ଏହା ବ୍ୟତୀତ ଅନ୍ୟ ଉତ୍ସରୁ ମଧ୍ୟ ଅନୁଦାନ ଆକାରରେ ଅର୍ଥ ମିଳୁଛି। ଏହି ଟଙ୍କାରେ ଶ୍ରବଣ ଓ ତାଙ୍କ ଟିମ୍ ଶତାଧିକ ଛୋଟ ଜଳାଶୟ ନିର୍ମାଣ କରିବାକୁ ସକ୍ଷମ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ସେପ୍ଟେମ୍ବର ୧୯୭୬

- ବିଶ୍ୱ ଚା’ବାଣିଜ୍ୟର ଶତକଡ଼ା ୭୫ ଭାଗ ବହନ କରୁଥିବା ଭାରତ ସମେତ ଅନ୍ୟ ୧୫ଟି ରାଷ୍ଟ୍ର ଏହି ବାଣିଜ୍ୟ କାରବାର ବୃଦ୍ଧି ନିମନ୍ତେ ଏକ ସଂଘ ପ୍ରତିଷ୍ଠା ପାଇଁ ରାଜି ହୋଇଛନ୍ତି।
- ମାଟିକଠାରେ ଥିବା ଏକ କୋଇଲା ଖଣି ଭୁଶୁଡ଼ି ପଡ଼ିବା ଫଳରେ ୧୭୦ ଜଣ ଖଣି ଶ୍ରମିକଙ୍କ ମୃତ୍ୟୁ।

## sudoku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | 9 | | | | | | |
| 7 | | | | | | | | |
| 1 | | | | 5 | | 8 | | 4 |
| | | | 7 | 4 | | | 1 | |
| 2 | 6 | | | | | | | |
| | | | 1 | 3 | | | | 2 |
| 6 | | | 4 | | | 1 | | |
| | 5 | | | 2 | | | 3 | 6 |
| | | | | 7 | | | 4 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 3 | 9 | 2 | 5 | 4 | 6 | 8 |
| 9 | 4 | 6 | 8 | 7 | 1 | 3 | 2 | 5 |
| 2 | 5 | 8 | 3 | 6 | 4 | 7 | 1 | 9 |
| 7 | 1 | 5 | 4 | 9 | 2 | 6 | 8 | 3 |
| 8 | 2 | 4 | 1 | 3 | 6 | 9 | 5 | 7 |
| 6 | 3 | 9 | 5 | 8 | 7 | 1 | 4 | 2 |
| 4 | 8 | 7 | 6 | 5 | 3 | 2 | 9 | 1 |
| 5 | 6 | 2 | 7 | 1 | 9 | 8 | 3 | 4 |
| 3 | 9 | 1 | 2 | 4 | 8 | 5 | 7 | 6 |

ଗତକାଲିର ଉତ୍ତର

# ଏ ଭାଗ ସରିବ ତ



ଡ. ସତ୍ୟନାରାୟଣ ମିଶ୍ର

ଧରାପୃଷ୍ଠରେ ମଣିଷ ପ୍ରଥମେ ଯେତେବେଳେ କେବଳ ଖାଦ୍ୟ ଅନ୍ୱେଷଣ କରୁଥିଲା, ସେତେବେଳେ କେବଳ ତାହାକୁ ଭାଗ କରୁଥିଲା ଓ ସେଥିରେ ଉପଯୁକ୍ତ ଭାଗ ହୋଇନଥିଲେ ମଧ୍ୟ କାହାର ଆପତ୍ତି ନ ଥିଲା। ମାତ୍ର ସମୟକ୍ରମେ ଯେତେବେଳେ ମଣିଷର କ୍ରମବିକାଶ ହେଲା, ସେତେବେଳେ ସେ ଭାଗ ଅଧିକାର ଓ ଦାବିକୁ ପ୍ରଥମେ ଏକ ପ୍ରମୁଖ ସମ୍ପତ୍ତି ଭାବରେ ନିର୍ଣ୍ଣୟକଲା। ତେଣୁ ଭାଗ ବା ଦାବି ଅଧିକାର ଧୀରେ ଧୀରେ ବ୍ୟକ୍ତିଠାରୁ ସମାଜ ଓ ତତ୍ପରେ ରାଜ୍ୟ ତଥା ଦେଶ ମଧ୍ୟରେ ବିସ୍ତାରିତ ହେଲା। ଉକ୍ତ ଭାଗ ବା ଅଧିକାର ଦାବିର କ୍ଷୁଣ୍ଣ ହେଲେ ସେଥିପାଇଁ ନ୍ୟାୟାଳୟ ମଧ୍ୟ ବିଚାରକରିବା ପାଇଁ ଗଠନହୋଇ ନ୍ୟାୟ ପ୍ରଦାନକଲା। ତେବେ ବ୍ୟକ୍ତିଗତ ଭାଗରେ ତ୍ରୁଟି ହେଲେ ମଣିଷ ନିଜ ନିଜ ମଧ୍ୟରେ ସଂଶୋଧନ କରିଥାନ୍ତି। ମାତ୍ର ଅନେକ ସମୟରେ ସମାଜ ଉକ୍ତ ଭାଗ ଦ୍ୱାରା ଆକ୍ରାନ୍ତ ଓ ଜର୍ଜରିତ ହୋଇ ଜୀବନ ଦୁର୍ବିଷହ ହୋଇପଡୁଛି ପରିମାଣର ଅଂଶୀଦାରକୁ ଆଧାରକରି। ମଣିଷ ସମ୍ପ୍ରତି ପ୍ରାୟ ସମସ୍ତ ବ୍ୟବସ୍ଥାରେ ନିଜର ଭାଗକୁ ସାବ୍ୟସ୍ତ କରିବା ପାଇଁ ଲଢ଼େଇ କରୁଛି।

ବର୍ତ୍ତମାନର ସମାଜରେ ଏକ ବିଡ଼ମ୍ବନା ପରିଲକ୍ଷିତ ହୁଏ ଯେ ମଣିଷ କର୍ତ୍ତବ୍ୟ ପ୍ରତି ଯେତିକି ଯତ୍ନଶୀଳ ନୁହେଁ, ତା’ଠାରୁ ଅନେକ ଗୁଣରୁ ଅଧିକ ନିଜର ଅଧିକାର ବା ଭାଗକୁ ସାବ୍ୟସ୍ତ କରିବାରେ ବ୍ୟସ୍ତ। ଆମେ ଯଦି ଆମର ସଂସ୍କୃତି ପରମ୍ପରା ବା ପୁରାଣ ଗ୍ରନ୍ଥକୁ ଅବଲୋକନ କରିବା ତେବେ ସେଥିରୁ ଅନେକ କିଛି ଶିକ୍ଷା କରିବା, କାରଣ ଅତୀତ ସବୁବେଳେ ଶିକ୍ଷା ଦେଇଥାଏ କେଉଁଟା କରିବା ଉଚିତ ବା କେଉଁଟା କରିବା ଅନୁଚିତ। ମଣିଷ ଶରୀରରେ ଯେଉଁ ବିବେକ ଥାଏ ତାହା ହେଉଛି ଉକ୍ତ କରଣୀୟ ଓ ଅକରଣୀୟର ସିଦ୍ଧାନ୍ତକର୍ତ୍ତା। ତେଣୁ ସେ ଦୃଷ୍ଟିରୁ ବିଚାରକଲେ ଦୃଶ୍ୟମାନ ହୋଇଥାଏ ଯେ ଆଜି ପ୍ରତ୍ୟେକ ସମାଜରେ ମହାଭାରତ ଏକ ଉଦାହରଣ ହୋଇ ଶିକ୍ଷା ପ୍ରଦାନ କରିଥାଏ। ସେଥିରୁ ଗୋଟିଏ ଶିକ୍ଷା ସର୍ବାଗ୍ରେ ରହେ ଯେ ମହାଭାରତର ଉତ୍ପତ୍ତି ହୋଇଥାଏ କେବଳ ଭାଗର କଳଙ୍କିତ ଦୃଷ୍ଟିକୋଣରୁ। ଏଠାରେ କେବଳ ପାର୍ଥିବ ବସ୍ତୁର ଇନ୍ଦ୍ରିୟ ଲୋଭ ଓ ଜିଦ୍ ତଥା ଅହଙ୍କାର ପାଇଁ ଭାଗର ଆବିର୍ଭାବ ଓ ପରିଣାମ ହୋଇଥିଲା ଧ୍ୱଂସର ଇତିହାସ। ମାତ୍ର ରାମାୟଣର ତ୍ୟାଗ ଓ ସମର୍ପଣକୁ ମଣିଷ ନିଜର ଦୈନନ୍ଦିନ ଜୀବନ ଚର୍ଚ୍ଚାରେ କାର୍ଯ୍ୟକାରୀ ନ କରି ସେହି ଭାଗର ଅଦୃଶ୍ୟ ଛାଇ ପଛରେ ଏବେ ଧାବମାନ।

ଭାରତ ସ୍ୱାଧୀନ ହେବା ପରେ ଦୁଇ ଭାଗ ହୋଇଗଲା। ସମ୍ପ୍ରତି ସମାଜରେ ଧର୍ମର ମଧ୍ୟ ଭାଗ ହୋଇ ସାମ୍ପ୍ରଦାୟିକ ହିଂସାରେ ମଣିଷ ଆତଯାତ ହେଉଛି। ଏପରିକି ଗୋଟିଏ ଧର୍ମରେ ମଧ୍ୟ ଅନେକ ଭାଗହୋଇ ଧାର୍ମିକ ଦୃଷ୍ଟିକୋଣକୁ ଅଧିକ ଆଘାତ ଦେଉଛି। ସ୍ୱାଧୀନତା ପରେ ସାମ୍ବିଧାନିକ ବିଧି ବ୍ୟବସ୍ଥା ମଧ୍ୟରେ ଯେତେବେଳେ ମଣିଷ ପାରିବାରିକ ସମ୍ପତ୍ତିର ଅଧିକାର ପାଇବାରେ ସାମର୍ଥ୍ୟ ପାଇଲା, ତତ୍ପରେ ପାରିବାରିକ ସମ୍ପର୍କରେ ଅନେକ ହିଂସା ବୃଦ୍ଧି ହେବାରେ ଲାଗିଲା, ତାହା ସମ୍ପତ୍ତିର ଭାଗ ପାଇଁ। ଏପରିକି ଭାଇ–ଭାଇ, ଭାଇ–ଭଉଣୀ ଓ ଅନ୍ୟ ସମ୍ପର୍କୀୟମାନଙ୍କ ମଧ୍ୟରେ ଭାଗକୁ କେନ୍ଦ୍ରକରି ସମ୍ପର୍କର ପୂର୍ଣ୍ଣଚ୍ଛେଦ ପଡ଼ିଲା। ତେଣୁ ଏଠାରେ ଭାଗ ଏକ ସହଯୋଗର



ସରଳରେଖା ପରିବର୍ତ୍ତେ ସମ୍ପର୍କରେ ଏକ ପାଚେରି ଦଣ୍ଡାୟମାନ କରିଥାଏ। ଭାରତ–ପାକିସ୍ତାନ ସୀମା ଭାଗକୁ ନେଇ ଅମାନବୀୟ ଘଟଣା ଘଟୁଛି ଏବଂ ସେଥିରୁ ପ୍ରତୀୟମାନ ହୁଏ ଯେ ସମାଜରେ ଭାଗ କ’ଣ ଏତେ ଜରୁରୀ, ଯାହା ପାଇଁ ବ୍ୟକ୍ତି ସମାଜର ଅମୂଲ୍ୟ ସମ୍ପଦ କେତେ ଧନ ଜୀବନ ନଷ୍ଟ ହେଉଛି। ସେଥିପାଇଁ ମହାତ୍ମା ଗାନ୍ଧୀ ଭାରତ ଓ ପାକିସ୍ତାନର ବିଭାଜନକୁ ରୋକିବାକୁ ସକ୍ରିୟ ଭାବରେ ଚେଷ୍ଟା କରିଥିଲେ ଯେଉଁଥିରେ ସେ ଫଳପ୍ରସୂ ହୋଇପାରି ନ ଥିଲେ। ଭାରତ ପାକିସ୍ତାନ ଭାଗ ହୋଇଗଲା ଓ ପରବର୍ତ୍ତୀ ସମୟରେ ପୁଣି ବାଂଲାଦେଶ ଭାଗହୋଇ ଭୌଗୋଳିକ ଇତିହାସ ପରିବର୍ତ୍ତନ ହେଲା। ଦେଶକୁ ଧାର୍ମିକ ଦୃଷ୍ଟିକୋଣରେ ଭାଗ କରିବାର ଧାରଣାକୁ ଗାନ୍ଧୀ ପ୍ରତ୍ୟାଖ୍ୟାନ ଓ ବିରୋଧ ମଧ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ଭାଗ ହେତୁ ସଂଘର୍ଷ, ହିଂସା ହେଉଥିବା ସ୍ଥାନକୁ ଯାଇ ତାହାର ନିରାକରଣ କରିବା ସହ ଉପବାସ ମାଧ୍ୟମରେ ଶାନ୍ତି ଫେରାଇ ଆଣିବାକୁ ସେ ଚେଷ୍ଟା କରିଥିଲେ।

ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବର୍ତ୍ତମାନ ଅନେକ ବ୍ୟକ୍ତି ରାଜନୀତିର ଆଧାର ମଧ୍ୟରେ ଭାଗ ପାଇଁ ନିମଜ୍ଜିତ ରହୁଛନ୍ତି। ଦେଶ ମଧ୍ୟରେ ଅନେକ ଗୋଷ୍ଠୀ ଆବିର୍ଭାବ ହୋଇ ଭିନ୍ନ ରାଜ୍ୟ, ଦେଶ, ଜିଲା ଇତ୍ୟାଦି କରି ଗଣତନ୍ତ୍ରରେ ଭାଗକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରିବାରେ ବ୍ୟସ୍ତ। ସମ୍ପ୍ରତି ସମଗ୍ର ଦେଶରେ ଏକ ସ୍ୱର୍ଶକାତର ତଥା ରୋମାଞ୍ଚକର ସ୍ଥିତି ଜାଗ୍ରତ ହୋଇଛି, ତାହା ହେଉଛି ଜନନାୟକ ବା ମହାପୁରୁଷ ମାନଙ୍କୁ ଭାଗ କରିବା। ବର୍ତ୍ତମାନ ପ୍ରତିଷ୍ଠା, ସମର୍ଥନ, ସହାନୁଭୂତି ଆଦି ପାଇଁ ଦେଶ ବା ରାଜ୍ୟର ବିଶିଷ୍ଟ ମହାପୁରୁଷଙ୍କୁ ନେଇ ଭାଗକରିବା ଏକ ପରିତାପର ବିଷୟ। ଗୋଟିଏ ରାଜନୈତିକ ଦଳ ବା ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଯଦି ଜଣେ ସୁନାମଧନ୍ୟ ମହାପୁରୁଷଙ୍କ ଜନ୍ମବାର୍ଷିକୀ ବା ମହାପ୍ରୟାଣକୁ ମାନ୍ୟତା ଦେଇ କିଛି ସାମାଜିକ କାର୍ଯ୍ୟକ୍ରମ କରେ ତେବେ ଅନ୍ୟ ଏକ ରାଜନୈତିକ ଦଳ ବା ସାମାଜିକ ଗୋଷ୍ଠୀ ଅନ୍ୟ ଏକ ମହାପୁରୁଷଙ୍କ ଜନ୍ମ ବା ମହାପ୍ରୟାଣ ଦିନକୁ ଭିନ୍ନ ଶୈଳୀରେ ପାଳନ କରିଥାନ୍ତି। ଅନ୍ୟପକ୍ଷରେ ବିଭିନ୍ନ ସମୟରେ ବିଭିନ୍ନ ପରିସ୍ଥିତିରେ ମହାପୁରୁଷଙ୍କ ନାମରେ ଅନେକ ଯୋଜନା କାର୍ଯ୍ୟକାରୀ ହୁଏ ଓ ସମୟକ୍ରମେ ତାହା ବନ୍ଦ ହୋଇ ପୁଣି ଅନ୍ୟ ଜଣେ ମହାପୁରୁଷଙ୍କ ନାମରେ ନାମିତ ହୋଇଯାଏ। ମହାପୁରୁଷମାନଙ୍କୁ ମଧ୍ୟ ଏ ସମାଜ ଭାଗ କରିଚାଲିଛି। ଅନେକ ସମୟରେ କେତେଜଣ ବ୍ୟକ୍ତି ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ଅପମାନକରି ଭାଙ୍ଗି ଦେଇଥାନ୍ତି, ଯାହା ଏ ସମାଜ ପାଇଁ ଏକ ନିନ୍ଦନୀୟ ଘଟଣା ହୋଇଥାଏ। ଅତଏବ ଏହା ଏକ ସୁସ୍ଥ ମାନସିକତା ଓ ବ୍ୟବସ୍ଥା ହୋଇ ନ ପାରେ, ଯେଉଁଥିରେ ଉକ୍ତ ଜାତିର ଏବଂ ସମାଜର ସଂସ୍କାର ଓ ସଂସ୍କୃତି ଭୂଲୁଣ୍ଠିତ ହୋଇଥାଏ। ଏ ସମାଜ ଏଭଳି ଭାଗ ମନୋବୃତ୍ତି ଓ ଚିନ୍ତାଧାରାରୁ କ୍ଷାନ୍ତ ହେବା ଏକାନ୍ତ ଆବଶ୍ୟକ। ଅନ୍ୟଥା ମଣିଷ ଭାଗ କରିକରି ଚାଲିଥିବ ଓ ଯେତେବେଳେ ଭାଜ୍ୟ, ଭାଜକ ଓ ଭାଗଫଳ ଉପଯୁକ୍ତ ସ୍ଥାନରେ ଅବସ୍ଥିତ ହୋଇଯିବେ ସେତେବେଳେ ମଣିଷ ନିକଟରେ ଭାଗଫଳ ଥିବ କେବଳ ଶୂନ। ଅତଏବ ଏ ଭାଗ ସରିବ ତ ?

**ସହାୟକ ନିର୍ଦ୍ଦେଶକ**
**ଜାତୀୟ ଅଭିଲେଖାଗାର, ଭାରତ ସରକାର**
**ମଧୁସୂଦନନଗର , ଭୁବନେଶ୍ୱର**
**ମୋ:୯୯୩୭୩୪୫୯୦୦**

# ଅପରିବର୍ତ୍ତିତ ଭ୍ରଷ୍ଟାଚାର ସ୍ୱର



ଯଚିଦାନନ୍ଦ ଦାଶ

ଓଡ଼ିଆରେ ଏକ ପ୍ରବାଦ ଅଛି, ‘ଯେତେ ମାଠିବୁ ମାଠେ, ମୁଁ ସେଇ ଦରପୋଡ଼ା କାଠେ।’ ଏହି ପ୍ରବାଦର ଆଉ ଏ ଅନୁରୂପ ପ୍ରବାଦ ଉଲ୍ଲେଖ କରାଯାଇପାରେ ଯଥା – ‘‘ଅଙ୍ଗାର ଶତ ଧୌତେନଂ, ମଳିନଂ ନ ଜାୟତେ’’ ଅର୍ଥାତ୍ ଅଙ୍ଗାରକୁ ଯେତେ ଧୋଇଲେ ମଧ୍ୟ ତା’ ଠାରୁ କଳା ମଇଳା ଅଂଶ କେବେହେଲେ ଛାଡ଼ି ଯିବନାହିଁ। ପ୍ରବାଦ ଦୁଇଟିର ମାଧ୍ୟମରେ ଅବଗତ କହିବାର ଉଦ୍ଦେଶ୍ୟ ହେଉଛି , ଆଜିର ଏଇ କଳୁଷିତ ସମାଜରେ କିପରି ଅପରିବର୍ତ୍ତିତ ଭ୍ରଷ୍ଟାଚାର ତଥା ଜଘନ୍ୟ ଓ ଘୃଣ୍ୟ ନ୍ୟୂନତମ କାର୍ଯ୍ୟକଳାପର ସ୍ରୋତ ବହିଚାଲିଛି, ଯାହାର କିଛି ପ୍ରତିବନ୍ଧକ ନାହିଁ କହିଲେ ଚଳେ।

ଆଜିର ଯୁଗରେ ଗଣବଳାତ୍କାର, ଶିଶୁ ବଳାତ୍କାର, ଚୋରି, ଶତ୍ରୁତାଜନିତ ହତ୍ୟାକାଣ୍ଡ ଇତ୍ୟାଦି, ନିତିଦିନିଆ କାରବାରରେ ପରିଣତ ହୋଇଯାଇଛି। ଆଜି ଗୋଟିଏ ଘଟଣା ଘଟିଲା ପରେ ମଧ୍ୟ ସମତୁଲ୍ୟ ଘଟଣା ସପ୍ତାହକ ପରେ ଘଟିଚାଲିଛି।। ପ୍ରକୃତରେ ଆମେ ଜନତା ଦିନକୁ ଦିନ ବିଶୃଙ୍ଖଳିତ ହୋଇଯାଉଛେ ନା ପ୍ରଶାସନ ଠିକ୍ ପଦକ୍ଷେପ ନେବାକୁ ଅକ୍ଷମ ବା ପ୍ରଶାସନର ନିୟନ୍ତ୍ରଣରେ କିଛି ଭୁଲ୍ ରହୁଛି। ଆସନ୍ତୁ ଉପରୋକ୍ତ କାରଣଗୁଡ଼ିକ ଉପରେ କିଞ୍ଚିତ୍ ଆଲୋଚନା କରିବା। ଏଥିରେ ଦୁଇଟି ଉପାଦାନ ସମ୍ପୃକ୍ତ ରହିଛି। ଗୋଟିଏ ହେଲା ଜନତା। ଦ୍ୱିତୀୟରେ ପ୍ରଶାସନର ଦକ୍ଷତା ଓ ବୁଦ୍ଧିମତ୍ତାର ସହିତ କାର୍ଯ୍ୟାନୋୟନର ସଫଳତା। ପ୍ରଥମେ ଜନତାଙ୍କ କଥାକୁ ବିଚାରକୁ ନେବା। ସାଧାରଣତଃ ଆମ ଲୋକମାନେ ସ୍ୱୟଂଶୃଙ୍ଖଳିତ ନୁହନ୍ତି ଏବଂ ସ୍ୱୟଂଶାସିତ ବା ସ୍ୱୟଂ ନିୟନ୍ତ୍ରିତ ହେବାର ଇଚ୍ଛାଶକ୍ତି ନାହିଁ। ଖୁବ୍ କମ ସଚେତନ ଲୋକ ସ୍ୱୟଂଶୃଙ୍ଖଳିତ ହେବା ଦେଖାଯାଉଛି। ଆମର ଉତ୍ତେଜିତ ଓ କୋଳାହଳ ପରିବେଶ ମଣିଷକୁ ଦୁର୍ନିତିଗ୍ରସ୍ତ, ହିଂସାପ୍ରଣୋଦିତ, ବ୍ୟାଭିଚାରିତ କରିଦେଉଛି। ପ୍ରଶ୍ନ ଆସେ, ଆମ ଲୋକମାନେ କେତେ ନକାରାତ୍ମକ। ଯଦିଓ ଆମ ପାଖରେ ସକାରାତ୍ମକ ଓ ନକାରାତ୍ମକ ଲୋକଙ୍କର ଏକ ପରିସଂଖ୍ୟାନ ନାହିଁ ତଥାପି ଏକ କାଳ୍ପନିକ ଆକଳନ ଅନୁଯାୟୀ, ନକାରାତ୍ମକ ମନୋବୃତ୍ତିର ଜନତାଙ୍କ ପ୍ରତିଶତ ଅଧିକ ଏବଂ ସକାରାତ୍ମକ ମନୋବୃତ୍ତିର ଲୋକ ଖୁବ୍ କମ୍ ଦେଖାଯିବ। ବାସ୍ତବରେ ଉପରୋକ୍ତ ବିଶ୍ଳେଷଣ ଅନୁଯାୟୀ ଆମ ଦେଶରେ ଅପରାଧ ପ୍ରତିଶତ ଅଧିକ। ଯଦି ୨୦୨୪ର ସୁଖୀ ସୂଚକାଙ୍କକୁ ବିଚାରକୁ ନିଆଯାଏ, ଭାରତ ୧୪୭ଟି ଦେଶ ମଧ୍ୟରେ ୧୦୮ ତମ ର୍ୟାଙ୍କିଙ୍ଗରେ ଅଛି। ତେଣୁ ଉପରୋକ୍ତ ପରିସଂଖ୍ୟାନ ଓ ଅନୁଶୀଳନରୁ ସିଦ୍ଧାନ୍ତ ନିଆଯାଇପାରେ ଯେ, ଆମ ଦେଶର ଭ୍ରଷ୍ଟାଚାର ଓ ବ୍ୟାଭିଚାର ପାଇଁ ଜନତା ବେଶି ଦାୟୀ।

ପ୍ରଶାସନ ମଧ୍ୟ ସମାଜର ଅଧୋଗତି ପାଇଁ କିଛି ଅଂଶରେ ଦାୟୀ। ପ୍ରଶାସନର ପୁରୋଧା କହିଲେ ନିର୍ବାଚିତ ରାଜନେତା, ପ୍ରଶାସନିକ ଅଧିକାରୀ ଓ ପୋଲିସ ଅଧିକାରୀଙ୍କୁ ବୁଝାଏ। ଶାସନ ଚାଲିବାରେ ମୁଖ୍ୟ ଭୂମିକା ରହେ ରାଜନେତାଙ୍କର। ରାଜନୀତିର ଊର୍ଦ୍ଧ୍ୱରେ ରହି ପ୍ରଶାସନର ଯୋଜନା ଓ ଆଇନ ପ୍ରଣୟନ, କାର୍ଯ୍ୟାନ୍ୱୟନ, ଅର୍ଥର ସୁପରିବଣ୍ଟନ ବିନିଯୋଗ ଓ ନିଯୁକ୍ତି ଇତ୍ୟାଦିରେ ଠିକ୍ ଭାବରେ ନିଜକୁ ନିୟୋଜିତ କରିବା ଉଚିତ। ମାତ୍ର ଏବେ ପ୍ରଶାସନିକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଯାଉଛି। ଅନେକ କ୍ଷେତ୍ରରେ ଦେଖାଯାଏ ବିଶୃଙ୍ଖଳିତ ଜନତା ପ୍ରଶାସନକୁ ଠିକ୍ ବାଟରେ ଚାଲିବାକୁ ଦିଅନ୍ତି ନାହିଁ। ଏଭଳି ସ୍ଥିତିରେ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଅଧିକ ପୋଲିସ ଷ୍ଟେଶନ ଖୋଲିବା ଓ ଅଧିକ ପୋଲିସ ପଦମାନ ସୃଷ୍ଟି କରାଯିବା ଉଚିତ। ହାରାହାରି ପୋଲିସ ଓ ଜନସଂଖ୍ୟାର ଅନୁପାତ ଭାରତରେ ଏକ ଲକ୍ଷ ଲୋକରେ ୧୫୩ ଜଣ ପୋଲିସ କର୍ମଚାରୀ। ମାତ୍ର ଜାତିସଂଘ ଦ୍ୱାରା ପ୍ରଯୋଜିତ ଅନୁଯାୟୀ ଅନୁପାତ ଏକ ଲକ୍ଷ ଲୋକଙ୍କୁ ନେଇ ୨୨୨ଟି ପୋଲିସ ରହିବା ଉଚିତ। ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ବିଶୃଙ୍ଖଳିତ ଜନତା ଓ ତ୍ରୁଟିପୂର୍ଣ୍ଣ ପ୍ରଶାସନ ଯୋଗୁ ଦେଶରେ ଭ୍ରଷ୍ଟାଚାର ନିଆଁ କୁହୁଳିବାରେ ଲାଗିଛି ; ଯାହା ଏକ ଅପରିବର୍ତ୍ତିତ ସ୍ୱର ରୂପେ ସମାଜରେ ଉଚ୍ଚାରିତ ହେବାକୁ ଲାଗିଲାଣି। ଆସନ୍ତୁ ଏକ ପରିବର୍ତ୍ତନଶୀଳ ଦୁନିଆ ତଥା ସମାଜ ଗଢ଼ି ତୋଳିବାକୁ ସମ୍ମିଳିତ ସ୍ୱରରେ ଆପ୍ରାଣ ଉଦ୍ୟମ କରିବା ନଚେତ୍ ଆମ ସାମାଜିକ ଜୀବନ ଅସହ୍ୟ ହୋଇ ଉଠିବ।

**ସିଡିଏ, କଟକ**
**ମୋ :୭୦୦୮୬୫୦୬୯**

## ଚିରନ୍ତନୀ

ଶତ ଯୁଦ୍ଧେ ଜୟା ଯେହୁ
ବୃଷ୍ଟି ବିନ୍ଦୁସମ
ଗଢ଼ାଇଛି ନରମୁଣ୍ଡ ଗଣି ନାହିଁ ଭୟ ଅବା ଶ୍ରମ।
ଲୌହର କପାଟ ସମ ଅଭେଦ୍ୟ ଅଟଳ
ହୃଦୟ ବଳ, ଏହି ଦୃଷ୍ଟି ତଳେ ସବୁ
ପଡ଼ିଛି ତରଳି
ତୁଟିଅଛି ଲୁହାର ଶିକୁଳି !

–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନଦୀ ସଂଯୋଗୀକରଣ ହେଉ

ମହାଶୟ,

ବନ୍ୟାରୁ ଦେଶକୁ ସୁରକ୍ଷିତ ରଖିବା ପାଇଁ ଚିରସ୍ରୋତା ନଦୀଗୁଡ଼ିକର ପରସ୍ପର ସଂଯୋଗୀକରଣ ଏବଂ ନଦୀବନ୍ଧ ସହ ଆନିକଟ ନିର୍ମାଣ କରାଯାଉ। ଏହା ହେଲେ ନଦୀଗୁଡ଼ିକରେ ବନ୍ୟାଜଳ ନିୟନ୍ତ୍ରିତ ହେବା ସଙ୍ଗେ ସଙ୍ଗେ ବନ୍ୟାଜଳ ସମସ୍ତ ନଦୀକୁ ସମପ୍ରବାହିତ ହେବ ଏବଂ ଜଳ ବିପଦ ସଙ୍କେତ ସ୍ତରରେ ରହିପାରିବ । ଦ୍ୱିତୀୟତଃ, ଜଳ ସମ୍ପଦର ଠିକ୍ ବିନିଯୋଗ ହେବ। ସମୁଦ୍ରକୁ ବହିଯାଉଥିବା ନଦୀ ଜଳକୁ ରୋକାଯାଇପାରିବ। ଏହାଦ୍ୱାରା ଜଳ ସଙ୍କଟ ଦୂରହେବା ସହିତ କୃଷି ଓ ଜଳବିଦ୍ୟୁତ୍ ଉତ୍ପାଦନର କ୍ଷମତା ବୃଦ୍ଧିହେବ ଏବଂ ଦେଶ ଆତ୍ମନିର୍ଭରଶୀଳତା ଦିଗରେ ଆଗେଇ ଯିବ। ଏଥିପାଇଁ କେବଳ ଲୋଡ଼ା ପ୍ରଶାସନିକ ଦକ୍ଷତା ଓ ବଜେଟରେ ଅର୍ଥ ଆବଣ୍ଟନ । ପ୍ରତିବର୍ଷ ବନ୍ୟା ବିଭୀଷିକାର ଦୃଶ୍ୟ ବିଭିନ୍ନ ଗଣମାଧ୍ୟମ ଓ ଟିଭିରେ ଦୃଷ୍ଟିଗୋଚର ହୁଏ। ଏତଦ୍ ବ୍ୟତୀତ, ଗ୍ରୀଷ୍ମଦିନେ ବହୁ ସ୍ଥାନରେ ଲୋକମାନେ ପାଣି ପାଇଁ ମାଠିଆ ଗରା ବାଲ୍ଟି ଧରି ପ୍ରାୟ ଦୀର୍ଘପଥ ଚାଲି ଚାଲି ଯିବାର ଦେଖିବାକୁ ମିଳିଥାଏ । ଯଦି ନଦୀ ସଂଯୋଗୀକରଣ କରାଯାଇ ଡ୍ୟାମ ଓ ଆନିକଟ ନିର୍ମାଣ କରାଯାଏ ତେବେ ଭାରତରୁ ଜଳ ସଙ୍କଟ ଦୂର ହେବ।

**– ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଦୁର୍ଘଟଣା ପରେ ସମ୍ପର୍କ ତୁଟିଲା

**ସ୍ତ୍ରୀ ହରାଇଲେ ଦୃଷ୍ଟିଶକ୍ତି, ହାତ ଛାଡ଼ିଦେଲେ ସ୍ୱାମୀ**

ବାରିପଦା, ୧୮।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ସୀତା ମାରାଣ୍ଡି

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଭୋଲାଗଡ଼ିଆ ଗ୍ରାମର ଜଣେ ମହିଳା ଏବେ ବେସାହାରା ହୋଇପଡ଼ିଛନ୍ତି। ସଡ଼କ ଦୁର୍ଘଟଣାରେ ତାଙ୍କ ଦୃଷ୍ଟିଶକ୍ତି ଚାଲିଯିବା ପରେ ସାତଜନ୍ମର ସାଥୀ ହୋଇ ଜୀବନ ବିତାଇବାକୁ ଶପଥ ନେଇଥିବା ସିଆର୍‌ପିଏଫ୍ ଯବାନ ଭାବେ କାର୍ଯ୍ୟ କରୁଥିବା ସ୍ୱାମୀ ହାତ ଛାଡ଼ିଦେଇଛନ୍ତି। ଚିକିତ୍ସା ନିମନ୍ତେ ଔଷଧ କିମ୍ବା ଭରଣପୋଷଣ ପାଇଁ ସହଯୋଗ କରୁ ନ ଥିବାରୁ ଦିବ୍ୟାଙ୍ଗ ସାଜିଥିବା ମହିଳା ଜଣକ ଏବେ ନ୍ୟାୟ ପାଇଁ ସଂଘର୍ଷ କରୁଛନ୍ତି। ସେନା ଅଧିକାରୀଙ୍କଠାରୁ ଆରମ୍ଭକରି ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ବାପଘର ଲୋକେ ଝିଅକୁ ନ୍ୟାୟ ଦେବାପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳ ନେତାନନ୍ଦ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ଭୋଲାଗଡ଼ିଆ ଗ୍ରାମର ଲକ୍ଷ୍ମଣ ମାରାଣ୍ଡିଙ୍କ ଝିଅ ସୀତାଙ୍କୁ ବଡ଼ହାଲିଆ ଗ୍ରାମର ଗୁମୁଦା ହାଁସଦା ୨୦୧୮ ନଭେମ୍ବର ୨୫ରେ ପ୍ରେମ ବିବାହ କରିଥିଲେ। ଗୁମୁଦା ଜଣେ ସିଆର୍‌ପିଏଫ୍ ଯବାନ ହୋଇଥିବା ବେଳେ ଏବେ ସେ ବିହାର ରେଜିମେଣ୍ଟ ୨୦୫ କୋବ୍ରା ବାଟାଲିୟନରେ କାର୍ଯ୍ୟରତ ଅଛନ୍ତି। ତେବେ ବିବାହର କିଛି ବର୍ଷ ହସଖୁସିରେ କଟିବା ପରେ ୨୦୨୪ ସେପ୍ଟେମ୍ବର ୪ରେ ସ୍ତ୍ରୀ ଓ ସ୍ୱାମୀ ଉଦଳାରୁ ଘରକୁ ଫେରୁଥିବା ବେଳେ ବାରିପଦା-ଉଦଳା ରାସ୍ତାର ନାହୁଆ ଛକ ନିକଟରେ ଅନ୍ୟ ଏକ ବାଇକ୍ ତାଙ୍କୁ ଧକ୍କାଦେଇଥିଲା। ଏଥିରେ ଉଭୟେ ଗୁରୁତର ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହୋଇଥିଲେ। ଗୁମୁଦାଙ୍କ ଗୋଟିଏ ଗୋଡ଼ ଭାଙ୍ଗିଯାଇଥିବା ବେଳେ ସୀତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ୱାମୀ ସୁସ୍ଥ ହୋଇ ଚାକିରିରେ ଯୋଗଦେଇଥିବା ବେଳେ ୨ମାସ ଧରି ଆଇସିୟୁରେ ରହିବା ପରେ ସୀତା ଶାଶୁଘରକୁ ଫେରିଥିଲେ। ମାତ୍ର ଦୁର୍ଘଟଣାରେ ଦୁଇଟି ଆଖି ସମ୍ପୂର୍ଣ୍ଣ ନଷ୍ଟହୋଇଥିବାରୁ ଶାଶୁଘର ଲୋକେ ସୀତାଙ୍କ ସେବାଯତ୍ନ କରିବାକୁ ଅମଙ୍ଗ ହୋଇ ନଭେମ୍ବରରେ ତାଙ୍କୁ ବାପଘରକୁ ପଠାଇ ଦେଇଥିଲେ। ସେହିଦିନଠାରୁ ସୀତା ବାପଘରେ ରହି ଆସୁଛନ୍ତି। ଗୋଟିଏ ପଟେ ଆଖି ହରାଇଥିବା ଓ ଅନ୍ୟପଟେ ସ୍ୱାମୀ ହାତ ଛାଡ଼ିଦେବାରୁ ସେ ଅସହାୟ ହୋଇପଡ଼ିଛନ୍ତି। ଇତିମଧ୍ୟରେ ଗୁମୁଦା ଦ୍ୱିତୀୟ ବିବାହ ପାଇଁ ସଜବାଜ ହେଉଥିବା ବେଳେ ସୀତା ଘଟଣା ସମ୍ପର୍କରେ ଖୁଣ୍ଟା ଥାନାରେ ଅଭିଯୋଗ କରିଛନ୍ତି। ଏପରିକି ଆର୍ଥିକ ସହାୟତା ପାଇଁ ସୀତା ସିଆର୍‌ପିଏଫ୍ ମୁଖ୍ୟାଳୟ ଦିଲ୍ଲୀ ଏବଂ ବିହାରରେ ନିବେଦନ କରିଛନ୍ତି। ଦିବ୍ୟାଙ୍ଗ ସୀତାଙ୍କୁ ନ୍ୟାୟ ପ୍ରଦାନ ସହ ସରକାରୀ ସୁବିଧା ଯୋଗାଇଦେବାକୁ ତାଙ୍କ ବାପଘର ଲୋକେ ଦାବି କରିଛନ୍ତି। ଅଭିଯୋଗ ସମ୍ପର୍କରେ ଗୁମୁଦାଙ୍କ ମତାମତ ଜାଣିବା ପାଇଁ ଚେଷ୍ଟା କରାଯାଇଥିଲେ ହେଁ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

# ସ୍କଟ୍‌ଲାଣ୍ଡରେ ପ୍ରଦର୍ଶିତ ହେଲା ଦୁର୍ଲଭ ଆବରନେଥି ମୁକ୍ତା

ଏଡିନ୍‌ବର୍ଗ, ୧୮।୯

ମଧୁରଜଳରୁ ମିଳୁଥିବା ବିରଳ ଆବରନେଥି ମୁକ୍ତାକୁ ଗୁରୁବାର ସ୍କଟ୍‌ଲାଣ୍ଡର ଏଡିନବର୍ଗସ୍ଥିତ ନ୍ୟାଶନାଲ ମ୍ୟୁଜିୟମ ଅଫ୍ ସ୍କଟ୍‌ଲାଣ୍ଡ (ଏନ୍‌ଏମ୍‌ଏସ୍)ରେ ପ୍ରଦର୍ଶିତ କରାଯାଇଛି। ୧୯୬୭ରେ ଟେ ନଦୀକୂଳରେ ଏହି ଦୁର୍ଲଭ ମୁକ୍ତା ଆବିଷ୍କୃତ ହୋଇଥିଲା। ଏହାର ଆବିଷ୍କାରକ ୱିଲିୟମ ଆବରନେଥିଙ୍କ ନାମରେ ମୁକ୍ତାର ନାମକରଣ ହୋଇଥିଲା। ପୂର୍ବରୁ ଅଳଙ୍କାର ବ୍ୟବସାୟ କରୁଥିବା ଆଲିଷ୍ଟିର ଉଡ୍ ଟେଟ୍ ଗତବର୍ଷ ନିଲାମରେ ୯୪ ହଜାର ୟୁରୋ ଦେଇ ଏହି ମୁକ୍ତା କିଣିଥିଲେ। ପରେ ସେ ଏହାକୁ ଏଡିନବର୍ଗସ୍ଥିତ ଏନ୍‌ଏମ୍‌ଏସ୍ ସଂଗ୍ରହାଳୟକୁ ଦାନ କରିଥିଲେ। ୧୧ ମି.ମି. ବ୍ୟାସ ଏବଂ ୪୩.୬ ଓଜନ ବିଶିଷ୍ଟ ଏହି ସମ୍ପୂର୍ଣ୍ଣ ଗୋଲାକାର ମୁକ୍ତା ୧୬୨୧ ପରଠାରୁ ସ୍କଟଲାଣ୍ଡରେ ଆବିଷ୍କୃତ ସବୁଠାରୁ ବଡ଼ ମୁକ୍ତା ବୋଲି ଉଡ୍ ଟେଟ୍ କହିଛନ୍ତି।



# କଦଳୀ ଗଛରୁ କପଡ଼ା

**ତାଇୱାନ୍ ଉଦ୍ୟୋଗୀଙ୍କ ସ୍ୱପ୍ନ: ପାଲଟିବେ ଗ୍ଲୋବାଲ ସପ୍ଲାୟର**





ଚାଙ୍ଗହୁଆ, ୧୮।୯(ରଏଟର୍ସ)

ସେମିକଣ୍ଡକ୍ଟର ଉତ୍ପାଦନ କ୍ଷେତ୍ରରେ ବିଶ୍ୱରେ ଆଧିପତ୍ୟ ବିସ୍ତାର କରିଥିବା ତାଇୱାନ୍ ଏବେ କଦଳୀ ଗଛରୁ କପଡ଼ା ପ୍ରସ୍ତୁତି ଆରମ୍ଭ କରିଛି। ଉଦ୍ୟୋକ୍ତା ନେଲ୍‌ସନ ୟାଙ୍ଗ୍ ତାଇୱାନ୍‌ରେ ବହୁଳ ଅମଳକ୍ଷମ କଦଳୀକୁ ବ୍ୟବହାର କରି ଟେକ୍ସଟାଇଲ ଶିଳ୍ପକୁ ସମୃଦ୍ଧ କରିବା ପାଇଁ ବାହାରିଛନ୍ତି। ଚାଙ୍ଗହୁଆର କେନ୍ଦ୍ରୀୟ ଗ୍ରାମାଞ୍ଚଳରେ ୟାଙ୍ଗଙ୍କ ଫାର୍ମ ଟୁ ମ୍ୟାଟେରିଆଲର ମୁଖ୍ୟାଳୟ ରହିଛି। ଫାର୍ମ ଟୁ ମ୍ୟାଟେରିଆଲ ବାନାନା ଫାଇବରକୁ କପଡ଼ାରେ ପରିବର୍ତ୍ତିତ କରୁଛି। ୨୦୦୮ରେ ୟୁରୋପୀୟ (ସ୍ନିକର) ବ୍ରାଣ୍ଡଗୁଡ଼ିକ ଖାଦ୍ୟ ଓ ପୋଷାକ ତିଆରି ଉପାଦାନକୁ ଗୋଟିଏ ଭୂମିରୁ ଅମଳ କରିବାକୁ ଚାହୁଁଥିବା ୟାଙ୍ଗଙ୍କୁ କହିଥିଲେ। ତାକୁ ନେଇ ୟାଙ୍ଗ୍ ଓ ତାଙ୍କ ସହଯୋଗୀମାନେ ସେହି ଦିଗରେ କାର୍ଯ୍ୟରତ। ୧୮୯୫ ମସିହାରୁ ୧୯୪୫ ପର୍ଯ୍ୟନ୍ତ ତାଇୱାନ୍ ଏହାର ଫଳ ବିଶେଷକରି ପାଇନ୍‌ଆପଲ ଓ କଦଳୀକୁ ନେଇ ପରିଚିତ ଥିଲା। ୧୯୬୦ ଦଶକରେ ଦ୍ୱୀପରାଷ୍ଟ୍ର ନିଜକୁ 'ବାନାନା କିଙ୍ଗଡମ୍' ଘୋଷଣା କରିଥିଲା। ଉଦ୍ଦେଶ୍ୟ ଥିଲା, ରପ୍ତାନି ବୃଦ୍ଧି। କିନ୍ତୁ ପରବର୍ତ୍ତୀ ସମୟରେ ତାଇୱାନ୍ ଟେକ୍ ଶିଳ୍ପ ସମୃଦ୍ଧ ଦେଶରେ ପରିଣତ ହେଲା।

ୟାଙ୍ଗଙ୍କ କମ୍ପାନୀ କଦଳୀ ଗଛ ମଧ୍ୟଭାଗରେ ଥିବା ପଟୁକାକୁ ନେଇଥାଏ, ଯାହାକୁ ଅମଳ ପରେ ଫୋପାଡ଼ିଦିଆଯାଇଥାଏ। ସେ ଏହି ପରିତ୍ୟକ୍ତ ଅଂଶକୁ ନେଇ ଶୁଷ୍କ କରି ଫାଇବର ବାହାର କରନ୍ତି, ଯହିଁରୁ କପଡ଼ା ତିଆରି କରାଯାଇଥାଏ। ଏହି ବ୍ୟବସାୟ ପୁରୁଣା ହୋଇ ନ ଥିବାରୁ କୌଣସି କମ୍ପାନୀ ପକ୍ଷରୁ ଏଯାଏ ଅର୍ଡର ମିଳିନାହିଁ। କିନ୍ତୁ ସେ ଦିନେ ଗ୍ଲୋବାଲ ସ୍ନିକର ବ୍ରାଣ୍ଡଗୁଡ଼ିକୁ କଦଳୀ ମଞ୍ଜ ଯୋଗାଇବେ ବୋଲି ଆଶାବାଦୀ ଥିବା ୟାଙ୍ଗ୍ କହିଛନ୍ତି।

# ଭାରତର ଶକ୍ତି ପରିବର୍ତ୍ତନରେ ପିଏସ୍‌ପି ସହାୟକ

ଭୁବନେଶ୍ୱର, ୧୮।୯(ସୁନିତ୍ ମିଶ୍ର)

ପମ୍ପଡ୍ ଷ୍ଟୋରେଜ୍ ହାଇଡ୍ରୋ ପ୍ରୋଜେକ୍ଟ(ପିଏସ୍‌ପି) ଭାରତର ଶକ୍ତି ପରିବର୍ତ୍ତନରେ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭାବେ ବିକଶିତ ହେଉଛି ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ଏଥିସହ ସେ କହିଛନ୍ତି, ଶକ୍ତି ସଂରକ୍ଷଣ ଭିତ୍ତିଭୂମିକୁ ଦ୍ରୁତଗତିରେ ବିକଶିତ କରିବା ଏବଂ ଗ୍ରୀଡ୍‌ରେ ନବୀକରଣୀୟ ଶକ୍ତିର ସୁଗମ ସମନ୍ୱୟକୁ ସକ୍ଷମ କରିବା ପାଇଁ ଓଡ଼ିଶା ସରକାର ପମ୍ପଡ୍ ଷ୍ଟୋରେଜ୍ ପ୍ରୋଜେକ୍ଟ ନୀତିକୁ ଅଧିସୂଚିତ କରିଛନ୍ତି। ସ୍ୱ-ଚିହ୍ନିତ ଏବଂ ରାଜ୍ୟ-ଚିହ୍ନିତ ପ୍ରକଳ୍ପ ସ୍ଥାନ ଉଭୟ ଆବଣ୍ଟନ ପାଇଁ ଗ୍ରୀଡ଼କୋକୁ ନୋଡାଲ୍ ଏଜେନ୍ସି କରାଯାଇଛି। ରାଜ୍ୟ ଦ୍ୱାରା ଚିହ୍ନଟ ହୋଇଥିବା ୪୫ଟି ସମ୍ଭାବ୍ୟ ପିଏସପି ସାଇଟ୍ ଗ୍ରୀଡ଼କୋର ସରକାରୀ ୱେବ୍ ପୋର୍ଟାଲରେ ମଧ୍ୟ ପ୍ରକାଶିତ ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ ସିଂଦେଓ ସୂଚିତ କରିଛନ୍ତି।

# କୋଇଲା ଖଣିରେ ମୃତକଙ୍କ ପରିବାରକୁ ମିଳିବ ୨୫ ଲକ୍ଷ

ତାଳଚେର, ୧୮।୯ (ମନୋଜ ନନ୍ଦ)

କୋଇଲା ଖଣିରେ କାର୍ଯ୍ୟରତ କୌଣସି ଠିକା ଶ୍ରମିକଙ୍କ ମୃତ୍ୟୁ ହେଲେ ତାଙ୍କ ପରିବାରକୁ ୧୫ ଲକ୍ଷ ପରିବର୍ତ୍ତେ ୨୫ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ରେ ଏ ନେଇ କୋଇଲା ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହାକୁ ନେଇ ତାଳଚେର କୋଇଲା ଖଣିର ସମସ୍ତ ଠିକା ଶ୍ରମିକ ଖୁସି ପ୍ରକଟ କରିଛନ୍ତି। ଏହି ବିଜ୍ଞପ୍ତି ପ୍ରକାଶ ପରେ ଭାଜପା ଓ ଶ୍ରମିକମାନଙ୍କ ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କୋଇଲା ମନ୍ତ୍ରୀ ଜି. କିସାନ ରେଡ୍ଡୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବରିଷ୍ଠ ନେତା କାଳନ୍ଦୀ ସାମଲଙ୍କୁ ଧନ୍ୟବାଦ ଜଣାଯାଇଛି। ଭାଜପା ଜୋନାଲ ମିଡିଆ ସେଲ୍ ସଂଯୋଜକ ପର୍ଶୁରାମ ବାରିକ, ସମସ୍ତ ମଣ୍ଡଳ ସଭାପତି ଅଜୟ ସାହୁ, ସୁଶାନ୍ତ ସାମଲ, ରାଜେଶ ଦଳେଇ, ଦୀପକ ଦାସ, ମାନସ ସାହୁ ଓ ସନ୍ତୋଷ ମହାନ୍ତିଙ୍କ ସମେତ ସମସ୍ତ ପଦାଧିକାରୀ ଓ ଶ୍ରମିକ ନେତା ଧନ୍ୟବାଦ ଜଣାଇଛନ୍ତି।

# ୭୦ ଓଏଏସ୍ ଅଧିକାରୀଙ୍କୁ ଆଇନ ବିଭାଗରେ ମୁତୟନ

ଭୁବନେଶ୍ୱର, ୧୮।୯(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ୭୦ ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀଙ୍କୁ ଆଇନ ବିଭାଗରେ ଲିଆଜନ ଅଫିସର ଭାବେ ମୁତୟନ କରାଯାଇଛି। ଗୁରୁବାର ଏ ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତିରେ ବିଭାଗର ସ୍ୱତନ୍ତ୍ର ସଚିବ ଘାସିରାମ ମୁର୍ମୁ ଦର୍ଶାଇଛନ୍ତି, ଆଇନ ବିଭାଗ ପକ୍ଷରୁ ଚଳିତମାସ ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ନ୍ୟାଶନାଲ କନ୍‌ଫରେନ୍ସ ଅନ୍ ମେଡିଏଶନ ଅନୁଷ୍ଠିତ ହେବ। ଏହି ସମୟରେ ସମ୍ପୃକ୍ତ ଓଏଏସ୍ ଅଧିକାରୀମାନେ ଲିଆଜନ ଅଫିସର ଭାବେ କାର୍ଯ୍ୟ ନିର୍ବାହ କରିବେ ଏବଂ ଆଇନ ବିଭାଗକୁ ରିପୋର୍ଟ କରିବାକୁ ସେ ଦର୍ଶାଇଛନ୍ତି।


**GOVERNMENT OF ODISHA** No.C-1115
**OFFICE OF THE SUPERINTENDING ENGINEER**
**P.H. DIVISION, BHANJANAGAR AT CHATRAPUR**
E-mail - eephchpr@gmail.com
**NATIONAL COMPETITIVE BIDDING THROUGH e-Procurement**
Bid Identification No. 22-26/03/SPH(C)/2025-26 dt.15.09.2025

| | | |
|---|---|---|
| 1 | Name of the work | 5 (Five) nos of works |
| 2 | Estimate cost | 14.19 lakh to 21.64 lakhs |
| 3 | date & time availability of bid document in the portal | From 11.00 A.M. of 19.09.2025 to 5.30 P.M. of 04.10.2025 |
| 4 | Last date / time of receipt of bid in the portal | 5.30 P.M. of 04.10.2025 |
| 5 | Date and time of opening of bids | 1.00 P.M. on dated 06.10.2025 |
| 6 | Name and address of the Officer inviting the bid | Superintending Engineer, P.H. Division, Bhanjanagar at Chatrapur |

Further details can be seen from the e-procurement portal https://www.tenderorissa.gov.in
Sd./- Additional Chief Engineer
OIPR-13013/11/0024/2526 P.H. Division, Bhanjanagar at Chatrapur



**THE ODISHA STATE COOPERATIVE BANK LTD.**
Pandit Jawaharlal Nehru Marg, Bhubaneswar-751001
**ବିଶେଷ ସୂଚନା**
No.LL-14:ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ, ଗ୍ରାହକ ଯେବେଠାରୁ ବ୍ୟାଙ୍କିଂ କରୁଥାନ୍ତୁ ନା କାହିଁକି, ବ୍ୟାଙ୍କର ସମସ୍ତ ନିୟମାବଳୀ ପୂରଣ କରିବା ପାଇଁ ପରିଚୟ ପ୍ରମାଣ, ଠିକଣା ପ୍ରମାଣ କରୁଥିବା କାଗଜପତ୍ର ସହ ଫଟୋ ଜରୁରୀ ଅଟେ । ଅତଏବ ଏ ପର୍ଯ୍ୟନ୍ତ ପରିଚୟ ପ୍ରମାଣପତ୍ର ଓ ସାମ୍ପ୍ରତିକ ଠିକଣା ସ୍ଥାପନ କରୁଥିବା କାଗଜ ସହ, ଏବେକାର ଦୁଇଟି ପାସପୋର୍ଟ ଫଟୋ ଜମା କରିନଥିବା ସମସ୍ତ ଗ୍ରାହକ ତା. ୨୫ ଅକ୍ଟୋବର ୨୦୨୫ ରିଖ ସୁଦ୍ଧା ସମ୍ପୃକ୍ତ ଶାଖା ସହ ଯୋଗାଯୋଗ କରି ନିଶ୍ଚିତ କରିବାକୁ ଅନୁରୋଧ ।
ସୂଚନାଯୋଗ୍ୟ: ଯଦି ସେଭିଂସ୍ ବା କରେଣ୍ଟ ଏକାଉଣ୍ଟ ଗତ ୨୪ ମାସଧରି ବ୍ୟବହୃତ ହେଉନଥିଲେ ତଥା ନିୟମାବଳୀ ପୂରଣ ହୋଇନଥିଲେ, କୌଣସି ସୂଚନା ନଦେଇ ସେହି ଏକାଉଣ୍ଟକୁ ଅଚଳ କରିଦିଆଯିବ ।
OIPR-39012/11/0022/2526 ସ୍ୱା./-ପରିଚାଳନା ନିର୍ଦ୍ଦେଶକ



**ODISHA PUBLIC SERVICE COMMISSION**
**NOTICE**
No.6732/PSC, Dt.18.09.25
(2PG-03-25/26, DR-I)
**TIME TABLE OF ODISHA CIVIL SERVICES (PRELIMINARY) EXAMINATION-2024, ADVT. NO.07 OF 2024-25**
**No.D-219:**It is for information of all concerned that, the Commission has decided to conduct the Odisha Civil Services (Preliminary) Examination-2024, pursuant to Advt. No.07 of 2024-25 on **12.10.2025 (Sunday)** in the six zones i.e. Balasore, Berhampur, Bhubaneswar, Cuttack, Jeypore & Sambalpur as per the following time table:-

| Date | Timing | Subject | No. of objective type questions with 'multiple choice answers' | Subject Code No. to be filled up in the OMR Answer Sheet |
|---|---|---|---|---|
| 12.10.2025 (Sunday) | 10.00 A.M. to 12.00 Noon | General Studies (Paper-I) | 100 | 01 |
| | 1.30 P.M. to 3.30 P.M. | General Studies (Paper-II) | 80 | 02 |

**N.B.:-** All the candidates belonging to PwD category will be given 40 minutes extra in each sitting i.e. 10.00 A.M. to 12.40 P.M. & 1.30 P.M. to 4.10 P.M.
2. "**Admission Certificates**" and **"Instructions to Candidates"** of all the admitted candidates will be available on the website of Commisison **w.e.f. 04.10.2025**. The candidates are advised to visit the website of the Commission at http://opsc.gov.in to download their "Admission Certificate" & "Instructions to Candidates".
OIPR-12002/11/0317/2526 Sd./- Secretary



**GOVERNMENT OF ODISHA**
**COMMERCE & TRANSPORT (TRANSPORT) DEPARTMENT**
Request For Proposal (RFP)
(Ref.No.11536 dated 17th September, 2025)
**"Providing Facility Management Services at Jeypore and Utkela Airports for a period of Three Years"**
**No.JJ-51:** The Director of Aviation, Directorate of Aviation, Government of Odisha invites proposals from eligible service providers for performing the Facility Management Services at Jeypore and Utkela Airports in the State, for three years extendable by another one year based on satisfactory performance.
Eligible and interested agencies may download the Request for Proposal (RFP) document which contains the details of the requirement from the following websites of Government of Odisha and submit their offer.
**https://tendersodisha.gov.in**
**https://ct.odisha.gov.in/tenders**
The responses are to be submitted online and queries, if any may be referred in writing to the Director of Aviation, Directorate of Aviation, Government of Odisha, BPI Airport, Bhubaneswar at the E-mail: orissa_aviation@yahoo.co.in, transcivilaviation@gmail.com
Proposals complete in all respect should reach the undersigned latest by **03.00 PM** on **16.10.2025 ("Bid Due Date" or "BDD").** Bids received after the BDD shall be summarily rejected. The authority reserves the right to reject any or all the proposals without assigning any reason thereof.
Sd./- Special Secretary to Govt.
& Director of Aviation
Commerce & Transport (Transport) Department
OIPR-38001/11/0044/2526 Government of Odisha



**ODISHA PUBLIC SERVICE COMMISSION**
**CUTTACK**
**NOTICE**
No. 6707 / P.S.C., Dt. 18.09.2025
PF1-1E-04-2025/26 (DR-III)
**Recruitment to the post of**
**Assistant Conservator of Forests & Forest Ranger**
(Advertisement No.08 of 2023-24)
**No.D-217** : It is for all concerned that, the **Document Verification and Viva Voce Test/Personality Test** in respect of **422 (Four Hundred Twenty Two)** candidates, who have qualified in Physical Standard Test & Endurance (Walking) Test held from 14.07.2025 to 20.07.2025 & 11.09.2025 for recruitment to the post of **Assistant Conservator of Forests, (Group-A) (JB) & Forest Ranger, Group-B** of Odisha Forest Service under Forest, Environment & Climate Change Department, pursuant to Advertisement No. 08 of 2023-24 will be held from **14.10.2025 to 20.10.2025 (except 19.10.2025 i.e. Sunday)** in the Office of OPSC, 19, Dr. P.K. Parija Road, Cuttack-753001 as per the programme detailed below.

**PROGRAMME OF DOCUMENT VERIFICATION & VIVA VOCE TEST**

| Date | Session of Document Verification & Viva-Voce Test | ROLL No. of candidates |
|---|---|---|
| 14.10.2025 | Forenoon Session | 100117, 100174, 100241, 100468, 100533, 100535, 100602, 100692, 100760, 101005, 101014, 101260, 101329, 101391, 101862, 101956, 102042, 102132, 102232, 102252, 200099, 200252, 200578, 200934, 201058, 201153, 201459, 201577, 201579, 201658, 201739, 201752, 201964, 202135, 202171, 202286, 202296, 300025, 300034, 300042, 300045, 300125, 300128 & 300132 = **44 Candidates** |
| | Afternoon Session | 300176, 300207, 300243, 300253, 300281, 300289, 300292, 300337, 300358, 300428, 300429, 300440, 300508, 300607, 300611, 300672, 300696, 300706, 300716, 300734, 300747, 300754, 300770, 300835, 300904, 300911, 300912 & 301049 = **28 Candidates** |
| 15.10.2025 | Forenoon Session | 301053, 301102, 301126, 301148, 301157, 301161, 301345, 301365, 301370, 301374, 301386, 301420, 301479, 301531, 301538, 301593, 301626, 301659, 301670, 301692, 301705, 301709, 301740, 301766, 301779, 301900, 301936, 301947, 301949, 302025, 302031, 302044, 302129, 302178, 302253, 302263, 302322, 302368, 302402, 302453, 302457, 302459, 302524 & 302537 = **44 Candidates** |
| | Afternoon Session | 302606, 302615, 302666, 302687, 302727, 302863, 302879, 302897, 302927, 302989, 303151, 303168, 303171, 303172, 303239, 303241, 303254, 303268, 303291, 303327, 303508, 303523, 303548, 303565, 303581, 303630, 303737 & 303741 = **28 Candidates** |
| 16.10.2025 | Forenoon Session | 303746, 303759, 303762, 303909, 303915, 303929, 303937, 303986, 304011, 304018, 304086, 304107, 304147, 304209, 304234, 304263, 304282, 304288, 304305, 304309, 304335, 304345, 304394, 304397, 304427, 304428, 304442, 304551, 304605, 304676, 304679, 304701, 304706, 304724, 304727, 304755, 304758, 304793, 304804, 304806, 304820, 304823, 304906 & 304953 = **44 Candidates** |
| | Afternoon Session | 304962, 304988, 305056, 305057, 305061, 305127, 305231, 305267, 305282, 305347, 305366, 305397, 305486, 305517, 305529, 305616, 305654, 305704, 305768, 305815, 305825, 305859, 305902, 305980, 305966, 305971, 306013 & 306030 = **28 Candidates** |
| 17.10.2025 | Forenoon Session | 306093, 306129, 306145, 306157, 306208, 306217, 306284, 306304, 306344, 306438, 306490, 306516, 306531, 306548, 306611, 306630, 306641, 306659, 306687, 306760, 306950, 307048, 307049, 307071, 307120, 307124, 307125, 307175, 307232, 307237, 307328, 307415, 307530, 307544, 307690, 307695, 307709, 307766, 307842, 307866, 307945, 307964, 307977 & 307995 = **44 Candidates** |
| | Afternoon Session | 308019, 308029, 308084, 308142, 308159, 308162, 308253, 308298, 308302, 308397, 308617, 308744, 308758, 308766, 308810, 308829, 308905, 308962, 308976, 309027, 309105, 309107, 309134, 309161, 309172, 309177, 309268 & 309283 = **28 Candidates** |
| 18.10.2025 | Forenoon Session | 309328, 309355, 309405, 309429, 309433, 309480, 309494, 309539, 309592, 309658, 309660, 309662, 309688, 309754, 309787, 309789, 309864, 309884, 309888, 309944, 309955, 310000, 310062, 310066, 310133, 310135, 310153, 310265, 310269, 310272, 310359, 310398, 310401, 310418, 310422, 310439, 310510, 310532, 310538, 310610, 310700, 310716, 310777 & 310805 = **44 Candidates** |
| | Afternoon Session | 310896, 310951, 310967, 311072, 311141, 311144, 311232, 311277, 311361, 311425, 311427, 311566, 311568, 311635, 311650, 311689, 311757, 311766, 311825, 400018, 400161, 400172, 400256, 400319, 400375, 400396, 400452 & 400489 = **28 Candidates** |
| 20.10.2025 | Forenoon Session | 400586, 400632, 400633, 400639, 400767, 400815, 400817, 400903, 400931, 400960, 400993, 401083, 401118, 401453, 401501, 401554, 401635, 401727, 401841, 401855, 401887, 401890, 401965, 401997, 402373, 402374, 402387, 402432, 402509, 402631, 402787, 402846, 402931, 402966, 403045, 403077, 403229, 403264, 403361, 403653, 500026, 500281, 500385 & 500402 = **44 Candidates** |
| | Afternoon Session | 500517, 500965, 501130, 501189, 501304, 501407, 501595, 501865, 502578, 502874, 503024, 503032, 503451, 503513, 503548, 503780, 503792 & 504047 = **18 Candidates** |

**N.B. - The Time of Reporting, Time of Document Verification & Time of Viva-Voce Test/ Personality Test in respect of Forenoon Session and Afternoon Session are mentioned below".**

| Session | Time of Reporting | Time of Document Verification | Time of Viva-Voce Test/ Personality Test |
|---|---|---|---|
| Forenoon Session | 08.00 A.M. | 08.30 A.M. | 10.30 A.M. |
| Afternoon Session | 12.00 Noon | 12.30 P.M. | 02.30 P.M. |

The candidates are required to bring the following Original Documents along with a set of self-attested photocopies of the following Certificates/Documents at the time of Document Verification (All the Certificates/ Documents should be issued within the last date of submission of Online Application i.e. 29.06.2023) failing which their candidature will be rejected.
1. Hard Copy of Online Application form mentioning **Roll No.** at the Top **Right-hand Corner**.
(Online Applications are available in the website of the Commission. The candidates are required to download the same using their respective e-mail ID/Phone Number and Password/ OTP etc through OPSC e-Chayan Portal via www.opscechayan.in)
2. **H.S.C. or Equivalent** Certificate in support of declaration of age.
3. **Intermediate/ +2 Examination** Certificate issued by the concerned Board/Council.
4. **Bachelor's Degree** Certificate.
5. **Mark Sheets** in support of all the Examinations (H.S.C to Degree) including fail marks, if any, issued by the concerned Board/Council/University.
6. **Three (03)** passport size photographs (Unsigned & Unattested) which has been uploaded with application form.
7. **Caste Certificate by birth** in support of claim as SEBC/ST/SC whichever applicable. SEBC Certificate must be issued within the last three years from the closing date for submission of the Online Application Form. (which has been uploaded with online Application Form)
8. Required **Odia Test Pass** Certificate as per Para-10(ii) of the Advertisement, wherever applicable.
9. **Permanent Disability** Certificate (indicating Percentage of Permanent Disability i.e. **40% and more**), wherever applicable.
10. Discharge Certificate of **Ex-Servicemen** issued by the Commanding Officer of the Unit last served. Ex-Servicemen candidates must submit an Affidavit undertaking that he/she has not been appointed against any' 'civil post'after retirement from 'military service', wherever applicable.
11. Identity Card of **Sports Persons** issued by the Director of Sports Odisha, wherever applicable.
12. Any proof of Identity.
13. Any other Documents as per Para-12 of the Advertisement.
14. Attestation Form duly filled in by the candidate and signed by the Gazetted Officer (downloaded from the website of the OPSC)
15. Candidate Information Form (CIF)/ Bio-data form duly filled in affixed with passport size Photograph (downloaded from the website of the OPSC)

The candidates are required to mention **"Submitted by me and certified as genuine and has not been cancelled"** and put their **full signature and date** on the same.
**OIPR-12002/11/0316/2526** **Sd./- Secretary**



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES No.CAD-1801
**OFFICE OF THE DIVISIONAL HEAD, IDCO ROURKELA DIVISION**
**ROURKELA-769004**
Tender Call Notice No.IDCO/RKL/CIV/E/1913/2025-2026/ 1815
Dtd:- 17.09.2025
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No. | Name of Work | Value of Work (Approx.) | Period of Completion |
|---|---|---|---|
| 1. | Construction of proposed Substation Control room at worker's hostel at Kalunga, Rourkela | Rs.19.91 Lakhs | 02 (Two) Calendar Months |

**1. Other details**

| Procurement Officer | Bid Reference No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Divisional Head, IDCO, Rourkela Division, Rourkela | Bid Ref.No. DH/RKL/ CIV//E-02/ 2025-26 | 17.00 Hours of dt.20.09.2025 | 17.00 Hours of dt.25.09.2025 |

**Further details can be seen from the e-ProcurementPortal.www.tendersodisha.gov.in.** Corrigendum or addendum if any will not be published in newspapers and can only be seen in the e-procurement portal www.tenderodisha.gov.in as well as IDCO website www.idco.in.
Sd./-Divisional Head
OIPR-14003/11/0239/2526 IDCO, Rourkela Division



**GOVERNMENT OF ODISHA** No.O-814
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
e-mail : serwsbd2003@yahoo.com
Letter No. : 3325 Date :15.09.2025
**1st Corrigendum**
In continuation to this office Bid Identification No. CCERWCSBD-Online-14/2025-26 invited vide this office Notice No.3104 Dtd.25.08.2025, partial modification of NCB has been made as follows :-

| Sl. No. | Item | Time Schedule as per original NCB | Time Schedule as per Corrigendum notice |
|---|---|---|---|
| 1 | Availability of Tender online for bidding | 03.09.2025 at 11.00 AM to 17.09.2025 up to 5.00 PM | Extended up to 04.10.2025 5.00 PM |
| 2 | Date and Time of seeking tender clarification if any | 16.09.2025 up to 2.00 PM | 03.10.2025 up to 2.00 PM |
| 3 | Date & Time of opening of tender (Technical Bid) | 18.09.2025 at 11.00 AM | 06.10.2025 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.
Sd./- Chief Construction Engineer, RW Circle, Sunabeda
OIPR-25182/11/0083/2526



**GOVERNMENT OF ODISHA** No.O-
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
e-mail : serwsbd2003@yahoo.com
Letter No. : 3316 Date : 15.09.2025
**2nd Corrigendum**
In continuation to this office Bid Identification No. CCERWCSBD-Online-11/2025-26 invited vide this office Notice No.2747 Dtd.31.07.2025, partial modification of NCB has been made as follows :-

| Sl. No. | Item | Time Schedule as per original NCB | Time Schedule as per 1st Corrigendum | Time Schedule as per 2nd Corrigendum |
|---|---|---|---|---|
| 1 | Availability of Tender online for bidding | 08.08.2025 at 11.00 AM to 29.08.2025 up to 5.00 PM | Extended up to 19.09.2025 5.00 P.M. | Extended up to 04.10.2025 5.00 PM |
| 2 | Date and Time of seeking tender clarification if any | 26.08.2025 up to 2.00 PM | 18.09.2025 up to 2.00 P.M. | 03.10.2025 up to 2.00 P.M. |
| 3 | Date & Time of opening of tender (Technical Bid) | 30.08.2025 at 11.00 AM | 20.09.2025 at 11.00 A.M. | 06.10.2025 at 11.00 A.M. |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.
Sd./- Chief Construction Engineer, RW Circle, Sunabeda
OIPR-25182/11/0085/2526

## ସ୍କୁଲ ଡଷ୍ଟବିନ୍‌ରୁ ନବଜାତ ଶିଶୁର ମୃତଦେହ ଜବତ

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ): ଭିଏସ୍‌ଏସ୍‌ନଗରସ୍ଥିତ ଏକ ଘରୋଇ ସ୍କୁଲ ଡଷ୍ଟବିନ୍‌ରୁ ଗୁରୁବାର ଜଣେ ନବଜାତ ଶିଶୁର ମୃତଦେହକୁ ଶହୀଦନଗର ପୋଲିସ ଜବତ କରିଛି। ତେବେ ମୃତ ଶିଶୁଟି ୨ରୁ ୩ଦିନ ତଳେ ଜନ୍ମ ନେଇଥିବା ଅନୁମାନ କରାଯାଉଛି। ଶିଶୁଟି କାହାର ଏବଂ କିଏ ଉକ୍ତ ଡଷ୍ଟବିନ୍‌ରେ ମୃତଦେହ ପକାଇଲା ତାହା ସ୍ପଷ୍ଟ ହୋଇପାରିନାହିଁ। ପୋଲିସ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲ ପଠାଇଥିବାବେଳେ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସ୍କୁଲ ପରିସରରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କୁ ପଚାରାଉଚରା କରୁଛି।

# ବେସରକାରୀ ଅଧ୍ୟାପକ, କର୍ମଚାରୀଙ୍କ 'କର ବା ମର ସମାବେଶ'

**ଆଜିଠାରୁ ଅନଶନରେ ବସିବେ ସଂଘ ସଭାପତି**

ଭୁବନେଶ୍ୱର,୧୮।୯(ସୁଚିସ୍ମିତା ସାହୁ)



ଭୁବନେଶ୍ୱର ଲୋଏର ପିଏମ୍‌ଜିରେ ବେସରକାରୀ ଅଧ୍ୟାପକ, କର୍ମଚାରୀମାନେ ବିକ୍ଷୋଭ କରୁଛନ୍ତି।

ବେସରକାରୀ ଅଧ୍ୟାପକଙ୍କୁ ରାଜ୍ୟ ସରକାର ସାମାଜିକ ହୀନମନ୍ୟତା, ଆର୍ଥିକ ଅନଟନ ଓ ମାନସିକ ଯନ୍ତ୍ରଣା ଦେଉଛନ୍ତି। ୩୨ଦିନ ହେବ କାର୍ଯ୍ୟ ବନ୍ଦ କରି ଆନ୍ଦୋଳନ ଚଳାଥିଲେ ସୁଦ୍ଧା ସରକାର ସେମାନଙ୍କ ସହିତ ଆଲୋଚନା କରୁନାହାନ୍ତି। ବରଂ ଆନ୍ଦୋଳନ ଦମନ କରିବା ପାଇଁ ସରକାର ଶିକ୍ଷକ ବିରୋଧୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଅଧ୍ୟାପକମାନେ ଏହାକୁ ବିରୋଧ କରିବା ସହିତ ୨୦୦୮ରୁ ୨୦୧୮ ମସିହା ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ଦାବିରେ ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ଗୁରୁବାର ଲୋୟର ପିଏମଜିରେ 'କର ବା ମର' ସମାବେଶ କରାଯାଇଛି। ସଂଘ ସଭାପତି ବିଶ୍ୱରଞ୍ଜନ ଦାସଙ୍କ କହିବାନୁରେ, ଅଧ୍ୟାପକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ବନ୍ଦ କରିବା ପାଇଁ ସରକାର ସଂଘ ସହିତ ଆଲୋଚନା ନ କରି ମହାବିଦ୍ୟାଳୟ ଅଧ୍ୟକ୍ଷ ଏବଂ ଉପଜିଲ୍ଲାପାଳଙ୍କୁ ଲଗାଇ ଦମନଲୀଳା ଚଳାଇଛନ୍ତି। ଏହା ସରକାରଙ୍କ ଏକଛତ୍ରବାଦ ମାନସିକତାକୁ ପରିପ୍ରକାଶ କରୁଛି। ଲକ୍ଷ ଲକ୍ଷ ପିଲାଙ୍କ ପାଠପଢ଼ା, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଧରଣୀଧର ବିଶ୍ୱବିଦ୍ୟାଳୟର ସେମିଷ୍ଟର ପରୀକ୍ଷା, ଫକୀର ମୋହନ ବିଶ୍ୱବିଦ୍ୟାଳୟ ଏବଂ ବ୍ରହ୍ମପୁର ବିଶବିଦ୍ୟାଳୟର ଖାତା ମୂଲ୍ୟାୟନ ବାଧାପ୍ରାପ୍ତ ହୋଇଥିଲେ ସୁଦ୍ଧା ଆନ୍ଦୋଳନରତ ଅଧ୍ୟାପକଙ୍କୁ ଡାକି ଦାବି ସମ୍ପର୍କରେ ସାମାନ୍ୟ ଆଲୋଚନାଟିଏ କରୁ ନାହାନ୍ତି। ବିଭିନ୍ନ ଦାବି ନେଇ ୧୪୭ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ, ଦସ୍ତଖତ ଅଭିଯାନ, ୧୨ ଘଣ୍ଟିଆ ଧାରଣା ଏବଂ ୧୨ଥର ମୁଖ୍ୟମନ୍ତ୍ରୀଙ୍କୁ ପ୍ରତ୍ୟକ୍ଷ ଅଭିଯୋଗ ସହିତ ବିଭିନ୍ନ ଢଙ୍ଗରେ ସରକାରଙ୍କ ପାଖରେ ପହଞ୍ଚାଇବାକୁ ଚେଷ୍ଟା କରିଥିଲୁ। ହେଲେ ଦାବି ପୂରଣ ଦିଗରେ ସରକାରଙ୍କ ଅପାରଗତା କିମ୍ବା ଶିକ୍ଷା ଓ ଶିକ୍ଷକଙ୍କ ସ୍ୱରକୁ ବନ୍ଦ କରିବା ପାଇଁ ସରକାର ଘୃଣ୍ୟ ଅପଚେଷ୍ଟା କରୁଛନ୍ତି। ଗୁରୁବାର ମଧ୍ୟ ମୁଖ୍ୟମନ୍ତ୍ରୀ ସଂଘକୁ ଡାକି କୌଣସି ଆଲୋଚନା କରିନାହାନ୍ତି। ଶୁକ୍ରବାରଠାରୁ ସଂଘ ସଭାପତି ଦାସ ଆମରଣ ଅନଶନରେ ବସିବା ପାଇଁ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

# କେୟାର ହସ୍ପିଟାଲ୍‌ସରେ ପୂର୍ବ ଭାରତର ପ୍ରଥମ ନାନୋ ସ୍କୋପ୍ ସିଷ୍ଟମ

ଭୁବନେଶ୍ୱର,୧୮।୯(ଅନୁରାଧା ମହାରଣା)




ଭୁବନେଶ୍ୱରସ୍ଥିତ କେୟାର ହସ୍ପିଟାଲ୍ସ ପୂର୍ବ ଭାରତର ପ୍ରଥମ ନାନୋ ସ୍କୋପ ସିଷ୍ଟମ ପ୍ରବର୍ତ୍ତନ କରି ଅସ୍ଥି ଚିକିତ୍ସା କ୍ଷେତ୍ରରେ ନୂଆ ମାନଦଣ୍ଡ ସ୍ଥାପନ କରିଛି। ଅର୍ଥୋପେଡିକ୍ସ ଆଣ୍ଡ ରୋବୋଟିକ ସର୍ଜରୀ ଓ ସ୍ପୋର୍ଟସ ଇଞ୍ଜୁରୀର ମୁଖ୍ୟ ପରାମର୍ଶଦାତା ତଥା ବିଭାଗୀୟ ମୁଖ୍ୟ ଡା. ସନ୍ଦୀପ ସିଂହଙ୍କ ନେତୃତ୍ୱରେ ଏହି ସଫଳତା ହାସଲ ହୋଇଛି। ଆର୍ଥ୍ରେକ୍ସର ନାନୋ ଭିଜନ ଟେକ୍ନୋଲୋଜି ଅତ୍ୟାଧୁନିକ ଇମେଜିଂ ଓ ଏଚ୍‌ଡିଆର୍ ସହିତ ସ୍ପଷ୍ଟ ଓ ନିର୍ଭୁଲ ଅସ୍ତ୍ରୋପଚାର କରୁଛି। ଏହା କମ ଟିସୁ କ୍ଷତି ଓ ଶୀଘ୍ର ଆରୋଗ୍ୟ ସୁନିଶ୍ଚିତ କରୁଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଡା. ସିଂହ କହିଛନ୍ତି, ନାନୋ ଭିଜନ ଏକ ଗେମ-ଚେଞ୍ଜର। ଏହା ସର୍ଜରୀକୁ ଅଧିକ ନିର୍ଭୁଲ ଓ ନିୟନ୍ତ୍ରିତ କରି ବିଶ୍ୱସ୍ତରୀୟ ମାନଦଣ୍ଡ ଆଣୁଛି। ଏହି ସିଷ୍ଟମରେ ଜଣେ ରୋଗୀ ୪୮ ଘଣ୍ଟାରେ ବିନା ସହାୟତାରେ ଚାଲିଥିଲେ ଓ ତିନି ଦିନରେ ଡିସ୍‌ଚାର୍ଜ ହୋଇଥିଲେ। ଏହି ପ୍ରଯୁକ୍ତି ଓଡ଼ିଶା ଓ ପଡ଼ୋଶୀ ରାଜ୍ୟର ରୋଗୀଙ୍କୁ ଉଚ୍ଚମାନର ଚିକିତ୍ସା ପ୍ରଦାନ କରିବ। କେୟାର ହସ୍ପିଟାଲର ଜୋନାଲ ସିଓଓ କିଶଲୟ ଆନନ୍ଦ କହିଛନ୍ତି, ଏହା ପୂର୍ବ ଭାରତରେ ବିଶ୍ୱସ୍ତରୀୟ ଚିକିତ୍ସା ପହଞ୍ଚାଇବାରେ ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି। ଆଭାନା ମେଡିକାଲ ଡିଭାଇସେସ୍ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ପି. ସୁନ୍ଦରରାଜନ କହିଛନ୍ତି, ପୂର୍ବ ଭାରତରେ ପ୍ରଥମ ନାନୋ ଭିଜନ ସର୍ଜରୀ ପ୍ଲାଟଫର୍ମ 'ସିନର୍ଜୀ ଭିଜନ' ପ୍ରବର୍ତ୍ତନରେ ସହାୟତା କରି ଆମେ ଗର୍ବିତ। ବିଶ୍ୱସ୍ତରୀୟ ମେଡିକାଲ ଉଦ୍ଭାବନ ଓ ଭାରତୀୟ କ୍ଲିନିକାଲ ଆବଶ୍ୟକତା ମଧ୍ୟରେ ସେତୁ ନିର୍ମାଣ କରିବା ଆଭାନାର ଲକ୍ଷ୍ୟ ବୋଲି ସେ କହିଛନ୍ତି।

# ଯାତ୍ରୀଙ୍କୁ ମାଡ଼ ମାରି ଆମ ବସ୍ କଣ୍ଡକ୍ଟର ବହିଷ୍କୃତ



ଭୁବନେଶ୍ୱର, ୧୮।୯ (ବନ୍ଦନା ସେଠୀ)

ଆମ ବସ୍‌ର ପିଛା ଛାଡୁନି ବିବାଦ। ଆମ ବସ୍ ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ପାଇଁ ଅନେକ ସମୟରେ ଦୁର୍ଘଟଣା ହେବା ସହ ଲୋକଙ୍କ ଜୀବନ ହାନି ହେଉଛି। ସେହିପରି ଯାତ୍ରୀମାନଙ୍କୁ ଡ୍ରାଇଭର (କ୍ୟାପ୍‌ଟେନ୍), କଣ୍ଡକ୍ଟର (ଗାଇଡ୍)ଙ୍କ ଦୁର୍ବ୍ୟବହାର ଘଟଣା ସାମ୍ନାକୁ ଆସୁଛି। ଗୁରୁବାର ପୁନର୍ବାର ଜଣେ ଆମ ବସ୍ କଣ୍ଡକ୍ଟର ଯାତ୍ରୀଙ୍କୁ ଦୁର୍ବ୍ୟବହାର କରିବା ସହ ମାଡ଼ ମାରିବା ଘଟଣାକୁ ନେଇ ଲୋକଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଇଛି। ନୟାପଲ୍ଲୀ ଥାନା ଅର୍ନ୍ତଗତ ୟୁନିଟ୍-୮ ମାର୍କେଟ ନିକଟ ଆମ ବସ୍ ଷ୍ଟପ୍ ନିକଟରେ ଘଟିଥିବା ଏହି ଘଟଣାରେ କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନ୍ସପୋର୍ଟ

**ପଦକ୍ଷେପ ନେବା ସହ ଦୁଃଖ ପ୍ରକାଶ କଲା କ୍ରୁଟ୍**

(କ୍ରୁଟ୍) କାର୍ଯ୍ୟାନୁଷ୍ଠାନ ନେଇଛି। ମାଡ଼ ମାରିଥିବା କଣ୍ଡକ୍ଟରଙ୍କୁ ବହିଷ୍କୃତ କରିବା ସହ କ୍ରୁଟ୍ ଦୁଃଖ ପ୍ରକାଶ କରିଛି। ଘଟଣା ଅନୁଯାୟୀ, ଗୁରୁବାର ଅପରାହ୍ନରେ ଓଡି୩୩ଏଏଚ୍-୦୧୬୬ ନମ୍ବର ବିଶିଷ୍ଟ ଆମ ବସ୍‌ଟି ୟୁନିଟ-୮ ପାର୍ଶ୍ୱରୁ ରାଜଭବନ ଆଡକୁ ଯାଉଥିଲା। ଯାତ୍ରୀ ଜଣକ ପାଇବାକୁ ଥିବା ଅବଶିଷ୍ଟ ଟିକେଟ ମୂଲ୍ୟକୁ ନେଇ କଣ୍ଡକ୍ଟରଙ୍କ ସହିତ ବଚସା ହୋଇଥିଲା। ହେଲେ ଯୁକ୍ତିତର୍କ ଭିତରେ କଣ୍ଡକ୍ଟର ଜଣକ ଉତ୍ତେଜିତ ହୋଇ ଯାତ୍ରୀଙ୍କୁ ବାଡେଇଥିଲେ। ଫଳରେ ଯାତ୍ରୀଙ୍କ ମୁଣ୍ଡ ଫାଟିଥିଲା। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅପରପକ୍ଷେ ରୁଟ୍ ନଂ. ୨୮ରେ ଘଟିଥିବା ଏହି ଘଟଣାକୁ ନେଇ କ୍ରୁଟ୍ ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଛି। ଏନେଇ କ୍ରୁଟ୍‌ର ରେଭିନ୍ୟୁ କଲେକ୍ସନ ଏଜେନ୍ସି (ଆର୍‌ସିଏ) ପକ୍ଷରୁ ଥାନାରେ ଜଣାଇ ଦିଆଯାଇଛି। ଅନ୍ୟପକ୍ଷରେ କ୍ରୁଟ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଅଧିକ ତଦନ୍ତ ଜାରି ରଖିଛନ୍ତି। ଆମ ବସ୍ ସହିତ କାର୍ଯ୍ୟ କରୁଥିବା ସମସ୍ତ ଗାଇଡ୍ ଏବଂ କ୍ୟାପ୍‌ଟେନଙ୍କୁ ନିୟମିତଭାବେ ବ୍ୟବହାର ଓ ସହନଶୀଳତା ଟ୍ରେନିଂ ପ୍ରଦାନ କରାଯାଉଛି। ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ କ୍ରୁଟ କର୍ତ୍ତୃପକ୍ଷ ଏହା ଉପରେ ଅଧିକ ଧ୍ୟାନ ଦେଉଥିବା ସଫେଇ ଦିଆଯାଇଛି।

# ସତୀ, ଅସତୀର ସଂଜ୍ଞା ବଖାଣିଲା 'ଯଥା ଗୌତମସ୍ୟ ଅହଲ୍ୟା'


ପୌରାଣିକ ନାଟକ 'ଯଥା ଗୌତମସ୍ୟ ଅହଲ୍ୟା'ର ଏକ ଦୃଶ୍ୟ।

ଭୁବନେଶ୍ୱର, ୧୮।୯ (ସୌମ୍ୟରଞ୍ଜନ ରାଉତ)

ସତୀ, ଅସତୀ ନାରୀର ସଂଜ୍ଞା। କଠିନ ମାର୍ଗଦର୍ଶିକା ଭିତରେ ଯୁଗ ଯୁଗ ଧରି ନାରୀର ଜୀବନ ଡୋରି ବନ୍ଧା। କିନ୍ତୁ ଏହି ସାମାଜିକ ନିୟମର ପ୍ରଣେତା, ପ୍ରବକ୍ତା ପୁରୁଷମାନେ ନାରୀର ସତୀତ୍ୱ ଲୁଣ୍ଠନ କରିବାରେ ପାପ ଓ ପୁଣ୍ୟର ବିଚାର ତିଳେ ମାତ୍ର କରନ୍ତି ନାହିଁ। ଅନ୍ୟପଟେ ପୁରୁଷ ପ୍ରଣୋଦିତ ନାରୀର ସାମାନ୍ୟ ଚାରିତ୍ରିକ ତ୍ରୁଟି ପାଇଁ ତାକୁ ନିନ୍ଦା, ଅପବାଦ ମୁଣ୍ଡେଇବା ସହ ବହୁ କଷ୍ଟ, ଯନ୍ତ୍ରଣା ଭୋଗ କରିବାକୁ ପଡ଼ିଥାଏ। ନାରୀର ପବିତ୍ରତା, ଚାରିତ୍ରିକ ସୁରକ୍ଷାର ଦାୟିତ୍ୱ କେବଳ ନାରୀର ନୁହେଁ; ସମରୂପକ ପୁରୁଷର ମଧ୍ୟ ରହିଛି। ନାରୀ ପ୍ରତି ଥିବା କାମୁକ ପୁରୁଷମାନଙ୍କର ଶ୍ୱେନ ଦୃଷ୍ଟିର ଛକାପଞ୍ଝା ଭିତରେ ଗୋଟିଏ ପତିବ୍ରତା ନାରୀର ଜୀବନ କେମିତି ସନ୍ତୁଳିତ ହୋଇଯାଏ; ତାହାର ବଳିଷ୍ଠ ନିଦର୍ଶନ ହେଉଛି ଗୌତମ ଓ ଅହଲ୍ୟାଙ୍କ ପୌରାଣିକ ଆଖ୍ୟାନ। ଛଦ୍ମବେଶୀ ଇନ୍ଦ୍ର ଅହଲ୍ୟାଙ୍କ ସତୀତ୍ୱ ଅପହରଣ କରିଥିଲେ। ଏଥିରେ ଅହଲ୍ୟାଙ୍କ ଦୋଷ ରହିଲା କେଉଁଠି? ତଥାପି ସେ କାହିଁକି ହେଲେ ଦଣ୍ଡିତା, ଅଭିଶପ୍ତା? ପୁଣି ସେ କେମିତି ପାଇଲେ ମହାସତୀର ମାନ୍ୟତା? ପ୍ରଭୁ ଶ୍ରୀରାମଙ୍କ କେଉଁ ବିଚାରରେ ଋଷି ଗୌତମ ସଂପୂର୍ଣ୍ଣ ଦୋଷମୁକ୍ତ, ଜଣେ ନିର୍ଦ୍ଦୋଷ ସ୍ୱାମୀ? ଏପରି ଏକ ଘଟଣାବଳୀକୁ ନେଇ ମଞ୍ଚସ୍ଥ ହୋଇଛି ପୌରାଣିକ ନାଟକ 'ଯଥା ଗୌତମସ୍ୟ ଅହଲ୍ୟା'। ବିଦ୍ୟାକନକ ସୃଜନୁଷ୍ଠାନ ପକ୍ଷରୁ ଭଞ୍ଜକଳା ମଣ୍ଡପଠାରେ ଚାଲିଥିବା ନାଟ୍ୟ ଉତ୍ସବ 'ନାଟ୍ୟ ଲହରୀ'ର ଗୁରୁବାର ଚତୁର୍ଥ ସନ୍ଧ୍ୟାରେ ପରିବେଶିତ ହୋଇଥିଲା ଏହି ନାଟକ। ଭୁବନେଶ୍ୱର ପଞ୍ଚଧ୍ୱନି ନାଟ୍ୟ ପରିଷଦ କଳାକାରମାନେ ଏହାକୁ ପରିବେଷଣ କରିଥିଲାବେଳେ ପ୍ରକାଶ ମହାରଣା ନିର୍ଦ୍ଦେଶନା ଓ ପଞ୍ଚାନନ ଦାଶ ରଚନା କରିଛନ୍ତି। ଅତିଥି ଭାବେ ନାଟ୍ୟକାର ଲଲାଟେନ୍ଦୁ ରଥ, ନାଟ୍ୟକାର ପଞ୍ଚାନନ ଦାଶ, ଓଡ଼ିଶା ନାଟ୍ୟ ସଂଘର ଯୁଗ୍ମ ସମ୍ପାଦକ ଆଶୀଷ ବର୍ଦ୍ଧନ, ସଙ୍ଗୀତ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ରାଉତ ଏବଂ ଅନୁଷ୍ଠାନର ସଭାପତି ସୁଧାକର ପତ୍ରୀ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଶୁଭକାନ୍ତ ପାଢୀ ଉତ୍ସବ ସଞ୍ଚାଳନ କରିଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ 'ଏକ୍ ପେଡ୍ ମା' କେ ନାମ୍' ଉତ୍ସବ

ଭୁବନେଶ୍ୱର,୧୮।୯(ଅନୁରାଧା ମହାରଣା)

ଉତ୍କଳ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର୍ ଆଗ୍ରି-ମ୍ୟାନେଜମେଣ୍ଟ (ସିଏଏମ୍) ପରିସରରେ 'ଏକ୍ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମବାର୍ଷିକୀ ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ଯୋଗଦେଇ ସିଏଏମ୍ ପରିସରରେ ଚାରା ରୋପଣ କରିଥିଲେ। ଏଥିରେ ୧୫୦ରୁ ଅଧିକ ଏମ୍‌ବିଏ ଆଗ୍ରିବିଜ୍‌ନେସ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଉଦ୍ୟମ ମା'ଙ୍କ ପ୍ରତି ସମ୍ମାନ ସହ ପରିବେଶ ସୁରକ୍ଷାରେ ଯୋଗଦାନ ଦେଇଥାଏ ବୋଲି ପ୍ରଫେସର ଦଣ୍ଡପାଟ ମତ ଦେଇଥିଲେ। ରୋପଣ କରାଯାଇଥିବା ଗଛ ପ୍ରଦୂଷଣ ହ୍ରାସ, ଜଳବାୟୁ ପରିବର୍ତ୍ତନ ମୁକାବିଲା ଓ ଜୈବବିବିଧତା ସଂରକ୍ଷଣରେ ସହାୟକ ହେବ। ପ୍ରଫେସର ସନତ ମିଶ୍ର ଓ ଦୀପକ ରାମ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରମାନେ 'ମା', ତୁମେ ମୋତେ ଜୀବନ ଦେଇଛ, ମୁଁ ତୁମ ନାମରେ ପୃଥିବୀକୁ ଜୀବନ ଦେଉଛି' ସ୍ଲୋଗାନ୍ ଦେଇଥିଲେ।



ଉତ୍କଳ ବିଶ୍ୱବିଦ୍ୟାଳୟ ସେଣ୍ଟର ଫର୍ ଆଗ୍ରି ମ୍ୟାନେଜମେଣ୍ଟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ।

# ବିଧାନସଭା ପରିସରରେ ଚାରା ରୋପଣ

ଭୁବନେଶ୍ୱର, ୧୮।୯(ସୌମ୍ୟରଞ୍ଜନ ରାଉତ)

ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିନ ଅବସରରେ ଓଡ଼ିଶାରେ 'ମା ପାଇଁ ଗଛଟିଏ ଅଭିଯାନ'ର ଅଭୂତ ପୂର୍ବ ଉତ୍ସାହ ଦେଖାଯାଇଛି। ଏହି ଅବସରରେ ଗୁରୁବାର ମୌସୁମୀ ଅଧିବେଶନର ପ୍ରଥମ ଦିବସରେ ବିଧାନସଭା ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀଶଙ୍କର ଭୋଇଙ୍କ ସମେତ ମନ୍ତ୍ରୀମଣ୍ଡଳର ସଦସ୍ୟ ଓ ବିଧାୟକ ଚାରା ରୋପଣ କରିଥିଲେ।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭା ପରିସରରେ ଚାରା ରୋପଣ କରୁଛନ୍ତି।

# ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ୩୭ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧୮।୯(ସୁଚିସ୍ମିତା ସାହୁ)

ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ଭୁବନେଶ୍ୱରର ୩୭ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସୃଜନଶୀଳ ବିଜ୍ଞାନ କର୍ମଶାଳା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପିଲାମାନେ କଞ୍ଚାମାଲ, ମାର୍ଗଦର୍ଶନ ଏବଂ ସହାୟତା ଜରିଆରେ ସୂର୍ଯ୍ୟୋପରାଗ ଉପରେ ଆଧାରିତ ଗୋଟିଏ ଗୋଟିଏ କାର୍ଯ୍ୟକାରୀ ବିଜ୍ଞାନ ପ୍ରକଳ୍ପ ବିକଶିତ କରିଥିଲେ। କେନ୍ଦ୍ରର ପ୍ରକଳ୍ପ ସଂଯୋଜକ କପିଲ ଜୈନ କର୍ମଶାଳା ଶେଷ ହେବା ପରେ ପିଲାମାନଙ୍କୁ ପ୍ରକଳ୍ପ ଏବଂ ମାନପତ୍ର ବଣ୍ଟନ କରିଥିଲେ। ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ 'ଚିତ୍ତାକର୍ଷକ ରସାୟନ ବିଜ୍ଞାନ' ଉପରେ ଆଧାରିତ ଏକ ନୂତନ ପ୍ରଦର୍ଶନର ଶୁଭାରମ୍ଭ ସହିତ 'ଓଜୋନ ସ୍ତର: ଆମର ସୁରକ୍ଷା କବଚ' ବିଷୟ ବିଜ୍ଞାନ ଅଭିଭାଷଣ, ନହରକଣ୍ଟା ମହାରଥା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ରସାୟନ ବିଜ୍ଞାନ ପ୍ରଦର୍ଶନ ପ୍ରସାର କାର୍ଯ୍ୟକ୍ରମ ଏବଂ ବିଜ୍ଞାନ କୁଇଜ ଆୟୋଜନ ହୋଇଥିଲା।

# ଲଟେରିରେ ବିଏସ୍‌ଏବିଟିର ୧୧୨ ଦୋକାନ ଗୃହ ଆବଣ୍ଟନ

ଭୁବନେଶ୍ୱର, ୧୮।୯ (ବନ୍ଦନା ସେଠୀ)

ବରମୁଣ୍ଡାସ୍ଥିତ ବାବାସାହେବ ଭୀମ ରାଓ ଆମ୍ବେଡକର ବସ୍ ଟର୍ମିନାଲ (ବିଏସ୍‌ଏବିଟି)ର ୧୧୨ଟି ଦୋକାନ ଗୃହକୁ ଆବଣ୍ଟନ ପାଇଁ ଲଟେରି ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ କେ-୭ କଳିଙ୍ଗ ବିହାରସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଲଟେରି ଜରିଆରେ ଯୋଗ୍ୟ ହିତାଧିକାରୀଙ୍କୁ ଚୟନ କରାଯାଇଛି। ସମସ୍ତଙ୍କ ଉପସ୍ଥିତିରେ ହିତାଧିକାରୀମାନେ ଲଟେରି ବାକ୍ସରୁ ନିଜ ପସନ୍ଦର କାଗଜ ଉଠାଇ ଥିଲେ। ତେବେ ହିତାଧିକାରୀମାନେ ବ୍ୟବସାୟିକ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବିଡିଏ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିବାକୁ ପଡ଼ିବ ବୋଲି କୁହାଯାଇଛି। ପୂର୍ବରୁ ପୁରୁଣା ବରମୁଣ୍ଡା ବସ୍ ଟର୍ମିନାଲ ପରିଚାଳନା କରୁଥିବା ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ଦ୍ୱାରା କରାଯାଇଥିବା ଏକ ବିସ୍ତୃତ ସର୍ଭେ ଆଧାରରେ ହିତାଧିକାରୀଙ୍କୁ ସଂକ୍ଷିପ୍ତ ତାଲିକାଭୁକ୍ତ କରାଯାଇଥିଲା। ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀଙ୍କ ଉପସ୍ଥିତିରେ ଯୋଗ୍ୟ ହିତାଧିକାରୀମାନଙ୍କୁ ଚୟନ କରାଯାଇଥିଲା। ସ୍ୱଚ୍ଛତା ଓ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ପର୍ଯ୍ୟବେକ୍ଷକ ଭାବେ ସ୍ମାର୍ଟସିଟି ଲିମିଟେଡ୍‌ର ଜେନେରାଲ ମ୍ୟାନେଜର ପୁରନ୍ଦର ନନ୍ଦ ଉପସ୍ଥିତ ଥିଲେ। ବିଡିଏ ଉପାଧ୍ୟକ୍ଷ ଡ.ଏନ୍ ଥିରୁମାଲା ନାଏକ ଦୋକାନ ମାଲିକମାନଙ୍କୁ ସ୍ୱଚ୍ଛତା ଏବଂ ଗ୍ରାହକ ସେବାର ଉଚ୍ଚ ମାନଦଣ୍ଡ ବଜାୟ ରଖିବାକୁ ନିବେଦନ କରିଥିଲେ। ଅତିରିକ୍ତ କମିଶନର (ଆଡ୍‌ମିନ୍) ସ୍ନିଗ୍ଧାରାଣୀ ଧଳ, ଡେପୁଟି କମିଶନର (ଟିପି ସ୍କିମ୍) ଭବତାରଣ ସାହୁ, ମ୍ୟାନେଜର (ବିଏସ୍‌ଏବିଟି) ଇତିକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଟାଟା ଷ୍ଟିଲ୍‌କୁ ଷ୍ଟାର୍ ଏମ୍ପ୍ଲୟର ସମ୍ମାନ

ଭୁବନେଶ୍ୱର,୧୮।୯(ଅନୁରାଧା ମହାରଣା)



ମୁଖ୍ୟମନ୍ତ୍ରୀଙ୍କଠାରୁ ଯଶୋବନ୍ତ କୁମାର ପାଣ୍ଡେ ଓ ରବୀନ୍ଦ୍ର କୁମାର ଜାମୁଦା ଟ୍ରଫି ଗ୍ରହଣ କରୁଛନ୍ତି।

ଟାଟା ଷ୍ଟିଲ୍ ରାଜ୍ୟର ଅନ୍ୟତମ ଷ୍ଟାର୍ ଏମ୍ପ୍ଲୟର ଭାବେ ସମ୍ମାନିତ ହୋଇଛି। ନିକଟରେ ଭୁବନେଶ୍ୱରରେ ଆୟୋଜିତ ୨୭ ନୂତନ ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କମ୍ପାନୀକୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଟାଟା ଷ୍ଟିଲ୍ କଳିଙ୍ଗନଗରର ହ୍ୟୁମାନ ରିସୋର୍ସେସ (ମାନବ ସମ୍ବଳ) ବିଜ୍‌ନେସ୍ ପାର୍ଟନର ତଥା ଇସ୍ପାତ ମୁଖ୍ୟ ଯଶୋବନ୍ତ କୁମାର ପାଣ୍ଡେ ଏବଂ ଟାଟା ଷ୍ଟିଲ୍ କଳିଙ୍ଗନଗର ୱାର୍କର୍ସ ୟୁନିୟନ ସଭାପତି ରବୀନ୍ଦ୍ର କୁମାର ଜାମୁଦା ମୁଖ୍ୟମନ୍ତ୍ରୀଙ୍କଠାରୁ ପ୍ରଶଂସାପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ।

ଟାଟା ଷ୍ଟିଲ୍‌ର ସୂଚନାନୁସାରେ, କମ୍ପାନୀ ପକ୍ଷରୁ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ହୋଇଛି। ମୋଟ ୧୬,୮୩୩ ଜଣଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ କରାଯାଇଥିବାବେଳେ ଏହାର ୫୫% ଅଧିକ ଓଡ଼ିଶାର ବାସିନ୍ଦା ରହିଛନ୍ତି। ଯାଜପୁର ଜିଲା କଳିଙ୍ଗନଗରରେ କମ୍ପାନୀର (ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ ସମେତ) ଦୁଇଟି ଏବଂ ଢେଙ୍କାନାଳର ମେରାମଣ୍ଡଳୀରେ ଗୋଟିଏ ପ୍ରମୁଖ ସମନ୍ୱିତ ଇସ୍ପାତ କାରଖାନା ରହିଛି। ଏଥିସହ ରାଜ୍ୟର ବିଭିନ୍ନ ଅଞ୍ଚଳରେ କମ୍ପାନୀ ଏହାର ଖଣି କାର୍ଯ୍ୟ ଏବଂ ଫେରୋ ଆଲଏଜ୍ କାରଖାନା ପରିଚାଳନା କରୁଛି। ଗତବର୍ଷ କଳିଙ୍ଗନଗରରେ ଏହାର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣରେ ୨୭,୦୦୦ କୋଟି ଟଙ୍କା ନିବେଶକରି ଟାଟା ଷ୍ଟିଲ୍ ଭାରତର ସବୁଠାରୁ ବଡ଼ ବ୍ଲାଷ୍ଟ ଫର୍ନେସକୁ କାର୍ଯ୍ୟକ୍ଷମ କରିଛି। କମ୍ପାନୀର ସିଏସ୍‌ଆର୍ ଶାଖା ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷରେ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବନଜୀବିକା, ଲିଙ୍ଗଗତ ଏବଂ ସାମାଜିକ ଉଦ୍ଯୋଗ, ଭିତ୍ତିଭୂମି ଏବଂ ଆଦିବାସୀଙ୍କ ଉନ୍ନୟନ କ୍ଷେତ୍ରରେ ବିନିଯୋଗ କରିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

# ୱାର୍ଡ ସମସ୍ୟା, ବିଏମ୍‌ସିର ଅଣଦେଖା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କଲେ ବନ୍ଦିତା

ଭୁବନେଶ୍ୱର, ୧୮।୯ (ବନ୍ଦନା ସେଠୀ)


କର୍ପୋରେଟର ବନ୍ଦିତା ପାଲ୍ ମୁଖ୍ୟମନ୍ତ୍ରୀଙ୍କୁ ଭେଟୁଛନ୍ତି।

ୱାର୍ଡ ନଂ. ୩୭ ଅନ୍ତର୍ଗତ ଦି ୱାର୍ଲ୍ଡ ଛକଠାରୁ କାଞ୍ଚନଭିଲ୍ଲା ପର୍ଯ୍ୟନ୍ତ ସିଓର ପ୍ରୋଜେକ୍ଟରେ ଅଟକି ପଡିଥିବା କାମ ସହ ୱାର୍ଡର ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି କର୍ପୋରେଟର ବନ୍ଦିତା ପାଲ୍। ଭାଜପା ନେତା ଜଗନ୍ନାଥ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଗୁରୁବାର ସର୍କିଟ ହାଉସରେ ମୁଖ୍ୟମନ୍ତ୍ରୀଙ୍କୁ ବନ୍ଦିତା ଏବଂ ସାମାଜିକ କର୍ମୀ ଅର୍ଜୁନ ବେହେରା ଭେଟିବା ସହିତ ୱାର୍ଡର ମୌଳିକ ସମସ୍ୟା ସହ ବିଏମ୍‌ସିର ଅଣଦେଖାକୁ ନେଇ ଆଲୋଚନା କରି ଚିଠି ପ୍ରଦାନ କରିଥିଲେ। ଜଣେ ମହିଳା ଜନପ୍ରତିନିଧି ଜନତାଙ୍କ ପାଇଁ ଚାହୁଁଥିବା ସମସ୍ତ କାର୍ଯ୍ୟରେ ଲୋକଙ୍କ ସରକାର ତାଙ୍କ ସହ ରହିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ମଧ୍ୟ ନିର୍ବାଚନମଣ୍ଡଳୀରେ କେଉଁ କେଉଁ ଜନହିତକର କାର୍ଯ୍ୟ ଅଟକି ରହିଛି ତାହାର ତାଲିକା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଜଗନ୍ନାଥଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷେ ଗୁରୁବାର ସକାଳୁ ବିଏମ୍‌ସି କମିଶନର ଚଞ୍ଚଳ ରାଣା ଏବଂ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ସ୍ଥିତି ସମୀକ୍ଷା କରିଥିଲେ। ୱାର୍ଡ କାର୍ଯ୍ୟରେ ଯେଉଁସବୁ ସମସ୍ୟା ରହିଛି ତାହାର ସମାଧାନ ପାଇଁ ତୁରନ୍ତ ମିଟିଂ ଡାକିବାକୁ କମିଶନର ବିଭାଗୀୟ ଅଧିକାରୀଙ୍କୁ ନେଇ କହିଥିଲେ। ବନ୍ଦିତାଙ୍କ ଅଭିଯୋଗ ଅନୁସାରେ, ଦି ୱାର୍ଲ୍ଡ ଛକଠାରୁ କାଞ୍ଚନଭିଲ୍ଲା ପର୍ଯ୍ୟନ୍ତ ୨୦୨୨ରେ ସିଓର ପ୍ରୋଜେକ୍ଟ ମାଧ୍ୟମରେ ୪କୋଟି ଟଙ୍କା ବଜେଟ୍‌ରେ ଟେଣ୍ଡର ହୋଇ କାମ ଆରମ୍ଭ ହୋଇଥିଲା। ଏହାପରେ କାଞ୍ଚନ ଭିଲ୍ଲାଠାରୁ ବେହେରା ସାହି ଛକ, ମହିମା ଆଶ୍ରମ ଛକଠାରୁ ଇଶା ଆପାର୍ଟମେଣ୍ଟ ଏବଂ ବେହେରାସାହି ଛକଠାରୁ ଏନ୍‌ଏଚ୍-୧୬ ପର୍ଯ୍ୟନ୍ତ ରାସ୍ତା କାମ କରିବା ପାଇଁ ଆଉ ୩ଟି ଟେଣ୍ଡର ହୋଇ ୭କୋଟିର ବ୍ୟୟ ଅଟକଳ ରଖାଯାଇଥିଲା। ୨୦୨୪ ଫେବୃଆରୀରେ ଟେଣ୍ଡର ପାଇଥିବା ଏଜେନ୍ସି କାମ ଆରମ୍ଭ କରିଥିଲେ ମଧ୍ୟ ରାସ୍ତା ନିର୍ମାଣ ହୋଇପାରୁନାହିଁ। ସମ୍ପୃକ୍ତ ରାସ୍ତାକୁ ଚଉଡା ରାସ୍ତାରେ ପରିଣତ କରାଯିବାରୁ ରାସ୍ତା କଡରେ ଥିବା ଇଲେକ୍ଟ୍ରି ଟ୍ରାନ୍ସଫର୍ମର୍, ପୋଲ୍, ଟାୱର, ପାଇପ୍ ଲାଇନ୍‌ଗୁଡିକ ରାସ୍ତା ମଝିକୁ ଚାଲି ଆସିଛି। ତେଣୁ ବିଏମ୍‌ସି ୱାଟ୍‌କୋ ଓ ଟାଟା ସହ ଯୋଗାଯୋଗ କରି ଏସବୁକୁ ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ କର୍ପୋରେଟର ବନ୍ଦିତା ପାଲ୍ ବିଏମ୍‌ସି ବୈଠକରେ ବାରମ୍ବାର ଦାବିକରି ଆସୁଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଶେଷରେ ଗତ ୧୦ ତାରିଖ ବିଏମ୍‌ସି ମାସିକିଆ ବୈଠକରେ ଏହି ଦାବି ପୁନର୍ବାର ଉଠାଇଥିଲେ। ଏହାର ଉତ୍ତରରେ ବିଏମ୍‌ସି ପାଖରେ ଟଙ୍କା ନାହିଁ ଏବଂ ତୁମ ସରକାରଙ୍କୁ ଟଙ୍କା ଦେବା ପାଇଁ କୁହ ବୋଲି ମେୟର କହିଥିଲେ। ଏହାର ଜବାବରେ ବନ୍ଦିତା ବୈଠକ ତ୍ୟାଗ କରି ବାହାରେ ଧାରଣା ଦେଇଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଆସି ବନ୍ଦିତାଙ୍କୁ ଧାରଣାରୁ ଉଠାଇଥିଲେ।

## ସଂକ୍ଷେପରେ

### ନାବାଳିକା ଦୁର୍ବ୍ୟବହାର ମାମଲା: ଅଭିଯୁକ୍ତଙ୍କୁ ୨ବର୍ଷ କାରାଦଣ୍ଡ

**କଟକ,୧୮।୯(କାର୍ତ୍ତିକ ସାହୁ):** ପୁରୀଘାଟ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁର୍ବ୍ୟବହାର ମାମଲାରେ କଟକର ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଅଭିଯୁକ୍ତଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ଜରିମାନା ନ ଦେଇପାରିଲେ ଅଭିଯୁକ୍ତ ଆଉ ଅଧିକ ୨ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ଆଦେଶ ଦେଇଛନ୍ତି। ଅଭିଯୁକ୍ତ ହେଲେ ପୁରୀଘାଟ ଥାନା ଅଧୀନ ତେଲେଙ୍ଗା ବଜାରର ଲୋକନାଥ ପ୍ରସାଦ (୨୩)। ଏଥିସହ ପୀଡ଼ିତାଙ୍କୁ ୧ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ କୋର୍ଟ ଜିଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ। ୨୦୨୫ ଜାନୁଆରୀ ୨୪ରେ ପୁରୀଘାଟ ଥାନାରେ ଘଟଣା ସମ୍ପର୍କରେ ମାମଲା ରୁଜୁ କରାଯାଇଥିଲା। ଏତଲା ଦିଆଯିବା ଏକ ମାସ ପୂର୍ବରୁ ନାବାଳିକାଙ୍କୁ ଅଭିଯୁକ୍ତ ଓ ତାଙ୍କ ସହଯୋଗୀମାନେ ସ୍କୁଲ୍ ଓ ଟ୍ୟୁସନ୍ ଯିବା ରାସ୍ତାରେ ବାରମ୍ବାର ହଇରାଣ ସହ ଅଶ୍ଳୀଳ ଇଙ୍ଗିତ କରି ଆସୁଥିଲେ। ୨୦୨୫ ଜାନୁଆରୀ ୨ରେ ନାବାଳିକା ଟ୍ୟୁସନ୍‌ରୁ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ଓ ତାଙ୍କ ସହଯୋଗୀମାନେ ତାକୁ ଅଶ୍ଳୀଳ ଇଙ୍ଗିତ କରି କମେଣ୍ଟ ମାରିବା ସହ ତାଙ୍କୁ ସାଇକେଲ୍‌ରୁ ଫୋପାଡ଼ି ଦେଇଥିଲେ। ସାଇକେଲ୍‌ରୁ ପଡ଼ି ଖଣ୍ଡିଆ ଖାବରା ହେବା ପରେ ନାବାଳିକା ଘରକୁ ଯାଇ ଘଟଣା ସମ୍ପର୍କରେ ପରିବାରକୁ ଜଣାଇଥିଲେ। ଏ ସମ୍ପର୍କରେ ପୁରୀଘାଟ ଥାନାରେ ଏତଲା ରୁଜୁ କରାଯାଇଥିଲା।

### ୫ ଫେରାର ଅଭିଯୁକ୍ତ ଗିରଫ

**ଟିଗିରିଆ,୧୮।୯(ଜାଫର ଖାଁ):** ବିଭିନ୍ନ ମାମଲାରେ ଜଡିତ ୫ ଫେରାର୍ ଅଭିଯୁକ୍ତଙ୍କୁ ଟିଗିରିଆ ପୋଲିସ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ମଧ୍ୟରେ ୨୦୨୪ ମସିହାରେ ବିନ୍ଧାଣିମା ଗ୍ରାମରେ ହୋଇଥିବା ଗଣ୍ଡଗୋଳରେ ୪ ଜଣ ଅଭିଯୁକ୍ତ ରହିଛନ୍ତି। ସେମାନେ ହେଲେ ଉକ୍ତ ଗ୍ରାମର ଯୁଗଳ କିଶୋର ସାହୁ, ଗଗନ ସାହୁ, ରଞ୍ଜନ ସାହୁ ଓ ତପନ ସାହୁ। ଏନେଇ ଥାନାରେ ମାମଲା(ନଂ. ୧୩୭/୨୪) ରୁଜୁ ହୋଇଥିଲା। ସେବେଠାରୁ ଅଭିଯୁକ୍ତମାନେ ଫେରାର୍ ଥିଲେ। କୋର୍ଟଙ୍କ ପକ୍ଷରୁ ଗିରଫ ପରୱାନା ଜାରି କରାଯାଇ ଅଭିଯୁକ୍ତମାନଙ୍କୁ ଧରାଯାଇଛି ବୋଲି ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି। ସେହିପରି ଚୋରା ଗଞ୍ଜେଇ କାରବାରରେ ସମ୍ପୃକ୍ତି ଅଭିଯୋଗରେ ଉକ୍ତ ଥାନା ଅନ୍ତର୍ଗତ ନୂଆପାଟଣା ଗ୍ରାମର ପ୍ରତାପ କୁମାର ସେଠୀଙ୍କ ନାମରେ ମାମଲା(ନଂ ୯୮/୨୦୧୯)ରୁଜୁ ହୋଇଥିଲା। କନ୍ଧମାଳ ଜିଲା ବାଲିଗୁଡା କୋର୍ଟରୁ ମାମଲାର ବିଚାରାଧୀନ ଥିଲାବେଳେ ସେ ଫେରାର ହୋଇଯାଇଥିଲେ। ଗୁରୁବାର ଟିଗିରିଆ ପୋଲିସ ପ୍ରତାପଙ୍କୁ ଗିରଫ କରିଛି।

### କାରାରକ୍ଷୀଙ୍କୁ ସ୍ୱର୍ଣ୍ଣପଦକ

**ବାଙ୍କୀ,୧୮।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ଉପକାରାଗାରର ମହିଳା କାରାରକ୍ଷୀ ଶୁଭଲିପ୍ସା ମହାନ୍ତି ହାଇଦ୍ରାବାଦଠାରେ ଅନୁଷ୍ଠିତ ସର୍ବଭାରତୀୟ ପ୍ରିଜନ ଡ୍ୟୁଟିମିଟ -୨୦୨୫ରେ ଭାଗନେଇ ୪୦୦ମିଟର ଦୌଡରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଶୁଭଲିପ୍ସା ଉପକାରାଗାରାରେ ୨୦୨୪ରେ ଯୋଗଦେଇ ଜଣେ ଦକ୍ଷ ଓ ଶୃଙ୍ଖଳିତ କର୍ମଚାରୀ ଭାବେ ସୁନାମ ଅର୍ଜନ କରିଛନ୍ତି। ପୂର୍ବରୁ ଅହମ୍ମଦାବାଦଠାରେ ସର୍ବଭାରତୀୟ ପ୍ରିଜମ ଡ୍ୟୁଟି ମିଟ୍ରେ ଭାଗନେଇ ବିଭିନ୍ନ ବର୍ଗରେ ୨ ସ୍ୱର୍ଣ୍ଣପଦକ ହାସଲ କରିଥିଲେ।

# ସାର ଅଭାବ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ବିକେଜେଡି

**୫୦୦ ମେଟ୍ରିକ ଟନ୍ ସାର ଯୋଗାଇବାକୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର**



ବିଜୁ କୃଷକ ଜନତା ଦଳର କର୍ମୀମାନେ ବିକ୍ଷୋଭ କରୁଛନ୍ତି।

**ଆଠଗଡ, ୧୮।୯(ସତ୍ୟ ପ୍ରସାଦ ରଥ)** ରାଜ୍ୟ, ଜିଲା ତଥା ଆଠଗଡ ନିର୍ବାଚନ ମଣ୍ଡଳୀରେ ଖରିଫ ଧାନ ଚାଷରେ ୟୁରିଆ,ପଟାସ୍ ପରି ଆବଶ୍ୟକ ରାସାୟନିକ ସାର, ଔଷଧ, ବିହନ ଆଦିର ଉତ୍କଟ ଅଭାବ ଦର୍ଶାଇ ବିଜୁ କୃଷକ ଜନତା ଦଳ (ବିକେଜେଡି) ପକ୍ଷରୁ ଗୁରୁବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶରେ ଆଠଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଠଗଡ ଏନ୍ଏସି, ବ୍ଲକ, ଟିଗିରିଆ ବ୍ଲକ ଓ ଟାଙ୍ଗୀ-ଚୌଦାର ବ୍ଲକର କୃଷି ବିଜେଡି କର୍ମୀମାନେ ଏଥିରେ ସାମିଲ ହୋଇଥିଲେ। ଆଠଗଡ଼ ବିକେଜେଡିର ସଭାପତି ସୁବାସଚନ୍ଦ୍ର ପାଳଙ୍କ ନେତୃତ୍ୱରେ କର୍ମୀମାନେ ଆଠଗଡ଼ ମହାବିଦ୍ୟାଳୟ ନିକଟସ୍ଥ ପୂଜ୍ୟପୂଜା ପୀଠସ୍ଥଳୀ ନିକଟରେ ଏକତ୍ରିତ ହୋଇଥିଲେ। ସେଠାରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଏକ ବିଶାଳ ଶୋଭାଯାତ୍ରାରେ ଆସି ଧାରଣାସ୍ଥଳରେ ପହଞ୍ଚି ପ୍ରତିବାଦ କରିଥିଲେ। ଉକ୍ତ ସଭାରେ ଦଳ ପକ୍ଷରୁ ରାଜ୍ୟ ସରକାର ତ୍ରୁଟିପୂର୍ଣ୍ଣ କୃଷି ନୀତିକୁ ସମାଲୋଚନା କରାଯିବା ସହ ଠିକଣା ସମୟରେ ଚାଷୀଙ୍କୁ ସାର ଯୋଗାଇବାରେ କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାର ଫେଲ ମାରିଛି । ସାର ଅଭାବରୁ ଆଠଗଡ, ଟିଗିରିଆ ଅଞ୍ଚଳର ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି ବୋଲି ସେମାନେ କହିଥିଲେ। ଏନେଇ ତୁରନ୍ତ ଉଭୟ ଅଞ୍ଚଳରେ ଧାନ ଚାଷ ହୋଇଥିବା ପାୟ ୨ ହଜାର ହେକ୍ଟର ଜମିରେ ଅଧିକ ୫୦୦ ମେଟ୍ରିକ୍ ଟନ ରାସାୟନିକ ସାର ଯୋଗାଇ ଦେବାକୁ ଆଠଗଡ ଉପଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିକେଜେଡି ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଆଠଗଡ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତ, କଟକ ଜିଲା ବିଜେଡି ଉପସଭାପତି ନୃସିଂହ ଚରଣ ମହାପାତ୍ର, ଲଳିତେନ୍ଦୁ ସେନାପତି, ପ୍ରଦୀପ୍ତ କୁମାର ଦାସ, ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଶାନ୍ତିଲତା ବେହେରା, ମିନତୀ ଗାଗରାଇ, କଟକ ଜିଲା ପରିଷଦ ପୂର୍ବତନ ଉପାଧ୍ୟକ୍ଷ ସୁନୀଲ ପରିଡା, ଏନ୍ଏସି ବିଜେଡି ସଭାପତି ଶିଶିର ପ୍ରସାଦ ମାନସିଂହ, ଯୁବନେତା ପ୍ରକାଶ ରାଉତ, ଏନଏସି ଅଧ୍ୟକ୍ଷା ସସ୍ମିତା ରାଉତ, ମାମୁନି ମିତାଲି ରାଉତ, ଟିଗିରିଆ ବ୍ଲକ ବିକେଜେଡି ସଭାପତି ସେକ୍ ଅବଦୁଲ ତୈୟବ, ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## 'ମନୋରମାଙ୍କ ସାହିତ୍ୟ କୃତି ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିଛି'

**ଆଠଗଡ଼, ୧୮।୯(ସତ୍ୟ ପ୍ରସାଦ ରଥ):** ବିଶିଷ୍ଟ ସାରସ୍ୱତ ସ୍ରଷ୍ଟା, ଶିକ୍ଷାବିତ, ସାମାଜିକ କର୍ମୀ, ପ୍ରବୀଣ ସାମ୍ବାଦିକ ତଥା 'ସମାଜ'ର ପୂର୍ବତନ ସମ୍ପାଦକ ସ୍ୱର୍ଗତ ଡ.ମନୋରମା ମହାପାତ୍ରଙ୍କ ୪ର୍ଥ ଶ୍ରାଦ୍ଧୋତ୍ସବ ଜନ୍ମମାଟି ଆଠଗଡରେ ସ୍ଥାନୀୟ ଗୋପବନ୍ଧୁ ମହିଳା କନିଷ୍ଠ କଲେଜ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନୋରମାଙ୍କ ସାହିତ୍ୟ କୃତି ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିବା ସହ ସେ ନାରୀ ସଶକ୍ତୀକରଣର ଜ୍ୱଳନ୍ତ ଉଦାହରଣ ଥିଲେ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଡ.ରାଧାନାଥ ରଥ ସ୍ମୃତି କମିଟି ଏବଂ ମହିଳା କଲେଜର ମିଳିତ ଆନୁକୂଲ୍ୟରେ ଏହି ଶ୍ରାଦ୍ଧୋତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଡ. ମହାପାତ୍ରଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। କମିଟି ସଭାପତି ଆଇନଜୀବୀ ଅଶୋକ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଲୋକାୟୁକ୍ତ ନିର୍ଦ୍ଦେଶକ ତଥା ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ତ୍ରିଲୋଚନ ପ୍ରଧାନ, ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ହେମନ୍ତ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ନାରାୟଣ ପଣ୍ଡା, ସମ୍ମାନିତ ଅତିଥିଭାବେ ମହିଳା କନିଷ୍ଠ କଲେଜ ଅଧ୍ୟକ୍ଷା ସଂଯୁକ୍ତା ମହାପାତ୍ର ଓ ମହିଳା ସ୍ନାତକ କଲେଜ ଅଧ୍ୟକ୍ଷା ସଙ୍ଗୀତା ମହାପାତ୍ର ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କମିଟି ଆବାହକ ଖବରଦାତା ସୁଧୀ ରଞ୍ଜନ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଯୁଗ୍ମ ସମ୍ପାଦକ ଖବରଦାତା ଶ୍ୱେତକାନ୍ତ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ କଲେଜ ପରିସରରେ ପ୍ରତିଷ୍ଠିତ ମହାପାତ୍ରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ବିଶିଷ୍ଟ ଗୀତିକାର ରାଧାନାଥ ଦାସଙ୍କ ଦ୍ୱାରା ମହାପାତ୍ରଙ୍କ ଉପରେ ରଚିତ ଏବଂ ଗୁରୁଦତ୍ତ ନାୟକଙ୍କ ନିର୍ଦ୍ଦେଶନାରେ କଲେଜର ଛାତ୍ରୀ ଓ ସ୍ଥାନୀୟ କଳାକାର ସ୍ମୃତି ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ଶିକ୍ଷାବିତ, ସାହିତ୍ୟିକ ଓ ସାମାଜିକ କର୍ମୀ ସୁଶ୍ରୀ ରମ୍ଭାବତୀ ସାହୁଙ୍କୁ ଦ୍ୱିତୀୟ ଡ.ମନୋରମା ମହାପାତ୍ର ସ୍ମାରକୀ ପୁରସ୍କାର ସ୍ୱରୂପ ୫ହଜାର ଟଙ୍କା ଓ ମହିଳା କନିଷ୍ଠ କଲେଜରେ ଚଳିତବର୍ଷ ଯୁକ୍ତ୨ ପରୀକ୍ଷାରେ ଟପ୍ପର ହୋଇଥିବା ସୁଶ୍ରୀ ଅଙ୍କିତା ମହାନ୍ତିଙ୍କୁ ମନୋରମା ମହାପାତ୍ର ଛାତ୍ର ବୃତ୍ତି ସ୍ୱରୂପ ୨ ହଜାର ଟଙ୍କା, ପ୍ରମାଣପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଠଗଡ ବୁଦ୍ଧିଜୀବୀ ବରିଷ୍ଠ ନାଗରିକ ସଂଘ, ରୋଟାରି କ୍ଲବ, ଇନରହ୍ୱିଲ କ୍ଲବ, ସମାଜ ପାଠକ ମଞ୍ଚ, ଗ୍ରାଜୁଏଟ୍ସ କ୍ଲବ, ଜଷ୍ଟ ଫର ଇଉ ଆଦି ଅନୁଷ୍ଠାନର ବହୁ କର୍ମକର୍ତ୍ତା, ସଦସ୍ୟ ତଥା ମାନଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଡ. ମହାପାତ୍ରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କଲେଜର ସମସ୍ତ ଅଧ୍ୟାପିକା ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ ।

## ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟରେ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ



ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ ଓ ଛାତ୍ରୀଛାତ୍ର।

**କଟକ,୧୮।୯(କାର୍ତ୍ତିକ ସାହୁ)** ଦେଉଳସାହିସ୍ଥିତ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜାତୀୟ ସେବା ଯୋଜନା ଓଡ଼ିଶା ଶାଖା ପ୍ରଶିକ୍ଷଣ କେନ୍ଦ୍ର ମୁଖ୍ୟ ପ୍ରଶିକ୍ଷିକ ନୀରଦ ବରନ ଖୁଣ୍ଟିଆ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ନିଜର ଉନ୍ନତି ସହ ଦେଶସେବା କରିବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁ ସଭାପତିତ୍ୱ କରି ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରମାନେ ସମାଜ ପ୍ରତି ଉତ୍ସର୍ଗୀକୃତ ହେବାକୁ କହିଥିଲେ। ସେବା ଯୋଜନାର ମହାବିଦ୍ୟାଳୟ ଅଧିକାରୀ ଡ. ସରୋଜ କୁମାର ଦାଶ ଅଧିକରୁ ଅଧିକ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଛାତ୍ରୀ ପ୍ରିୟଙ୍କା ସରାଓଗୀ ଓ ଶିବାନୀ ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ଅଧିକାରୀ ଡ. ସରୋଜ କୁମାର ଦାଶ, ସହ ଅଧିକାରୀ ଅଧ୍ୟାପିକା ଅମ୍ରିତା ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପା ପକ୍ଷରୁ ସେବାପକ୍ଷ ପାଳନ

**ବାଙ୍କୀ,୧୮।୯(ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ବ୍ଲକ ଅନ୍ତର୍ଗତ ରାତଗଡ ଗୋବିନ୍ଦପୁର ପଞ୍ଚାୟତସ୍ଥିତ ପ୍ରସିଦ୍ଧ ଆରାଧ୍ୟା ଦେବୀ ମା' ଖଣ୍ଡୁଆଳୀଙ୍କ ନିକଟରେ ଗୁରୁବାର ସେବାପକ୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଭାଜପା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭ୍ରାଂଶୁ ମୋହନ ପାଢ଼ୀ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନର ସେବାପକ୍ଷ ପାଳନ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଚାକୁଣ୍ଡା, ବର, ବଉଳ ଆଦି ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିଲା। ପ୍ରତ୍ୟେକ ବ୍ୟକ୍ତିବିଶେଷ ଓ ଯୁବ ପିଢ଼ିଙ୍କ ଜନ୍ମ ଦିବସରେ ନିଜ ମା ଓ ବାପାଙ୍କ ନାମରେ ଏକ ଚାରାରୋପଣ କରି ତାର ଯତ୍ନ ନେବାର ଆବଶ୍ୟକତା ରହିଛି। ଏହାଦ୍ୱାରା ପରିବେଶ ପ୍ରଦୂଷିତ ହେବା ସହ ଜୀବଜଗତ ପ୍ରଭାବିତ ହୋଇଥାଏ ଏବଂ ଏହି ସେବାପକ୍ଷ ପାଳନ ଦିବସ ଅବସରରେ ଆଗମୀ ଅକ୍ଟୋବର ୨ ମଧ୍ୟରେ ବିଭିନ୍ନ ସ୍ଥାନରେ ଚାରାରୋପଣ, ରକ୍ତଦାନ ଶିବିର, ସଫେଇ କାର୍ଯ୍ୟକ୍ରମ ଆଦି କରାଯିବ ବୋଲି ପାଢ଼ୀ ଆଲୋକପାତ କରିଛନ୍ତି। ଏହି ଅବସରରେ ଜିଲା କୃଷକ ମୋର୍ଚ୍ଚା ସଭାପତି ଉତ୍କଳ ମଣି ମନ୍ତ୍ରୀ, ପୂର୍ବତନ ଜିଲାପରିଷଦ ମାନସ ମହାପାତ୍ର ପ୍ରମୁଖ ଭାଜପା କାର୍ଯ୍ୟକର୍ତ୍ତା ଏହି ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଛାତ୍ରୀଛାତ୍ରଙ୍କ ପ୍ରତିଭାର ଉନ୍ମେଷ ହେବ



ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ହାକାଥନ-୨୦୨୫ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଡ୍ରିମ୍‌ସରେ ହାକାଥନ୍-୨୦୨୫**

**କଟକ,୧୮।୯(କାର୍ତ୍ତିକ ସାହୁ):** ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ଅନ୍ତଃ ବିଭାଗୀୟ 'ହାକାଥନ୍-୨୦୨୫' ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଇନ୍‌ଷ୍ଟିଚ୍ୟୁଟ୍ ଇନୋଭେସନ୍ କାଉନସିଲ୍ (ଆଇଆଇସି) ଆନୁକୂଲ୍ୟରେ ଆୟୋଜିତ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଡ୍ରିମ୍ସ ସ୍କୁଲ ଇଞ୍ଜିନିୟରିଂ ଓ ଟେକ୍‌ନୋଲେଜି, ସ୍କୁଲ ଅଫ ମ୍ୟାନେଜମେଣ୍ଟ ଏବଂ ସ୍କୁଲ ଅଫ ପ୍ରଫେସନାଲ ଷ୍ଟଡିଜର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ହାର୍ଡୱେୟାର ଓ ସଫ୍ଟୱେୟାର ବିଭାଗରେ ଆୟୋଜିତ ହାକାଥନ୍‌ରେ ରାଜ୍ୟର ପ୍ରମୁଖ ଶିଳ୍ପାନୁଷ୍ଠାନ ଓ ଶିକ୍ଷାନୁଷ୍ଠାନର ବରିଷ୍ଠ ପଦାଧିକାରୀ ଓ ଶିକ୍ଷାବିତ୍ ନିମନ୍ତ୍ରିତ ଜୁରୀ ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ଡ୍ରିମ୍ସ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରଙ୍କ ପ୍ରତିଭାର ଉନ୍ମେଷ ସହ ପ୍ରତିଯୋଗୀ ମନୋଭାବ ବୃଦ୍ଧି ପାଇବ ବୋଲି କହିଥିଲେ। 'ଡିନ୍' ଡ. ନୟନ ରଞ୍ଜନ ସାମଲ ହାକାଥନ୍‌ର ଉପାଦେୟତା କହିଥିଲେ। ଇନ୍‌ଷ୍ଟିଚ୍ୟୁଟ୍ ଇନୋଭେସନ୍ କାଉନସିଲର ସଂଯୋଜକ ପ୍ରାଧ୍ୟାପକ ଡ. ଦୀପକ ରଞ୍ଜନ ବିଶ୍ୱାଳ ସ୍ୱାଗତ ଭାଷଣ, କାର୍ଯ୍ୟକ୍ରମ ସଂଯୋଜକ ଡ. ବଜ୍ର ପଞ୍ଜର ମିଶ୍ର ହାକାଥନ୍ ଆୟୋଜନ ଛାତ୍ରଛାତ୍ରୀଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଦେବ ବୋଲି କହିଥିଲେ। ବିଜୟୀ ଦଳଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସଫଳ ପ୍ରତିଯୋଗୀଙ୍କୁ ଜାତୀୟସ୍ତରୀୟ 'ସ୍ମାର୍ଟ ଇଣ୍ଡିଆ ହାକାଥନ୍'ରେ ଭାଗନେବା ପାଇଁ ମନୋନୀତ କରାଯାଇଥିଲା।

## ବିଧାନସଭାରେ ଉଠିଲା ସାଲେପୁର ସମସ୍ୟା

**ସାଲେପୁର,୧୮।୯(ଅରବିନ୍ଦ ଭୂୟାଁ ):** ସାଲେପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ବିଷୟରେ ଗୁରୁବାର ବିଧାନସଭାରେ ସଭାରେ ଉଠିଛି। ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ବିଧାନସଭାରେ ପ୍ରଶ୍ନ ଉପସ୍ଥାପିତ କରିଛନ୍ତି। ବିଧାନସଭାରେ ବିଧାୟକ ବେହେରା ସାଲେପୁରକୁ ରାଜସ୍ୱ ଉପଖଣ୍ଡର ମାନ୍ୟତା ସହ ଟାଙ୍ଗୀଠାରେ ତହସିଲ ପ୍ରତିଷ୍ଠା ନିମନ୍ତେ ପ୍ରଶ୍ନ ମାଧ୍ୟମରେ ଦାବି ଉପସ୍ଥାପିତ କରିଛନ୍ତି। ବିଧାୟକଙ୍କ ଦାବିମୁତାବକ ଟାଙ୍ଗୀ-ଚୌଦାର ତହସିଲ ଜଗତ୍‌ପୁରରେ ଅବସ୍ଥାପିତ। ଫଳରେ ଟାଙ୍ଗୀ ଓ ଚୌଦାର ଅଞ୍ଚଳର ଲୋକମାନେ ବିଭିନ୍ନ ଜମିଜମା ସମ୍ପର୍କିତ କାଗଜପତ୍ରଠାରୁ ଆରମ୍ଭ କରି ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ ଜଗତପୁର ଆସିବାକୁ ବାଧ ହେଉଛନ୍ତି। ତହସିଲ କାର୍ଯ୍ୟ ପାଇଁ ସେଠାକାର ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବା ସହ ଖର୍ଚ୍ଚାନ୍ତରେ ପଡୁଛନ୍ତି। ତୁରନ୍ତ ସରକାର ଟାଙ୍ଗୀଠାରେ ତହସିଲ ପ୍ରତିଷ୍ଠା କରିବାକୁ ବିଧାୟକ ବେହେରା ଦାବି କରିଥିଲେ। ଏସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ, ଜଗତପୁରରୁ ଟାଙ୍ଗୀକୁ ତହସିଲ ସ୍ଥାନାନ୍ତର ନିମନ୍ତେ ସରକାର ବିଚାର କରୁଛନ୍ତି। ସେହିପରି ବିଧାୟକ ମଧ୍ୟ ସାଲେପୁରକୁ ରାଜସ୍ୱ ଉପଖଣ୍ଡର ମାନ୍ୟତା ନେଇ ପ୍ରଶ୍ନ ରଖିଥିଲେ। ସଦର ମହକୁମା ଘୋଷଣା ନିମନ୍ତେ ଆସିଥିବା ଦାବି ଯଥା ସମୟରେ ନିୟମ ଅନୁଯାୟୀ ସରକାର ବିଚାର କରିବେ ବୋଲି ମନ୍ତ୍ରୀ ପୂଜାରୀ ଉତ୍ତର ରଖିଛନ୍ତି।

## ଭାରସାମ୍ୟ ହରାଇ ଓଲଟିଲା କାର୍, ୨ ଗୁରୁତର

**ବାରଙ୍ଗ,୧୮।୯(ଲିଙ୍ଗରାଜ ରାଉତ):** ନନ୍ଦନକାନନ ପଟୁ ଭୁବନେଶ୍ୱର ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ଏକ ମର୍ସିଡିଜ୍ କାର୍ ଗୁରୁବାର ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଫଳରେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ପରିଚୟ ମିଳିପାରି ନାହିଁ। ସ୍ଥାନୀୟ ଲୋକ ସେମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ଦୁର୍ଘଟଣା ପରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପରେ କ୍ରେନ ସାହାଯ୍ୟରେ ଓଲଟି ପଡ଼ିଥିବା କାରକୁ ରାସ୍ତାରୁ ହଟାଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଛି।

ସୂଚନାଯୋଗ୍ୟ, ଦ୍ରୁତଗତିରେ ଆସୁଥିବା କାର୍(ଓଡ଼ି ୦୯ସି ୯୯୯୯)ଟି ରଘୁନାଥପୁର ଗାଁ ମୁଣ୍ଡ ଲାଲଚାନ୍ଦ ଜୁଏଲାରି ସାମ୍ନା ମୁଖ୍ୟରାସ୍ତା ମଝିରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଭାରସାମ୍ୟ ହରାଇ ଧକ୍କା ଦେଇ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ କାର୍‌ରେ ଥିବା ଜଣେ ପୁଅ ଓ ଝିଅକୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିଲେ। ଖବରପାଇ ନନ୍ଦନକାନନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପ୍ରାୟ ୧ଘଣ୍ଟା ପରେ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# 'ଡିଜେମୁକ୍ତ ରୋଶଣି ନିଶାମୁକ୍ତ ଭସାଣି'

**ଶାରଦୀୟ ପୂଜାରେ କମିଶନରେଟ ପୋଲିସର ଆହ୍ୱାନ**

- ମା'ଙ୍କୁ ପୂଜା ସହ ନାରୀଙ୍କୁ ଯଥୋଚିତ ସମ୍ମାନ
- ପାରମ୍ପରିକ ବାଦ୍ୟଯନ୍ତ୍ର ବ୍ୟବହାର କଲେ ପୁରସ୍କାର
- ଅଘଟଣ ଘଟିଲେ ୧୧୨ ନଂ.କୁ ଯୋଗାଯୋଗ


ଶାରଦୀୟ ଦୁର୍ଗା ପୂଜା ଉପଲକ୍ଷେ କମିଶନରେଟ ପୋଲିସ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ସଚେତନତା କରାଯାଉଛି।

**କଟକ,୧୮।୯(କାର୍ତ୍ତିକ ସାହୁ)** ଆସନ୍ତା ଶାରଦୀୟ ଦୁର୍ଗପୂଜା ଶାନ୍ତିଶୃଙ୍ଖଳା ପାଳନ କରିବା ପାଇଁ କଟକ ସହରାଞ୍ଚଳ ପୋଲିସ ନିଆରା ପଦକ୍ଷେପ ଆରମ୍ଭ କରିଛି। ଲୋକଙ୍କ ନିକଟତର ହୋଇ ସେମାନଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ଦେବାର ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଏକ ସମ୍ପୂର୍ଣ୍ଣ ନୂଆ ନାରା ଦେଇ ସହରାଞ୍ଚଳ ପୋଲିସ ଲୋକଙ୍କ ହୃଦୟ ଛୁଇଁବାର ପ୍ରଚେଷ୍ଟା କରିଛି। ଏଥିପାଇଁ 'ଡିଜେମୁକ୍ତ ରୋଷଣୀ ନିଶାମୁକ୍ତ ଭସାଣି ପଲିଥିନମୁକ୍ତ ଧରଣୀ' ନାରାକୁ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସହରର ମୁଖ୍ୟ ଜାଗାଗୁଡ଼ିକରେ ପ୍ରଚାର କରାଯାଇଛି। ଆଗାମୀ ପୂଜା, ପାର୍ବଣ ଓ ଭସାଣି ଶୋଭାଯାତ୍ରାକୁ ଦୃଷ୍ଟିରେ ରଖି ଗୁରୁବାର ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ମୁଖ୍ୟତଃ କେତେକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଅଲୋଚନା କରାଯାଇ ଜନସାଧାରଣ ଓ ଯୁବ ବନ୍ଧୁମାନଙ୍କ ସହଯୋଗ କାମନା କରଛି ପୋଲିସ।

ପ୍ରକାଶ ଯେ, ଚଳିତବର୍ଷ ପୂଜା, ପାର୍ବଣ ଓ ଶୋଭାଯାତ୍ରାଗୁଡ଼ିକରେ ଡିଜେ ସାଉଣ୍ଡ ସିଷ୍ଟମ ବ୍ୟବହାର ନ କରିବାକୁ ଓ ଡାକବାଜି ଯନ୍ତ୍ର ଶବ୍ଦର ମାତ୍ରାକୁ ସ୍ଥିରୀକୃତ ସୀମା (୬୫ ଡେସିବିଲ) ମଧ୍ୟରେ ବ୍ୟବହାର କରିବା ପାଇଁ କୁହାଯାଇଛି। ଯୁବବର୍ଗଙ୍କଠାରୁ ଆରମ୍ଭ କରି ସବୁ ବର୍ଗର ଲୋକେ କୌଣସି ମାଦକ ଦ୍ରବ୍ୟ ସେବନ ନ କରିବା ପାଇଁ କୁହାଯାଇଛି। ପୂଜା ଏବଂ ଭସାଣି ସମୟରେ ସର୍ବସାଧାରଣ ସ୍ଥାନରେ କୌଣସି ପ୍ରକାର ଆତସବାଜି ନ କରିବା ପାଇଁ ଆଲୋଚନା କରାଯାଇଛି। ପୂଜା ଅବସରରେ ମା'ଙ୍କୁ ପୂଜା କରିବା ସହିତ ନାରୀମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରିବା ପାଇଁ ମଧ୍ୟ ଉପଦେଶ ଦିଆଯାଇଛି। ପୂଜା ସମୟରେ ସର୍ବଦା ଯାନବାହନଗୁଡ଼ିକୁ ପୋଲିସ ଦ୍ୱାରା ସ୍ଥିରୀକୃତ ପାର୍କିଂ ସ୍ଥାନରେ ରଖିବା ଓ ଟ୍ରାଫିକ ନିୟମ ପାଳନ ପାଇଁ ପରାମର୍ଶ ଦିଆଯାଇଛି। ପୂଜା ମଣ୍ଡପ ପରିସରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଏବଂ କଟକ ସହରକୁ ପଲିଥିନମୁକ୍ତ କରିବା ନିମନ୍ତେ ସହଯୋଗ କାମନା କରାଯାଇଛି। ଜନଗହଳି ଅଞ୍ଚଳରେ ନିଜର ମୂଲ୍ୟବାନ ଜିନିଷପତ୍ର ଟଙ୍କା, ସୁନାଅଳଙ୍କାର ଏବଂ ମୋବାଇଲ ଫୋନ ଇତ୍ୟାଦି ପ୍ରତି ଯତ୍ନବାନ ହେବା ପାଇଁ ସଚେତନ କରାଯାଇଛି। ଯେଉଁ ପୂଜା କମିଟିଗୁଡିକ ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟଯନ୍ତ୍ର ବ୍ୟବହାର କରିଲେ, ସେମାନଙ୍କୁ କଟକ ସହରାଞ୍ଚଳ ପୋଲିସ ପକ୍ଷରୁ ପୁରସ୍କୃତ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଯଦି ଜଣସାଧାରଣଙ୍କ ସହିତ କୌଣସି ପ୍ରକାର ଅଘଟଣ ଘଟେ, ତେବେ ତୁରନ୍ତ ନିକଟସ୍ଥ ପୋଲିସ ସହାୟତା କେନ୍ଦ୍ର, ଥାନା କିମ୍ବା ୧୧୨ ନମ୍ବରକୁ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ଆମେ ସମସ୍ତେ ମିଳିମିଶି କଟକ ସହରାଞ୍ଚଳ ପୋଲିସର ଉପର ପ୍ରୟାସକୁ ସଫଳ କରିବା ପାଇଁ ଜନସାଧାରଣଙ୍କୁ ଉପରକ୍ତ ସଚେତନତା କାର୍ଯ୍ୟକ୍ରମରେ ଅନୁରୋଧ କରାଯାଇଛି। ଏହିଭଳି ସଚେତନତା କାର୍ଯ୍ୟକ୍ରମ କଟକ ସହରର ବିଭିନ୍ନ ଥାନା ପକ୍ଷରୁ କରାଯାଇଛି। ୪୨ ମୌଜା ଥାନାର ସୁଦର୍ଶନ ମହାବିଦ୍ୟାଳୟ, କ୍ୟାଣ୍ଟନମେଣ୍ଟ ଥାନାର ଖ୍ରୀଷ୍ଟ ମହାବିଦ୍ୟାଳୟ, ଚାଉଳିଆଗଞ୍ଜ ଥାନାର ଜେକେବିକେ ମହାବିଦ୍ୟାଳୟ, ମାଲଗୋଦାମ ଥାନା କମଳାକାନ୍ତ ବିଦ୍ୟାପୀଠ, ଲାଲବାଗ ଥାନା କାଜିବଜାର ହାଇସ୍କୁଲ ଓ ବାଦାମବାଡ଼ି ଥାନା କଟକ ନେତାଜୀ ବସ୍ ଟର୍ମିନାଲରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା।

# ୩ ବର୍ଷ ହେବ ଖାଲିପଡ଼ିଛି ନିର୍ବାହୀ ଯନ୍ତ୍ରୀ ପଦବୀ

**କଟକ ଜିଲା ପରିଷଦ କାର୍ଯ୍ୟାଳୟ**

**କଟକ ସଦର,୧୮।୯ (ସୁଶାନ୍ତ କୁମାର ଜେନା)** ତ୍ରିସ୍ତରୀୟ ପଞ୍ଚାୟତିରାଜ ସଂସ୍ଥାକୁ ସରକାର ବିଭିନ୍ନ ପ୍ରକାରର ପ୍ରକଳ୍ପ ପାଇଁ ଅନୁଦାନ ପ୍ରଦାନ କରୁଛନ୍ତି। ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପର ରୂପାୟନ ଦାୟିତ୍ୱ ବ୍ଲକ ଗ୍ରହଣ କରୁଥିବା ବେଳେ ସମ୍ପୃକ୍ତ କାର୍ଯ୍ୟର ତଦନ୍ତ ଦାୟିତ୍ୱ ଜିଲା ପରିଷଦ କାର୍ଯ୍ୟାଳୟରେ ଅବସ୍ଥାପିତ ନିର୍ବାହୀ ଯନ୍ତ୍ରୀ ତଥା ଅତିରିକ୍ତ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ହାତରେ ରହିଛି। କଟକ ଜିଲା ପରିଷଦ କାର୍ଯ୍ୟାଳୟରେ ଏହି ପଦବୀ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଖାଲି ପଡିଛି। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ସଂସ୍ଥା କଟକ ଡିଭିଜନ ନଂ-୧ର ଅଧୀକ୍ଷଣ ଯନ୍ତ୍ରୀ ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି। ଜଣେ ଏକାଧିକ ଦାୟିତ୍ୱରେ ରହିଲେ ସବୁ କାର୍ଯ୍ୟ ଠିକ ଭାବେ ହୋଇପାରିବ ନାହିଁ ବୋଲି ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ସଭାପତି ମନୋଜ କୁମାର ନାୟକ କହିଛନ୍ତି। ଜିଲାର ୧୪ଟି ବ୍ଲକ ଜଣେ ଅଧିକାରୀ ଉପରେ ନିର୍ଭର କରିବା ଦ୍ୱାରା କାର୍ଯ୍ୟ ତଦାରଖରେ ବ୍ୟାଘାତ ସୃଷ୍ଟି ହେବା ସ୍ୱାଭାବିକ ବୋଲି ନାୟକ ଅଭିଯୋଗ କରିଛନ୍ତି। ନିକଟରେ ଧରିଣା ପଞ୍ଚାୟତ ଅନ୍ତର୍ଗତ ଅର୍ଚ୍ଛିଲି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଉଦଘାଟନ ବେଳେ ନିମ୍ନମାନର କାମ ହୋଇଥିବା ଅଭିଯୋଗ ପରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ବିଲ୍ ସ୍ଥଗିତ ରଖିବା ପାଇଁ ବ୍ଲକ ସହକାରୀ ଯନ୍ତ୍ରୀଙ୍କୁ କହିଥିଲେ। ବର୍ତ୍ତମାନ ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀ ବସୁନ୍ଧରା ରାଉତରାୟ ଚୂଡାନ୍ତ ବିଲ୍ କରିନାହାନ୍ତି ବୋଲି ଜଣାପଡିଛି। ଏହି ନିର୍ମାଣକୁ ଜିଲା ପରିଷଦ କାର୍ଯ୍ୟାଳୟର ଭାରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ତଦାରଖ କରିବା ପରେ ବିଲ ପୈଠ ହୋଇଥିବା ଅନୁସନ୍ଧାନରୁ ଜଣାପଡିଛି। ସରକାର ଶୀଘ୍ର ଏହି ପଦବୀ ପୂରଣ ପାଇଁ ଦାବି ହେଉଛି। ପଦବୀ ଖାଲି ସମ୍ପର୍କରେ ଭାର ପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ଅଭିମନ୍ୟୁ ଦାସଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ୨୪ ସୁଦ୍ଧା ଭୋଟ ଗଣତି ନ ହେଲେ ଧାରଣା

**ଦଳେଇସାହି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପ୍ରସଙ୍ଗ**

- ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଲେ ୱାର୍ଡମେମ୍ବର
- ହାଇକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ପଦକ୍ଷେପ ନିଆଯିବ: ଜିଲାପାଳ

**ଖୋର୍ଦ୍ଧା,୧୮।୯(ପ୍ରଭାତ ପାଣିଗ୍ରାହୀ)**


ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେବାକୁ ଆସିଥିବା ୱାର୍ଡମେମ୍ବରମାନେ।

ବୋଲଗଡ଼ ବ୍ଲକ୍ ଦଳେଇସାହି ସରପଞ୍ଚଙ୍କ ମନମୁଖି କାର୍ଯ୍ୟ ବିରୋଧରେ ୧୨ ୱାର୍ଡମେମ୍ବର ଅନାସ୍ଥା ପ୍ରସ୍ତାବ ଆଣି ଗତ ଜୁଲାଇ ୨୫ରେ ଉପଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଚଳିତ ମାସ ୩ ତାରିଖରେ ଅନାସ୍ଥା ବିରୋଧରେ ଭୋଟିଂ ହୋଇଥିଲା। ତେବେ ଏ ସଂକ୍ରାନ୍ତରେ ସରପଞ୍ଚଙ୍କ ପକ୍ଷରୁ ହାଇକୋର୍ଟରେ ଏକ ରିଟ୍ ପିଟିଶନ କରାଯାଇଥିବାରୁ ଗଣତି ସ୍ଥଗିତ ରହିଥିଲା। ପରବର୍ତ୍ତୀ ସମୟରେ ୧୬ ତାରିଖରେ ଭୋଟ ଗଣତି ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ତେବେ ଉକ୍ତ ତାରିଖରେ ମଧ୍ୟ ଗଣତି ହୋଇ ନ ଥିଲା। ଫଳରେ ଗୁରୁବାର ୧୪ଜଣ ୱାର୍ଡମେମ୍ବର ଜିଲାପାଳଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିବା ସହ ତୁରନ୍ତ ଭୋଟ ଗଣତି ପାଇଁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ୨୪ ତାରିଖ ସୁଦ୍ଧା ଭୋଟ ଗଣତି କରା ନ ଗଲେ ବ୍ଲକ୍ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ୱାର୍ଡମେମ୍ବରମାନେ ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ୩ନମ୍ବର ୱାର୍ଡମେମ୍ବର ଜ୍ୟୋତ୍ସ୍ନାରାଣୀ ନାୟକ କହିଛନ୍ତି, ପୂର୍ବରୁ ଉପଜିଲାପାଳଙ୍କ ନିକଟରେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଦିଆଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତ ଆବଶ୍ୟକ କାଗଜପତ୍ର ଉପଜିଲାପାଳଙ୍କ ପକ୍ଷରୁ ଦାଖଲ କରାଯାଇନାହିଁ। ଫଳରେ ଗଣତି ହୋଇପାରୁନାହିଁ। ପ୍ରଶାସନ ପକ୍ଷରୁ ଆବଶ୍ୟକ କାଗଜପତ୍ର ହାଇକୋର୍ଟରେ ଦାଖଲ ପାଇଁ ନିବେଦନ କରିଛନ୍ତି। ସେହିପରି ଶରତ କୁମାର ଦଳାଇ କୁହନ୍ତି, ଜିଲାପାଳଙ୍କ ନିକଟରେ ଏ ସଂକ୍ରାନ୍ତରେ ପୁଣି ଥରେ ଦାବିପତ୍ର ଦିଆଯାଇଛି। ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟିଂ ସରିଛି। ଜିଲା ପ୍ରଶାସନ ପକ୍ଷରୁ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଦାବି କରାଯାଇଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଜିଲାପାଳ ଅମ୍ରିତ ଋତୁରାଜ କହିଛନ୍ତି, ଅନାସ୍ଥା ବିରୋଧରେ ଭୋଟିଂ ସରିଛି। ଗଣତି ପୂର୍ବରୁ ଏ ସଂକ୍ରାନ୍ତରେ ହାଇକୋର୍ଟରେ ରିଟ୍ ପିଟିଶନ କରାଯାଇଛି। ଫଳରେ ଗଣତି ସ୍ଥଗିତ ରହିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସ୍ଥାନୀୟ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ କାଗଜପତ୍ର ଦିଆଯାଇଛି। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

ୱାର୍ଡମେମ୍ବରମାନଙ୍କ ଅଭିଯୋଗ ଅନୁଯାୟୀ, ସ୍ତ୍ରୀ ସରପଞ୍ଚ ହୋଇଥିବା ବେଳେ ତାଙ୍କ ସ୍ୱାମୀ ପଞ୍ଚାୟତ କାର୍ଯ୍ୟାଳୟ ଚଳାଉଛନ୍ତି। ସରପଞ୍ଚଙ୍କ ଅସମ୍ବିଧାନିକ କାର୍ଯ୍ୟ ଯୋଗୁ ପଞ୍ଚାୟତର ବିକାଶ ବାଧାପ୍ରାପ୍ତ ହେଉଛି। କୌଣସି ଉନ୍ନୟନମୂଳକ କାର୍ଯ୍ୟରେ ୱାର୍ଡମେମ୍ବରମାନଙ୍କ ମତାମତ ନେବା ପରିବର୍ତ୍ତେ ଏକପାଖିଆ ଭାବେ ନିଷ୍ପତ୍ତି ନେଇ କାର୍ଯ୍ୟ କରୁଛନ୍ତି। ପଞ୍ଚାୟତରେ କ'ଣ କାମ ହେଉଛି, ତାହା ୱାର୍ଡମେମ୍ବରମାନେ ଜାଣିବାରୁ ବଞ୍ଚିତ ହେଉଛନ୍ତି। ଗତ ୩ ବର୍ଷ ମଧ୍ୟରେ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି ବୋଲି ଗଣମାଧ୍ୟମରେ କହିଛନ୍ତି।

# ସ୍କନ୍ଦମାତା ବେଶରେ ମା' ବନଦୁର୍ଗା

**ନିରାକାରପୁର,୧୮।୯(ମାନସ ଚନ୍ଦ୍ର ପଟ୍ଟନାୟକ)**



ଶାରଦୀୟ ଷୋଡ଼ଶ ପୂଜା ଅବସରରେ ଗୁରୁବାର ରାମେଶ୍ୱର ପଞ୍ଚାୟତସ୍ଥିତ ମା' ବନଦୁର୍ଗା ସ୍କନ୍ଦମାତା ବେଶରେ ଦର୍ଶନ ଦେଇଛନ୍ତି। ସକାଳେ ମା'ଙ୍କର ମଙ୍ଗଳ ଆଳତି, କଳସପୂଜା, ସୂର୍ଯ୍ୟପୂଜା, ପଞ୍ଚଦେବତା ପୂଜା ପରେ ସହସ୍ର କୁମ୍ଭାଭିଷେକ କରାଯାଇଥିଲା। ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟା ବାଲଭୋଗ, ଆଳତି, ଅଧରପଣା ଓ ମହାପ୍ରସାଦ ମା'ଙ୍କୁ ସମର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ଡ. କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ ପଣ୍ଡିତ ତପନ କୁମାର ମହାପାତ୍ର, ବିଷ୍ଣୁପ୍ରିୟା ପଟ୍ଟଯୋଷୀ, ସୁବ୍ରତ ମିଶ୍ର, ପଣ୍ଡିତ ସୀତାକାନ୍ତ ଦାଶ ଏବଂ ବେଦ ବିଦ୍ୟାର୍ଥୀମାନେ ସହଯୋଗ କରିଥିଲେ। ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କର ଏହି ଦିବ୍ୟବେଶ ଦର୍ଶନ କରିଥିଲେ।

# ଶିକ୍ଷାର ଘରୋଇକରଣକୁ ବିରୋଧ


ଏଆଇଡିଏସ୍‌ଓ ଖୋର୍ଦ୍ଧା ଶାଖା ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଖୋର୍ଦ୍ଧା,୧୮।୯(ପ୍ରଭାତ ପାଣିଗ୍ରାହୀ)**

ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ସେପ୍ଟେମ୍ବର ୧୩ରେ ରାଜ୍ୟର ଶିକ୍ଷକ ଶିକ୍ଷା ଅନୁଷ୍ଠାନ ଓ ଡିଗ୍ରୀ ମହାବିଦ୍ୟାଳୟଗୁଡ଼ିକୁ ଜାରି କରାଯାଇଥିବା ନୋଟିସ ଅନୁଯାୟୀ ଯେଉଁ ଶିକ୍ଷାନୁଷ୍ଠାନ ୪ବର୍ଷିଆ ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେଶନ ପ୍ରୋଗ୍ରାମ (ଆଇଟିଇପି) ପାଇଁ ଆବେଦନ କରୁଛନ୍ତି ସେମାନେ ଚୁକ୍ତିଭିତ୍ତିକ ଅତିଥି ଅଧ୍ୟାପକ ନିଯୁକ୍ତି କରିବେ। ଛାତ୍ରୀଛାତ୍ରମାନଙ୍କଠାରୁ ଆଦାୟ ହେଉଥିବା କୋର୍ସ ଫି'ରୁ ହିଁ ସେମାନେ ଦରମା ନେବେ। ସେଥିପାଇଁ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କଠାରୁ ବାର୍ଷିକ ମୁଣ୍ଡ ପିଛା ୪୫,୦୦୦ ଟଙ୍କା ଆଦାୟ କରାଯିବ। ଫଳରେ ପ୍ରଶିକ୍ଷାର୍ଥୀମାନେ ଆର୍ଥିକ ଶୋଷଣର ଶିକାର ହେବେ। ସରକାରଙ୍କ ଏହି ନିଷ୍ପତ୍ତିକୁ ସମାଲୋଚନା କରିଛି ଏଆଇଡିଏସ୍‌ଓ ଖୋର୍ଦ୍ଧା ଶାଖା। ଗୁରୁବାର ପୂର୍ବାହ୍ନରେ ଏହାର ପ୍ରତିବାଦରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ସ୍ଥାୟୀ ଅଧ୍ୟାପକ ନିଯୁକ୍ତି, କୋର୍ସ ଫି ଆଦାୟ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଉ। ଶିକ୍ଷାର ଘରୋଇକରଣ ଓ ବ୍ୟବସାୟୀକରଣ ବନ୍ଦ ଦାବି ରହିଛି। ଖୋର୍ଦ୍ଧା ଶାଖା କମିଟି ସମ୍ପାଦକ ଅବିନାଶ ପ୍ରଧାନ, ସଭାପତି ଶ୍ରୀକାନ୍ତ ନାୟକ, ଛାତ୍ରନେତା ରାକେଶ କାଣ୍ଡି, ସୂର୍ଯ୍ୟକାନ୍ତ ଜେନା, ଶ୍ରୀଦେବୀ ନାୟକ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ୟୁରିଆ ସାର ପାଇଁ ଚାଷୀଙ୍କ ହୋହଲ୍ଲା



**ଟାଙ୍ଗୀ,୧୮।୯(ରଘୁନାଥ ସାହୁ)**

**ସାର ପାଇଁ 'ଆଧାର' ଧାଡ଼ି**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ୍ ଅଞ୍ଚଳରେ ୟୁରିଆ ସାର ଅଭାବ ଚାଷୀଙ୍କ ଚିନ୍ତା ବଢ଼ାଇଛି। ଗୁରୁବାର ବଡ଼ପୋଖରୀଆ ସେବା ସମବାୟ ସମିତିରୁ ସାର ନେବା ପାଇଁ ଆସିଥିବା ଚାଷୀମାନେ ଆଧାର କାର୍ଡକୁ ଲମ୍ବାଧାଡ଼ିରେ ରଖି ଅପେକ୍ଷା କରିଥିଲେ। ଏପରିକି କେତେଜଣ ଚାଷୀ ସାର ପାଇଁ ହୋହଲ୍ଲା କରୁଥିବା ଦେଖିବାକୁ ମିଳିଥିଲା। ସୂଚନା ମୁତାବକ, ବଡ଼ପୋଖରୀଆ ସେବା ସମବାୟ ସମିତିକୁ ୨୨୨ବସ୍ତା ୟୁରିଆ ସାର ବଣ୍ଟନ ପାଇଁ ଆସିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଗୁରୁବାର ଭୋରୁ ପ୍ରାୟ ୭ଶହରୁ ଊର୍ଦ୍ଧ୍ୱ ଚାଷୀ ପାକ୍ସ ସମ୍ମୁଖରେ ସାର ନେବା ପାଇଁ ଆଧାରକାର୍ଡକୁ ଲମ୍ବାଧାଡ଼ିରେ ରଖି ଅପେକ୍ଷା କରିଥିଲେ। ତେବେ ୨୨୨ ପ୍ୟାକେଟ୍ ସାର ଆସିଥିବାରୁ ପାକ୍ସ କର୍ତ୍ତୃପକ୍ଷ ପ୍ରଥମେ ଋଣ ନେଇଥିବା ଚାଷୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଚାଷୀ ପ୍ରତି ଗୋଟିଏ ପ୍ୟାକେଟ ସାର ଦେବାକୁ ନିଷ୍ପତ୍ତି ନେଇଥିଲେ। ଫଳରେ ଅପେକ୍ଷାରେ ଥିବା ଅନେକ ଚାଷୀ ସାର ପାଇବାରୁ ବଞ୍ଚିତ ହୋଇଥିଲେ। ଫଳରେ ସାର ପାଇ ନ ଥିବା ଚାଷୀମାନଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। କେତେଜଣ ଚାଷୀ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ପାକ୍ସ ସମ୍ମୁଖରେ ବିଭିନ୍ନ ନାରା ଦେଇଥିଲେ। ଏହା ପରେ ପାକ୍ସ କର୍ତ୍ତୃପକ୍ଷ ଏବଂ ସମବାୟ ସମିତିର ଆଲୋଚନା ପରେ ପ୍ରତି ଚାଷୀଙ୍କୁ ୨୨କେଜି ଲେଖାଏ ସାର ବଣ୍ଟନ କରିଥିଲେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର: ୧୭୨ ଯୋଗ୍ୟ ବିବେଚିତ

**ଜଟଣୀ,୧୮।୯(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପଞ୍ଚାୟତ ସମିତି ଆନୁକୂଲ୍ୟରେ ଗୁରୁବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜଟଣୀ ପଞ୍ଚାୟତ ସମିତି ଉନ୍ନୟନ ଅଧିକାରୀ ବସନ୍ତ କୁମାର ହାତୀ, ବ୍ଲକ୍ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ କୁମାର ହିଆଲ ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ବ୍ଲକ ଅଧୀନ ୧୫ଟି ପଞ୍ଚାୟତ ଏବଂ ଜଟଣୀ ପୌରାଞ୍ଚଳର ୨୩ଟି ୱାର୍ଡର ମୋଟ୍ ୨୮୪ ଜଣ ଦିବ୍ୟାଙ୍ଗ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରେ ଶାରୀରିକ ଅକ୍ଷମରେ ୧୨୪ଜଣ, ଦୃଷ୍ଟିହୀନତା ୩୯ଜଣ, ଶ୍ରବଣ ଓ ବାକ୍‌ଶକ୍ତି ବାଧିତରେ ୫୩ଜଣ ଏବଂ ମାନସିକ ଅନଗ୍ରସରରେ ୬୮ଜଣ ରହିଛନ୍ତି। ତେବେ ଡାକ୍ତରଙ୍କ ପରୀକ୍ଷା ନିରୀକ୍ଷା ପରେ ମୋଟ୍ ୨୮୪ ଆବେଦନକାରୀଙ୍କ ମଧ୍ୟରୁ ୧୭୨ଜଣ ଦିବ୍ୟାଙ୍ଗ ସାର୍ଟିଫିକେଟ୍ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଇତିଶ୍ରୀ ସାମଲ, ଜୁନିୟର ଆସିଷ୍ଟାଣ୍ଟ ସୁମନ କୁମାର ମଲିକ, ଦିଲୀପ କୁମାର ମହାପାତ୍ର, ବାସୁଦେବ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ମାଧ୍ୟାହ୍ନଭୋଜନ ବିରାମ ପରେ ଡାକ୍ତରମାନେ ପଳାଇଯାଇଥିବାରୁ ଦୀର୍ଘ ସମୟ ଧରି ଲୋକମାନେ ଅପେକ୍ଷା କରି ରହିଥିଲେ। ଏନେଇ ଜଟଣୀ ନଗରପାଳ ଅନନ୍ତ ବେହେରା ଘଟଣା ସମ୍ପର୍କରେ ସିଡିଏମ୍‌ଓଙ୍କୁ ଜଣାଇଥିଲେ। ପରେ ଡାକ୍ତରମାନେ ଶିବିରକୁ ଆସିବା ପରେ ସ୍ଥିତି ସୁଧୁରିବା ସହିତ ଲୋକେ ଉପକୃତ ହୋଇଥିଲେ ବୋଲି ନଗରପାଳ ବେହେରା କହିଛନ୍ତି।

# ଆସ ସ୍କୁଲ ଯିବା ସଚେତନତା କାର୍ଯ୍ୟକ୍ରମ

**ବାଣପୁର,୧୮।୯(ଦିଲୀପ କୁମାର ସ୍ୱାଇଁ)**



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଶିକ୍ଷକମାନେ।

ଶିକ୍ଷା ଅଧିକାର ଆଇନ ୨୦୦୯ ଅନୁସାରେ ସବୁ ପିଲା ପାଠ ପଢ଼ିବାର ଅଧିକାର ରହିଛି। ରାଜ୍ୟ ସରକାରଙ୍କ ବିକଶିତ ଭାରତ ଏବଂ ବିକଶିତ ଓଡ଼ିଶା ଗଠନ ଦିଗରେ ବିଦ୍ୟାଳୟ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ନରେନ୍ଦ୍ରପୁର ପଞ୍ଚାୟତ ଉପେନ୍ଦ୍ର ବିଦ୍ୟାପୀଠର ବରିଷ୍ଠ ଶିକ୍ଷକ ଶିଶିର କୁମାର ଦାସଙ୍କ ସଭାପତିତ୍ୱରେ ହଳନ୍ଦା ଗ୍ରାମରେ ବିଦ୍ୟାଳୟ ଛାତ୍ରୀଛାତ୍ର ଏବଂ ହଳନ୍ଦା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପଦଯାତ୍ରା ଓ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଯାଇଛି। ହଳନ୍ଦା ଗ୍ରାମରେ ଅନୁଷ୍ଠିତ ସଭାରେ ସରପଞ୍ଚ ସବିତା ଦାସ, ବାଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ଜାଲି ପ୍ରମୁଖ ଯୋଗଦେଇ ଆସ ସ୍କୁଲ ଯିବା ସଚେତନତା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ସିଆର୍‌ସି ଶ୍ରୀକାନ୍ତ ସାହୁ, ପ୍ରଧାନ ଶିକ୍ଷକ ଦିଲୀପ କୁମାର ଶ୍ରୀଚନ୍ଦନ, ଶିକ୍ଷକ ସମର କେଶରୀ ଜେନା, ରାଜ କିଶୋର ରାଉତରାୟ, ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗିରିଧାରୀ ସେଠୀ, ମନୋଜ କୁମାର ଦାସ ଯୋଗଦେଇଥିଲେ।

# ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

**ବେଗୁନିଆ,୧୮।୯**
**(ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ଥାନା ପୋଲିସ ବିଭିନ୍ନ ସ୍ଥାନରେ ତଲାସି କରୁଥିବା ବେଳେ ୨ଜଣ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ନୟାଗଡ଼ ଜିଲା ରଣପୁର ଥାନା କୋଟଗଡ଼ ଗ୍ରାମର କାମ୍ପା ଦୋରା ଏବଂ ଦିନେଶ ଶାହା। ସେମାନଙ୍କ ନିକଟରୁ ୮.୧୪ ଗ୍ରାମ୍ ବ୍ରାଉନ୍‌ସୁଗାର ସହିତ ବ୍ୟବହୃତ ଏକ ବାଇକ୍ (ଓଡି୦୨ ସିସି ୨୧୭୦) ଜବତ ଜବତ କରାଯାଇଛି। ଏନେଇ ଏସ୍‌ଆଇ ଉମାକାନ୍ତ ବେହେରାଙ୍କ ଅଭିଯୋଗକ୍ରମେ ଏକ ମାମଲା (ନଂ.୨୭୫/୨୫)ରୁଜୁ ପରେ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ତଦନ୍ତ ଭାର ନେଇଛନ୍ତି। ପୋଲିସ ସୂଚନା ଅନୁସାରେ, ଗୁରୁବାର ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ବେଗୁନିଆ ଥାନା ଅନ୍ତର୍ଗତ ଗଡ଼ମାଣତୀର ଛକ ନିକଟରେ ଥାନା କର୍ମଚାରୀଙ୍କ ପକ୍ଷରୁ ତଲାସି ଅଭିଯାନ ଜାରି ରହିଥିଲା। ସେହିସମୟରେ କାମ୍ପା ଓ ଦିନେଶ ବାଇକ୍‌ରେ ରଣପୁର ପଟୁ ଖୋର୍ଦ୍ଧା ସଦର ଅଞ୍ଚଳକୁ ଯାଉଥିଲେ। ପୋଲିସର ସନ୍ଦେହ ହେବାରୁ ଉଭୟଙ୍କୁ ଅଟକାଇ ତଲାସି କରିବା ବେଳେ ବ୍ରାଉନ୍‌ସୁଗାର ଜବତ ହୋଇଥିଲା।

# ୨୦ରେ ବୃତ୍ତିଗତ ଚିତ୍ରଶିଳ୍ପୀଙ୍କ ଜିଲାସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା

**ଖୋର୍ଦ୍ଧା,୧୮।୯(ପ୍ରଭାତ ପାଣିଗ୍ରାହୀ)**

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଜିଲାସ୍ତରୀୟ ସେବା ପର୍ବ -୨୦୨୫ ଅନୁଯାୟୀ ଆସନ୍ତା ୨୦ ତାରିଖରେ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଏକ ଜିଲାସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ଜିଲା ସଂସ୍କୃତି କାର୍ଯ୍ୟାଳୟ ପରିସରରେ ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ପେସାଦାର ସ୍ଥାନୀୟ ଚିତ୍ରଶିଳ୍ପୀମାନେ ଅଂଶଗ୍ରହଣ କରିବେ। ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ପ୍ରତିଯୋଗୀ ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ନାହିଁ । ବିକଶିତ ଭାରତ ୨୦୪୭ ଗଠନର ଦୃଷ୍ଟିକୋଣକୁ ଦୃଷ୍ଟିରେ ରଖି ବିଷୟବସ୍ତୁ 'ଭାରତର ପ୍ରଗତିକୁ ଆକାର ଦେଉଥିବା ନବସୃଜନ ଏବଂ ପ୍ରଯୁକ୍ତି ବିଦ୍ୟା, ସବୁଜ ଓ ସ୍ଥାୟୀ ବିକାଶର ମଡେଲ, ନାରୀ ସଶକ୍ତୀକରଣ ଓ ଯୁବ ନେତୃତ୍ୱ, ସାଂସ୍କୃତିକ ପରମ୍ପରାର ସଂରକ୍ଷଣ ଏବଂ ପ୍ରଚାର, ଶାନ୍ତି ଏବଂ ଜ୍ଞାନରେ ବିଶ୍ୱଗୁରୁ ଭାରତ ଆଦି ବିଷୟ ଉପରେ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଶ୍ରେଷ୍ଠ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଚିତ୍ରଶିଳ୍ପୀମାନେ ଆସନ୍ତା ୨୫ତାରିଖରେ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଚିତ୍ରକଳା ପ୍ରତିଯୋଗିତାରେ ଭାଗନେବାକୁ ଚାହୁଁଥିବା ପ୍ରତିଯୋଗୀମାନେ dcok-hordha@gmail.com କୁ ଇ-ମେଲ୍ କରିପାରିବେ କିମ୍ବା ଫୋନ ୭୯୭୮୦୩୧୫୦୪ ମାଧ୍ୟମରେ ସବିଶେଷ ସୂଚନା ଓ ତଥ୍ୟ ସଂଗ୍ରହ କରିପାରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ସୂଚନା ଦେଇଛନ୍ତି।

# 'ରାଜନୈତିକ ବ୍ୟବସ୍ଥାର ମୂଳମନ୍ତ୍ର ରାଜନୀତି ବିଜ୍ଞାନ'

**ବେଗୁନିଆ ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ**

**ବେଗୁନିଆ,୧୮।୯(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ମହାବିଦ୍ୟାଳୟର ଯୁକ୍ତ ୩ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଗୁରୁବାର ସ୍ୱାଗତ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଭାଗର ମୁଖ୍ୟ ଜୟକୃଷ୍ଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଅଧ୍ୟକ୍ଷା ଡ.ସବିତାଞ୍ଜଳି ସେନାପତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଯୁକ୍ତ ୩ ରାଜନୀତି ବିଜ୍ଞାନ(ସମ୍ମାନ) ବିଭାଗର ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଭାଗ ପକ୍ଷରୁ ସ୍ୱାଗତ କରାଯାଇଥିଲା। ମହାବିଦ୍ୟାଳୟର ସମସ୍ତ ନୀତି, ନିୟମ, ଅଧ୍ୟୟନ, ପରୀକ୍ଷା, ନୀତିଶିକ୍ଷା ଓ ସମୟାନୁବର୍ତ୍ତିତାକୁ ଗୁରୁତ୍ୱ ଦେବା ଜରୁରୀ ବୋଲି ପିଲାମାନଙ୍କୁ ଡ.ସେନାପତି କହିଥିଲେ। ବିଶ୍ୱରେ ଶୀର୍ଷ ସ୍ଥାନ ଅଧିକାର କରୁଥିବା ରାଜନୈତିକ ବ୍ୟବସ୍ଥାର ମୂଳମନ୍ତ୍ର ହେଲା ରାଜନୀତି ବିଜ୍ଞାନ। ଯାହାକୁ ନେଇ ଭାରତବର୍ଷ ବିଶ୍ୱରେ ଲୋକପ୍ରିୟ ହୋଇପାରିଛି। ତେଣୁ ସମୟ ଅପଚୟ ନ କରି ରାଜନୀତି ବିଜ୍ଞାନ ପାଠପଢ଼ି ଉଚ୍ଚ ଶିକ୍ଷିତ ହେବାକୁ ଛାତ୍ରୀଛାତ୍ରଙ୍କୁ ପାଣିଗ୍ରାହୀ ଦିଗ୍‌ଦର୍ଶନ ଦେଇଥିଲେ। ବିଭାଗର ନୂତନ ୨୦ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭାଗର ଅଧ୍ୟାପିକା ରୋନାଲିସା ପାତ୍ର ଏବଂ ଅଧ୍ୟାପକ ଦାମୋଦର ସାହୁଙ୍କ ପରିଚାଳନାରେ ଆୟୋଜିତ ସଭାରେ ଛାତ୍ର ବିଶ୍ୱଜିତ ସାହୁଙ୍କ ସହିତ ବିଭାଗର ବହୁ ଛାତ୍ର ସହଯୋଗ କରିଥିଲେ। ଶେଷରେ ଛାତ୍ରୀ ଲକ୍ଷ୍ମୀପ୍ରିୟା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


ସ୍ୱାଗତ ଓ ସମ୍ବର୍ଦ୍ଧନା ସମାରୋହରେ ଉପସ୍ଥିତ ଅତିଥି।

# ଚାରା ଲଗାଇ ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ଆହ୍ୱାନ

**ଟାଙ୍ଗୀ,୧୮।୯(ରଘୁନାଥ ସାହୁ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ବୁଧବାର ଟାଙ୍ଗୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଞ୍ଚଳରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନରେ ଚାରାରୋପଣ କରାଯାଇଛି। ଟାଙ୍ଗୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ସରପଞ୍ଚ କିଶୋର ବେହେରାଙ୍କ ଉପସ୍ଥିତିରେ ୪୦୦ ଚାରା ରୋପଣ କରାଯାଇଥିଲା। ସେହିପରି ଟାଙ୍ଗୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୪୦, ରତନପୁର ପାଟଣା ପ୍ରାଥମିକ ବିଦ୍ୟାଳୟରେ ୧୦, ବଳରାମ ଦେବ ବିଦ୍ୟାପୀଠରେ ୨୦, ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ୧୦, ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟରେ ସରପଞ୍ଚ ସୁଜିତ ହାଲଦାରଙ୍କ ଉପସ୍ଥିତିରେ ୫୦, ମୁକ୍ତେଶ୍ୱର ଦେବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୫୦ ଏବଂ ନୂଆଗାଁ ପ୍ରାଥମିକ ବିଦ୍ୟାଳୟରେ ୧୦ଟି ଚାରାରୋପଣ କରାଯାଇଛି। ଚାରାରୋପଣ ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି।

**ନିରାକାରପୁର,(ମାନସ ଚନ୍ଦ୍ର ପଟ୍ଟନାୟକ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ବୁଧବାର ଭାଜପା ପକ୍ଷରୁ ଏକ୍ ପେଡ୍ ମା'କେ ନାମ୍୨.୦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୨ନମ୍ବର ଜୋନର ମଣ୍ଡଳ ସଭାପତି ଅଜୟ ପାଇକରାୟଙ୍କ ନେତୃତ୍ୱରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଭିନ୍ନ କିସମର ଔଷଧୀୟ ଚାରାରୋପଣ କରାଯାଇଥିଲା। ପ୍ରସାଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବତନ ଭାଜପା ମଣ୍ଡଳ ସଭାପତି ସନାତନ ବାରିକ, ମନ୍ମଥ ବେହେରା, ମଣ୍ଡଳ ସମ୍ପାଦିକା ପୁଷ୍ପଲତା ବେହେରା, ମଙ୍ଗୁଳି ମହତରାୟ, ସୁକାନ୍ତ ଗଜେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ଏବଂ ଗୁରୁଜୀ ଗୁରୁମା ଚାରାରୋପଣ କରିଥିଲେ। ସେହିପରି ଲେଣ୍ଡୋ ପଞ୍ଚାୟତସ୍ଥିତ ରେଙ୍ଗଟା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅମର କୁମାର ଜୟସିଂଙ୍କ ସଭାପତିତ୍ୱରେ ସ୍କୁଲ ପ୍ରାଙ୍ଗଣରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ବିନୋଦିନୀ ଦାଶ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିକ୍ରମ ପାହାଡ଼ସିଂହଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସହକାରୀ ଶିକ୍ଷୟିତ୍ରୀ ଉନ୍ନିତା ହରିଚନ୍ଦନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



**ବୋଲଗଡ଼,(ଦେବବ୍ରତ ହୋତା):** ବୋଲଗଡ଼ ଶିକ୍ଷାବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ବୁଧବାର ଏକ୍ ପେଡ୍ ମା'କେ ନାମ୍ କାର୍ଯ୍ୟକ୍ରମରେ ଚାରାରୋପଣ କରାଯାଇଛି। ଦେଉଳିସ୍ଥିତ ଶ୍ରୀରାଧାମାଧବ ସଂସ୍କୃତମହାବିଦ୍ୟାଳୟଠାରେ ଚାରାରୋପଣ କରାଯାଇଛି। ଖୋର୍ଦ୍ଧା ଏନ୍‌ଏସ୍‌ଏସ୍ ୟୁନିଟ ଦ୍ୱାରା କାର୍ଯ୍ୟକ୍ରମ ସଫଳତାର ସହିତ ସମ୍ପାଦିତ ହୋଇଛି। ଏଥିରେ ପ୍ରାୟ ୨୨୦ ସ୍ୱେଚ୍ଛାସେବୀ ବିଦ୍ୟାର୍ଥୀ ଯୋଗଦେଇ ମହାବିଦ୍ୟାଳୟ ପରିସର ଓ ନିକଟ ପଡ଼ିଆରେ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପ୍ରଦୀପ ସାହୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବଟକୃଷ୍ଣ ସାହୁ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିବା ସହ ଅଧ୍ୟାପିକା,ଅଧ୍ୟାପକ ଓ କର୍ମଚାରୀଙ୍କ ଉପସ୍ଥିତରେ ଚାରାର ଯତ୍ନ ନେବା ପାଇଁ ଶପଥ ପାଠ କରାଇଥିଲେ।

**ବେଗୁନିଆ,(ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ମହାବିଦ୍ୟାଳୟ ପରିସରରେ ବୁଧବାର ଏକ୍ ପେଡ୍ ମା'କେ ନାମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷା ଡ.ସବିତାଞ୍ଜଳି ସେନାପତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଭବିଷ୍ୟତ ପିଢ଼ି ପାଇଁ ସବୁଜିମା ଭରା ପୃଥିବୀ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ତଥା ଅଧ୍ୟାପିକା ବିଜୟଲକ୍ଷ୍ମୀ ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟ ପରିସରରେ ଏକ ଶହ ଆମ୍ବ ଚାରା ରୋପଣ କରାଯାଇଛି। ଏଥିରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀମାନେ ସାମିଲ ଥିଲେ।

**ବାଣପୁର,(ଦିଲୀପ କୁମାର ସ୍ୱାଇଁ):** ଚିଲିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡୁମ୍ବୁରାପୁଟ ପଞ୍ଚାୟତର ପ୍ରତାପ ଗ୍ରାମରେ ଶାଳିଆ ନଦୀ ଶଙ୍ଖର ଉଭୟ ପାର୍ଶ୍ୱ ଓ କୁଲେଇ ପଞ୍ଚାୟତ ପରିସରରେ ଭାଜପା ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ବିବେକାନନ୍ଦ ଶର୍ମାଙ୍କ ଦ୍ୱାରା ବାଣପୁର ଥାନା ପରିସରରେ ମଧ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ଶର୍ମା ଥାନା ପରିସରରେ ଚାରାରୋପଣ କରିବା ସହ ଥାନା ପ୍ରାଙ୍ଗଣରେ ନିର୍ମିତ ନୂତନ ଗାଡ଼ି ରଖିବା ସ୍ଥାନର ଉଦ୍‌ଘାଟନ କରିଛନ୍ତି। ବାଣପୁର ଥାନାଧିକାରୀ ରମେଶ କୁମାର ଦେବତାଙ୍କ ସମେତ ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ନାବାଳିକା ଛାତ୍ରୀଙ୍କୁ ଅପହରଣ

ନିମାପଡ଼ା,(ବିଚିତ୍ରାନନ୍ଦ ସାହୁ): ନିମାପଡ଼ା ଥାନା ଅଞ୍ଚଳରୁ ଜଣେ ନାବାଳିକା କଲେଜ ଛାତ୍ରୀ(୧୭)ଙ୍କୁ ପିପିଲି ଅଞ୍ଚଳର ଜଣେ ଯୁବକ ଗତ ମଙ୍ଗଳବାରଠାରୁ କେଉଁଆଡ଼େ ଅପହରଣ କରିନେଇଛନ୍ତି। ଏ ନେଇ ନାବାଳିକାଙ୍କ ପିତା ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ କେସ୍ (ନଂ.୨୮୯/୨୫) ରୁଜୁ କରି ତଦନ୍ତ ଚଳାଇଛି। ନାବାଳିକା ଜଣକ ଯୁକ୍ତ ୩ ଶ୍ରେଣୀରେ ପଢୁଥିବାବେଳେ ଏକ ମହିଳା ହଷ୍ଟେଲରେ ରହୁଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୯।୨୦୨୫

| | |
|---|---|
| ୭,୦୫,୦୧୯ ଟଙ୍କା | |
| ସୁନା | ୩.୬୫୦ ଗ୍ରାମ୍ |
| ରୁପା | ୨୫୬.୪୦୦ ଗ୍ରାମ୍ |

## ସଂକ୍ଷେପରେ

### ଚାରା ଲଗାଇବାକୁ ଆହ୍ୱାନ

ଡେଲାଙ୍ଗ,୧୮।୯(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ରାଧାକାନ୍ତ ବିଦ୍ୟାପୀଠ ଓ ଅରିସଲ ଉପସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏକ୍ ପେଡ୍ ମା' କେ ନାମ୍ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଇଛି। ରାଧାକାନ୍ତ ବିଦ୍ୟାପୀଠରେ ଆୟୋଜିତ ସମାବେଶରେ ଏମ୍‌ପି ଡ. ସମ୍ବିତ୍ ପାତ୍ର ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ଚାରା ଲଗାଇବାକୁ ଆହ୍ୱାନ ଦେଇଥିଲେ। ବିଦ୍ୟାପୀଠ ଓ ଉପସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାରାରୋପଣ କରାଯାଇଥିଲା। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ନଟବର ସେଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବେରବୋଇ, କଲ୍ୟାଣପୁର, ଅରିଶଲ, ଶ୍ରୀପୁରୁଷୋତ୍ତମପୁର, ହାକପଡ଼ା, ଘୋରଡ଼ିଆ, ଗଡ଼ବେରୁନିଆପଡା, ପ୍ରହରାଜପୁର ପ୍ରଭୃତି ସ୍ଥାନରେ ଥିବା ବିଦ୍ୟାଳୟରେ ଚାରାରୋପଣ କରାଯାଇଥିଲା। ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ବିଡିଓ କ୍ଷିତୀଶ ବେହେରା, ସୁବ୍ରତ ବାରିକ୍, ସିଡିପିଓ ଜାପାନୀ ମିତ୍ର, ଆମ୍ମା ସଭାପତି ଲଡୁକିଶୋର ରାୟ, କୃଷି ବିଭାଗ ଅଧିକାରିଣୀ ମାନସୀ ମୃଦୁଭାଷିନୀ ପଶାୟତ, ମହିଳା ସଭାନେତ୍ରୀ ସନ୍ଧ୍ୟାବତୀ ପ୍ରଧାନ, ଏବିଇଓ ଲକ୍ଷ୍ମଣ ପ୍ରଧାନ, ସିଆରସିସି ପବିତ୍ର ପଣ୍ଡା, କ୍ଷେତ୍ରବାସୀ ଆଲୁକ ପ୍ରମୁଖ ଉପସ୍ଥିତ ଥିଲେ।

### ଶାନ୍ତିଶୃଙ୍ଖଳା ସହ ଦୁର୍ଗାପୂଜା, ଭସାଣି ଉପରେ ଗୁରୁତ୍ୱ

କୋଣାର୍କ,୧୮।୯(ଜ୍ୟୋତିରାଜ ମହାନ୍ତି)

କୋଣାର୍କସ୍ଥିତ ନରସିଂହ ଦେବ ଦୁର୍ଗାପୂଜା କମିଟି ପକ୍ଷରୁ ଦୁର୍ଗାପୂଜା ନିମନ୍ତେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ମୁଖ୍ୟ ଉପଦେଷ୍ଟା ଗୋପାଳ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ର ଅଧିକାରୀ ବିଚିତ୍ର କୁମାର ଚୌଧୁରୀ, ଉପଦେଷ୍ଟା ରାମକୃଷ୍ଣ ମହାନ୍ତି, କମିଟି ସଭାପତି ସୁଶାନ୍ତ କୁମାର ମହାନ୍ତି, ସମ୍ପାଦକ ନଟବର ମହାରଣା, ପୂର୍ବତନ କାଉନସିଲର ପଦ୍ମଚରଣ ବେଉରା ଓ ୯ନଂ ୱାର୍ଡର କାଉନସିଲର ସୌମ୍ୟ ସୌରଭ ଦାଶ ପ୍ରମୁଖ ଯୋଗଦେଇ ରୀତିନୀତି ଓ ପରମ୍ପରା ଅନୁଯାୟୀ ଶୃଙ୍ଖଳିତ ଭାବେ ମା' ଙ୍କ ପୂଜାର୍ଚ୍ଚନା ସହ ଭସାଣି ଉତ୍ସବ ଆୟୋଜନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ପୂଜା, ଭସାଣି ଉତ୍ସବ ଏବଂ ଭକ୍ତଙ୍କ ଦର୍ଶନ ସୁରୁଖୁରୁରେ ସମ୍ପନ୍ନ ହେବ ସେଥିପାଇଁ ପୋଲିସ ପ୍ରଶାସନ, କମିଟିର କର୍ମକର୍ତ୍ତା ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗ ଏକାନ୍ତ ଅପରିହାର୍ଯ୍ୟ ବୋଲି ମୁଖ୍ୟ ଉପଦେଷ୍ଟା ଗୋପାଳ ଚନ୍ଦ୍ର ବେହେରା ଓ ସଭାପତି ସୁଶାନ୍ତ କୁମାର ମହାନ୍ତି କହିଛନ୍ତି। ବୈଠକରେ କୋଣାର୍କ ପୋଲିସ, ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ରର ଅଧିକାରୀ, ବୁଦ୍ଧିଜୀବୀ, ଦୁର୍ଗାପୂଜା କମିଟିର କର୍ମକର୍ତ୍ତା ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

### ଅସ୍ତରଙ୍ଗ ଥାନା ପରିସରରେ ଚାରାରୋପଣ

କାକଟପୁର/ଅସ୍ତରଙ୍ଗ,୧୮।୯
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଅବସରରେ ବୁଧବାର କାକଟପୁର ଥାନା ପରିସରରେ ଥାନାଧିକାରୀ ବସନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କରାଯାଇଛି। ସାହୁ ଚାରାରୋପଣ କରି ପ୍ରଦୂଷଣମୁକ୍ତ ପରିବେଶ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଥାନାର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ସାର ସଙ୍କଟ:ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଚାଷୀ

ଗୋପ,୧୮।୯(ଭାରତୀ ଭୂଷଣ ଉପାଧ୍ୟାୟ)

ସାରକୁ ନେଇ ଚାଷୀ ଏବେ ଚିନ୍ତାରେ। ଗୁରୁବାର ଗୋପ ବ୍ଲକ ଅନ୍ତର୍ଗତ ଶିମିଳି ପଞ୍ଚାୟତର ଶତାଧିକ ଚାଷୀ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ତୁରନ୍ତ ସାର ଯୋଗାଇଦେବା ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚାଷୀମାନେ ନିବେଦନ କରିଛନ୍ତି। ପ୍ରକାଶ ଯେ, କିଛି ଦିନ ଧରି ଗୋପ ବ୍ଲକ ଅଞ୍ଚଳରେ ସାର ମିଳୁନାହିଁ। ନୟାହାଟ, କୋଣାର୍କ, ଛଇତନା, ସୁବର୍ଣ୍ଣପୁର ସହିତ କେତେକ ସ୍ଥାନରେ ସାର ବିକ୍ରି କରୁଥିବା ଅଧିକାଂଶ ଡିଲର ଓ ହୋଲ୍‌ସେଲର ୟୁରିଆ କଳାବଜାର କରୁଥିବା ଅଭିଯୋଗ ହେଉଛି। କୃଷି ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏବେ ଚାଷଜମିରେ ୟୁରିଆ ସାରର



ଚାଷୀମାନେ ଡାକବାକ୍ସରେ ଚିଠି ପକାଉଛନ୍ତି ।

ଆବଶ୍ୟକତା ଥିବାବେଳେ ଚାଷୀମାନେ ସାର ନ ପାଇ ଶେଷରେ ଶିମିଳି ପଞ୍ଚାୟତ ଅନ୍ତର୍ଗତ ପୋଷ୍ଟ ଅଫିସକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୋଷ୍ଟକାର୍ଡ ପ୍ରେରଣ କରିଥିବା ବିଜୟ ସେଠ, ଶରତ ବରାଳ, ସୁଶାନ୍ତ ସେଠ, ଧନେଶ୍ୱର ସେଠ, ଲୋକନାଥ ସେଠ, ଉପେନ୍ଦ୍ର ରାଉତ, ସର୍ବେଶ୍ୱର ପତି, ନବଘନ ମାଣିଆ, ମଧୁସୂଦନ ସେଠ, ସୁଦର୍ଶନ ସ୍ୱାଇଁ, ଦୁଷ୍ମନ୍ତ ବରାଳ, ବିଜୟ ପାଢ଼ୀ ପ୍ରମୁଖ ଚାଷୀ କହିଛନ୍ତି। ଆବଶ୍ୟକ ସମୟରେ ସାର ମିଳୁ ନ ଥିବାରୁ ଫସଲ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଉପୁଜିଛି। ରାଜ୍ୟରେ ସାର ସଙ୍କଟ ନ ଥିବା ସରକାର କହୁଥିବା ବେଳେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା ଦେଖିବାକୁ ମିଳୁଛି। ଧାନଚାଷ କରି ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଅନେକ ଚାଷୀ ବାଧ୍ୟ ହୋଇ କଳାବଜାରରେ ଦୁଇଗୁଣ ଟଙ୍କା ଦେଇ ସାର କିଣୁଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଗୋପ ବ୍ଲକ କୃଷି ଅଧିକାରିଣୀ ଜୟଲକ୍ଷ୍ମୀ ସାହୁଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

# ସମବାୟ ସମିତିକୁ ମିଳିଲାନି ସାର

## ମାର୍କଫେଡ୍ ଗୋଦାମ ଆଗରେ ହୋହଲ୍ଲା

ସାକ୍ଷୀଗୋପାଳ,୧୮।୯(ଭରତ ରାଉତ)

ସାକ୍ଷୀଗୋପାଳ ବଜାରରେ ସାର ମିଳୁନି। ତେଣୁ ଚାଷୀଙ୍କୁ ନିରାଶ ହେବାକୁ ପଡୁଛି। ସମସ୍ତ ସମବାୟ ସମିତିରେ ସାର ଉପଲବ୍ଧ ଥିବା ସରକାର କହୁଥିଲେ ମଧ୍ୟ ବାସ୍ତବ ଚିତ୍ର ଭିନ୍ନ। ବର୍ତ୍ତମାନ ଚାଷ ପାଇଁ ସାରର ଅତି ଆବଶ୍ୟକତା ପଡୁଛି। ତେବେ ବଜାର କିମ୍ବା ସମବାୟ ସମିତିରେ ସାର ନାହିଁ। ଗୁରୁବାର ସାର ନେବା ପାଇଁ ମାର୍କଫେଡ୍ ଗୋଦାମ ଆଗରେ ବିଭିନ୍ନ ସେବା ସମବାୟ ସମିତିର ସମ୍ପାଦକମାନଙ୍କ ଭିଡ଼ ହୋଇଥିଲା। ଆବଶ୍ୟକ ପରିମାଣର ସାର ନ ଥିବାରୁ ମାତ୍ର ୩ଟି ସମବାୟ ସମିତିକୁ ସାର ଦିଆଯାଇଥିଲା। ଫଳରେ ଅନେକ ସମବାୟ ସମିତି ସମ୍ପାଦକ ଖାଲି ହାତରେ ଫେରିଥିଲେ। ଏହାକୁ ନେଇ ମାର୍କଫେଡ୍ ଗୋଦାମ ଆଗରେ ହୋହଲ୍ଲା ପରିସ୍ଥିତି ସୃଷ୍ଟି ହୋଇଥିଲା।

ଚଳିତ ଖରିଫ ଋତୁରେ ସାକ୍ଷୀଗୋପାଳ ମାର୍କଫେଡ୍‌କୁ ସମୁଦାୟ ୨୦୦୦ ବସ୍ତା ୟୁରିଆ ଆସିଥିଲା। ସେଥିରୁ ସତ୍ୟବାଦୀ ବ୍ଲକ ଭାଗରେ ୪୦୮ ବସ୍ତା ପଡ଼ିଥିଲା। ଏହା ଗବକୁଣ୍ଡ, ନୂଆ ସୋମେଶ୍ୱରପୁର ଏବଂ ମଧୁବନ ସେବା ସମବାୟ ସମିତି କେନ୍ଦ୍ରକୁ ୧୩୬ ବସ୍ତା ହିସାବରେ ଜିଲା କୃଷି ଅଧିକାରୀ ଓ ବ୍ଲକ କୃଷି ଅଧିକାରୀଙ୍କ ଉପସ୍ଥିତିରେ ସମାନ ଭାବରେ ବଣ୍ଟାଯାଇଥିଲା। ଚାଷୀଙ୍କ ପାଇଁ ସାର ନ ପାଇ ଲାଇସେନ୍ସ ନବୀକରଣ କରିଥିବା ସମବାୟ ସମିତିଗୁଡ଼ିକର କର୍ମକର୍ତ୍ତାମାନେ ହୋହଲ୍ଲା କରିଥିଲେ। ଘଟଣାସ୍ଥଳରେ ସତ୍ୟବାଦୀ ଭାଜପା ନେତା ତ୍ରିଲୋଚନ ରଥ ପହଞ୍ଚି ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଲାଇସେନ୍ସ ଥାଇ ମଧ୍ୟ ପିଏସ୍‌ଓ ମେଶିନ ନ ଥିଲେ ସରକାରୀ ନିର୍ଦ୍ଦେଶ ମୁତାବକ ସେମାନଙ୍କୁ ସାର ଦିଆଯାଇପାରିବନି ବୋଲି ମାର୍କଫେଡ୍ ମ୍ୟାନେଜର ମାନସ ମହାନ୍ତି କହିଥିଲେ। ଏ ନେଇ ବ୍ଲକ କୃଷି ଅଧିକାରୀ ସୁଦେଷ୍ଣା ପରିଡ଼ା ସତ୍ୟବାଦୀ ପାଇଁ ୨୦୦ ଟନ୍ ସାର ଆବଶ୍ୟକତା ଥିବା ଡିଆର୍‌ସିଏସ୍‌ଙ୍କୁ ଜଣାଇଥିବା ବେଳେ ଏପର୍ଯ୍ୟନ୍ତ ୨ଟି ପର୍ଯ୍ୟାୟରେ ମାତ୍ର ୪୦ ଟନ ସାର ମିଳିଛି। ବଳକା ସାର ଖୁବ୍ ଶୀଘ୍ର ଉପଲବ୍ଧ କରାଇବାକୁ ଉପସ୍ଥିତ ସମବାୟ ସମିତି କର୍ମକର୍ତ୍ତା ଓ ଚାଷୀ ସମବାୟ ଆଞ୍ଚଳିକ ଅଧିକାରୀ ଅନସୂୟା ଜେନାଙ୍କ ନିକଟରେ ଦାବି କରିଥିଲେ। ଯଦି ବଳକା ସାର ଶୀଘ୍ର ଉପଲବ୍ଧ ନ ହୁଏ, ତେବେ ପୁରୀ ଜିଲାକୁ ସାର ଯୋଗାଉଥିବା ସାକ୍ଷୀଗୋପାଳସ୍ଥିତ ମାର୍କଫେଡ୍ ଗୋଦାମରେ ତାଲା ପକାଯିବ ବୋଲି ସମବାୟ ସମିତି କର୍ମକର୍ତ୍ତା ଓ ଚାଷୀମାନେ ଚେତାବନୀ ଦେଇଛନ୍ତି।

### 'ଏକ୍ ପେଡ୍ ମା' କେ ନାମ୍'

ପୁରୀ,୧୮।୯(ଅଜିତ୍ କୁମାର ମହାନ୍ତି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଅବସରରେ ବୁଧବାର ପୁରୀସ୍ଥିତ ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପକ୍ଷରୁ 'ଏକ୍ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ହରପ୍ରିୟା ଦାଶଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ। ଦାମୋଦର ରୋଡସ୍ଥ ଜଗନ୍ନାଥ କଲୋନୀରେ ମଧ୍ୟ ଚାରାରୋପଣ କରାଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ବରିଷ୍ଠ ଅଧ୍ୟାପକ ରବିନାରାୟଣ ମିଶ୍ର, ଅଧ୍ୟାପକ ତଥା ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଭିଜିତ ପଣ୍ଡା, ସାମାଜିକ କର୍ମୀ ଲଲାଟେନ୍ଦୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସୁଖଲତା ସ୍ମୃତି ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ନାଚ, ଗୀତ କରି ବିଭିନ୍ନ ସ୍ଲୋଗାନ ଦେଇ ଚାରା ରୋପଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଚରିତା ପ୍ରତିହାରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଅନନ୍ଦା ସାମାଜିକ ଅନୁଷ୍ଠାନର ସଭାନେତ୍ରୀ ରୁଚିମିତ୍ରା ଜଗଦେବ ମହାପାତ୍ର, ସମ୍ମାନିତ ଅତିଥି ରୂପେ ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ସାମାଜିକ କର୍ମୀ ଲଲାଟେନ୍ଦୁ ମିଶ୍ର, ଅନୁପମା ପଣ୍ଡା ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ପୁରୀ ଶିଳ୍ପ ଶିକ୍ଷାନୁଷ୍ଠାନ ପରିସରରେ ୭୫ଟି କରଞ୍ଜ ଗଛ ଲଗାଯାଇଛି। ଓଡ଼ିଶା ଯୁବଚେତନା ସଂଗଠନ, ମିଶନ ଓଡ଼ିଶା ଏବଂ ନିର୍ମାଲ୍ୟ ପକ୍ଷରୁ ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ବିଶ୍ୱନାଥ ମିଶ୍ର, ଶିବରାମ ପ୍ରଧାନ, ହୃଷିକେଶ ପ୍ରଧାନ, ସୌମ୍ୟରଞ୍ଜନ ପାତ୍ର ଓ ଗୋବିନ୍ଦ ପାତ୍ର ପ୍ରମୁଖ ଚାରା ରୋପଣ କରିଥିଲେ।

### ମା' ସୁସ୍ଥ ରହିଲେ ପରିବାର ସୁସ୍ଥ ରହିବ

ସାକ୍ଷୀଗୋପାଳ,୧୮।୯
(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

ଅଳଗୁମ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ସୁକାନ୍ତ ଜେନା ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ମା' ସୁସ୍ଥ ରହିଲେ ପରିବାର ସୁସ୍ଥ ରହିବ ବୋଲି କହିଥିଲେ। ମହିଳାଙ୍କ କ୍ଷେତ୍ରରେ ଦେଖାଯାଉଥିବା ବିଭିନ୍ନ ରୋଗ ନିରୁପଣ ପରୀକ୍ଷା ସହିତ ଔଷଧ ପ୍ରଦାନ କରାଯାଇଥିଲା। ଡାକ୍ତର ମନୋସ୍ମିତା ତ୍ରିପାଠୀ, ଡା. ଶ୍ରୀକାନ୍ତ ସାହୁ, ଯୋଗଗୁରୁ ପ୍ରଶାନ୍ତ ବିଶ୍ୱାଳ, କନିଷ୍ଠ ଯନ୍ତ୍ରୀ ପ୍ୟାରୀମୋହନ ବିଶ୍ୱାଳ, ଫାର୍ମାସିଷ୍ଟ ଦୁଲାରାମ ମୁର୍ମୁ, ଜ୍ୟୋତି ରଞ୍ଜନ ଶତପଥି, ସୁରେଶ ପ୍ରଧାନ, ନାଏବ ସରପଞ୍ଚ ଧିରଞ୍ଜନ ବିଶ୍ୱାଳ ଏବଂ ଯଯାତି ରାୟ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାରା ରୋପଣ କରିଥିଲେ।





ପୁରୀ ବଡ଼ଦାଣ୍ଡର ଉଠାଦୋକାନୀମାନେ ନ୍ୟାଯ୍ୟ ଦାବି ପାଇଁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନୀରବ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

# ପୁରୀ ସହରରେ ହଟାଯିବ ବେଆଇନ ଅବରୋଧ

ପୁରୀ,୧୮।୯(ଅଜିତ୍ କୁମାର ମହାନ୍ତି)

'ପବିତ୍ର ପୁରୀ ସୁନ୍ଦର ପୁରୀ' ପାଇଁ ସମନ୍ୱୟ ସଭା ଗୁରୁବାର ଟାଉନ ଥାନା କନଫରେନ୍ସ ହଲରେ ଏସ୍‌ପି ପ୍ରତୀକ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଟ୍ରାଫିକ୍ ଡିଏସ୍‌ପି ଜୟଦୀପ ମହାନ୍ତି, ସିଟି ଡିଏସ୍‌ପି ପ୍ରଶାନ୍ତ ସାହୁ, ବିଭିନ୍ନ ଥାନାର ଅଧିକାରୀ ସୁଶାନ୍ତ ସାହୁ, ଗୋକୁଳ ରଞ୍ଜନ ଦାସ, ସଙ୍ଗୀତା ଦାସ, ଶ୍ୱେତପଦ୍ମା ଦାଶ, ଗୀତାଞ୍ଜଳି ନାୟକ, ପୋଲିସ ଆର୍‌ଆଇ ଚିତ୍ତରଞ୍ଜନ ମହାନ୍ତି, ସୁରେଶ ପୃଷ୍ଟି, ଏନ୍‌ଫୋର୍ସମେଣ୍ଟ ଅଫିସର, ଏନ୍‌ଫୋର୍ସମେଣ୍ଟ ଟିମ୍ ଏବଂ ପୌରପାଳିକାର ଟୋଇଙ୍ଗ ଯାନବାହନ ଚାଳକମାନେ ଯୋଗଦେଇଥିଲେ। ବେଆଇନ ପାର୍କିଂ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ, ଟୋଇଙ୍ଗ ପ୍ରକ୍ରିୟାକୁ ସୁଚାରୁ ଭାବେ କାର୍ଯ୍ୟକ୍ଷମ କରିବା, ପୁରୀକୁ ସୁନ୍ଦର ଓ ସୁଚିତ୍ର ସହରରେ ପରିଣତ କରିବା, ପୋଲିସ ଓ ପୌରପାଳିକା ସମେତ ଜନସାଧାରଣଙ୍କ ସହଭାଗିତାରେ ସହରର ସୁରକ୍ଷା ଓ ସ୍ୱଚ୍ଛତାକୁ ସୁନିଶ୍ଚିତ କରାଯିବା ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ନେଇ ଆଲୋଚନା କରାଯାଇଛି। ଏହି ଅବସରରେ ଏସ୍‌ପି ସୂଚନା ଦେଇ କହିଥିଲେ, ପୁରୀ ହେଉଛି ଶ୍ରୀଜଗନ୍ନାଥଙ୍କ ନଗର। ଏହି ପବିତ୍ର ସହରକୁ ସୁନ୍ଦର, ସୁଚିତ୍ର ଓ ବ୍ୟବସ୍ଥା ଢଙ୍ଗରେ ସଜାଇବା ଆମ ସମସ୍ତଙ୍କ ଦାୟିତ୍ୱ। ବେଆଇନ ପାର୍କିଂ ଦ୍ୱାରା ଯାତାୟାତରେ ବାଧା ସୃଷ୍ଟି ହେବା ସହ ସହରର ସୌନ୍ଦର୍ଯ୍ୟକୁ ହାନି ପହଞ୍ଚିଥାଏ। ତେଣୁ ଏହା ସମ୍ପୂର୍ଣ୍ଣ ବନ୍ଦ ହେବା ଆବଶ୍ୟକ। ସମସ୍ତ ଟୋଇଙ୍ଗ ଯାନ ପ୍ରୟୋଗ କରାଯିବ। ନିୟମିତ ଯାତାୟାତ ପର୍ଯ୍ୟବେକ୍ଷଣ ହେବ। ଜନସାଧାରଣଙ୍କୁ ସୂଚନା ଦିଆଯିବ। ବେଆଇନ ପାର୍କିଂ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ମହିଳାଙ୍କୁ ସୁରକ୍ଷା ଓ ନ୍ୟାୟ ଦିଆଯାଉ:ବିଜେଡି

ପୁରୀ,୧୮।୯(ଅଜିତ୍ କୁମାର ମହାନ୍ତି)

ରାଜ୍ୟରେ ମହିଳାଙ୍କ କ୍ଷେତ୍ରରେ ଘଟୁଥିବା ଅପରାଧ, ଅସମ୍ମାନ ଓ ଅପମାନଜନକ ପରିସ୍ଥିତି ପ୍ରତି ଦୃଷ୍ଟି ଆକର୍ଷଣ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରି ଗୁରୁବାର ପୁରୀ ଜିଲା ମହିଳା ବିଜେଡି ପକ୍ଷରୁ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ମହିଳାଙ୍କ ପ୍ରତି ଅବହେଳା ହେଉଥିବାବେଳେ ସାମାଜିକ ତଥା ଆର୍ଥିକ ଅସମାନତା, ଅସୁରକ୍ଷିତତା ଏବଂ ନ୍ୟାୟ ପ୍ରଦାନ ବ୍ୟବସ୍ଥାର ବିଫଳତା ଓଡ଼ିଶାରେ ଦେଖାଦେଇଛି।। ବଲଙ୍ଗା ନାବାଳିକା ପୋଡ଼ି, ବାଲିହରଚଣ୍ଡୀ ଗଣବଳାତ୍କାର, ବାଲେଶ୍ୱର କଲେଜ ଛାତ୍ରୀ ଆତ୍ମଦାହ, ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର, ସରକାରୀ ସ୍କୁଲ ହଷ୍ଟେଲରେ ଯୌନ ନିର୍ଯ୍ୟାତନା, ଝାରସୁଗୁଡ଼ାରେ ଛାତ୍ରୀଙ୍କୁ ବଳାତ୍କାର, ମାଲକାନଗିରିରେ ଜଣେ ଆଦିବାସୀ ଝିଅ ପ୍ରସବ କରିବା ଏବଂ କେନ୍ଦୁଝର ଜିଲାରେ ଜଣେ ଆଦିବାସୀ ଝିଅଙ୍କୁ ଯୌନ ନିର୍ଯ୍ୟାତନା ଘଟଣା ଏସବୁର ଉଦାହରଣ। ଏହି ଘଟଣାଗୁଡ଼ିକ ରାଜ୍ୟ ସରକାରଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେଣୁ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଆଇନସମ୍ମତ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେବାକୁ ଡିଜିପିଙ୍କୁ ବିଜେଡି ପକ୍ଷରୁ ଅନୁରୋଧ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଜିଲା ସଭାପତି ଉମାକାନ୍ତ ସାମନ୍ତରାୟ ଓ ବିଜେଡି ନେତ୍ରୀ ଶାନ୍ତିଲତା ପ୍ରଧାନଙ୍କ ସହ ନେତ୍ରୀମାନେ ଉପସ୍ଥିତ ଥିଲେ।



ଡିଜିପିଙ୍କ ଉଦ୍ଦେଶ୍ୟରେ ପୋଲିସ ଅଧିକାରୀଙ୍କୁ ବିଜେଡି ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି । (ଫଟୋ- ସଞ୍ଜେଶ ମହାନ୍ତି)

# 'ସ୍ୱଚ୍ଛ ସାଗର ସୁରକ୍ଷିତ ସାଗର'

ପୁରୀ,୧୮।୯(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଅନ୍ତର୍ଗତ ଉପକୂଳ ବ୍ଲକଗୁଡ଼ିକରେ ଥିବା ସମସ୍ତ ବିଦ୍ୟାଳୟର ସ୍କାଉଟ୍ସ ଓ ଗାଇଡ୍ସମାନଙ୍କ ଦ୍ୱାରା ଏକ ସପ୍ତାହବ୍ୟାପୀ ସ୍ୱତନ୍ତ୍ର ଭାବେ ସ୍ୱଚ୍ଛ ସାଗର ସୁରକ୍ଷିତ ସାଗର ନାମକ ସମୁଦ୍ର କୂଳ ସଫେଇ ଅଭିଯାନ 'କୋଷ୍ଟାଲ-କ୍ଲିନଅପ୍' କାର୍ଯ୍ୟକ୍ରମ ଜାରି ରହିଛି। ଏହି ଅଭିଯାନ ସେପ୍ଟେମ୍ବର ୧୫ରୁ ଆରମ୍ଭ ହୋଇଥିବାବେଳେ ୨୦ ତାରିଖରେ ସରିବ। କାର୍ଯ୍ୟକ୍ରମରେ ବିଭିନ୍ନ ତଟରେ ସଫେଇ, ଚିତ୍ରାଙ୍କନ, ପଥପ୍ରାନ୍ତ ନାଟକ ଓ ସଚେତନତା ପଦଯାତ୍ରା କରାଯାଉଛି। ଏହି କାର୍ଯ୍ୟକ୍ରମକୁ ଜିଲା ମୁଖ୍ୟ ଶିକ୍ଷା ଅଧିକାରୀ ତଥା ଜିଲା ମୁଖ୍ୟ କମିଶନର ଦୀପକ କୁମାର ପାଢ଼ୀ ଉଦ୍‌ଘାଟନ କରିଥିଲେ। କୃଷ୍ଣପ୍ରସାଦରେ ଦେବଯାନୀ ଦିବ୍ୟଦର୍ଶିନୀ, କୋଣାର୍କରେ ରାମକୃଷ୍ଣ ମହାନ୍ତି, ଅସ୍ତରଙ୍ଗରେ ଛବିଳ ମଲ୍ଲଙ୍କ ଦ୍ୱାରା କାର୍ଯ୍ୟକ୍ରମ ସମ୍ପାଦନା ହେଉଥିବା ସହ ପୁରୀ ସଦରରେ ଜିଲା ସ୍କାଉଟ ସାଙ୍ଗଠନିକ କମିଶନର ଦେବାଶିଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟେକ ଦିନ କାର୍ଯ୍ୟକ୍ରମ ଚାଲିଛି। ଅନ୍ତିମ ଦିବସରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟ ମୁଖ୍ୟ କମିଶନର ତଥା ରାଷ୍ଟ୍ରୀୟ ଉପସଭାପତି କାଳିପ୍ରସାଦ ମିଶ୍ରଙ୍କ ସମେତ ବିଭିନ୍ନ ବ୍ୟକ୍ତିବିଶେଷ ଯୋଗଦାନ କରିବେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପୁରୀ ସଦରର ସ୍କାଉଟ୍ସ ମାଷ୍ଟର, ଗାଇଡ କ୍ୟାପଟେନ ରୋଭର ଓ ରେଞ୍ଜରମାନଙ୍କ ସହଯୋଗ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ଜିଲା ସ୍କାଉଟ ସଚିବ ମହେନ୍ଦ୍ର କୁମାର ବିଶ୍ୱାଳ କହିଛନ୍ତି।

# ଅର୍ଣ୍ଣବ, ଆରିଜ ଚାମ୍ପିୟନ





ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ ।

## ସର୍ବଭାରତୀୟ ଟେନିସ ଟୁର୍ନାମେଣ୍ଟ ଉଦ୍‌ଯାପିତ

ସାକ୍ଷୀଗୋପାଳ,୧୮।୯
(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

ସ୍ଥାନୀୟ ସାଇ ଏକାଡେମୀ ପରିସରରେ ୪ଦିନ ଧରି ଚାଲିଥିବା ସର୍ବଭାରତୀୟ ଟେନିସ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଛତିଶଗଡ଼, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ତେଲଙ୍ଗାନା, ଓଡ଼ିଶା ଆଦି ରାଜ୍ୟର ୨୦ରୁ ଊର୍ଦ୍ଧ୍ୱ ୧୬ ବର୍ଷ ଓ ୧୮ ବର୍ଷରୁ କମ ବର୍ଗର ଖେଳାଳି ଅଂଶଗ୍ରହଣ କରିଥିଲେ। ୧୬ ବର୍ଷରୁ କମ୍ ବର୍ଗର ବାଳକ ଫାଇନାଲ ମ୍ୟାଚରେ ଛତିଶଗଡ଼ର ମହମ୍ମଦ ଆରିଜ ଖାନ୍ ୬-୧, ୬-୨ ସେଟରେ ପଶ୍ଚିମବଙ୍ଗର ସୟଦ ଫାଇଜାନ ହୁସେନଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି ୧୮ ବର୍ଷରୁ କମ୍ ବର୍ଗର ବାଳକ ବର୍ଗରେ ପଶ୍ଚିମବଙ୍ଗର ଅର୍ଣ୍ଣବ ଚୌଧୁରୀ ୭-୫, ୬-୩ ସେଟରେ ଛତିଶଗଡ଼ର ମହମ୍ମଦ ଆରିଜ ଖାନଙ୍କୁ ପରାସ୍ତ କରି ବିଜେତା ଘୋଷିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ପୁରୀ ଫାର୍ମାସି ମହାବିଦ୍ୟାଳୟର ଚେୟାରମ୍ୟାନ ଅନିମା ଦାଶ ମୁଖ୍ୟ ଅତିଥି, ଜ୍ୟୋତିର୍ବିଦ୍ କୈଳାସ ଚନ୍ଦ୍ର ମିଶ୍ର ଏବଂ ଗୋ ଫେଡେରେଶନ ଅଫ୍ ଇଣ୍ଡିଆର ଜାତୀୟ ନିରୀକ୍ଷକ ଚନ୍ଦନ ପାଣ୍ଡେ ସମ୍ମାନିତ ଅତିଥି ରୂପେ ଯୋଗଦେଇ ବିଜେତାମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଫାର୍ମାସି ମହାବିଦ୍ୟାଳୟ ସମ୍ପାଦକ ଇଂ. ରୋଜା ପ୍ରିୟଦର୍ଶୀ, ସାଇ ଏକାଡେମୀ ସଭାପତି ସୁଶ୍ରୀ ପ୍ରିୟଦର୍ଶିନୀ ପାଣି, ଖବରଦାତା ପ୍ରମୋଦ କୁମାର ଦାଶ, ନାଲ୍‌କୋର ଅବସରପ୍ରାପ୍ତ ଅଧିକାରୀ ବିଜୟ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ରେଫରି ଯତିନ ବାଛ୍ୟା, କୋଚ ବିଶ୍ୱଜିତ ଦାସ ଓ ଫିଜିଓ ଥେରାପିଷ୍ଟ ଡା. ସ୍ନେହାଶିଷ ଦାଶଙ୍କ ତତ୍ତ୍ୱାବଧାନରେ ଏହି ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା। ବିଜେତାମାନେ ଆଇଟାର ଶତକଡ଼ା ୨୫ ଏବଂ ରନର୍ସ ଅପ୍ ଖେଳାଳି ୨୦ ପଏଣ୍ଟ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ।

# ତଳ କୋର୍ଟଙ୍କ ରାୟକୁ ଉପର କୋର୍ଟରେ ଚ୍ୟାଲେଞ୍ଜ

## ଓଡ଼ିଶା ରାଷ୍ଟ୍ରଭାଷା ପରିଷଦ ପରିଚାଳନାକୁ ନେଇ ବିବାଦ

ପୁରୀ,୧୮।୯(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ରାଷ୍ଟ୍ରଭାଷା ପରିଷଦର ପରିଚାଳନାକୁ ନେଇ ଗୋଷ୍ଠୀ ବିବାଦ ପୁରୀ ଜିଲା ଓ ସେସନ୍ସ କୋର୍ଟରେ ପହଞ୍ଚିଛି। ପରିଷଦର ୨ଟି କାର୍ଯ୍ୟାଳୟ ପୁରୀରେ ଚାଲୁଥିଲା। ଗୋଷ୍ଠୀ ବିବାଦ ସୃଷ୍ଟି ହେବା ପରେ ପ୍ରଥମ ପକ୍ଷ କାଳିକାଦେବୀ ସାହିରେ ଓଡ଼ିଶା ରାଷ୍ଟ୍ରଭାଷା ପରିଷଦ ଅଫିସ ଚଲାଉଥିବାବେଳେ ପ୍ରତିପକ୍ଷ ଚକ୍ରକୋଟ ଲେନ୍ ବଳିଆପଣ୍ଡାରେ ଏହି ପରିଷଦ ଅଫିସ ଚଲାଉଛନ୍ତି। ତେବେ କାଳିକାଦେବୀ ସାହିଠାରେ ଅଫିସ ଚଲାଉଥିବା ବ୍ୟକ୍ତିମାନେ ଅଫିସ୍ ପରିଚାଳନାରେ ସଂପୃକ୍ତ ନୁହନ୍ତି ବୋଲି ଏକ ମାମଲାର ଶୁଣାଣି କରି ପୁରୀ ସିଭିଲ ଜଜ୍ ସିନିୟର ଡିଭିଜନ ରାୟ ଦେଇଥିଲେ। ଗତ ୨୬.୦୮.୨୦୨୫ରେ ପ୍ରଦତ୍ତ ଆଦେଶକୁ ପୁରୀ ୩ୟ ଅତିରିକ୍ତ ଜିଲା ଓ ସେସନ୍ସ କୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଓଡ଼ିଶା ରାଷ୍ଟ୍ରଭାଷା ପରିଷଦ, କାଳିକାଦେବୀ ପକ୍ଷରୁ ତଳକୋର୍ଟଙ୍କ ରାୟକୁ ନେଇ ଉପର କୋର୍ଟ ଅର୍ଥାତ ପୁରୀ ୩ୟ ଅତିରିକ୍ତ ଜିଲା ଓ ସେସନ୍ସ କୋର୍ଟଙ୍କ ପାଖରେ ଚ୍ୟାଲେଞ୍ଜ କରାଯାଇଛି।

ସୂଚନାଯୋଗ୍ୟ, ସିଭିଲ୍ ସୁଇଟ୍ ନଂ.୪୫୭/୧୧ ପୂର୍ବରୁ ବାଦୀଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତାରେ ଖାରଜ ହୋଇଥିଲା। ସେହି ମାମଲାକୁ ଖାରଜ କରିବାବେଳେ ଅଦାଲତ କୌଣସି ଖର୍ଚ୍ଚ ଲାଗୁ ନ କରି ଆଦେଶ ପାସ୍ କରିଥିଲେ। କିନ୍ତୁ ୨୬.୦୮.୨୦୨୫ର ଏହି ଆଦେଶରେ ଅସନ୍ତୁଷ୍ଟ ହୋଇ ବାଦୀମାନେ ଏକ ଅପିଲ୍ କରିଛନ୍ତି। ଏହି ଅନୁସାରେ, ମାମଲାଟି ଏବେ ଆର୍‌ଏଫ୍‌ଏ ନମ୍ବର ୬୮/୨୦୨୫ ସହ ଏଆଇ ନମ୍ବର ୬୯/୨୦୨୫ ଭାବେ ୩ୟ ଅତିରିକ୍ତ ପୁରୀ ଜିଲା ଓ ସେସନ୍ସ କୋର୍ଟରେ ବିଚାରାଧୀନ ରହିଛି। ସେହି ଅପିଲ୍‌ରେ, ଅପିଲାଣ୍ଟମାନେ ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ପାଇଁ ପ୍ରାର୍ଥନା କରିଛନ୍ତି। ଓଡ଼ିଶା ରାଷ୍ଟ୍ରଭାଷା ପରିଷଦ କାଳିକାଦେବୀ ସାହିର ନିୟମିତ ଓ ବୈଧ କାର୍ଯ୍ୟରେ ବିପକ୍ଷମାନେ କୌଣସି ବାଧା ସୃଷ୍ଟି କରିବେ ନାହିଁ। ସିଭିଲ୍ ସୁଇଟ୍ ନଂ. ୬୫୦/୨୩ ବର୍ତ୍ତମାନ ପୁରୀ ସିଭିଲ୍ ଜଜ୍ (ସିନିୟର୍‌ଡିଭିଜନ୍)ଙ୍କ କୋର୍ଟରେ ଘୋଷଣା, ରାଶି ଫେରସ୍ତ, ବାଧ୍ୟତାମୂଳକ ନିଷେଧାଜ୍ଞା, ବିକ୍ରୟପତ୍ର ବାତିଲ୍ ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ବିଚାରାଧୀନ ଥିବା ଓଡ଼ିଶା ରାଷ୍ଟ୍ର ଭାଷା ପରିଷଦ, କାଳିକାଦେବୀ ସାହିର ସମ୍ପାଦିକା ସସ୍ମିତା ନନ୍ଦ ଶର୍ମା ସୂଚନା ଦେଇଛନ୍ତି।

# ବନାଖଣ୍ଡି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

## ନାଏବସରପଞ୍ଚ, ୱାର୍ଡସଭ୍ୟଙ୍କ ଦସ୍ତଖତ ଯାଞ୍ଚ ପାଇଁ ଉପଜିଲାପାଳଙ୍କ ନିର୍ଦ୍ଦେଶ

କୋଣାର୍କ/ଗୋପ,୧୮।୯
(ଜ୍ୟୋତିରାଜ ମହାନ୍ତି/ଭାରତୀ ଭୂଷଣ ଉପାଧ୍ୟାୟ)

କୋଣାର୍କ ଥାନା ତଥା ଗୋପ ବ୍ଲକ ଅଧୀନସ୍ଥ ବନାଖଣ୍ଡି ଗ୍ରାମପଞ୍ଚାୟତର ସରପଞ୍ଚ ପ୍ରଜ୍ଞା ପରମିତା ନାୟକଙ୍କ ପଦ ରଦ୍ଦ କରିବା ପାଇଁ ୧୬ଜଣ ୱାର୍ଡମେମ୍ବରଙ୍କ ମଧ୍ୟରୁ ୧୩ଜଣ ଅନାସ୍ଥା ପ୍ରସ୍ତାବ ଆଣି ପୁରୀ ଉପଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଗୋପ ବ୍ଲକ ଅଧୀନ ବନାଖଣ୍ଡି ପଞ୍ଚାୟତ ୧୬ଟି ୱାର୍ଡକୁ ନେଇ ଗଠିତ। ଗତ ୨୦୨୨ରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭାଜପା ସମର୍ଥିତ ସରପଞ୍ଚ ପ୍ରାର୍ଥୀ ପ୍ରଜ୍ଞା ପରମିତା ନାୟକ ନିର୍ବାଚିତ ହୋଇଥିଲେ। ଗତ ୧୨ ତାରିଖରେ ସରପଞ୍ଚ ନାୟକଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିବା ପାଇଁ ନାଏବ ସରପଞ୍ଚଙ୍କ ସମେତ ୧୩ଜଣ ୱାର୍ଡ ସଭ୍ୟାସଭ୍ୟ ପୁରୀ ଉପଜିଲାପାଳ ରାଜକିଶୋର ଜେନାଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ପୁରୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ରନଂ-୯୯୪୮, ତା୧୬-୦୯-୨୫ରେ ଗୋପ ବିଡିଓଙ୍କୁ ସମସ୍ତ ୱାର୍ଡସଭ୍ୟାସଭ୍ୟଙ୍କ ଦସ୍ତଖତ ଯାଞ୍ଚ କରି ସେମାନଙ୍କ ସବିଶେଷ ବିବରଣୀ ପ୍ରଦାନ କରିବା ପାଇଁ ଉପଜିଲାପାଳ ଜେନା ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାକୁ ନେଇ ବନାଖଣ୍ଡି ପଞ୍ଚାୟତରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ସରପଞ୍ଚ ଅନାସ୍ଥା ଭୋଟରେ ପଦ ହରାଇବା ଭଳି ଆଶଙ୍କା ସୃଷ୍ଟି ହୋଇଛି। ୱାର୍ଡସଭ୍ୟାସଭ୍ୟମାନଙ୍କ ଦସ୍ତଖତ ଯାଞ୍ଚ ଓ ସବିଶେଷ ବିବରଣୀ ଗୋପ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଆସିବା ପରେ ଅନାସ୍ଥା ଭୋଟ ନେଇ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଉପଜିଲାପାଳ ଜେନା ପ୍ରକାଶ କରିଛନ୍ତି।

**ଜାଲ୍ ସାର୍ଟିଫିକେଟ୍ ମାମଲା: ଜେସିଙ୍ଗାରୁ ଜଣେ ଗିରଫ**

ବଲାଙ୍ଗିର(ବୀରେନ୍ଦ୍ର କୁମାର ଝାଙ୍କର): ୨୦୨୩ର ଚର୍ଚ୍ଚିତ ଜାଲ୍ ସାର୍ଟିଫିକେଟ୍ ସ୍କାମ୍‌ର ପୁନଃ ଖୋଲତାଡ଼ କରିଛି କ୍ରାଇମବ୍ରାଞ୍ଚ ଟିମ୍। କଳାହାଣ୍ଡି ଜିଲା ଜେସିଙ୍ଗା ଥାନା ଅନ୍ତର୍ଗତ କୁଣ୍ଡାବେଡ଼ ଗାଁରୁ ଜଣେ ଯୁବକଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ମନୋଜ କୁମାର ଭୋଇ (୩୭)। ଅଭିଯୁକ୍ତ ଯୁବକ ଜାଲ୍ ସାର୍ଟିଫିକେଟ୍ ହାସଲ କରି ଗ୍ରାମୀଣ ଡାକ ସେବକ ପଦବୀ ପାଇଁ ଆବେଦନ କରିଥିଲେ। ଯାଞ୍ଚ ବେଳେ ସାର୍ଟିଫିକେଟ ଜାଲ୍ ବୋଲି ଧରାପଡ଼ିଥିଲା।

# ଶୁଭମିତ୍ରା ହତ୍ୟାକାରୀ ଦୀପକଙ୍କ ଗୁମର ଫିଟୁଛି

## ପୋଲିସ ମୁଖା ତଳେ ଛପିଥିଲା ସଇତାନ ଚେହେରା

ଭୁବନେଶ୍ୱର,୧୮।୯(ସତ୍ୟଜିତ୍ ରାଉତ)

ଟ୍ରାଫିକ୍ କନ୍‌ଷ୍ଟେବଲ ଶୁଭମିତ୍ରା ସାହୁଙ୍କ ହତ୍ୟା ଘଟଣାରେ ଗୋଟିଏ ପରେ ଗୋଟିଏ ରହସ୍ୟ ପଦାକୁ ଆସିବାରେ ଲାଗିଛି। ଶୁଭମିତ୍ରାଙ୍କ ହତ୍ୟାକାରୀ କନ୍‌ଷ୍ଟେବଲ ସ୍ୱାମୀ ଦୀପକ ରାଉତ ଅତି ଚତୁରତାର ସହ ଏହି କାଣ୍ଡ ଭିଆଇଥିବା ତଦନ୍ତରୁ ଜଣାପଡ଼ିଛି। ଏପରିକି ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ଘଟଣାରେ ମଧ ସେ ଛନ୍ଦି ହୋଇଛନ୍ତି। ବୀମା ଟଙ୍କା ହଡ଼ପ କରିବାକୁ ଦୀପକ ଚକ୍ରାନ୍ତ କରି ପ୍ରଥମ ସ୍ତ୍ରୀ ଏବଂ ପରେ ଦ୍ୱିତୀୟ ସ୍ତ୍ରୀଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ମୁଖା ତଳେ କିଭଳି ଏକ ସଇତାନ ଚେହେରା ଛପି ରହିଥିଲା, ତାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହୋଇଛି।

### ଜେଲ ଗଲେ ଦୀପକଙ୍କ ସମେତ ୩ ଅଭିଯୁକ୍ତ

▶▶ଟ୍ରାଫିକ୍ କନ୍‌ଷ୍ଟେବଲ୍ ଶୁଭମିତ୍ରାଙ୍କ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ଦୀପକଙ୍କ ସମେତ ୩ଜଣ ଗୁରୁବାର ଜେଲ ଯାଇଛନ୍ତି। ଦୀପକଙ୍କ ମାଉସୀ ପୁଅ ଭାଇ ବିନୋଦ ବିହାରୀ ଭୂୟାଁ ଓରଫ ପପୁ (୩୯) ଓ ତାଙ୍କ ସାଙ୍ଗ ଶକ୍ତିମାନ ମହନ୍ତ ଓରଫ ଜଟ (୨୩)ଙ୍କୁ ଆପରାଧିକ ଷଡ଼ଯନ୍ତ୍ର ଏବଂ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ଗିରଫ କରାଯାଇଛି। ଉଭୟଙ୍କ ଘର ଘଟଗାଁ ଥାନା କୁସୁମପୁର ରାଜାବଳ ସାହିରେ। କ୍ୟାପିଟାଲ ଥାନା ପକ୍ଷରୁ ଅଭିଯୁକ୍ତମାନଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ କୋର୍ଟକୁ ଚାଲାଣ ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜଟଙ୍କ ଘର ପଛପାର୍ଶ୍ୱ ଖାଲି ସ୍ଥାନରେ ଶୁଭମିତ୍ରାଙ୍କ ମୃତଦେହ ପୋତାଯାଇଥିଲା ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ନିଜ ପୋଲିସ ସହକର୍ମୀଙ୍କୁ ହତ୍ୟା ଘଟଣାରେ କମିଶନରେଟ୍ ପୋଲିସ ପକ୍ଷରୁ ଦୀପକଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିବା ଜଣାପଡ଼ିଛି।

### ପ୍ରଥମ ସ୍ତ୍ରୀ ଅପର୍ଣ୍ଣାଙ୍କୁ ମାରି ଦୁର୍ଘଟଣା ରୂପ ଦେଇଥିଲେ

▶▶ଦୀପକଙ୍କ ପ୍ରଥମ ପତ୍ନୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କ ମୃତ୍ୟୁ ଘଟଣାକୁନେଇ ବଡ଼ ଗୁମର ସାମ୍ନାକୁ ଆସିଛି। ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ଅଧୀନ କନ୍ଦରସିଂହା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଭାବେ ଅପର୍ଣ୍ଣା କାମ କରୁଥିଲେ। ସାଢ଼େ ୩ବର୍ଷ ତଳେ ଅପର୍ଣ୍ଣାଙ୍କୁ ଦୀପକ ହତ୍ୟା କରି ଦୁର୍ଘଟଣାର ରୂପ ଦେଇଥିଲେ ବୋଲି ସାନ ଭଉଣୀ ରୋଜାଲିନ ରାଉତ ପୋଲିସ କମିଶନରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ମାଟ୍ରିମୋନିଆଲ୍ ସାଇଟରେ ଅପର୍ଣ୍ଣାଙ୍କ ବିବାହ ପାଇଁ ଦୀପକଙ୍କ ସହ ଯୋଗାଯୋଗ ହୋଇଥିଲା। ୨୦୧୮ ଏପ୍ରିଲ ୨୫ରେ ଅପର୍ଣ୍ଣାଙ୍କୁ ଦୀପକ ବିବାହ କରିଥିଲେ। ୨ରୁ ୩ ମାସ ପରଠାରୁ ଉଭୟଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଏହି ଘଟଣାକୁ ଅପର୍ଣ୍ଣା ତତ୍କାଳୀନ ପୋଲିସ କମିଶନରଙ୍କୁ ମଧ ଜଣାଇଥିଲେ। ଦୀପକ ସବୁବେଳେ ଅପର୍ଣ୍ଣାଙ୍କୁ ମାନସିକ ନିର୍ଯାତନା ଦେବା ସହ ତାଙ୍କ ନାଁରେ ଋଣ ଆଣିଥିଲେ। ସେହି ପରିସ୍ଥିତିରେ ଅପର୍ଣ୍ଣାଙ୍କ ପ୍ରଥମ ଗର୍ଭ ନଷ୍ଟ ହୋଇଥିଲା। ମୃତ୍ୟୁ ସମୟରେ ସେ ୬ ମାସର ଗର୍ଭବତୀ ଥିଲେ। ୨୦୨୨ ମାର୍ଚ୍ଚ ୧୭ରେ ରାତି ପ୍ରାୟ ୮ଟା ବେଳେ ଖୁଣ୍ଟୁଣୀ ନିକଟରେ ଅପର୍ଣ୍ଣାଙ୍କ ଦୁର୍ଘଟଣା ଘଟିଛି ବୋଲି ଦୀପକ କଲ୍ କରି ଜଣାଇଥିଲେ। ଏହା ପରେ ତାଙ୍କ ସ୍ୱାମୀଙ୍କ ସହ ଢେଙ୍କାନାଳରୁ କଟକ ଅଭିମୁଖେ ବାହାରିଥିଲେ। ଦୀପକ ପ୍ରଥମେ ଅପର୍ଣ୍ଣାଙ୍କୁ ଏସ୍‌ସିବି ନେଉଥିବା କହି ପରେ ଅଶ୍ୱିନୀ ହସ୍ପିଟାଲରେ ଥିବା କହିଥିଲେ। ଉକ୍ତ ହସ୍ପିଟାଲରେ ପହଞ୍ଚିବା ପରେ ସେମାନେ ଅପର୍ଣ୍ଣାଙ୍କ ମୃତଦେହ ଦେଖିଥିଲେ। ବାପା ଜଣେ ସରଳ ଚାଷୀ ଲୋକ ହୋଇଥିବାରୁ ଦୀପକ ଅଭିନୟ କରି ଘଟଣାକୁ ଦୁର୍ଘଟଣାର ରୂପ ଦେଇଥିଲେ ବୋଲି ଅଭିଯୋଗ ଫର୍ଦ୍ଦରେ ରୋଜାଲିନ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ଦୀପକ ଏତଲାରେ ଦର୍ଶାଇଥିଲେ ଯେ, ଅପର୍ଣ୍ଣାଙ୍କ ସହ କାର୍‌ରେ ଭୁବନେଶ୍ୱରରୁ ଢେଙ୍କାନାଳ ଯିବାବେଳେ ଖୁଣ୍ଟୁଣୀ ରାସ୍ତାରେ ଚକା ଲିକ୍ ହୋଇଥିଲା। ଅପର୍ଣ୍ଣା ଠିଆ ହୋଇଥିବାବେଳେ ଏକ ଟ୍ରକ ଚକରୁ ପଥର ଛିଟିକି ଅପର୍ଣ୍ଣାଙ୍କ ମୁଣ୍ଡରେ ବାଜିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ହେଲେ ଏହି ଘଟଣାରେ ଦୀପକ ସେତେବେଳେ ପରିବାର ଠାରୁ ପୋଲିସ ସମସ୍ତଙ୍କୁ ଭୁଲାଇଥିଲେ ବୋଲି ଅଭିଯୋଗ ହୋଇଛି।



ପ୍ରଥମ ସ୍ତ୍ରୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କ ସହ ଦୀପକ



ଶୁଭମିତ୍ରା

### ଡିସିପି ଅଫିସ ପାର୍କିଂରେ କାର୍ ଭିତରେ ରଖିଥିଲେ ମୃତଦେହ

▶▶ଶୁଭମିତ୍ରାଙ୍କ ହତ୍ୟା ଘଟଣାକୁ ନେଇ ଏକ ଚାଞ୍ଚଲ୍ୟକର ଗୁମର ପଦାକୁ ଆସିଛି। ଭୁବନେଶ୍ୱର ପୋଲିସ କମିଶନରେଟ୍ ମୁଖ୍ୟାଳୟର ପାର୍କିଂ ସ୍ଥଳରେ ନିଜ କାର୍ ଭିତରେ ଶୁଭମିତ୍ରାଙ୍କ ମୃତଦେହ ରଖି ଦୀପକ ଡ୍ୟୁଟି କରିଥିଲେ ବୋଲି ଶୁଣିବାକୁ ମିଳିଛି। କାର୍‌ରେ ମୃତଦେହ ରଖି ଅପରାହ୍ନ ୩ଟାରୁ ୪ଟା ୧୫ ପର୍ଯ୍ୟନ୍ତ ଦୀପକ ଡ୍ୟୁଟି କରିଥିଲେ। ପରେ ସେ କାର୍‌ରେ ମୃତଦେହ ନେଇ ଘଟଗାଁ ଚାଲିଯାଇଥିଲେ। ତେବେ ପାର୍କିଂରେ ମୃତଦେହ ଭର୍ତ୍ତି କାର୍ ଥିବାନେଇ ପୋଲିସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ।

### ନ୍ୟାୟ ନ ପାଇଲେ ଆତ୍ମହତ୍ୟା: ଶୁଭମିତ୍ରାଙ୍କ ବାପା

▶▶ଶୁଭମିତ୍ରାଙ୍କ ହତ୍ୟା ଘଟଣାକୁ ନେଇ ବାପା ଦୁର୍ଯ୍ୟୋଧନ ସାହୁ ଗୁରୁତର ଅଭିଯୋଗ ଆଣିଛନ୍ତି। ଏହା ପଛରେ କେବଳ ଦୀପକ ନୁହେଁ, ତାଙ୍କ ଭାଇ ମାଷ୍ଟରମାଇଣ୍ଡ ବୋଲି ସେ କହିଛନ୍ତି। ଏହି ଘଟଣାରେ ଦୀପକଙ୍କ ମଉସା, ମାଉସୀ, ମାଉସୀ ପୁଅ ଓ ଡାକ୍ତର ଭଣଜା ମଧ ସମ୍ପୃକ୍ତ ଅଛନ୍ତି। ଠିକ୍ ତଦନ୍ତ କରାଗଲେ ହତ୍ୟା ଘଟଣା ଉପରୁ ପରଦା ହଟିବ। ପ୍ରଥମ ସ୍ତ୍ରୀଙ୍କୁ ହତ୍ୟା କରି ଦୀପକ ଦୁର୍ଘଟଣା ରୂପ ଦେଇ ୧.୫ କୋଟି ବୀମା ପାଇଥିଲେ। ଝିଅ ଶୁଭମିତ୍ରାଙ୍କୁ ଏକତରଫା ବିବାହ କରି ୧.୨୫ କୋଟି ଟଙ୍କା ବୀମା କରିଥିଲେ। ଦୀପକଙ୍କୁ ଫାଶୀ ହେବା ଦରକାର। ଉପର କୋର୍ଟକୁ ଯିବାକୁ ସେ ଅସମର୍ଥ ଥିବା ବେଳେ ନ୍ୟାୟ ନ ପାଇଲେ ଆତ୍ମହତ୍ୟା କରିବି ବୋଲି ଦୁର୍ଯ୍ୟୋଧନ ଚେତାବନୀ ଦେଇଛନ୍ତି।

### ପୁନଃ ତଦନ୍ତ ଦାବି କଲେ ଅପର୍ଣ୍ଣାଙ୍କ ମା'ବାପା

ଢେଙ୍କାନାଳ,୧୮।୯(ରତନ ନାୟାର)



ପ୍ରଥମ ସ୍ତ୍ରୀ ଅପର୍ଣ୍ଣା ପ୍ରିୟଦର୍ଶନୀଙ୍କୁ ଦୀପକ ହତ୍ୟା କରି ତାଙ୍କ ନାମରେ ଥିବା ୧ କୋଟି ଟଙ୍କାର ବୀମାକୁ ଯୋଜନାବଦ୍ଧ ଭାବେ ସେ ହଡ଼ପ କରିଥିବା ଢେଙ୍କାନାଳରେ ରହୁଥିବା ପରିବାର ଲୋକ ଗଣମାଧମ ଆଗରେ କହିଛନ୍ତି। ବାପା ବିରଞ୍ଚି ରାଉତ, ମା' ଅହଲ୍ୟା ରାଉତ ଓ ଅନ୍ୟତମ ଭଉଣୀ ରୁପାଲି ରାଉତ ପ୍ରମୁଖ ଏହି ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୁନଃ ତଦନ୍ତ ଦାବି କରି ସେମାନଙ୍କୁ ନ୍ୟାୟ ଦିଆଯାଉ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଏହି ମାମଲା ତଦନ୍ତର ଅଗ୍ରଗତି ନେଇ କଟକ ଗ୍ରାମାଞ୍ଚଳ ପୋଲିସର ପ୍ରତିକ୍ରିୟା ମିଳିପାରିନାହିଁ।

# ନାବାଳିକାଙ୍କୁ ହତ୍ୟା କରି ଫିଙ୍ଗିଦେଲେ

## କୋଷ୍ଟ କେନାଲରୁ ଗଳିତ ମୃତଦେହ ଜବତ

### ୫ ଦିନ ତଳେ ଘର ନିକଟରୁ ଅପହରଣ ହୋଇଥିଲେ

ବାସୁଦେବପୁର,୧୮।୯
(କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ)

ଭଦ୍ରକ ଜିଲା ବାସୁଦେବପୁର ପୌରାଞ୍ଚଳ ଅଧୀନ ରାଧାନାଥପୁର ଆଡ଼ିଆ ଗ୍ରାମରୁ ଗତ ୫ ଦିନ ତଳେ ଅପହରଣ ହୋଇଥିବା ୮ବର୍ଷୀୟା ନାବାଳିକାଙ୍କ ଗଳିତ ମୃତଦେହ ଗୁରୁବାର ଗାଁଠାରୁ ୫୦୦ ମିଟର ଦୂର କୋଷ୍ଟକେନାଲରୁ ଜବତ କରାଯାଇଛି। ତାଙ୍କୁ ଅପହରଣ ପରେ ହତ୍ୟା କରାଯାଇ କେନାଲର ଅନାବନା ଘାସ ଓ ଦଳ ଥିବା ସ୍ଥାନରେ ଫିଙ୍ଗି ଦିଆଯାଇଥିବା ସନ୍ଦେହ କରାଯାଉଛି। ଏନେଇ ଚୂଡ଼ାମଣି ସାମୁଦ୍ରିକ ଥାନାରେ ଏକ ମାମଲା (ନଂ. ୭୪/୨୫) ରୁଜୁ ହୋଇଥିବାବେଳେ ଜଣେ ସନ୍ଦିଗ୍ଧଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଖୁବ୍‌ଶୀଘ୍ର ଅନ୍ୟ ଅପରାଧୀମାନଙ୍କୁ ଧରାଯିବ ବୋଲି ଏସ୍‌ପି ମନୋଜ କୁମାର ରାଉତ କହିଛନ୍ତି।

ପ୍ରକାଶ ଥାଉକି, ଉକ୍ତ ଗ୍ରାମର ସଦାନନ୍ଦ ମଳିକଙ୍କ ଝିଅ ସୁଭଦ୍ରାଙ୍କୁ ଗତ ଶନିବାର ରାତିରେ ୨ଜଣ ଦୁର୍ବୃତ୍ତ ବାଇକ୍‌ଯୋଗେ ଘର ଆଗରୁ ଅପହରଣ କରି ନେଇଥିଲେ। ଏନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତକୁ ଜୋରଦାର କରିବା ସହ ବିଭିନ୍ନ ସ୍ଥାନରେ ଥିବା ସିସି କ୍ୟାମେରାର ଫୁଟେଜ ଯାଞ୍ଚ, ଲୋକଙ୍କୁ ପଚରାଉଚରା କରିବା ଓ ନାକାବନ୍ଦୀ କରି ଛାନ୍‌ଭିନ୍ ଚଳାଇଥିଲା। ବୁଧବାର ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ଟିମ୍ ଗ୍ରାମ ନିକଟସ୍ଥ ପୋଖରୀ ଓ ଗାଡ଼ିଆରେ ଖୋଜାଖୋଜି କରିଥିଲେ। ପୂର୍ବାଞ୍ଚଳ ଡିଆଇଜି ପୀନାକ ମିଶ୍ର, ଏସ୍‌ପି ରାଉତ ମଧ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ନିକଟସ୍ଥ କେନାଲରେ ଖୋଜାଖୋଜି କରିବା ପାଇଁ ଡିଆଇଜି ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ସକାଳେ ଅଗ୍ନିଶମବାହିନୀ ଗ୍ରାମ ପଛପଟେ ଥିବା କୋଷ୍ଟ କେନାଲରେ ଖୋଜାଖୋଜି ଆରମ୍ଭ କରିଥିଲେ। କେନାଲରେ ଖୋଜିବା ବେଳେ ଦୁର୍ଗନ୍ଧ ହୋଇଥିଲା। ସେହି ସ୍ଥାନରେ ଅଧିକ ଖୋଜାଖୋଜି ପରେ ସୁଭଦ୍ରାଙ୍କ ଗଳିତ ମୃତଦେହ ଘାସତଳୁ ମିଳିଥିଲା। ଖବରପାଇ ଅତିରିକ୍ତ ଏସ୍‌ପି ଅରୁପ ଅଭିଷେକ ବେହେରା, ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ, ନାୟକାଣ୍ଡିହୀ ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ, କଷିଆ ସାମୁଦ୍ରିକ ଥାନାଧିକାରିଣୀ ସାବିତ୍ରୀ ପଣ୍ଡା, ବାସୁଦେବପୁର ଥାନାଧିକାରିଣୀ ଲୋପାମୁଦ୍ରା ନାୟକ, ଚୂଡ଼ାମଣି ସାମୁଦ୍ରିକ ଥାନାଧିକାରିଣୀ ବନାନୀ ବେହେରା, ତହସିଲଦାର ପ୍ରିୟବ୍ରତ ଦାସ ପ୍ରମୁଖ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ପାରିପାର୍ଶ୍ୱିକ ଅବସ୍ଥାରୁ ଦୁର୍ବୃତ୍ତମାନେ ନାବାଳିକାଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି।

**ଜରୁରୀ ସୂଚନା**

ଏତଦ୍ ଦ୍ୱାରା ସର୍ବସାଧାରଣ / ସୁଚାରଣ ଗ୍ରହୀତା ମାନଙ୍କୁ ଜଣାଇ ଦିଆ ଯାଉଛି କି HDFC ବଣ୍ଡିଖୋଲ ଶାଖା ଗତ ୨୮/୦୨/୨୦୨୫ ତାରିଖରୁ ପୁରୁଣା ପରିସରରୁ ନୂତନ ପରିସର କୁ ସ୍ଥାନାନ୍ତରିତ ହୋଇଛି।

ଆମର ପୁରୁଣା ଠିକଣା ହେଉଛି

HDFC ବ୍ୟାଙ୍କ S.N ପ୍ଲାଜା, ନେଉଳପୁର, ବଣ୍ଡିଖୋଲ ଯାଜପୁର।

ନୂତନ ଠିକଣା ହେଉଛି

HDFC ବ୍ୟାଙ୍କ ଲିମିଟେଡ୍, ଚକମହଲା, ସାବିତ୍ରୀ ମଣ୍ଡପ, ବଣ୍ଡିଖୋଲ, ସୁରୁଡା, ଜିଲ୍ଲା - ଯାଜପୁର, ଓଡ଼ିଶା- ୭୫୪୨୯୬

HDFC BANK

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-BOBRN-REHAB-25-26-17
କାର୍ଯ୍ୟର ନାମ : ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ BOBRN ୱାଗନଗୁଡ଼ିକର ପୁନର୍ବାସ।
ବିଜ୍ଞାପିତ ମୂଲ୍ୟ : ₹ 30,50,22,156.00, EMD : ₹ 16,75,100/-, ଶେଷ ହେବା ଅବଧି : 36 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.22.09.2025ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.06.10.2025ରିଖ 1500 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।
ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(POH-II), CRW/ମଞ୍ଚେଶ୍ୱର
PR-609/Q/25-26

**PARADIP PORT AUTHORITY**
Tender No.ENG/CE/1523/ NDC3/2024/290 Dt.12.09.2025
DEVELOPMENT OF NORTH DOCK COMPLEX-3 (NDC-3) BERTH FOR HANDLING DRY BULK CARGO ON CAPTIVE BASIS
INVITATION OF REQUEST FOR QUALIFICATION (RFQ)
Paradip Port Authority (PPA) invites applications from interested Applicants in accordance with the RFQ document which may be downloaded from the CPP Portal (https://eprocure.gov.in/eprocure/app). Last date & time of submission of RFQ Applications is 12.11.2025 till 1400 hours.
Sd/- Executive Engineer (C)
Project Implementation Office
Paradip Port Authority
PPA/PR/43/2025-2026 dtd. 18.09.2025

**GOVERNMENT OF ODISHA**
**WORKS DEPARTMENT**
**OFFICE OF THE SUPERINTENDING ENGINEER, BALLIGUDA (R&B) DIVISION, BALLIGUDA**
TELEPHONE & Fax : 06846-243242, E-mail : eepwd.balliguda@gmail.com
e-procurement notice
Bid Identification No. S.E. BLG-10/2025-26
No.B-517 Dated : 10.09.2025

| Sl. No. | Name of the Work | Buildings & Road Works as per DTCN available in the website www.tendersodisha.gov.in |
|---|---|---|
| 1 | Estimated Cost | Rs.45.58 lakh to 99.16 lakh |
| 2 | No. of Works | 7 (Seven) Only |
| 3 | Period & time of completion | 06 (Six) & 08 (Eight) Months |
| 4 | Date & time of availability of the bid document in the portal | 20.09.2025 to 07.10.2025 (up to 5.00 PM) for Online Bidding |
| 5 | Last date/Time for receipt of bids in the portal | Up to 5.00 PM of 07.10.2025 |
| 6 | Date & Time of bid opening | 11.30 hours on Dated 08.10.2025 |
| 7 | Name & Address of the officer inviting Bid | Superintending Engineer, Balliguda R&B Division, Balliguda, Dist : Kandhamal, Pin-762103 |

Others can be seen from Detailed Notice inviting Tenders, available in website www.tendersodisha.gov.in.
Corrigendum if any, shall only be published in the above website.
Sd./- Superintending Engineer
Balliguda (R&B) Division
OIPR-34162/11/0003/2526

**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଟିଆରଡି), ଚକ୍ରଧରପୁର ତଳେ ଦର୍ଶାଯାଇଥିବା ଅନୁଯାୟୀ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: ୧. ସିକେପି-ଡି-୬୮୪-ଏଟିଏନ୍‌ଏକ୍ସଏନ୍-ବିଜିକେଏ। ଚକ୍ରଧରପୁର ମଣ୍ଡଳର ଅପ୍ ଓ ଡାଉନ୍ ଦିଗରେ ଉଭୟ ଜଏଣ୍ଟ ଲାଇନ୍ ଉପରେ ନୂଆଗାଁ ଓ ବାଣ୍ଡୁରକେଲା ମଧ୍ୟରେ ଆଇବିଏସ୍‌ଏସ୍ ସଂକ୍ରାନ୍ତରେ ଅକ୍‌ଜିଲାରୀ ଟ୍ରାନ୍ସଫର୍ମର୍‌ର ବ୍ୟବସ୍ଥା କରିବା। ଟେଣ୍ଡର ମୂଲ୍ୟ: ₹୭,୯୩,୮୦୦.୫୫। ଇଏମ୍‌ଡି: ₹୧୫,୯୦୦/-। ୨. ସିକେପି-ଡି-୬୩୯-ସିଟିଆର୍-ଡିପିଏସ୍। ଚକ୍ରଧରପୁର ମଣ୍ଡଳରେ ଏଡିଇଇ/ଟିଆରଡି/ଡିପିଏସ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ସେକ୍ସନରେ ଥ୍ରୁ ସ୍ଲିପର୍ ରିନ୍ୟୁଆଲ (ପ୍ରାଇମେରୀ) ଟିଏସ୍‌ଆର(ପି), କମ୍ପ୍ଲିଟ୍ ଟ୍ରାକ୍ ରିନ୍ୟୁଆଲ ସେକେଣ୍ଡାରୀ ସିଟିଆର୍ (ଏସ୍), ଥ୍ରୁ ରେଲ୍ ରିନ୍ୟୁଆଲ ପ୍ରାଇମେରୀ ଟିଆର୍‌ଆର୍(ପି), ଥ୍ରୁ ରେଲ୍ ରିନ୍ୟୁଆଲ ସେକେଣ୍ଡାରୀ ଟିଆର୍‌ଆର୍(ଏସ୍), କମ୍ପ୍ଲିଟ୍ ଟ୍ରାକ୍ ରିନ୍ୟୁଆଲ ପ୍ରାଇମେରୀ ସିଟିଆର୍(ପି) ସଂକ୍ରାନ୍ତରେ ଇଲେକ୍ଟ୍ରିକାଲ୍ (ଟିଆରଡି-ଓଏଚ୍‌ଇ) କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୬୯,୯୨,୪୧୨.୬୫। ଇଏମ୍‌ଡି: ₹୧,୩୯,୯୦୦/-। ୩. ସିକେପି-ଡି-୬୩୯-ସିଟିଆର୍-ବିଏନ୍‌ଡିଏମ୍। ଚକ୍ରଧରପୁର ମଣ୍ଡଳରେ ଏଡିଇଇ/ଟିଆରଡି/ବିଏନ୍‌ଡିଏମ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ସେକ୍ସନରେ ଥ୍ରୁ ସ୍ଲିପର୍ ରିନ୍ୟୁଆଲ (ପ୍ରାଇମେରୀ) ଟିଏସ୍‌ଆର(ପି), କମ୍ପ୍ଲିଟ୍ ଟ୍ରାକ୍ ରିନ୍ୟୁଆଲ ସେକେଣ୍ଡାରୀ ସିଟିଆର୍ (ଏସ୍), ଥ୍ରୁ ରେଲ୍ ରିନ୍ୟୁଆଲ ପ୍ରାଇମେରୀ ଟିଆର୍‌ଆର୍(ପି), ଥ୍ରୁ ରେଲ୍ ରିନ୍ୟୁଆଲ ସେକେଣ୍ଡାରୀ ଟିଆର୍‌ଆର୍(ଏସ୍), କମ୍ପ୍ଲିଟ୍ ଟ୍ରାକ୍ ରିନ୍ୟୁଆଲ ପ୍ରାଇମେରୀ ସିଟିଆର୍(ପି) ସଂକ୍ରାନ୍ତରେ ଇଲେକ୍ଟ୍ରିକାଲ୍ (ଟିଆରଡି-ଓଏଚ୍‌ଇ) କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୨୩,୨୮,୬୭୮.୪୦। ଇଏମ୍‌ଡି: ₹୪୬,୬୦୦/-। ୪. ସିକେପି-ଡି-୬୩୨-ଏସ୍‌ସିଏଡିଏ-ଏଏମ୍‌ସି-। ତିନି (୩) ବର୍ଷ ପାଇଁ ଟିଏମ୍‌ଏସ୍ ଓ ଡିଏମ୍‌ଏସ୍ ସମ୍ବନ୍ଧିତ ଗତିବିଧି ସମେତ ଚକ୍ରଧରପୁର ମଣ୍ଡଳର ସାଲଗାଝରି-ଝାରସୁଗୁଡ଼ା ଏବଂ ରାଜଖରସୁଆଁ-ଡାଙ୍ଗୋଆପୋଷି ସେକ୍ସନର ୩୫ ଗୋଟି ଆରଟିୟୁ ସହିତ ଏସ୍‌ସିଏଡିଏ-। ସିଷ୍ଟମ୍‌ର ବାର୍ଷିକ ରକ୍ଷଣାବେକ୍ଷଣ ଠିକା (ଏଏମ୍‌ସି)। ଟେଣ୍ଡର ମୂଲ୍ୟ: ₹୧,୦୩,୮୩,୭୧୨/-। ଇଏମ୍‌ଡି: ₹୨,୦୧,୯୦୦/-। ୫. ସିକେପି-ଡି-୬୪୧-ଭିଏଚ୍-ଏଡିଇଇ-ବିଏନ୍‌ଡିଏମ୍। ଦୁଇବର୍ଷ ପାଇଁ ଏଡିଇଇ/ଟିଆରଡି/ବିଏନ୍‌ଡିଏମ୍ ନିମନ୍ତେ ଏକ ଗୋଟି ଡିଜେଲ ଚାଳିତ ଅଣ-ଏସି ଚାରିଚକିଆ ସଡ଼କ ବାହନ (ମହିନ୍ଦ୍ରା ସ୍କର୍ପିଓ କିମ୍ବା ସମାନ ଧରଣର) ଭଡ଼ାସୂତ୍ରରେ ନେବା। ଟେଣ୍ଡର ମୂଲ୍ୟ: ₹୧୧,୯୮,୦୦୫.୩୬। ଇଏମ୍‌ଡି: ₹୨୪,୦୦୦/-। ସମାପ୍ତି ଅବଧି: କ୍ର.ସଂ. ୧ ପାଇଁ ୦୯ ମାସ, କ୍ର.ସଂ. ୨ ଓ ୩ ପାଇଁ ପ୍ରତ୍ୟେକ ୧୨ ମାସ, କ୍ର.ସଂ. ୪ ପାଇଁ ୩୬ ମାସ ଏବଂ କ୍ର.ସଂ. ୫ ପାଇଁ ୨୪ ମାସ। ଇ-ଟେଣ୍ଡର ଖୋଲାଯିବାର ସ୍ଥାନ: ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ/ଟିଆରଡି/ଦକ୍ଷିଣ ପୂର୍ବ ରେଳପଥ। ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ପ୍ରତ୍ୟେକ ପାଇଁ ତା୦୮।୧୦।୨୦୨୫ରିଖ ୧୫.୦୦ ଘଟିକା। ଟେଣ୍ଡର ଖୋଲା ହେବାର ତାରିଖ ଓ ସମୟ: ପ୍ରତ୍ୟେକ ପାଇଁ ତା୦୮।୧୦।୨୦୨୫ରିଖ ୧୫.୩୦ ଘଟିକା। ଇ-ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ ଦସ୍ତାବିଜ ଅପଲୋଡ୍ କରାଯିବା ଜରୁରୀ। (PR-642)

# ଟ୍ରେନ୍ ଧକ୍କାରେ ଶୁଭମିତ୍ରାଙ୍କ ସମ୍ପର୍କୀୟଙ୍କ ମୃତ୍ୟୁ

ଭୁବନେଶ୍ୱର,୧୮।୯
(ସତ୍ୟଜିତ୍ ରାଉତ)



ଅନ୍ନପୂର୍ଣ୍ଣା



କ୍ୟାପିଟାଲ ହସ୍ପିଟାଲରେ ଗୁରୁତର ପ୍ରଫୁଲ୍ଲ

■ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର
■ ପଟିଆ ରେଳ ଷ୍ଟେଶନ ନିକଟରେ ଅଘଟଣ

ମହିଳା ଟ୍ରାଫିକ୍ କନ୍‌ଷ୍ଟେବଲ ଶୁଭମିତ୍ରା ସାହୁ ହତ୍ୟା ମାମଲା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବାବେଳେ ଟ୍ରେନ୍ ଧକ୍କାରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଛି। ଭୁବନେଶ୍ୱର ପଟିଆ ରେଳ ଷ୍ଟେଶନ ନିକଟ ରେଳଧାରଣାରେ ଗୁରୁବାର ସନ୍ଧ୍ୟାରେ ଏହି ଦୁଃଖଦ ଘଟଣା ଘଟିଛି। ପୁରୀ ସ୍ୱର୍ଗଦ୍ୱାରରେ ଶୁଭମିତ୍ରାଙ୍କ ଶେଷକୃତ୍ୟରେ ଯୋଗଦେବାକୁ ଯାଇ ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି। ତରବର ହୋଇ ରେଳଧାରଣା ପାରହୋଇ ଅପରପାର୍ଶ୍ୱକୁ ଯାଉଥିବା ବେଳେ ଖଡ଼ଗପୁର-ଭେଲୁପୁରମ୍ ଏକ୍ସପ୍ରେସ୍ ଦମ୍ପତିଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ସ୍ୱାମୀ ଗୁରୁତର ହୋଇଛନ୍ତି। ମୃତା ମହିଳା ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ଅଞ୍ଚଳର ଅନ୍ନପୂର୍ଣ୍ଣା ପଟ୍ଟନାୟକ (୫୨) ଓ ସ୍ୱାମୀ ପ୍ରଫୁଲ୍ଲ ପଟ୍ଟନାୟକ(୫୫)। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଅନ୍ନପୂର୍ଣ୍ଣାଙ୍କ ମୃତଦେହ ଖଣ୍ଡ ବିଖଣ୍ଡିତ ହୋଇଯାଇଥିଲା। ଗୁରୁତର ପ୍ରଫୁଲ୍ଲଙ୍କୁ ଘଟଣାସ୍ଥଳରୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ସେଠାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷରେ ଅନ୍ନପୂର୍ଣ୍ଣାଙ୍କ ମୃତଦେହକୁ ଜବତ କରାଯାଇ କ୍ୟାପିଟାଲ ହସ୍ପିଟାଲ ନିଆଯାଇଛି। ଏନେଇ ମଞ୍ଚେଶ୍ୱର ଷ୍ଟେଶନ ଅଫିସର ଏମ୍.ଆର୍. ମହାନ୍ତିଙ୍କ ରିପୋର୍ଟ ଆଧାରରେ ଭୁବନେଶ୍ୱର ସରକାରୀ ରେଳବାଇ ଥାନା ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ପ୍ରଫୁଲ୍ଲ କଟକରେ ଟେଷ୍ଟ ହାଉସ କାମ କରନ୍ତି। କେନ୍ଦୁଝରରୁ ଶୁଭମିତ୍ରାଙ୍କ ମୃତଦେହ ପୁରୀ ସ୍ୱର୍ଗଦ୍ୱାରକୁ ଆସୁଥିବା ଖବର ପାଇ ପ୍ରଫୁଲ୍ଲ ଓ ତାଙ୍କ ସ୍ତ୍ରୀ ସକାଳ ପ୍ରାୟ ୮ଟା ବେଳେ ଟ୍ରେନ୍‌ରେ ପୁରୀ ଯାଇଥିଲେ। ହେଲେ ଉଭୟ ପହଞ୍ଚିବା ପୂର୍ବରୁ ଶୁଭମିତ୍ରାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଥିଲା। ପରେ ସେମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନକରି ପୁରୀ-ତାଳଚେର ପାସେଞ୍ଜର (ମେମୋ)ରେ ଭୁବନେଶ୍ୱର ଫେରିଥିଲେ। ସନ୍ଧ୍ୟା ୬ଟା ୪୭ରେ ଟ୍ରେନ୍‌ଟି ପଟିଆ ଷ୍ଟେଶନରେ ଲାଗିଥିଲା। ପ୍ରଫୁଲ୍ଲ ଓ ତାଙ୍କ ସ୍ତ୍ରୀ ଟ୍ରେନ୍‌ରୁ ଓହ୍ଲାଇ ପଦ୍ମକେଶରୀପୁରରେ ରହୁଥିବା ଭାଇଙ୍କ ଘରକୁ ଯାଉଥିଲେ। ରେଳ ଧାରଣା ପାରହୋଇ ପିଣ୍ଡି ଚଢୁଥିବା ବେଳେ ଏକ୍ସପ୍ରେସ ଟ୍ରେନ୍‌ଟି ଧକ୍କା ଦେଇଥିଲା। ତେବେ ଏହି ଦୁଃଖଦ ଘଟଣାକୁ ନେଇ ଶୁଭମିତ୍ରାଙ୍କ ପରିବାର ଓ ସମ୍ପର୍କୀୟଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

# ନାଏବ ସରପଞ୍ଚଙ୍କୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି,
୧୮।୯ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ର ବିଜାପୁର ଜିଲାରେ ପୋଲିସ ସୂଚନାଦାତା ସନ୍ଦେହରେ ମାଓବାଦୀମାନେ ଜଣେ ନାଏବ ସରପଞ୍ଚଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ମୃତକ ହେଲେ ବିଜାପୁର ଜିଲା ଜାଙ୍ଗଲା ଥାନା ବେଚରମ ଗ୍ରାମର ନାଏବ ସରପଞ୍ଚ ଦସରୁ ଓୟାମ। ମାଓବାଦୀ ସଂଗଠନର ସ୍ମାଲ ଆକ୍ସନ ଟିମ୍‌ର ପ୍ରାୟ ୫ ଜଣ ମାଓବାଦୀ ଦସରୁଙ୍କ ଘରକୁ ଯାଇ ଟାଙ୍ଗିଆରେ ହାଣି ତାଙ୍କୁ ହତ୍ୟା କରିଥିବା ସୂଚନା ମିଳିଛି। ମାଓବାଦୀମାନେ ମୃତଦେହ ନିକଟରେ ଏକ ପୋଷ୍ଟର ଛାଡ଼ିଯାଇଛନ୍ତି। ନାଏବ ସରପଞ୍ଚ ପୋଲିସ ସୂଚନାଦାତା ହୋଇଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ଉକ୍ତ ପୋଷ୍ଟରରେ ଉଲ୍ଲେଖ ରହିଛି। ଜାଙ୍ଗଲା ଥାନା ପୋଲିସ ଏନେଇ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିବା ବିଜାପୁର ଏସ୍‌ପି କହିଛନ୍ତି।

## ମାଓବାଦୀଙ୍କ ଗୁଳିରେ ଯବାନ ଗୁରୁତର

ଫୁଲବାଣୀ/ରାଇକିଆ,
୧୮।୯(ରାକେଶ କୁମାର ରାଉତ/ପ୍ରଦୀପ କୁମାର ବେହେରା)

କନ୍ଧମାଳ ଜିଲା ରାଇକିଆ ବ୍ଲକ ମାଣିକେଶ୍ୱର ପଞ୍ଚାୟତ ଗେଦିଙ୍ଗିଆ ନିକଟସ୍ଥ ଜଙ୍ଗଲ ତଥା ଗଞ୍ଜାମ ଜିଲା ଭଞ୍ଜନଗର ସୀମାନ୍ତରେ ଯବାନ- ମାଓବାଦୀ ମୁହାଁମୁହିଁ ହୋଇଛନ୍ତି। ଏଥିରେ ଜଣେ ଯବାନଙ୍କ ଦେହରେ ଗୁଳି ବାଜିଛି। ସେ ହେଲେ ପ୍ରେମ ସିଂ ମାଝି। ତାଙ୍କୁ ଗୁରୁତର ଅବସ୍ଥାରେ ଭଞ୍ଜନଗର ମେଡିକାଲରୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଗେଦିଙ୍ଗିଆ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ଯବାନମାନେ କୋମ୍ବିଂ ଅପରେଶନ କରିବା ସମୟରେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷରୁ ପ୍ରବଳ ଗୁଳି ବିନିମୟ ହୋଇଥିଲା। ଯବାନ ପ୍ରେମ ସିଂଙ୍କ ଦେହରେ ଗୁଳି ବାଜିବାରୁ ସେ ଗୁରୁତର ହୋଇଥିଲେ। ସାଥୀ ଯବାନ ତାଙ୍କୁ ଇନ୍ଦ୍ରଗଡ଼ ମେଡିକାଲରେ ଛାଡି ପୁଣି କୋମ୍ବିଂକୁ ଚାଲି ଯାଇଥିଲେ। ଘଟଣାସ୍ଥଳରେ ରକ୍ତ ପଡ଼ିଥିବାରୁ କେତେଜଣ ମାଓବାଦୀ ମଧ ଆହତ ହୋଇଥିବା ଅନୁମାନ କରାଯାଉଛି ବୋଲି କନ୍ଧମାଳ ଏସ୍‌ପି ହରିଶ ବିସି କହିଛନ୍ତି।

# ସ୍ତ୍ରୀଙ୍କ ବେକ କାଟିଦେଲେ ସ୍ୱାମୀ

## ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି, ସ୍ୱାମୀ ଗିରଫ

ବାଲେଶ୍ୱର, ୧୮।୯ (ବାଞ୍ଛାନିଧି ଦେ)

ବାଲେଶ୍ୱର ଟାଉନ ଥାନା ଅଞ୍ଚଳରେ ଗୁରୁବାର ଅପରାହ୍ନରେ ସ୍ତ୍ରୀଙ୍କ ବେକକୁ ଛୁରିରେ କାଟି ହତ୍ୟା ଉଦ୍ୟମ କରିଛନ୍ତି ସ୍ୱାମୀ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ମହିଳାଙ୍କୁ ପ୍ରଥମେ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତ ସ୍ୱାମୀଙ୍କୁ ଗାଁ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି। ପୋଲିସ ଅଭିଯୁକ୍ତ ସ୍ୱାମୀ କଟକ ବକ୍ସିବଜାର ମସ୍ତାନରୋଡ୍ ଅଞ୍ଚଳର ମହମ୍ମଦ ଅମଜାଦ (୫୨)ଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି।



ଗିରଫ ଅଭିଯୁକ୍ତ।

ଅମ୍‌ଜାଦ ଟାଉନ ଥାନା ଅଧୀନ ପଠାଣମହଲା ଗ୍ରାମର ପିଙ୍କି ଖାତୁନଙ୍କୁ ବିବାହ କରିଥିଲେ। ପିଙ୍କି ପଠାଣମହଲାରେ ରହୁଥିବାବେଳେ ଅମ୍‌ଜାଦ କଟକରେ ରହୁଛନ୍ତି। ଗୁରୁବାର ଅମ୍‌ଜାଦ ଶ୍ୱଶୁର ଘରକୁ ଆସି ସ୍ତ୍ରୀଙ୍କୁ ଏକ ନିଛାଟିଆ ଜାଗାକୁ ଡାକି କଥା ହେଉଥିଲେ। ଅମ୍‌ଜାଦଙ୍କ କୌଣସି ଏକ କଥାରେ ପିଙ୍କି ରାଜି ହୋଇ ନ ଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ସେ ପକେଟ୍‌ରୁ ଏକ ଛୁରି ବାହାର କରି ପିଙ୍କିଙ୍କ ବେକକୁ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅମଜାଦ୍ ଦୌଡ଼ି ପଳାଉଥିବା ବେଳେ ତାଙ୍କୁ କାବୁ କରିଥିଲେ। ଟାଉନ ଥାନା ଆଇଆଇସି ବିଜୟ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ସ୍ୱାମୀ ଅମଜାଦ୍‌ଙ୍କୁ ଗିରଫ କରିଛନ୍ତି। ଏନେଇ ଏକ ମାମଲା ରୁଜୁ ହୋଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

**ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ**
କଚେରୀ ରୋଡ, ପୁରୀ-୭୫୨୦୦୧, ଓଡ଼ିଶା
Regd No-32, Pu Dt.28.11.1956, RBI License No-RPCD/Bhubaneswar 10/11 Dt.21.03.2012
Kacheri Road, Puri-752001, Ph:224553, Odisha, email:ho@upnccb.com
ନୋଟିସ ସଂଖ୍ୟା 951, ତା.18.09.25 ରିଖ

**ବାର୍ଷିକ ସାଧାରଣ ସଭା ବିଜ୍ଞପ୍ତି**

ଏତଦ୍ୱାରା ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ୬୦ ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା.୨୬.୦୯.୨୦୨୫ ରିଖ ଶୁକ୍ରବାର ଦିନ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ସଂସ୍କୃତି ଭବନ ପୁରୀଠାରେ ଅନୁଷ୍ଠିତ ହେବ, ଉକ୍ତ ସାଧାରଣ ସଭାରେ ସମିତିର ସଭାପତି / କ୍ଷମତା ପ୍ରାପ୍ତ ପ୍ରତିନିଧି ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନାରେ ଅଂଶଗ୍ରହଣ କରିବା ନିମନ୍ତେ ଅନୁରୋଧ।

ବିଶେଷ ଦ୍ରଷ୍ଟବ୍ୟ: ସାଧାରଣ ସଭାରେ ଯୋଗଦାନ ନିମନ୍ତେ ସମିତିର ସଭାପତି କିମ୍ବା ପ୍ରଶାସକଙ୍କ ଦ୍ୱାରା ଅନୁମୋଦିତ ନିର୍ଦ୍ଧାରଣର ଅବିକଳ ନକଲ ନିଜ ସାଙ୍ଗରେ ଆଣିବାକୁ ଅନୁରୋଧ ଏବଂ ଦିନ ସକାଳ ୦୯.୩୦ ଘଟିକାଠାରୁ ସଂସ୍କୃତି ଭବନ ପୁରୀଠାରେ ପଞ୍ଜୀକରଣ କରାଯିବ।

କାର୍ଯ୍ୟସୂଚୀ:
୧. ତା.୦୬.୧୨.୨୦୨୪ ରିଖରେ ଅନୁଷ୍ଠିତ ୫୯ତମ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ ଓ ଦୃଢୀକରଣ।
୨. ୨୦୨୪-୨୫ ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଦୃଢୀକରଣ।
୩. ୨୦୨୪-୨୫ ଆର୍ଥିକ ବର୍ଷର ସମୀକ୍ଷା ଫର୍ଦ୍ଦ ପଠନ ଓ ଗ୍ରହଣ।
୪. ଆଗାମୀ ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ଆୟ ବ୍ୟୟ ଅଟକଳ (ବଜେଟ) ଅନୁମୋଦନ ଓ ଶୀର୍ଷ ବ୍ୟାଙ୍କକୁ ପ୍ରେରଣ।
୫. ୨୦୨୪-୨୫ ଆର୍ଥିକ ବର୍ଷର ନେଟ ଲାଭର ଆବଣ୍ଟନ ନିମନ୍ତେ ନିଷ୍ପତ୍ତି ଗ୍ରହଣ।
୬. ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ବ୍ୟବସାୟିକ ଉନ୍ନୟନ ଯୋଜନା ଅନୁମୋଦନ।
୭. ଅନ୍ୟାନ୍ୟ (ସଭାପତିଙ୍କ ଅନୁମତି କ୍ରମେ)

ପରିଚାଳନା ପରିଷଦଙ୍କ ଅନୁମୋଦନ କ୍ରମେ
Sd./- (ଶ୍ରୀଯୁକ୍ତ ସାରଥୀ ଶତପଥୀ)
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

**ଇଣ୍ଡିଆନ ବୈଙ୍କ Indian Bank** ଇଲାହାବାଦ ALLAHABAD
ଆଞ୍ଚଳିକ କାର୍ଯ୍ୟାଳୟ: ବ୍ରହ୍ମପୁର, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ ଇଣ୍ଡିଆନ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ ଇଣ୍ଡିଆନ୍ ବ୍ୟାଙ୍କ ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ବରମୁଣ୍ଡା ଶାଖା / ଋଣଗ୍ରହୀତାମାନେ: ୧) ମେସର୍ସ ବାସୁଦେବ ଏଜେନ୍ସି, ୨) ଶ୍ରୀମତୀ ଯଶୋରିକା ମହାନ୍ତି, ମେସର୍ସ ବାସୁଦେବ ଏଜେନ୍ସିର ସ୍ୱତ୍ୱାଧିକାରୀ, ସ୍ୱାମୀ: ପ୍ରଭଞ୍ଜନ ମହାନ୍ତି / ଜାମିନ୍‌ଦାର: ଶ୍ରୀ ପ୍ରଭଞ୍ଜନ ମହାନ୍ତି, ପିତା: ନିରଞ୍ଜନ ମହାନ୍ତି, ସମସ୍ତଙ୍କ ଠିକଣା- ପ୍ଲଟ୍ ନଂ.: ୧୬୨, ଧର୍ମ ବିହାର, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା | ଟ.୩୨,୬୬,୦୪୪.୦୦ + ସେବାବଦ ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଏବଂ ଖର୍ଚ୍ଚ | ୧୧.୦୭.୨୦୨୩ / ୧୭.୦୯.୨୦୨୫ | ଜମି ଯାହାର କ୍ଷେତ୍ର: ଏକର୦.୬୯ ଡିସିମିଲ (୩୦୦୫ ବର୍ଗଫୁଟ), ଆର୍‌ଏସ୍‌ଡି ନଂ.: ୧୧୦୮୧୧୨୬୩୭୯, ଭଲ୍ୟୁମ ନଂ.: ୫୩୧, ତା.୨୨.୧୦.୨୦୧୧, ଖାତା ନଂ.: ୫୪୦/୧୨୯୭, ପ୍ଲଟ୍ ନଂ.: ୫୯/୨୬୫୮/୩୬୭୦, ମୌଜା: ମଞ୍ଚେଶ୍ୱର, ତହସିଲ: ଭୁବନେଶ୍ୱର, ଥାନା: ନିଉ କ୍ୟାପିଟାଲ ନଂ.-୨୬, ଜିଲ୍ଲା: ଖୋର୍ଦ୍ଧା, ଭୁବନେଶ୍ୱର, ଓଡ଼ିଶା, ଏହାର ଚତୁଃପାର୍ଶ୍ୱରେ- ପୂର୍ବ: ଶ୍ରୀମତୀ ପୁବାଲୀ ରଣା (ବିକ୍ରେତା)ଙ୍କ ପ୍ଲଟ, ପଶ୍ଚିମ: ପ୍ଲଟ୍ ନଂ. ୨୬୫, ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ. ୧୩୯ |
| ଶଙ୍ଖେଶ୍ୱରହାଟ ଶାଖା / ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ସନ୍ତୋଷ କୁମାର ସାହୁ / ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: ୧) ଶ୍ରୀ ଧୁନ ଚନ୍ଦ୍ର ସାହୁ ଏବଂ ୨) ଶ୍ରୀ ଜୟଦେବ ସାହୁ, ସମସ୍ତଙ୍କ ଠିକଣା- ସା: ଶଙ୍ଖେଶ୍ୱରହାଟ, ପୋ: ଶଙ୍ଖେଶ୍ୱର, ଥାନା: ତିର୍ତ୍ତୋଲ, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୩୭ (ଓଡ଼ିଶା) | ଟ.୪,୪୬,୬୮୧.୦୦ + ସେବାବଦ ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଏବଂ ଖର୍ଚ୍ଚ | ୧୮.୦୬.୨୦୨୫ / ୧୮.୦୯.୨୦୨୫ | ଶ୍ରୀ ସନ୍ତୋଷ କୁମାର ସାହୁ, ଶ୍ରୀ ଜୟଦେବ ସାହୁ ଏବଂ ଶ୍ରୀ ଧୁନ ଚନ୍ଦ୍ର ସାହୁଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହର ଖାତା ନଂ.: ୭୦୪/୧୯୦, ପ୍ଲଟ୍ ନଂ.: ୧୬୪୭, କ୍ଷେତ୍ର: ଏକର୦.୧୯ଡିସିମିଲ ଏବଂ ଖାତା ନଂ.: ୭୦୪/୩, ପ୍ଲଟ୍ ନଂ.: ୧୬୪୭/୨୩୫୩, କ୍ଷେତ୍ର: ଏକର୦.୧୯ଡିସିମିଲ, ମୌଜା: କୋଲଟା, ଥାନା: ତିର୍ତ୍ତୋଲ, ତହସିଲ: ତିର୍ତ୍ତୋଲ, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ଚୌହଦୀ: ୧) ଖାତା ନଂ.: |

୭୦୪/୧୯୦, ପ୍ଲଟ୍ ନଂ.: ୧୬୪୭ର ଚତୁଃପାର୍ଶ୍ୱରେ- ଉତ୍ତର: ଧୁନ ସାହୁଙ୍କ ପ୍ଲଟ, ଦକ୍ଷିଣ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ, ପୂର୍ବ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ, ପଶ୍ଚିମ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ, ୨) ଖାତା ନଂ.: ୭୦୪/୩, ପ୍ଲଟ୍ ନଂ.: ୧୬୪୭/୨୩୫୩ର ଚତୁଃପାର୍ଶ୍ୱରେ- ଉତ୍ତର: ଧୁନ ସାହୁଙ୍କ ପ୍ଲଟ, ଦକ୍ଷିଣ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ, ପୂର୍ବ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ, ପଶ୍ଚିମ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ,

ତାରିଖ: ୧୮.୦୯.୨୦୨୫
ସ୍ଥାନ: ଭୁବନେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ନଡ଼ିଆଗଛରେ ଚଢ଼ିଥିବା ଯୁବକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ

## ସହାୟତା ଦାବିରେ ଜାତୀୟ ରାଜପଥ ଅବରୋଧ

ବୋଲଗଡ଼,୧୮।୯(ଦେବବ୍ରତ ହୋତା)

ବୋଲଗଡ଼ ନେଳିଆ ପୋଖରୀ ନିକଟ ତୃତୀୟାପଡ଼ା ଅଙ୍ଗନୱାଡ଼ି କେନ୍ଦ୍ର-୧ରେ ଥିବା ନଡ଼ିଆଗଛରେ ଗୁରୁବାର ଜଣେ ଯୁବକ ଚଢ଼ିଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ତାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖଇଁରିଆ ଗ୍ରାମର ଆଲୋକ କୁମାର ପରିଡ଼ା(୩୨)। ଆର୍ଥିକ ସହାୟତା ଦାବିରେ ପରିବାର ଲୋକ ଓ ଖଇଁରିଆ ଗ୍ରାମବାସୀ ସ୍ଥାନୀୟ ତହସିଲ ଛକ ନିକଟରେ ୫୭ ନମ୍ବର ଜାତୀୟ ରାଜପଥ ଉପରେ ମୃତଦେହ ରଖି ଅବରୋଧ କରିଥିଲେ।

ସୂଚନା ମୁତାବକ, ଆଲୋକ ସକାଳ ୮ଟାରେ ତୃତୀୟାପଡ଼ା ଅଙ୍ଗନୱାଡ଼ି କେନ୍ଦ୍ର-୧ ପରିସରରେ ଥିବା ନଡ଼ିଆଗଛ ସଫା କରିବାକୁ ଚଢ଼ିଥିଲେ। ବାହୁଙ୍ଗା ସଫା କରୁଥିବା ବେଳେ ଗୋଟିଏ ବାହୁଙ୍ଗା ଗଛରୁ ସମ୍ପୂର୍ଣ୍ଣ ନ ଛିଡ଼ି ଶୀର୍ଷଭାଗ ନିକଟରେ ଯାଇଥିବା ୧୧କେଭି ତାର ଉପରେ ପଡ଼ିଯାଇଥିଲା। ଫଳରେ ଗଛରେ ବିଦ୍ୟୁତ୍ ସରବରାହ ହୋଇଥିଲା। ଲୌହ ନିର୍ମିତ ଉପକରଣ ସହାୟତାରେ ଗଛରେ ଚଢ଼ିଥିବା ଆଲୋକ ବିଦ୍ୟୁତ୍ ଆଘାତପ୍ରାପ୍ତ ହୋଇ ଏହି ଉପକରଣରେ ଝୁଲି ରହିଥିଲେ। ଖବରପାଇ ବୋଲଗଡ଼ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଗଛରେ ଝୁଲୁଥିବା ଆଲୋକଙ୍କ ଶରୀରକୁ ତଳକୁ ଆଣିବା ପାଇଁ ଉଦ୍ୟମ କରୁଥିବା ବେଳେ ଅସାବଧାନତାବଶତଃ ତାହା ପ୍ରାୟ ୪୦ଫୁଟ ତଳକୁ କଚାଡ଼ି ହୋଇ ପଡ଼ିବା ନେଇ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପରେ ଆଲୋକଙ୍କୁ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବର ଶୁଣି ଆଲୋକଙ୍କ ପରିବାର ଲୋକ ଓ ଖଇଁରିଆ ଗ୍ରାମବାସୀ ସ୍ଥାନୀୟ ତହସିଲ ଛକ ନିକଟରେ ମଧ୍ୟାହ୍ନ ୧୨ଟାରେ ଏକତ୍ରିତ ହୋଇ ୫୭ନମ୍ବର ଜାତୀୟ ରାଜପଥ ଉପରେ ମୃତଦେହ ରଖି ଅବରୋଧ କରି ସହାୟତା ଦାବି କରିଥିଲେ। ତହସିଲଦାର ବିଜୟ କୁମାର ସେଠୀ, ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଶର୍ମା, ଖୋର୍ଦ୍ଧା ଅତିରିକ୍ତ ଆରକ୍ଷୀ ନିରୀକ୍ଷକ ଅନାଦି ସେଠୀ ଏବଂ ଆଇଆଇସି ସ୍ନିଗ୍ଧାମୟୀ ବରାଳ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପରେ ରେଡ୍‌କ୍ରସ୍ ପାଣ୍ଠିରୁ ୨୦ ହଜାର ଟଙ୍କା ପ୍ରଦାନ କରିଥିବା ବେଳେ ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ୍ ଆଘାତଜନିତ ମିଳୁଥିବା ଅନୁକମ୍ପା ରାଶି ଓ ମୃତକଙ୍କ ସ୍ତ୍ରୀଙ୍କୁ ରୋଜଗାର ପ୍ରଦାନ ପାଇଁ ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଅପରାହ୍ନ ୨ଟାରେ ରାସ୍ତା ଅବରୋଧ ହଟିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ୨ଘଣ୍ଟା ରାସ୍ତା ଅବରୋଧ ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିବା ବେଳେ ନୟାଗଡ଼ ଯାଉଥିବା ପୁରୀ ଏମ୍‌ପି ଡା.ସମ୍ବିତ ପାତ୍ର ଏବଂ କନ୍ଧମାଳର ପୂର୍ବତନ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ ଅବରୋଧ ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ବିରୋଧ ଯୋଗୁ ପ୍ରତ୍ୟାବର୍ତ୍ତନ କରିଥିଲେ।


ତହସିଲ ଛକ ନିକଟରେ ଉତ୍ତ୍ୟକ୍ତ ଲୋକେ ୫୭ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି।


## ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅଙ୍କିତା


@ ଦିଲୀପ


@ ରଶ୍ମିରଞ୍ଜନ


@ ସରିତା


@ ସୂର୍ଯ୍ୟକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ସଂକ୍ଷେପରେ

### ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ

କୃଷ୍ଣପ୍ରସାଦ,୧୮।୯ (କୈଳାସ ଚନ୍ଦ୍ର ପଟ୍ଟନାୟକ): କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଡା. ନବକିଶୋର କର କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ମହିଳାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ଔଷଧ ଓ ପରାମର୍ଶ ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉପସ୍ଥିତ ମହିଳାଙ୍କର ରକ୍ତଚାପ, ମଧୁମେହ ଆଦି ରୋଗ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ବ୍ଲକ ଚିକିତ୍ସା ବିଭାଗ ବିତ୍ତ ଅଧିକାରୀ ସଞ୍ଜିତ ସୁନ୍ଦରାୟ, ଚିକିତ୍ସାଳୟର ସମସ୍ତ କର୍ମଚାରୀ, ଅଙ୍ଗନୱାଡ଼ି ଓ ସ୍ୱାସ୍ଥ୍ୟକର୍ମୀ ସାମିଲ ହୋଇଥିଲେ।

### ୧୫୮ ଛାତ୍ରୀଛାତ୍ରଙ୍କୁ ମିଳିଲା ପୋଷାକ

ବେଗୁନିଆ,୧୮।୯(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ ଅନ୍ତର୍ଗତ ସାରୁଅ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିବ ନାରାୟଣ ବାରିକଙ୍କ ଆବାହକତ୍ୱ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ସୁରେଖା ହୋତାଙ୍କ ତତ୍ତ୍ୱାବଧାନରେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମଅନୁଷ୍ଠିତ ହୋଇଯାଇଛି। ମୋଟ ୧୫୮ ଜଣ ଛାତ୍ରୀଛାତ୍ରଙ୍କୁ ସ୍କୁଲ ୟୁନିଫର୍ମ, ଜୋତା, ମୋଜା, ପରିଚୟ ପତ୍ର ଓ ହାଉସ ଡ୍ରେସ ଆଦି ବଣ୍ଟନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଅଭିଭାବକ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ।

### ବିଭିନ୍ନ ସ୍ଥାନରେ ଚାରାରୋପଣ

କୃଷ୍ଣପ୍ରସାଦ,୧୮।୯(କୈଳାସ ଚନ୍ଦ୍ର ପଟ୍ଟନାୟକ): ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବାଲୁଗାଁ ପକ୍ଷରୁ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ପିଟିଶାଳ ସେକ୍ସନର ବ୍ରାହ୍ମଣଦେଓଠାରେ ମା'ଙ୍କ ନାମରେ ଗଛଟିଏ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବନଖଣ୍ଡ ଅଧିକାରୀ ଅମ୍ଳାନ ନାୟକଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ରହ୍ମଗିରି ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ସାଂସଦଙ୍କ ପ୍ରତିନିଧି ହରିହର ଦାଶ, କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ସଭାପତି ସଂଗ୍ରାମ କେଶରୀ ଜେନା, ଯୁବମୋର୍ଚ୍ଚା ସଭାପତି ବିଶ୍ୱଜିତ ବିଶ୍ୱାଳ, ସାମାଜିକ କର୍ମୀ ସୁରେନ୍ଦ୍ର କୁମାର ବିଶ୍ୱାଳ, ପରିବେଶବିତ୍ ଧନେଶ୍ୱର ବିଧାର ଯୋଗଦେଇ ପରିବେଶର ସୁରକ୍ଷା ପାଇଁ ଚାରାରୋପଣର ଆବଶ୍ୟକତା ସମ୍ପର୍କରେ କହିଥିଲେ। ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ମାନସ ରଞ୍ଜନ ମହାପାତ୍ର, ପିଟିଶାଳ ବନପାଳ ଦୁର୍ଗା ଚରଣ ଗୁଡ୍ଡୁ, ବନପାଳ ଦିଲୀପ କୁମାର ସ୍ୱାଇଁ, ବାଲୁଗାଁ ରେଞ୍ଜର ରଶ୍ମିତା ଜେନା, ସାତପଡ଼ା ରେଞ୍ଜର ରଞ୍ଜନ କୁମାର ବେହେରା ସମେତ ବନ ସୁରକ୍ଷା ସମିତି କର୍ମକର୍ତ୍ତା, ବନ ବିଭାଗ କର୍ମଚାରୀ ଏବଂ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଏହି ଅବସରରେ ୨ହଜାର ଝାମୁ ଚାରା ରୋପଣ କରାଯାଇଥିଲା।

# ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଆଧ୍ୟାତ୍ମିକ ସଭା


ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଆଧ୍ୟାତ୍ମିକ ସଭାରେ ମଞ୍ଚାସୀନ ଅତିଥି ଏବଂ ବକ୍ତା।

ବାଣପୁର,୧୮।୯(ଦିଲୀପ କୁମାର ସ୍ୱାଇଁ)

ଶ୍ରୀଜଗନ୍ନାଥଙ୍କ ଗୋପନ ଲୀଳା କ୍ଷେତ୍ର ଅନ୍ଧାର ମହିମରେ ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଏକ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ୟାମାନନ୍ଦୀ ଗାଦିଶ୍ୱର, ଶ୍ରୀକୃଷ୍ଣ କେଶବାନନ୍ଦ ଗୋସ୍ୱାମୀ ପ୍ରଭୁପାଦଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗ ଶ୍ରୀପାଟ ଗୋପୀ ବଲ୍ଲଭପୁରରୁ ଦୁଇ ଶହରୁ ଉର୍ଦ୍ଧ୍ୱ ଭକ୍ତ ଶ୍ରୀଚୈତନ୍ୟ ପାଦୁକା ପଦଯାତ୍ରାରେ ୬ଶହ କିଲୋମିଟର ଅତିକ୍ରମକରି ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିଥିଲେ। ପରେ ଭକ୍ତମାନେ ଶ୍ରୀଜଗନ୍ନାଥଙ୍କ ଗୋପନ ଲୀଳାକ୍ଷେତ୍ର ବାଣପୁର ହଳନ୍ଦା ଗ୍ରାମରେ ଥିବା ଅନ୍ଧାର ମହିମସ୍ଥିତ ଶ୍ରୀରାଧା ମୋହନ ମଠରେ ପହଞ୍ଚିଥିଲେ। ମାଦଳା ପାଞ୍ଜି, ରସିକ ମଙ୍ଗଳ ଓ ଭକ୍ତମାଳା ଗ୍ରନ୍ଥ ଅନୁସାରେ ୧୬୭୨ ଖ୍ରୀଷ୍ଟାବ୍ଦରେ ପ୍ରବଳ ହିନ୍ଦୁ ବିରୋଧୀ ସୁବେଦାର ଅହମ୍ମଦ ବେଗଙ୍କ ଆକ୍ରମଣରୁ ସୁରକ୍ଷା ପାଇଁ ଶ୍ରୀବିଗ୍ରହମାନଙ୍କୁ ଏହିଠାରେ ଗୋପନ ଭାବେ ସ୍ଥାପନ କରାଯାଇଥିଲା। ସେତେବେଳେ ଶ୍ରୀଶ୍ୟାମାନନ୍ଦ ଓ ରସିକା ନନ୍ଦ ଅନ୍ଧାର ମହିମଠାରେ ଶ୍ରୀବିଗ୍ରହଙ୍କର ଅଙ୍ଗସେବାର ସୌଭାଗ୍ୟ ପାଇଥିଲେ। ଗଜପତି ନରସିଂହ ଦେବ ରସିକ ନନ୍ଦଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ। ବୁଧବାର ଶ୍ରୀରାଧାମୋହନ ମଠ ଉନ୍ନୟନ ପରିଷଦ ହଳନ୍ଦା ଦ୍ୱାରା ଆୟୋଜିତ ଆଧ୍ୟାତ୍ମିକ ସଭାରେ ମୁଖ୍ୟ ଅତିଥିଭାବେ ଶ୍ରୀକୃଷ୍ଣ କେଶବାନନ୍ଦ ଦେବ ଗୋସ୍ୱାମୀ ପ୍ରଭୁପାଦ, ସମ୍ମାନିତ ଅତିଥି ଗୋର କିଶୋର ଦେବ ପ୍ରଭୁପାଦ ମୁଖ୍ୟବକ୍ତା ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ.ଚନ୍ଦ୍ର ଶେଖର ଦାସ, ସଂଯୋଜକ ମଦନ ମୋହନ ମହାପାତ୍ର ପ୍ରମୁଖ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ଲୀଳା ବାଖ୍ୟା କରିଥିଲେ। ଗୋଦାବରୀଶ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ନୃସିଂହ ଚରଣ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ମଠାଧିକାରୀ ବାବାଜି ତୁଳସୀ ଦାସ ମଞ୍ଚାସୀନ ଥିଲେ। ପ୍ରତିବର୍ଷ ହଳନ୍ଦାଠାରେ ଅନ୍ଧାର ମହିମ ମହୋତ୍ସବ କରାଯିବା ପାଇଁ ଉନ୍ନୟନ ପରିଷଦର ସ୍ଥାୟୀ ସଭାପତି ଗୋସ୍ୱାମୀ ପ୍ରଭୁପାଦ ପ୍ରତିଶ୍ରୁତି ଦେଇଥିଲେ।

## ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

କଳାପଥର,୧୮।୯(ଗଙ୍ଗାଧର ସାହୁ)

କଟକ ଓ ଖୋର୍ଦ୍ଧା ଜିଲାର ସୀମାନ୍ତବର୍ତ୍ତୀ କଳାପଥର, ଧଳାପଥର ଏବଂ ନୂଆଗାଁ ଗ୍ରାମର ଦୁର୍ଗାପୂଜା ପାଇଁ ମିଳିତ ପୂଜା କମିଟିର ସମ୍ପାଦକ ପ୍ରଦୀପ କୁମାର ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ବୁଧବାର କଳାପଥର ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା, ବୈଦେଶ୍ୱର ଥାନା ଅଧିକାରୀ ସଞ୍ଜୟ କୁମାର ଜେନା, ଧଳାପଥର ଫାଣ୍ଡି ଅଧିକାରୀ ସୁଶାନ୍ତ ମଲ୍ଲିକ, କଳାପଥର ଅଗ୍ନିଶମ ଅଧିକାରୀ ନରେନ୍ଦ୍ର ମହାନ୍ତି ମଟୋର ଆସୋସିଏଶନ ସଭାପତି ସୁରେନ୍ଦ୍ର ବିଶ୍ୱାଳ, ଧଳାପଥର ସରପଞ୍ଚ ନାରାୟଣ ସାହୁ, ସମିତି ସଭ୍ୟ ବିଜୟ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ଡିଜେ, ମଦ ଓ ବାଣ ବ୍ୟବହାର ନ କରି ଶୃଙ୍ଖଳାର ସହିତ ପୂଜା ସମାପନ କରିବାକୁ ବେଗୁନିଆ ଥାନା ଅଧିକାରୀ ପଣ୍ଡା କମିଟି ସଭ୍ୟଙ୍କୁ କହିଥିଲେ। ବୈଦେଶ୍ୱର ଥାନା ଅଧିକାରୀ ଜେନା କଟକ ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ସମସ୍ତ ସତର୍କତା ଅବଲମ୍ବନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ପୂଜାକମିଟିର ସଭ୍ୟମାନେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଏହି ବୈଠକକୁ କଳାପଥର ସରପଞ୍ଚଙ୍କ ପ୍ରତିନିଧି ପ୍ରଫୁଲ୍ଲ ସ୍ୱାଇଁ ପରିଚାଳନା କରିଥିବା ବେଳେ ଧଳାପଥର ସମିତି ସଭ୍ୟ ବିଜୟ ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଷାରେ ଘରକାନ୍ଥ ଭୁଶୁଡ଼ିଲା

## ଆବାସ ଯୋଜନାରେ ଘର ଯୋଗାଇଦେବାକୁ ଦାବି

ବେଗୁନିଆ,୧୮।୯(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଦୁର୍ଗାପୁର ପଞ୍ଚାୟତ ଅନ୍ତର୍ଗତ ମାନଗୋବିନ୍ଦପୁର ଗ୍ରାମର ମଙ୍ଗୁଳି ନାୟକ ଏବଂ ସୁଶାନ୍ତ ନାୟକଙ୍କ ଘର ବର୍ଷାରେ ଭାଙ୍ଗିରୁଜି ଯାଇଛି। ଗତ ୧୪ ତାରିଖରେ ହୋଇଥିବା ବର୍ଷାରେ ଘରର ମାଟିକାନ୍ଥ ଫାଟି ଆଁ କରିବାରୁ କାଠ ଦ୍ୱାରା ଠେସ ଲଗାଇ ରଖିଥିବା ଦେଖିବାକୁ ମିଳିଛି। ସେହିପରି ମଙ୍ଗୁଳିଙ୍କ ଘର କାନ୍ଥ ଭୁଶୁଡ଼ି ପଡ଼ିବାରୁ ତାଙ୍କ ପରିବାର ବାସହରା ହୋଇଥିବା ବେଳେ ସୁଶାନ୍ତଙ୍କ ପରିବାର ଭୟଭୀତ ଅବସ୍ଥାରେ ରହିଛନ୍ତି। ଆର୍ଥିକ ସ୍ୱଚ୍ଛଳ ଭଲ ନ ଥିବାରୁ ଭଲ ଘର ଖଣ୍ଡିଏ କରିବାକୁ ଏମାନେ ସମର୍ଥ ହୋଇପାରି ନାହାନ୍ତି। ତୁରନ୍ତ ଏମାନଙ୍କୁ ଆବାସ ଯୋଜନାରେ ଘର ଯୋଗାଇଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ତହସିଲଦାର ତାପସ ବିଶି କହିଛନ୍ତି, ସମ୍ପୃକ୍ତ ପରିବାରଙ୍କୁ ପଲିଥିନ ଯୋଗାଇଦେବା ସହ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଶୁକ୍ରବାର ରିପୋର୍ଟ ପ୍ରଦାନ କରିବା ପରେ ବସୁନ୍ଧରା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ସେ କହିଛନ୍ତି।



## ଅଗ୍ନିବିପନ୍ନ ପରିବାରକୁ ସହାୟତା

କୃଷ୍ଣପ୍ରସାଦ,୧୮।୯(କୈଳାସ ଚନ୍ଦ୍ର ପଟ୍ଟନାୟକ): କୃଷ୍ଣପ୍ରସାଦ ବ୍ଲକ ଅଧୀନ ବଡ଼ଅଁଳ ପଞ୍ଚାୟତ ଖଟିଆକୁଦି ଗ୍ରାମରେ ଅଗ୍ନିକାଣ୍ଡ ଘଟି ମାୟାଧର ତରେଇଙ୍କ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିଲା। ଖବରପାଇ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପହଞ୍ଚି ଏହି ଅଗ୍ନିବିପନ୍ନ ପରିବାରବର୍ଗଙ୍କୁ ଭେଟି ୨୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ସହ ଏକ ଆବାସ ଗୃହ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ସଭାପତି ସଂଗ୍ରାମ କେଶରୀ ଜେନା, ଯୁବ ମୋର୍ଚ୍ଚା ସଭାପତି ବିଶ୍ୱଜିତ୍ ବିଶ୍ୱାଳ, ଶରତ ଚନ୍ଦ୍ର ଜେନା, ପ୍ରମୋଦ କୁମାର ବିଶ୍ୱାଳ, ସୁରେନ୍ଦ୍ର କୁମାର ବିଶ୍ୱାଳ, ବିଷ୍ଣୁ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସମସ୍ତଙ୍କ ସହଯୋଗରେ ଗଢ଼ାହେବ ଭବିଷ୍ୟତର ବିଶ୍ୱ

ଭୁବନେଶ୍ୱର, ୧୮।୯ (ସୌମ୍ୟରଞ୍ଜନ ରାଉତ)

ଶ୍ରୀଅରବିନ୍ଦ ଯେଉଁ ପୃଥିବୀର ସ୍ୱପ୍ନ ଦେଖିଥିଲେ, ତାହା ସମସ୍ତଙ୍କ ସହଯୋଗରେ ହିଁ ସମ୍ଭବ ହେବ। ବିଶେଷକରି ଏଥିରେ ଯୁବ ସମାଜର ସକ୍ରିୟ ଅଂଶ ଗ୍ରହଣ ଜରୁରୀ ବୋଲି ବକ୍ତାମାନେ ମତପ୍ରକାଶ କରିଛନ୍ତି। ବିନତାଶ୍ୱ ମଲ୍ଲିକ ସ୍ମାରକୀ ନ୍ୟାସ ପକ୍ଷରୁ ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ସ୍ଥାନୀୟ ଶ୍ରୀଅରବିନ୍ଦ ନଗରଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ କୃଷ୍ଣଚନ୍ଦ୍ର ନନ୍ଦଶର୍ମାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ପାଠଚକ୍ରରେ ସମ୍ମାନିତ ବକ୍ତା ଭାବେ ମାତୃସେବକ ସୂର୍ଯ୍ୟକାନ୍ତ ମହାରଣା ଓ ବିକାଶ ରଞ୍ଜନ ପରିଡ଼ା ଯୋଗଦେଇ 'ବିନତାଶ୍ୱ ମଲ୍ଲିକ ସ୍ମାରକୀ ବକ୍ତୃତା' ପ୍ରଦାନ କରିଥିଲେ। ବିଷୟ ଥିଲା 'ସମାଜ-ରାଜନୈତିକ ନୈରାଜ୍ୟ ବନାମ ବୌଦ୍ଧିକ ଉଦାସୀନତା ଓ ଶ୍ରୀଅରବିନ୍ଦ'। ବକ୍ତାମାନେ କହିଲେ, ସମାଜର ଜ୍ୱଳମାନ ସମସ୍ୟାଠାରୁ ବୁଦ୍ଧିଜୀବୀମାନେ ଦୂରେଇ ଗଲେ ସମାଜର ପରିବର୍ତ୍ତନ ବିଳମ୍ବିତ ହେବ। ସତ୍ୟ ସପକ୍ଷରେ ମୁଖର ନ ହେବା ହେଉଛି କାପୁରୁଷତା। ନିଷ୍କ୍ରିୟ ବୌଦ୍ଧିକତା ଭବିଷ୍ୟତର ବିଶ୍ୱ ନିର୍ମାଣରେ କୌଣସି କାମକୁ ନୁହେଁ ବୋଲି ଶ୍ରୀଅରବିନ୍ଦ ମନେକରୁଥିଲେ। ପଣ୍ଡିତ କୃଷ୍ଣଚନ୍ଦ୍ର ନନ୍ଦଶର୍ମା ସଂସ୍କୃତରେ ତାଙ୍କର ଅଭିଭାଷଣ ଦେଇ କହିଲେ, ପରମ୍ପରାର ଯଥାଯଥ ସଂସ୍କାର ସହ ମାନବ ଜାତିକୁ ଉତ୍ତରଣମୁଖୀ କରାଇବା ଯୁବପିଢ଼ିର ଦାୟିତ୍ୱ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ନ୍ୟାସର ମୁଖପତ୍ର 'ଅରୋକିରଣ' ଉନ୍ମୋଚିତ ହୋଇଥିଲା। ନ୍ୟାସର ସଭାପତି ଡ. ହୃଷୀକେଶ ମଲ୍ଲିକ ସ୍ୱାଗତ ଭାଷଣରେ କହିଲେ, ବିଶ୍ୱ ପ୍ରେକ୍ଷାପଟରେ ସମାଜ ଓ ରାଜନୀତିର ଯେଉଁ ନୂଆ ସମୀକରଣ ଦାନା ବାନ୍ଧୁଛି, ତାହା ଶୁଭ ସୂଚକ। ସତ୍ୟ ଗଭୀର ଅନ୍ଧକାର ଭେଦକରି ଧୀରେ ଧୀରେ ପ୍ରକଟିତ ହେବାରେ ଲାଗିଛି। ଆମେ ଖାଲି ଏଥିରେ କାନ୍ଧ ଲଗାଇଲେ ହେଲା। ପ୍ରଭଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ଇଂ. ରୋହିତାଶ୍ୱ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ବିନତାଶ୍ୱଙ୍କ ପରିବାର ସ୍ୱଜନଙ୍କ ସମେତ ବହୁ ମାତୃପ୍ରେମୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

**ବିନତାଶ୍ୱ ମଲ୍ଲିକ ସ୍ମାରକୀ ନ୍ୟାସ ପକ୍ଷରୁ ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ଓ ସ୍ମାରକୀ ବକ୍ତୃତା**


ଅତିଥିମାନେ ବିନତାଶ୍ୱ ମଲ୍ଲିକ ସ୍ମାରକୀ ନ୍ୟାସର ମୁଖପତ୍ର 'ଅରୋକିରଣ'କୁ ଉନ୍ମୋଚନ କରୁଛନ୍ତି।

## ଟାଙ୍ଗୀ ବ୍ଲକ୍: ୨୬ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବଦଳି

ଟାଙ୍ଗୀ,୧୮।୯(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲାପାଳଙ୍କ ଅଧ୍ୟକ୍ଷତାରେ ଗତ ୧୨ ତାରିଖରେ ଅନୁଷ୍ଠିତ ଶିକ୍ଷକମାନଙ୍କ ଜିଲା ମଧ୍ୟରେ ବଦଳି ପାଇଁ ବୈଠକ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀଙ୍କ ତାରିଖ୧୭/୯/୨୫, ଚିଠି ନଂ.୧୧୯୯୮ ରେ ଜିଲାର ୨୦୧ଜଣ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକଙ୍କ ବଦଳି ତାଲିକା ପ୍ରକାଶ ପାଇଛି। ଏଥିମଧ୍ୟରୁ ଟାଙ୍ଗୀ ବ୍ଲକରେ ୨୬ଜଣଙ୍କର ବଦଳି ହୋଇଛି। ପ୍ରକାଶ ପାଇଥିବା ବଦଳି ସ୍ଥାନରେ ତୁରନ୍ତ ଶିକ୍ଷୟିତ୍ରୀଶିକ୍ଷକମାନେ କାର୍ଯ୍ୟରେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ରହିଥିବା ଜଣାପଡ଼ିଛି।

## ସୌମ୍ୟରଞ୍ଜନଙ୍କୁ ରୌପ୍ୟ ପଦକ

ବେଗୁନିଆ,୧୮।୯(ହର ପ୍ରସନ୍ନ ପଣ୍ଡା)

**ପୂର୍ବାଞ୍ଚଳ ଶୁଟିଂ ଚାମ୍ପିୟନଶିପ-୨୦୨୫**



ପୂର୍ବାଞ୍ଚଳ ଶୁଟିଂ ଚାମ୍ପିୟନଶିପ-୨୦୨୫ରେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ୍ ଚକାପଦା ଗ୍ରାମର ସୌମ୍ୟରଞ୍ଜନ ପଣ୍ଡା ରୌପ୍ୟ ପଦକ ହାସଲ କରିଛନ୍ତି। ସୌମ୍ୟଙ୍କ ଏହି ସଫଳତା ପାଇଁ ବେଗୁନିଆ ଅଞ୍ଚଳର ବୁଦ୍ଧିଜୀବୀ, ଯୁବବର୍ଗ, ଏବଂ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି। ସୂଚନା ମୁତାବକ, ବିହାର ରାଜ୍ୟ ନାଳନ୍ଦା ଜିଲା କଲ୍ୟାଣବିଘାଠାରେ ଚାଲିଥିବା ୯ମ ପୂର୍ବାଞ୍ଚଳ ଶୁଟିଂ ଚାମ୍ପିୟନଶିପର ୧୦ ମିଟର ଏୟାର ରାଇଫଲ ଇଭେଣ୍ଟର ଓଡ଼ିଶା ମୋଟ୍ ୬ଟି ପଦକ ହାସଲ କରିଛି। ସବ୍ ଜୁନିୟର ପୁରୁଷ ବିଭାଗରେ ସୌମ୍ୟରଞ୍ଜନ ରୌପ୍ୟ ପଦକ ହାସଲ କରିଥିଲେ। ଏ ସମ୍ପର୍କରେ ସୌମ୍ୟରଞ୍ଜନ କହିଛନ୍ତି, ସେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମସ୍ଥିତ ଗଗନ ନାରଙ୍ଗ ଶୁଟିଂ କେନ୍ଦ୍ରରେ ପ୍ରଶିକ୍ଷଣ ନେଇଛନ୍ତି। ଏହି ସଫଳତା ପଛରେ କୋଚ ପୁରୁଷୋତ୍ତମ ପାଙ୍ଗା ଏବଂ ମ୍ୟାନେଜର ଦୀପକ ସାହୁଙ୍କ ନେତୃତ୍ୱ ଏବଂ ଓଡ଼ିଶା ସ୍ପୋର୍ଟ୍ସ ଓ ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆର ସହଯୋଗ ରହିଛି। ଜେଜେମା' ସୌଦାମିନୀ ଓ ଜେଜେ ମନମୋହନଙ୍କ ଆଶୀର୍ବାଦରୁ ସଫଳ ହେଉଛି। ସେହିପରି ପ୍ରେରଣାର ଉତ୍ସ ଭାବେ ବାପା ନଳିନୀକାନ୍ତ ଏବଂ ବୋଉ ପିଙ୍କି ସମସ୍ତ ପ୍ରକାର ସହଯୋଗ ଏବଂ ଉତ୍ସାହିତ କରୁଛନ୍ତି। ଆସନ୍ତା ଡିସେମ୍ବରରେ ହେବାକୁ ଥିବା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ ଦେଖାଇବେ ବୋଲି ସେ କହିଛନ୍ତି।

**୬ ଫେରାର ଅଭିଯୁକ୍ତ ଗିରଫ**

ପୁରୀ,(ଅଜିତ୍ କୁମାର ମହାନ୍ତି): ବିଭିନ୍ନ ମାମଲାରେ ଦୀର୍ଘଦିନ ଧରି ଫେରାର ଥିବା ୬ ଅଭିଯୁକ୍ତଙ୍କୁ ଗିରଫ ପରେ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ବ୍ରାଉନସୁଗାର କାରବାର ଅଭିଯୋଗରେ ୨୦୨୧ ମସିହାରୁ ଫେରାର ଥିବା ଅଭିଯୁକ୍ତ ଶିବ ନାୟକଙ୍କୁ କୁମ୍ଭାରପଡା ଥାନା ପୋଲିସ ଗିରଫ କରିଛି। ସେହିପରି ବଳାତ୍କାର ମାମଲାରେ ୨୦୨୩ରୁ ଫେରାର ଥିବା ଅଭିଯୁକ୍ତ ରୁପେନ ଦେବନାଥଙ୍କୁ ବଳିଆପଣ୍ଡା ଥାନା ପୋଲିସ ଗିରଫ କରିଛି। ଏକ ବିସ୍ଫୋରକ ଜବତ ମାମଲାରେ ବାସେଳୀସାହି ଥାନା ପୋଲିସ ଶିଖର ବେହେରାଙ୍କୁ ଗିରଫ କରିଥିବା ବେଳେ ୨୦୦୬ ମସିହାରେ ଏକ ଚୋରି ମାମଲାରେ ଟାଉନ ଥାନା ପୋଲିସ ହୃଦାନନ୍ଦ ମହାନ୍ତିଙ୍କୁ ଗିରଫ କରିଛି। ଅର୍ଥ ଆଦାୟ ମାମଲାରେ ବଳିଆପଣ୍ଡା ପୋଲିସ ଓ ହତ୍ୟା ଉଦ୍ୟମ ମାମଲାରେ ବାସେଳୀ ସାହ ପୋଲିସ ୨ ମହିଳାଙ୍କୁ ଗିରଫ କରିଛି।

# ମହିଳା ମହାସଂଘ କର୍ମକର୍ତ୍ତା ଚୟନକୁ ବିରୋଧ

## ନିମାପଡ଼ା ବ୍ଲକ କାର୍ଯ୍ୟାଳୟ ଘେରାଉ

ନିମାପଡ଼ା,୧୮।୯(ବିଚିତ୍ରାନନ୍ଦ ସାହୁ)

ମିଶନ ଶକ୍ତି ବିଭାଗ ପକ୍ଷରୁ ନିମାପଡ଼ା ବ୍ଲକର ୩୨ଟି ପଞ୍ଚାୟତରେ ଏସ୍ଏଚ୍ଜି, ସିଏଲ୍ଏଫ୍, ଜିପିଏଲ୍ଏଫ୍ ଏବଂ ବିଏଲ୍ଏଫ୍ ପ୍ରମୁଖ ମହିଳା ମହାସଂଘଗୁଡ଼ିକର ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ସରକାରୀ ନିର୍ଦ୍ଦେଶ ମୁତାବକ ବ୍ଲକ ପ୍ରଶାସନ ପକ୍ଷରୁ ଜାରି ରହିଛି। ଏହି ଚୟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହେଉଥିବା, ଦଳୀୟ ମନୋଭାବ ରଖି ସଭାପତି, ସମ୍ପାଦକ ଓ ଇସି ସଭ୍ୟାଙ୍କୁ ଚୟନ କରାଯାଉଥିବା ମହିଳା ମହାସଂଘର ଶତାଧିକ କର୍ମକର୍ତ୍ତା ଅଭିଯୋଗ ଆଣିଛନ୍ତି। ଏହି ଚୟନ ପ୍ରକ୍ରିୟାକୁ ସ୍ଥଗିତ ରଖାଯିବା ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ରହିତାଦେଶ ଜାରି କରିଥିବା ମହିଳା ମହାସଂଘର କର୍ମକର୍ତ୍ତାମାନେ ବିଡିଓଙ୍କୁ ଅବଗତ କରିଛନ୍ତି। ଏହାସତ୍ତ୍ୱେ ଚୟନ କାର୍ଯ୍ୟ ହେଉଥିବା ପ୍ରତିବାଦରେ ତଥା ଚୟନ ପ୍ରକ୍ରିୟାକୁ ସ୍ଥଗିତ ରଖାଯିବା ଦାବିରେ ବୁଧବାର ନିମାପଡ଼ା ବ୍ଲକ ଅଧୀନ ୩୨ଟି ପଞ୍ଚାୟତର ବିଭିନ୍ନ ମହିଳା ମହାସଂଘର ଶତାଧିକ ମହିଳା କର୍ମକର୍ତ୍ତା ବ୍ଲକ କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସି ହୋହଲ୍ଲା କରିଥିଲେ। ଏହାକୁ ସମର୍ଥନ କରି ବିଜେଡି ନେତା ସୁବ୍ରତ ଛାଟୋଇ, କୁଞ୍ଜଲତା ସାମଲ, ରବୀନ୍ଦ୍ର ମଲ୍ଲିକ, ଦିଲ୍ଲୀପ ପାତ୍ର, ମାନସ ପ୍ରଧାନ, ସରିତା ମହାପାତ୍ର, ବୀଣାପାଣି ସ୍ୱାଇଁ, ସୁଜିତ ବେହେରା, ଦୀପକ ଦାସ, କଂଗ୍ରେସ ନେତା କାଳନ୍ଦୀ ବାରିକ, ଗୋବିନ୍ଦ ମଲ୍ଲିକ, ନିଶିକାନ୍ତ ସ୍ୱାଇଁ, ମନୋଜ ସେଠୀ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ମହିଳା ମହାସଂଘ କର୍ମକର୍ତ୍ତା ପ୍ରଗତି ବରାଳ, ଜ୍ୟୋତ୍ସ୍ନା ସ୍ୱାଇଁ, ଅନୁପମା ନାୟକ, ପ୍ରେମଶିଳା ମିଶ୍ର, ରେଣୁବାଳା ମାଝୀ, ପୁଷ୍ପଲତା ପରିଡ଼ା, ଅନିତା ପଣ୍ଡା, ଶକୁନ୍ତଳା ପରିଡ଼ା, ବନିତା ପ୍ରଧାନ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏ ସମ୍ପର୍କରେ ବିଡିଓ ଅଭିଜିତ ଷଡ଼ଙ୍ଗୀଙ୍କୁ ପଚାରିବାରେ କହିଛନ୍ତି, ନିମାପଡ଼ା ବ୍ଲକର କେବଳ ୧୯ଟି ଜିପିଏଲ୍ଏଫ୍ ସଭାପତି ଓ ସମ୍ପାଦକ ପଦବୀ ପାଇଁ ଚୟନ ଉପରେ କୋର୍ଟ ରହିତାଦେଶ ଥିବାବେଳେ ଅନ୍ୟ କୌଣସି ମହିଳା ମହାସଂଘର ପଦବୀ ନିମନ୍ତେ ରହିତାଦେଶ ନାହିଁ। ତେଣୁ ସରକାରଙ୍କ ନିର୍ଦ୍ଦେଶ ମୁତାବକ ବ୍ଲକ ପ୍ରଶାସନ ପକ୍ଷରୁ ଅନ୍ୟ ମହିଳା ମହାସଂଘ କର୍ମକର୍ତ୍ତା ଚୟନ ନୀତିନିୟମ ଅନୁସାରେ ଚାଲିଛି। ଚୟନ ପ୍ରକ୍ରିୟାରେ କୌଣସି ଅନିୟମିତତା ହୋଇ ନ ଥିବା ବିଡିଓ ଷଡ଼ଙ୍ଗୀ କହିଛନ୍ତି। ଆନ୍ଦୋଳନକାରୀଙ୍କୁ ବିଡିଓ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପରେ ଆନ୍ଦୋଳନକାରୀମାନେ ଜିଲାପାଳଙ୍କୁ ଭେଟି ଦାବି ଜଣାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଦୀର୍ଘ ୬ଘଣ୍ଟା ଧରି ଆନ୍ଦୋଳନ ଚାଲିଥିଲା। ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନେଲେ ଏହି ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ଆନ୍ଦୋଳନକାରୀ କହିଛନ୍ତି।



ମହିଳା ମହାସଂଘର କର୍ମକର୍ତ୍ତାମାନେ ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ଅପହୃତା ନାବାଳିକା ଉଦ୍ଧାର: ୩ ଗିରଫ

କଣାସ,୧୮।୯(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ୧୫ ତାରିଖରେ କେତେଜଣ ଯୁବକ ଅପହରଣ କରିନେଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ନ ପାଇବାରୁ ୧୬ ତାରିଖରେ ଥାନାରେ ଏତଲା ଦେଇଥିଲେ। ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକ ଏକ କେସ୍ (ନଂ- ୨୧୪/୨୫) ରୁଜୁ କରି ମୋବାଇଲ ଟ୍ରାକ୍ କରି ନାବାଳିକାଙ୍କୁ ଖୋର୍ଦ୍ଧାରୁ ଉଦ୍ଧାର କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଜ୍ଞାନରଂଜନ ପୃଷ୍ଟି, ଶୁଭମ୍ ପ୍ରଧାନ ଓ ଶୁଭମ୍ ଦଳାଇ। ସେମାନଙ୍କଠାରୁ ଏକ ମୋଟରସାଇକେଲ୍ (ନଂ- ଓଡି୦୨ସିଏମ୍ ୧୩୯୪) ଜବତ କରାଯାଇଛି।

### ‘ସ୍ୱଚ୍ଛତା ହିଁ ସେବା, ଚାରାରୋପଣ କାର୍ଯ୍ୟକ୍ରମ

ପିପିଲି,୧୮।୯(ଦୁର୍ଗାମାଧବ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଅବସରରେ ବୁଧବାର ପିପିଲିରେ ସ୍ୱଚ୍ଛତା ହିଁ ସେବା ଏବଂ ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସଫେଇ ଓ ଚାରାରୋପଣ କାର୍ଯ୍ୟକ୍ରମରେ ପୁରୀ ଏମ୍‌ପି ସମ୍ବିତ ପାତ୍ର ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ସାମିଲ ହୋଇଥିଲେ। ପିପିଲି ଏନ୍ଏସି ଦ୍ୱାରା ଆୟୋଜିତ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ପିପିଲି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏମ୍‌ପି ଏବଂ ବିଧାୟକ ସଫେଇ କରିଥିଲେ। କାର୍ଯ୍ୟକ୍ରମରେ ପିପିଲି ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ବିଡିଓ ସରୋଜ କୁମାର ରାଉତ, ପୂର୍ବତନ ପୌର ଉପାଧ୍ୟକ୍ଷ ସୁକାନ୍ତ ଭଞ୍ଜ, କାଉନସିଲର ବିଭୂତି ଭୂଷଣ ବାରିକ, ସେକ ଆଲେକହୁର ଖାଁ, ଏନ୍ଏସି ଭାଜପା ମଣ୍ଡଳ ସଭାପତି ସନ୍ତୋଷ ବାରିକ, ଲଳିତ ବରାଳ, ସମସ୍ତ ନିର୍ବାଚିତ ପ୍ରତିନିଧି ଓ ଭାଜପା କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ସେହିପରି ପିପିଲି ହାଇସ୍କୁଲ, ଜବାହାର ବିଦ୍ୟାପୀଠ, ଦୁର୍ଗାଦାସପୁର ପଞ୍ଚାୟତର କାଜିପାଟଣା ୟୁଜିଏମ୍ଇ ସ୍କୁଲ, ଚନ୍ଦ୍ରାଦେଈପୁର ପଞ୍ଚାୟତର କମାକଣ୍ଠିଆ ସରକାରୀ ସ୍କୁଲ, ଯଶୁଆପୁରର ଗୋବିନ୍ଦ ସାଗର ସରୋବର ପରି ଅନେକ ସ୍ଥାନରେ ଚାରାରୋପଣ କରାଯାଇଥିଲା।

### ମା’ ପାଇଁ ଗଛଟିଏ

ଚାରିଛକ, ୧୮।୯(ଶିଶିର କୁମାର ସ୍ୱାଇଁ)

ନିମାପଡ଼ା ବ୍ଲକ ତୁଳସୀପୁର ଗ୍ରାମପଞ୍ଚାୟତରେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ପାଳନ ଅବସରରେ ଅମରେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସର ଓ ରାସ୍ତାପାର୍ଶ୍ୱରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ତୁଳସୀପୁର ସରପଞ୍ଚ ମଞ୍ଜୁଲତା ଭୋଇ, ସାମାଜିକ କର୍ମୀ ଅରକ୍ଷିତ ଭୋଇ, ୱାର୍ଡସଭ୍ୟ ଅମରେଶ୍ୱର କାଣ୍ଡି, ସିଆର୍‌ସିସି ରବୀନ୍ଦ୍ର ତ୍ରିପାଠୀ, ପ୍ରଧାନ ଶିକ୍ଷୟିତ୍ରୀ ସୁମିତ୍ରା ମେଲାପ, ଶିକ୍ଷକ ପ୍ରଭାତ ଦାସ, ଶିକ୍ଷୟିତ୍ରୀ ଶିକ୍ଷକ, ଏସ୍ଏମ୍ସି ସଦସ୍ୟା ସଦସ୍ୟ, ଅଭିଭାବକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ସୁନୟନାଙ୍କୁ ‘ଦ ବେଲ୍ ୟୁବଶ୍ରୀ ସମ୍ମାନ’

## ସେଫ୍ଟି ଇଣ୍ଡିଆ ସିଜିନ-୨ର ଗ୍ରାଣ୍ଡ ୱିନର

ପୁରୀ,୧୮।୯(ଅଜିତ୍ କୁମାର ମହାନ୍ତି)

ପୁରୀର ସେବାୟତ ପରିବାର ଝିଅ ସୁନୟନା ମହାପାତ୍ର ନିକଟରେ ଆୟୋଜିତ ସେଫ୍ଟି ଇଣ୍ଡିଆ ଓଡ଼ିଶା ଟପ୍ ସେଫ୍ ସିଜିନ୍ ଟୁର ଗ୍ରାଣ୍ଡ ଚାମ୍ପିୟନଶିପ୍‌ର ୱିନର ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ପୁରୀରେ ତାଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଛି। ଦ ବେଲ୍ ୟୁଥ୍ କ୍ଲବ୍ ତରଫରୁ ସ୍ଥାନୀୟ ସରକାରୀ ୟୁଥ୍ ହଷ୍ଟେଲ ପରିସରରେ ଗୁରୁବାର ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅନୁଷ୍ଠାନ ତରଫରୁ ତାଙ୍କର ଏହି କୃତିତ୍ୱ ପାଇଁ ତାଙ୍କୁ ଦ ବେଲ୍ ୟୁବଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି। ଶ୍ରୀକ୍ଷେତ୍ରର ପାରମ୍ପରିକ ଖାଦ୍ୟକୁ ଗୁଣବତ୍ତା ସହିତ ଅନ୍ତର୍ରାଷ୍ଟ୍ରୀୟ ସ୍ତରରେ ତାହାକୁ ପହଞ୍ଚାଇବା ତାଙ୍କର ଲକ୍ଷ୍ୟ ବୋଲି ସୁନୟନା ଏହି ଅବସରରେ କହିଛନ୍ତି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନରେ ଚକୋଲେଟରେ ମୋଦିଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରି ବେଶ ଚର୍ଚ୍ଚାରେ ରହିଥିଲେ ସୁନୟନା। ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ ସେବାୟତ ପରିବାର ଝିଅମାନଙ୍କ ପାଇଁ ଏକ ନୂତନ ଦିଶା ଦେଖାଇବାରେ ସୁନୟନାଙ୍କ କୃତିତ୍ୱ ସହାୟକ ହେବ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ସେ ଫ୍ଟି ଇଣ୍ଡିଆର ବ୍ରାଣ୍ଡ ଆମ୍ବାସାଡର ସେଫ୍ ବିଶ୍ୱଜିତ୍ ମହାରଥୀ, ଭୁବନେଶ୍ୱର ଆଇଏଚ୍ଏମ୍ ଅଧ୍ୟାପକ ସୁଧୀର କୁମାର ସିଂ, କ୍ଲବ୍ ଚକୋଲେଟ୍‌ର କୋଫାଉଣ୍ଡର ରାକେଶ କୁମାର ସାହୁ, ମହାସୁଆର ନିଯୋଗ ସମ୍ପାଦକ ଗଣେଶ୍ୱର ମହାସୁଆର, ଚତୁର୍ଦ୍ଧାମ ବେଦ ଭବନ ନ୍ୟାସର ସମ୍ପାଦକ ବିଜୟକୃଷ୍ଣ ବ୍ରହ୍ମା ପ୍ରମୁଖ ଯୋଗଦେଇ ରାଷ୍ଟ୍ରୀୟ ଓ ଅନ୍ତର୍ରାଷ୍ଟ୍ରୀୟ ସ୍ତରରେ ସୁନାୟନା ଗୌରବ ଆଣିବାର ଯଥେଷ୍ଟ ସମ୍ଭାବନା ଅଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଶ୍ରୀ ଗନ୍ନାଥ ଫାଉଣ୍ଡେଶନ, କ୍ଷେତ୍ର ମୋହନ ଫାଉଣ୍ଡେଶନ, ଦ ମିରର, ଆପଣଙ୍କ ସେବାରେ, ଶିଶୁ ସମାଚାର, ଭାରତ ଯୋଗକେନ୍ଦ୍ର, ଆମେ ଅନୁଷ୍ଠାନ, ମହାବିନାୟକ ସେବା ଟ୍ରଷ୍ଟ, ଇନର ହୁଇଲ କ୍ଲବ୍ ଶ୍ରୀକ୍ଷେତ୍ର, ନାରାୟଣ ଦାସ ମେମୋରିଆଲ ଟ୍ରଷ୍ଟ, ଆପଣଙ୍କ ସେବାରେ ଇତ୍ୟାଦି ଅନୁଷ୍ଠାନର କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ଉପସ୍ଥିତ ରହି ସୁନୟନାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଦ ବେଲ୍ ୟୁଥ୍ କ୍ଲବ୍ ସହସଂଯୋଜିକା ମୋନାଲିସା ଦାସ ପରିଚାଳନା କରିଥିବା ବେଳେ ସୁକାନ୍ତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ସୁନୟନା ପୁରୀର ହୋଟେଲ ଶିଳ୍ପପତି ତଥା ଶ୍ରୀମନ୍ଦିର ସେବାୟତ ଜିତେନ୍ଦ୍ର ମହାପାତ୍ର ଓ ସାବିତ୍ରୀ ମହାପାତ୍ରଙ୍କ କନ୍ୟା। କାର୍ଯ୍ୟକ୍ରମକୁ ବେଲ୍ ୟୁଥ୍ କ୍ଲବ୍, ଓମେନସ୍ କ୍ଲବ୍, ସିନିୟର୍ ସିଟିଜେନ କ୍ଲବ୍‌ର ସଦସ୍ୟା ସଦସ୍ୟମାନେ ପରିଚାଳନା କରିଥିଲେ।




ସେଫ୍ଟି ଇଣ୍ଡିଆ ଓଡ଼ିଶା ଟପ୍ ସେଫ୍ ସିଜିନ୍ -୨ର ଗ୍ରାଣ୍ଡ ଚାମ୍ପିୟନଶିପ୍‌ର ୱିନର ସୁନୟନା ମହାପାତ୍ରଙ୍କୁ ‘ଦ ବେଲ୍ ୟୁବଶ୍ରୀ ସମ୍ମାନ’ପ୍ରଦାନ କରାଯାଉଛି।

## ‘ସୁସ୍ଥ ନାରୀ, ସଶକ୍ତ ପରିବାର’

ଚାରିଛକ,୧୮।୯(ଶିଶିର କୁମାର ସ୍ୱାଇଁ)

ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ପୁରୀ ଜିଲାସ୍ତରୀୟ ‘ସୁସ୍ଥ ନାରୀ, ସଶକ୍ତ ପରିବାର’ ଅଭିଯାନ ଏବଂ ‘ନାରୀ ପାଇଁ ଗଛଟିଏ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଭା ଆରମ୍ଭ ପୂର୍ବରୁ ସେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାରାରୋପଣ କରିବା ପରେ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିବା ସହ ରୋଗୀଙ୍କ ସମସ୍ୟା ପଚାରି ବୁଝିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମ ଦିବସରେ ସୁଭଦ୍ରା ଯୋଜନାର ଏକବର୍ଷ ପୂର୍ତ୍ତି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଯୋଗଦେଇ କିଶୋରୀ ଓ ମହିଳାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ଗୁରୁତ୍ୱ ଦେବାପାଇଁ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଏବଂ ଓ ଅଙ୍ଗନୱାଡ଼ିକର୍ମୀଙ୍କୁ କହିଥିଲେ। ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ୭୫ ଲକ୍ଷରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯିବା ନେଇ ସେ ସୂଚନା ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ନୂତନ ରୋଗୀ କଲ୍ୟାଣ ସମିତି ସଭ୍ୟାସଭ୍ୟ, ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ଗରିବ ଲୋକଙ୍କୁ ଗ୍ରୋସେରି ସାମଗ୍ରୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଗୋପ ବ୍ଲକ ଏମ୍‌ପି ପ୍ରତିନିଧି ସୁଶାନ୍ତ କୁମାର ସ୍ୱାଇଁ, ନିମାପଡ଼ା ବ୍ଲକ ଏମ୍‌ପି ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଜିଲା ଏଡିପିଏଚ୍ଓ ଲଲାଟେନ୍ଦୁ ମିଶ୍ର, ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍‌ଚାର୍ଜ ପ୍ରଶାନ୍ତ କୁମାର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଙ୍କିତା



@ ଦିଲୀପ



@ ରଶ୍ମିରଞ୍ଜନ



@ ସରିତା



@ ସୂର୍ଯ୍ୟକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କଣାସ ରୋଡ୍ ରେଳଷ୍ଟେଶନର ବିକାଶ ଧିମେଇଛି

## ବିଭିନ୍ନ ଟ୍ରେନ ରହଣି ପାଇଁ ଦାବି

ଡେଲାଙ୍ଗ,୧୮।୯(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ହାଟବଜାରସ୍ଥିତ କଣାସ ରୋଡ୍ ରେଳଷ୍ଟେଶନକୁ ୫୦ ବର୍ଷ ପୂରଣ ହୋଇଥିବାବେଳେ ଅଦ୍ୟାବଧି ଆଖିଦୃଶିଆ ବିକାଶ ହୋଇପାରିନାହିଁ। କିପରି ଏହି ରେଳଷ୍ଟେଶନର ବିକାଶ ହେବ ଓ ଏକ୍ସପ୍ରେସ ଟ୍ରେନ ରହିବ ସେନେଇ ରେଳ ଉପଭୋକ୍ତା ପରିଷଦ ପକ୍ଷରୁ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ଜରିଆରେ ଏମ୍‌ପି ଡ. ସମ୍ବିତ ପାତ୍ରଙ୍କୁ ଏକ ଦାବିପତ୍ର ଦିଆଯାଇଛି। ବ୍ରିଟିଶ ଶାସନ ସମୟରେ ୧୮୯୭ ମସିହା ଫେବୃଆରୀ ୧ରେ ଖୋର୍ଦ୍ଧାରୋଡରୁ ପୁରୀକୁ ରେଳପଥ ଯାତାୟତ ଶୁଭାରମ୍ଭ ହୋଇଥିଲା। ସେ ସମୟରେ ଖୋର୍ଦ୍ଧାରୋଡ- ପୁରୀ ମଧ୍ୟରେ ଡେଲାଙ୍ଗ, ସାକ୍ଷୀଗୋପାଳ ଓ ମାଳତୀପାଟପୁରରେ ରେଳ ରହଣି ପାଇଁ ଷ୍ଟେସନ ବ୍ୟବସ୍ଥା ରହିଥିଲା। ଫଳରେ କଣାସ ବ୍ଲକ ଓ ଡେଲାଙ୍ଗ ହାଟ ବଜାର ସନ୍ନିକଟ ବାସିନ୍ଦା ଡେଲାଙ୍ଗ ରେଳ ଷ୍ଟେସନ ଉପରେ ନିର୍ଭର କରୁଥିଲେ। ୧୯୭୨ ମସିହାରେ ଡେଲାଙ୍ଗ ହାଟବଜାରଠାରେ ରେଳ ରହଣି ପାଇଁ କଣାସ ବ୍ଲକ ସମେତ ଆଖପାଖ ଅଞ୍ଚଳର ଲୋକେ ଦାବି କରିବା ପରେ ୧୯୭୪ ମସିହା ମେ ୩୧ରେ ଡେଲାଙ୍ଗ ହାଟ ବଜାର ଟ୍ରେନ ରହଣି ପାଇଁ ବ୍ୟବସ୍ଥା ଆରମ୍ଭ କରାଯାଇ କଣାସ ରୋଡ ରେଳ ଷ୍ଟେଶନ ନାମରେ ନାମିତ କରାଯାଇଥିଲା। ଏହା ଏକ ବ୍ୟସ୍ତବହୁଳ ରେଳ ଷ୍ଟେସନ ଭାବେ ପରିଚିତ। ଏଠାରେ ପୁରୀ- ତିରୁପତି ଏକ୍ସପ୍ରେସ, ପୁରୀ ଅହମ୍ମଦାବାଦ ଏକ୍ସପ୍ରେସ, ପୁରୀ- ଜଗନ୍ନାଥ ଏକ୍ସପ୍ରେସ, ପୁରୀ - ବଡବିଲ୍ ଟ୍ରେନ ରହଣି ପାଇଁ ପରିଷଦ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଛି । ହେଲେ ରେଳ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଖୋର୍ଦ୍ଧା ଓ ପୁରୀ ମଧ୍ୟରେ କଣାସ ରୋଡ ରେଳ ଷ୍ଟେଶନରେ ସର୍ବାଧିକ ଟିକେଟ ବିକ୍ରି ହେଉଥିବା ବେଳେ ଉପରୋକ୍ତ ଟ୍ରେନ ଗୁଡିକ ରହଣି ଦାବି ନେଇ ଏକ ଦାବିପତ୍ର ପୁରୀ ଏମ୍‌ପିଙ୍କୁ ଦିଆଯାଇଛି। ଆଗାମୀ ଦିନରେ ଟ୍ରେନ ରହଣି ପାଇଁ ବ୍ୟବସ୍ଥା କରା ନ ଗଲେ ଏକ ବଡଧରଣର ଆନ୍ଦୋଳନକୁ ଏଡାଇ ଦିଆଯାଇ ନ ପାରେ।

# ଖେଳାଳି ଚୟନରେ ଅନିୟମିତତା ଅଭିଯୋଗ

## ଓଡ଼ିଶା ପ୍ରୋ ଟି-ଟ୍ୱେଣ୍ଟି କ୍ରିକେଟ ଲିଗ୍

ପୁରୀ,୧୮।୯(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ପ୍ରୋ ଟି-ଟ୍ୱେଣ୍ଟି କ୍ରିକେଟ ଲିଗ୍‌ରେ ପୁରୀରୁ ଖେଳାଳି ଚୟନରେ ଅନିୟମିତତା ଅଭିଯୋଗ ହୋଇଛି। ସମଗ୍ର ରାଜ୍ୟରେ ଚଳିତ ଥର ଦ୍ୱିତୀୟ ସର୍ବାଧିକ ୱିକେଟ ନେଇ ମଧ୍ୟ ଏହି ଲିଗ୍‌ରୁ ବଞ୍ଚିତ ହେବା ପରେ ମୁହଁ ଖୋଲିଛନ୍ତି ପୁରୀର ଦ୍ରୁତ ବୋଲର ପଦ୍ମଲୋଚନ ପଣ୍ଡା। ଏନେଇ ପଣ୍ଡା ଗୁରୁବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପଣ୍ଡା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ସେ ଗତ ୧୫ ବର୍ଷ ଧରି ପୁରୀ ଜିଲା ପାଇଁ କ୍ରିକେଟ୍ ଖେଳିଆସୁଛନ୍ତି। କିନ୍ତୁ ଦୁର୍ଭାଗ୍ୟବଶତଃ ଜଣେ ଖେଳାଳି ଭାବେ ଦକ୍ଷତା ପ୍ରଦର୍ଶନ କରିବାର କୌଣସି ଉପଯୁକ୍ତ ସୁଯୋଗ ମିଳିଲା ନାହିଁ। କିନ୍ତୁ ସୌଭାଗ୍ୟବଶତଃ ଚଳିତ ବର୍ଷ ଓସିଏ ସିନିୟର କଳାହାଣ୍ଡି କପ୍ ୨୦୨୫/୨୬ ସିଜନରେ ସେ ସମସ୍ତ ୫ଟି ମ୍ୟାଚ୍ ଖେଳି ୧୫ଟି ଉଇକେଟ ସହିତ ପ୍ରମୁଖ ଉଇକେଟ୍ ନେଇଥିଲେ। ଫଳରେ ଓସିଏ ସିନିୟର ପୁରୁଷ ଟ୍ରାଏଲ୍ ପାଇଁ ମନୋନୀତ ହୋଇ ସିନିୟର ପୁରୁଷ ଟ୍ରାଏଲ୍‌ରେ ପ୍ରଦର୍ଶନ କରିଥିଲେ। ଖେଳାଯାଇଥିବା ୨ଟି ମ୍ୟାଚ୍‌ରେ ସେ ୮ଟି ଉଇକେଟ୍ ନେଇଥିଲେ। ସେଥିମଧ୍ୟରୁ ୭ଟି ଉଇକେଟ୍ ଗୋଟିଏ ଇନିଂସରେ ନେଇଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ହୋଇଥିବା ଏହି ଶିବିରରେ ସେ ଓଡ଼ିଶାର ଦ୍ୱିତୀୟ ସର୍ବାଧିକ ଉଇକେଟ ନେବାର ଗୌରବ ହାସଲ କରିଥିଲେ। ମାତ୍ର ତାଙ୍କୁ ଓଡ଼ିଶା ପ୍ରୋ ଟି-ଟ୍ୱେଣ୍ଟି ଲିଗ୍ ନିଲାମିରେ ସ୍ଥାନ ମିଳିଲା ନାହିଁ। ତାଙ୍କ ଅଭିଯୋଗ ମୁତାବକ, କ୍ରିକେଟ ଶିବିର କିମ୍ବା ନେଟ୍ସ ପାଇଁ ଜିଲା ଦାଇତ୍ୱରେ ଥିବା ଅଧିକାରୀ ତାଙ୍କୁ ଅବଗତ କରାଉନାହାନ୍ତି। ଏପରିକି ସର୍ବାଧିକ ଉଇକେଟ ନେଇଥିବାରୁ ଓଡ଼ିଶା ପ୍ରୋ ଟି-ଟ୍ୱେଣ୍ଟି ଲିଗ୍ ପାଇଁ ସେ ଯୋଗ୍ୟ ହୋଇଥିଲେ ସୁଦ୍ଧା ପୁରୀର କୋଚ୍ ତାଙ୍କ ନାମ ନିଲାମ ପ୍ରକ୍ରିୟାରେ ସାମିଲ କଲେ ନାହିଁ। କୋଚ୍ ଦାୟିତ୍ୱରେ ଥିବା ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ କ୍ରିକେଟ କ୍ଲବର ସଦସ୍ୟ ହୋଇଥିବାବେଳେ ସେ ନିଜେ ଉକ୍ତ କ୍ଲବର ହୋଇ ନ ଥିବାରୁ ତାଙ୍କୁ ଅଣଦେଖା କରାଯାଇଛି। ତେଣୁ ପ୍ରତିଭାମାନଙ୍କ ସହ ଆଗକୁ ଯେମିତି ଏଭଳି ଅନ୍ୟାୟ ନ ହୁଏ ସେନେଇ ଜିଲାପାଳ ନିଜେ ହସ୍ତକ୍ଷେପ କରିବାକୁ ସେ ନିବେଦନ କରିବା ସହ ଘଟଣାର ଉପଯୁକ୍ତ ତଦନ୍ତ ଦାବି କରିଛନ୍ତି। ଦୋଷୀଙ୍କୁ ଦଣ୍ଡ ଓ ତାଙ୍କୁ ଉପଯୁକ୍ତ ସୁଯୋଗ ଦେବାକୁ ପଣ୍ଡା ଜିଲାପାଳଙ୍କୁ ନିବେଦନ କରିଛନ୍ତି।

## ଫଟୋ ରେ ଖବର



ପୁରୀ ଗୋପବନ୍ଧୁ ଆୟୁର୍ବେଦିକ କଲେଜ ପରିସରରେ ଆୟୁର୍ବେଦିକ ଦିବସ ପାଳନ ଅବସରରେ ରୋଗୀମାନଙ୍କର ମାଗଣାରେ ଚିକିତ୍ସା କରାଯାଉଛି ।



ଚାରିଛକରେ ଆୟୋଜିତ ବିଶ୍ୱକର୍ମା ପୂଜା ।

**ଦୁର୍ଘଟଣା ଘଟାଇ ଭ୍ୟାନିଟି ଲୁଟ୍, ମୁଖ୍ୟ ଅଭିଯୁକ୍ତ ଗିରଫ**

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ): ସ୍କୁଟିକୁ ଧକ୍କା ଦେଇ ଭ୍ୟାନିଟି ବ୍ୟାଗ ଝାମ୍ପି ନେବା ଘଟଣାରେ ମୈତ୍ରୀବିହାର ଥାନା ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିଛି। ସେ ହେଲେ ବାଲିଅନ୍ତା ଥାନା ଅଞ୍ଚଳର କାର୍ତ୍ତିକ ଜେନା ଓରଫ ବାପୁନି (୨୭)। ତାଙ୍କଠୁ ବାଇକ୍ ଓ ନଗଦ ୧୨୦୦ ଟଙ୍କା ଜବତ ହୋଇଛି। କୋର୍ଟ ଚାଲାଣ ପରେ କାର୍ତ୍ତିକଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଏହି ମାମଲାରେ କାର୍ତ୍ତିକଙ୍କ ସହଯୋଗୀ ଫେରାର ଅଛନ୍ତି।

# ଶ୍ରୀଲିଙ୍ଗରାଜଙ୍କ ନୀତି ବିଳମ୍ବ ନେଇ ଅସନ୍ତୋଷ

ପୁରୁଣା ଭୁବନେଶ୍ୱର,୧୮।୯ (ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତି ଦେଢ଼ ଘଣ୍ଟା ବିଳମ୍ବ ନେଇ ଗୁରୁବାର ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସକାଳ ଧୂପରେ ମା'ଭୁବନେଶ୍ୱରୀଙ୍କ ନିକଟରେ ମୁଆଁ ଭୋଗ ଲାଗି ହେବାକୁ ଥିବା ବେଳେ ବିଶୋଇ ସେବାୟତ ମୁଆଁ ପହଞ୍ଚାଇ ପାରି ନ ଥିଲେ। ଫଳରେ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୧ଟା ୩୦ ଯାଏ ପ୍ରାୟ ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ନୀତି ବନ୍ଦ ହୋଇଥିଲା। ପରେ ବାହାରୁ ମୁଆଁ ଆସିବାରୁ ପୂଜା ପଣ୍ଡା ସେବାୟତ ନୀତି କରିଥିଲେ। ସୂଚନାଥାଉ କି, ଷୋଡ଼ଶ ପୂଜା ଅବସରରେ ୧୬ଦିନ ମା'ଭୁବନେଶ୍ୱରୀଙ୍କ ନିକଟରେ ସକାଳଧୂପ, ଦ୍ୱିପ୍ରହର ଧୂପ ଏବଂ ସନ୍ଧ୍ୟା ଧୂପ ଏକ ସମୟରେ ହୋଇଥାଏ।

# ବୁଲା ଗୋରୁ ପାଇଁ ଦୁର୍ଘଟଣା, ୩ ବର୍ଷରେ ୧୬୦୧ଜଣଙ୍କ ମୃତ୍ୟୁ

## ମୁକାବିଲା ପାଇଁ ପ୍ରସ୍ତୁତ ହେବ ସମନ୍ୱିତ କାର୍ଯ୍ୟ ଯୋଜନା

ଭୁବନେଶ୍ୱର,୧୮।୯(ବନ୍ଦନା ସେଠୀ)



ବୈଠକରେ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ।

ରାସ୍ତାରେ ବୁଲୁଥିବା ଗୋରୁଙ୍କ ପାଇଁ ସଡ଼କ ସୁରକ୍ଷା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହା ଦୁର୍ଘଟଣା ଓ ମୃତ୍ୟୁର ପ୍ରମୁଖ କାରଣ ପାଲଟୁଛି। ରାଜ୍ୟରେ ଗୋରୁଙ୍କ ବିଚରଣ କାରଣରୁ ଦୁର୍ଘଟଣା ଘଟି ୩ବର୍ଷରେ ୧୬୦୧ଜଣଙ୍କ ଜୀବନ ଯାଇଛି। ୨୦୨୨ରେ ୯୫୨ ଦୁର୍ଘଟଣାରେ ୫୨୧ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୨୩ରେ ୧,୧୬୮ ଦୁର୍ଘଟଣା ଘଟି ୬୪୩ ମୃତ୍ୟୁ ଏବଂ ୨୦୨୪ରେ ୯୦୩ଟି ଦୁର୍ଘଟଣାରେ ୪୩୭ ଜଣଙ୍କ ମୃତ୍ୟୁ ହୋଇଥିବା ଓଡ଼ିଶା ସଡ଼କ ଦୁର୍ଘଟଣା ତଥ୍ୟରୁ ଜଣାଯାଇଛି। ସେହିପରି ୨୦୨୨ରୁ ୨୦୨୫ ଅଗଷ୍ଟ ପର୍ଯ୍ୟନ୍ତ ଯାନବାହନ ଧକ୍କାରେ ୩୩୧ ପ୍ରାଣୀଙ୍କର ମୃତ୍ୟୁ ହୋଇଛି। ଏହି ପରିସଂଖ୍ୟାନ ସମନ୍ୱିତ କାର୍ଯ୍ୟାନୁଷ୍ଠାନର ଜରୁରୀ ଆବଶ୍ୟକତାକୁ ଦର୍ଶାଉଛି ବୋଲି ମତ ପ୍ରକାଶ ପାଇଛି। ନିରାପଦ ଯାତ୍ରା ସହିତ ରାସ୍ତାଘାଟରେ ବୁଲୁଥିବା ଗୋରୁ ପାଇଁ ଦୁର୍ଘଟଣାଜନିତ ସମସ୍ୟାର ସମାଧାନ ପାଇଁ ଗୁରୁବାର ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ରାଜ୍ୟରେ ସଡ଼କ ସୁରକ୍ଷା ବୃଦ୍ଧି ସହିତ ଉଭୟ ମଣିଷ ଏବଂ ପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏକ ସମନ୍ୱିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ନେଇ ପ୍ରମୁଖ ସଚିବ ଗୁରୁତ୍ୱାରୋପ କରିଥିଲେ। ପ୍ରଥମଥର ଏକ ସମନ୍ୱିତ ମଡେଲରେ ପ୍ରାଣୀମାନଙ୍କ ପାଇଁ ବାଡ଼ ଦେବା, ସହଜରେ ରାସ୍ତାପାର ପାଇଁ ବ୍ୟବସ୍ଥା କରିବା, ଜବତ ଏବଂ ଦଣ୍ଡ ମାଧ୍ୟମରେ କାର୍ଯ୍ୟାନୁଷ୍ଠାନ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ୍ ମାଧ୍ୟମରେ ସ୍ୱାସ୍ଥ୍ୟସେବା ସହାୟତା, ରାସ୍ତାକଡ଼ର ଲୋକମାନଙ୍କୁ ସଚେତନ କରିବା ଏବଂ ଓଡ଼ିଶାର ରାସ୍ତାଗୁଡ଼ିକୁ ସମସ୍ତଙ୍କ ପାଇଁ ସୁରକ୍ଷିତ ରଖାଯିବ ବୋଲି ସେ କହିଥିଲେ। ବୈଠକରେ ପରିବହନ କମିଶନର ଅମିତାଭ ଠାକୁର, ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ପ୍ରାଣୀପାଳନ ଏବଂ ପ୍ରାଣୀଚିକିତ୍ସା ସେବା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ।

ବୈଠକରେ ଚିହ୍ନଟ ହୋଇଥିବା ଜାତୀୟ ରାଜପଥର ଷ୍ଟ୍ରେଚ୍‌ଗୁଡ଼ିକୁ ନିକଟବର୍ତ୍ତୀ ପୌରାଞ୍ଚଳ ସହିତ ସଂଯୋଗ କରିବା ପାଇଁ ଏକ ମିଶନ୍ ମୋଡ୍‌ରେ ରଣନୀତି ଉପରେ ଧ୍ୟାନ ଦିଆଯାଇଥିଲା। ଏହାଦ୍ୱାରା ବର୍ତ୍ତମାନ ରାଜ୍ୟରେ ଥିବା ତଥା ନୂତନ ଗୋଶାଳା ମାଧ୍ୟମରେ ଗୋ-ନିୟନ୍ତ୍ରଣ ଏବଂ ଆଶ୍ରୟସ୍ଥଳ ସୁନିଶ୍ଚିତ କରାଯାଇପାରିବ। ଆଲୋଚନାରେ ବୁଲା ପଶୁଙ୍କ ଉପସ୍ଥିତି ସହିତ ରାଜପଥରେ ଦୁର୍ଘଟଣାପ୍ରବଣ ସ୍ଥାନଗୁଡ଼ିକୁ ଚିହ୍ନଟ କରିବା, ଗୋଶାଳାଗୁଡ଼ିକୁ ସୁଦୃଢ଼ କରିବା ଏବଂ ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ ବିକାଶ ବିଭାଗ ସହାୟତାରେ ଏନ୍‌ଜିଓଗୁଡିକ ସହିତ ସେବାମୁଖୀ ସହଭାଗିତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଙ୍କିତା



@ ଦିଲୀପ



@ ରଶ୍ମିରଞ୍ଜନ



@ ସରିତା



@ ସୂର୍ଯ୍ୟକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସମସ୍ତଙ୍କ ସହଯୋଗରେ ଗଢ଼ାହେବ ଭବିଷ୍ୟତର ବିଶ୍ୱ



ଅତିଥିମାନେ ବିନତାଶ୍ୱ ମଲ୍ଲିକ ସ୍ମାରକୀ ନ୍ୟାସର ମୁଖପତ୍ର 'ଅରୋକିରଣ' ଉନ୍ମୋଚନ କରୁଛନ୍ତି।

## ବିନତାଶ୍ୱ ମଲ୍ଲିକ ସ୍ମାରକୀ ନ୍ୟାସ ପକ୍ଷରୁ ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ଓ ସ୍ମାରକୀ ବକ୍ତୃତା

ଭୁବନେଶ୍ୱର, ୧୮।୯ (ସୌମ୍ୟରଞ୍ଜନ ରାଉତ)

ଶ୍ରୀଅରବିନ୍ଦ ଯେଉଁ ପୃଥିବୀର ସ୍ୱପ୍ନ ଦେଖିଥିଲେ, ତାହା ସମସ୍ତଙ୍କ ସହଯୋଗରେ ହିଁ ସମ୍ଭବ ହେବ। ବିଶେଷକରି ଏଥିରେ ଯୁବ ସମାଜର ସକ୍ରିୟ ଅଂଶ ଗ୍ରହଣ ଜରୁରୀ ବୋଲି ବକ୍ତାମାନେ ମତପ୍ରକାଶ କରିଛନ୍ତି। ବିନତାଶ୍ୱ ମଲ୍ଲିକ ସ୍ମାରକୀ ନ୍ୟାସ ପକ୍ଷରୁ ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ସ୍ଥାନୀୟ ଶ୍ରୀଅରବିନ୍ଦ ନଗରଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ କୃଷ୍ଣଚନ୍ଦ୍ର ନନ୍ଦଶର୍ମାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ପାଠଚକ୍ରରେ ସମ୍ମାନିତ ବକ୍ତା ଭାବେ ମାତୃସେବକ ସୂର୍ଯ୍ୟକାନ୍ତ ମହାରଣା ଓ ବିକାଶ ରଞ୍ଜନ ପରିଡ଼ା ଯୋଗଦେଇ 'ବିନତାଶ୍ୱ ମଲ୍ଲିକ ସ୍ମାରକୀ ବକ୍ତୃତା' ପ୍ରଦାନ କରିଥିଲେ। ବିଷୟ ଥିଲା 'ସମାଜ-ରାଜନୈତିକ ନୈରାଜ୍ୟ ବନାମ ବୌଦ୍ଧିକ ଉଦାସୀନତା ଓ ଶ୍ରୀଅରବିନ୍ଦ'। ବକ୍ତାମାନେ କହିଲେ, ସମାଜର ଜ୍ୱଳମାନ ସମସ୍ୟାଠାରୁ ବୁଦ୍ଧିଜୀବୀମାନେ ଦୂରେଇ ଗଲେ ସମାଜର ପରିବର୍ତ୍ତନ ବିଳମ୍ବିତ ହେବ। ସତ୍ୟ ସପକ୍ଷରେ ମୁଖର ନ ହେବା ହେଉଛି କାପୁରୁଷତା। ନିଷ୍କ୍ରିୟ ବୌଦ୍ଧିକତା ଭବିଷ୍ୟତର ବିଶ୍ୱ ନିର୍ମାଣରେ କୋଉ କାମକୁ ନୁହେଁ ବୋଲି ଶ୍ରୀଅରବିନ୍ଦ ମନେକରୁଥିଲେ। ପଣ୍ଡିତ କୃଷ୍ଣଚନ୍ଦ୍ର ନନ୍ଦଶର୍ମା ସଂସ୍କୃତରେ ତାଙ୍କର ଅଭିଭାଷଣ ଦେଇ କହିହେଲ, ପରମ୍ପରାର ଯଥାଯଥ ସଂସ୍କାର ସହ ମାନବ ଜାତିକୁ ଉତ୍ତରଣମୁଖୀ କରାଇବା ଯୁବପିଢ଼ିର ଦାୟିତ୍ୱ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ନ୍ୟାସର ମୁଖପତ୍ର 'ଅରୋକିରଣ' ଉନ୍ମୋଚିତ ହୋଇଥିଲା। ନ୍ୟାସର ସଭାପତି ଡ. ହୃଷୀକେଶ ମଲ୍ଲିକ ସ୍ୱାଗତ ଭାଷଣରେ କହିଲେ, ବିଶ୍ୱ ପ୍ରେକ୍ଷାପଟରେ ସମାଜ ଓ ରାଜନୀତିର ଯେଉଁ ନୂଆ ସମୀକରଣ ଦାନା ବାନ୍ଧୁଛି, ତାହା ଶୁଭ ସୂଚକ। ସତ୍ୟ ଗଭୀର ଅନ୍ଧକାର ଭେଦକରି ଧୀରେ ଧୀରେ ପ୍ରକଟିତ ହେବାରେ ଲାଗିଛି। ଆମେ ଖାଲି ଏଥିରେ କାନ୍ଧ ଲଗାଇଲେ ହେଲା। ପ୍ରଭଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ଇଂ. ରୋହିତାଶ୍ୱ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ବିନତାଶ୍ୱଙ୍କ ପରିବାର ସ୍ୱଜନଙ୍କ ସମେତ ବହୁ ମାତୃପ୍ରେମୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ୨ ପୁସ୍ତକ ଉପହାର

ଭୁବନେଶ୍ୱର, ୧୮।୯ (ସୌମ୍ୟରଞ୍ଜନ ରାଉତ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଅବସରରେ ତାଙ୍କ ଲିଖିତ ତଥା ଓଡ଼ିଆରେ ଅନୁଦିତ ଗଳ୍ପ ପୁସ୍ତକ 'ପ୍ରେମତୀର୍ଥ'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଉପହାର ସ୍ୱରୂପ ପ୍ରଦାନ କରାଯାଇଛି। ୭୦ ଦଶକରେ ଦେଶରେ ଜରୁରିକାଳୀନ ପରିସ୍ଥିତି ବେଳେ ଅଜ୍ଞାତବାସରେ ରହି ମୋଦି ଯେଉଁ ଗଳ୍ପସବୁ ଲେଖିଥିଲେ ତାହା ଏହି ପୁସ୍ତକରେ ସ୍ଥାନ ପାଇଛି। ଏ ଗଳ୍ପ ସଂକଳନଟି ବହୁବିଧ ଚିତ୍ର ଓ ଚେତନାର ନାନ୍ଦନିକ ଉଚ୍ଚାରଣ ବୋଲି ଅଭିହିତ କରିବା ସହ ଏହାକୁ ପଢ଼ିବା ବେଳେ ଓଡ଼ିଆ ପାଠକେ ଗଳ୍ପ ଦର୍ପଣରେ କେଉଁଠି ନା କେଉଁଠି ନିଜ ମୁହଁ ଦେଖି ପୁଲକିତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପୁସ୍ତକଟି ମୂଳ ଗୁଜରାଟୀରେ ଲେଖା ହୋଇଥିବା ବେଳେ ଓଡ଼ିଆରେ ଅନୁବାଦ କରିଛନ୍ତି ଲେଖିକା ନବଜ୍ୟୋତି ରାୟ।

ସେହିପରି ମୋଦିଙ୍କ ଜୀବନ, ଦର୍ଶନ, ସଂଘର୍ଷ ଓ ରାଜନୀତିକୁ ନେଇ ଯୁବ ଲେଖକ ସୌମ୍ୟରଞ୍ଜନ ସାହୁଙ୍କ ଲିଖିତ ସଚିତ୍ର ରଙ୍ଗିନ ପୁସ୍ତକ 'ନରେନ୍ଦ୍ର ମୋଦି'କୁ ମଧ ମୁଖ୍ୟମନ୍ତ୍ରୀ ମାଝୀ ଗ୍ରହଣ କରିଛନ୍ତି। କିଶୋର ଓ ଯୁବ ପାଠକଙ୍କ ପାଇଁ ଏହି ପୁସ୍ତକଟି ଉପାଦେୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୨ଟି ଯାକ ପୁସ୍ତକ ରାଜ୍ୟର ଅଗ୍ରଣୀ ପ୍ରକାଶନ ସଂସ୍ଥା ପେନ୍ ଇନ୍ ବୁକ୍ସ ପକ୍ଷରୁ ପ୍ରକାଶ ପାଇଥିବା ବେଳେ ଅନୁଷ୍ଠାନର ମୁଖ୍ୟ ଶୁଭ୍ରାଂଶୁ ପଣ୍ଡା ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପୁସ୍ତକ ଉପହାର ଦେଇଥିଲେ।

# ବୁଲା କୁକୁରଗଣନା ଆରମ୍ଭ କଲା ବିଏମ୍‌ସି

ଭୁବନେଶ୍ୱର, ୧୮।୯ (ବନ୍ଦନା ସେଠୀ)

## ପ୍ରଥମ ଦିନରେ ଏକ-ଚତୁର୍ଥାଂଶ ଅଞ୍ଚଳରେ ହେଲା ଗଣନା କାର୍ଯ୍ୟ

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଗୁରୁବାରଠାରୁ ବୁଲା କୁକୁର ଗଣନା ଆରମ୍ଭ ହୋଇଛି। ଗୁରୁବାର ଭୋର୍ ୫ଟାରୁ ସମଗ୍ର ୬୭ଟି ୱାର୍ଡରେ ସମୁଦାୟ ୪୧୦ଟି ଟିମ୍ ବିଭିନ୍ନ ଗଳିକନ୍ଦିରେ ବୁଲା କୁକୁର ଗଣନା କରିଥିଲେ। କମିଶନର ଚଞ୍ଚଳ ରାଣା ୱାର୍ଡ ନଂ. ୩୭କୁ ଯାଇ ଗଣନା କାର୍ଯ୍ୟ ତଦାରଖ କରିଥିଲେ। ପ୍ରଥମ ଦିନରେ ସହରର ପ୍ରାୟ ଏକ-ଚତୁର୍ଥାଂଶ ଅଞ୍ଚଳରେ କୁକୁର ଗଣନା କାର୍ଯ୍ୟ କରାଯାଇଛି। ଏହାଦ୍ୱାରା ସହରରେ ବୁଲା କୁକୁରଙ୍କର ଠିକ୍ ଆକଳନ କରାଯିବା ସହ ସେମାନଙ୍କୁ ବନ୍ଧ୍ୟାକରଣ, ଟିକାଦାନ ଓ ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ନେବା ସହଜ ହୋଇପାରିବ ବୋଲି ସୂଚନା ଦିଆଯାଇଛି। ୧୮ରୁ ସେପ୍ଟେମ୍ବର ୨୫ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଏହି ଗଣନା କାର୍ଯ୍ୟ ହେବ। ବୁଲା କୁକୁର ଗଣନା ରାଜ୍ୟରେ ପ୍ରଥମଥର ପାଇଁ ହେଉଥିବାରୁ ଭୁବନେଶ୍ୱରବାସୀ ଏହି କାର୍ଯ୍ୟରେ ସହାୟତା କରିବା ପାଇଁ ମେୟର ସୁଲୋଚନା ଦାସ ଓ କମିଶନର ରାଣା ଅନୁରୋଧ କରିଛନ୍ତି। ସେହିପରି ଟିମ୍ ବିଏମ୍‌ସି ବିଭିନ୍ନ ସ୍ଥାନରେ କୁକୁର ଗଣନା କାର୍ଯ୍ୟ ଆରମ୍ଭ କରିବା ପରେ ସହର ଆବାସିକ ସଙ୍ଗଠନ, ବିଭିନ୍ନ ସାହି, ବସ୍ତି, ସଙ୍ଗଠନ ଆଦି ସ୍ୱାଗତ କରିବା ସହ ଫୋନ ଯୋଗେ ସେମାନଙ୍କ ଅଞ୍ଚଳରେ ବୁଲା କୁକୁର ଗଣନା କରିବା ପାଇଁ ଅନୁରୋଧ କରିଥିବା ଦେଖାଯାଇଥିଲା।

# ରକ୍ତଦାତାଙ୍କ କରୁଣା, ନିଷ୍ଠା ଅତ୍ୟନ୍ତ ପ୍ରେରଣାଦାୟୀ: ରାଜ୍ୟପାଳ

ଭୁବନେଶ୍ୱର,୧୮।୯(ସୁଚିସ୍ମିତା ସାହୁ)

ରାଜଭବନ ଓ କ୍ୟାପିଟାଲ ହସ୍ପିଟାଲ ବ୍ଲଡ୍ ବ୍ୟାଙ୍କର ମିଳିତ ସହଯୋଗରେ ଗୁରୁବାର ଏକ ରକ୍ତଦାନ ଶିବିର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ପରିଦର୍ଶନ କରି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଲେ, ରକ୍ତଦାତାଙ୍କ ଦ୍ୱାରା ଅନ୍ୟର ଜୀବନ ରକ୍ଷା ପାଇଁ ପ୍ରଦର୍ଶିତ କରୁଣା ଓ ନିଷ୍ଠା ଅତ୍ୟନ୍ତ ପ୍ରେରଣାଦାୟୀ। ରକ୍ତଦାତାଙ୍କ ସହ ଆଲୋଚନା କରିବା ସହିତ ସେମାନଙ୍କ ଯୋଗଦାନକୁ ଉଚ୍ଚ ପ୍ରଶଂସା କରିଥିଲେ। ଏପରି ମାନବିକ ପ୍ରୟାସକୁ ନିରନ୍ତର ସମର୍ଥନ କରିବାକୁ ସେ ଉତ୍ସାହିତ କରିଥିଲେ। ଏହି ଅବସରରେ ରାଜ୍ୟପାଳ ରକ୍ତଦାତାଙ୍କୁ ପ୍ରମାଣପତ୍ର ଏବଂ ଟି-ଶାର୍ଟ ବଣ୍ଟନ କରିଥିଲେ। ଶିବିରରେ ମୋଟ ୧୭୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବିଭିନ୍ନ ମହାବିଦ୍ୟାଳୟ ଛାତ୍ରୀଛାତ୍ର, ସାମାଜିକ ସଂଗଠନର ସଦସ୍ୟାସଦସ୍ୟ ଏବଂ ରାଜଭବନର କର୍ମଚାରୀ ଓ ଅଧିକାରୀମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଜନସେବା ତଥା ସାମୂହିକ ଅଂଶଗ୍ରହଣ ପୂର୍ବକ ସମର୍ପଣଭାବ ପ୍ରଦର୍ଶନ କରିଥିଲେ। ରାଜଭବନର ଡା ବି.କେ. ମେହେର ଏବଂ କ୍ୟାପିଟାଲ ହସ୍ପିଟାଲ ବ୍ଲଡ୍ ବ୍ୟାଙ୍କର ଡା. ଦେବାଶିଷ ମିଶ୍ରଙ୍କ ଦ୍ୱାରା ଶିବିର ପରିଚାଳିତ ହୋଇଥିଲା।



ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ରକ୍ତଦାନ ଶିବିର ପରିଦର୍ଶନ କରି ରକ୍ତଦାତାଙ୍କୁ ଉତ୍ସାହିତ କରୁଛନ୍ତି।

# ଏକ ଚକ୍ରୀ ରଥ ତୋରଣରେ ବିରାଜିବେ ଆଦ୍ୟାଶକ୍ତି



**ଧରାବତରଣ କରିବେ ମା'**

ଭୁବନେଶ୍ୱର,୧୮।୯(ସୋମ୍ୟ ରଞ୍ଜନ ରାଉତ)



**ସତ୍ୟନଗର ଦୁର୍ଗାପୂଜା କମିଟି**

ସତ୍ୟନଗରରେ ମା' ଦଶଭୁଜା ମୃଣ୍ମୟୀ ରୂପରେ ୪୭ ବର୍ଷ ହେବ ପୂଜା ପାଇ ଆସୁଛନ୍ତି। ପ୍ରତିବର୍ଷ ନିଆରା ତୋରଣ ଲାଗି ପ୍ରସିଦ୍ଧି ଲାଭ କରିଥିବା ସତ୍ୟନଗର ପୂଜା ମଣ୍ଡପରେ ଚଳିତବର୍ଷ ସୂର୍ଯ୍ୟଙ୍କ ଏକ ଚକ୍ରୀ ରଥ ଆକୃତିର ତୋରଣରେ ବିରାଜିବେ। ଏହି ବର୍ଷ ତୋରଣର ଉଚ୍ଚତା ୬୨ଫୁଟ ରହିଥିବା ବେଳେ ତୋରଣର ଚଉଡ଼ା ୮୯ ଫୁଟ୍ ରହିଛି। ଏଥର ସତ୍ୟନଗର ଦୁର୍ଗାପୂଜା କମିଟି ପକ୍ଷରୁ ପବିତ୍ର ଯୋରନ୍ଦା ଗାଦିରେ ଅପୂର୍ବ ଐଶ୍ୱର୍ଯ୍ୟ ଓ ଶାନ୍ତିର ବାର୍ତ୍ତା ବହନ କରୁଥିବା ପରିବେଶକୁ ତୋରଣରେ ଚିତ୍ରିତ କରାଯିବା ନେଇ ସମିତି ପକ୍ଷରୁ ପ୍ରଚେଷ୍ଟା କରାଯାଉଛି। ତୋରଣ ନିର୍ମାଣ ଲାଗି କୋଲକାତାର ୫୦ କାରିଗର ନିୟୋଜିତ ହୋଇଥିବାବେଳେ ଏଥର ଆଦ୍ୟାଶକ୍ତି ମା'ଙ୍କ ଚାନ୍ଦି ମୁକୁଟ ବିଶେଷ ଆକର୍ଷଣ ପାଲଟିବ। ଏଥିସହ ଅନ୍ୟାନ୍ୟ ଅଳଙ୍କାରରେ ମା'ଙ୍କୁ ସୁସଜ୍ଜିତ କରାଯିବ ଏଥିସହିତ ଅନ୍ୟ ପାର୍ଶ୍ୱ ଦେବଦେବୀଙ୍କୁ ମଧ ରୁପା ଗହଣାରେ ସୁସଜ୍ଜିତ କରାଯିବ। ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ରୀତିନୀତି ଅନୁଯାୟୀ ପୋଥି ସ୍ଥାପନ, ସାହାଣ ମେଲା ଆଦି କରାଯିବ। ସେହିପରି ସ୍ୱତନ୍ତ୍ର ଭାବେ ସପ୍ତମୀରୁ ଦଶମୀ ମଧ୍ୟରେ ମା'ଙ୍କ ପାଖରେ ଦହି ବୁନ୍ଦି ଭୋଗ, ହାଲୁଆ ଓ ରସଗୋଲା ଆଦି ଭୋଗ ଲାଗି ହେବ। ସେହିପରି ପ୍ରତିଦିନ ସନ୍ଧ୍ୟାରେ ପ୍ରସାଦ ସେବନର ବ୍ୟବସ୍ଥା କରାଯିବ। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ହେବାର ଯୋଜନା ରହିଛି। ଭକ୍ତଙ୍କ ସୁରକ୍ଷା ଦିଗରେ ପୂଜା ମଣ୍ଡପରେ ସିସିଟିଭି କ୍ୟାମେରା ସାଙ୍ଗକୁ ୧୦୦ଜଣ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ଚଳିତବର୍ଷ ମଧ କମିଟି ପକ୍ଷରୁ ପଲିଥିନ ଓ ପ୍ଲାଷ୍ଟିକ୍ ବ୍ୟବହାର ଉପରେ କଟକଣା ଲଗାଯିବ। ଏହାସହ ଭସାଣିରେ କେନ୍ଦ୍ରାପଡ଼ାର ରଘୁନାଥ ଜୀଉ ପାରମ୍ପରିକ ବାଦ୍ୟରେ ମା' ମେଲାଣି ନେବେ।

**ବ୍ୟୟବରାଦ....**

ଚଳିତବର୍ଷ ପୂଜା ଧୁମ୍‌ଧାମରେ ପାଳନ କରାଯିବାକୁ ଥିବା ବେଳେ ଏଥିପାଇଁ ପାଖାପାଖି ୩୫ଲକ୍ଷ ଟଙ୍କାର ବଜେଟ ଅଟକଳ ହୋଇଛି। ସମସ୍ତ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବ। ଆଖପାଖ ଲୋକଙ୍କ ମଧ୍ୟରେ ପ୍ରସାଦ ବଣ୍ଟାଠାରୁ ମୂର୍ତ୍ତି ଏବଂ ଭସାଣି ଉତ୍ସବ ପାଇଁ ଖର୍ଚ୍ଚର ବିବରଣୀ ପ୍ରସ୍ତୁତ କରାଯାଇଛି।



"କମିଟି ପକ୍ଷରୁ ଓଡ଼ିଆ ସଂସ୍କୃତିର ଝଲକ ସର୍ବଦା ଦେଖିବାକୁ ମିଳିଥାଏ। ଏବର୍ଷ ଆମର ପୂଜାକୁ ଆକର୍ଷଣୀୟ କରିବା ପାଇଁ ନିଆରା ବ୍ୟବସ୍ଥା କରିଛୁ । ଶାନ୍ତି ପରିବେଶ ସାଙ୍ଗକୁ ଆଧ୍ୟାତ୍ମିକ ଭାବଧାରାକୁ ଆମେ ପ୍ରାଧାନ୍ୟ ଦେଇଆସିଛୁ। ଏହାସହ ଚଳିତବର୍ଷ ମା'ଙ୍କୁ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଲାଗି ସପ୍ତମୀରୁ ଦଶମୀ ପର୍ଯ୍ୟନ୍ତ ପ୍ରସାଦ ସେବନର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

–ରବି ନାରାୟଣ ନାୟକ, ସଭାପତି



"ଚଳିତ ବର୍ଷ ୪୭ ବର୍ଷରେ ସତ୍ୟନଗର ପୂଜା କମିଟି ପଦାପର୍ଣ କରିଛି। ଆମର ଏଠାରେ ମା'ଙ୍କ ପୂଜା କିଛି ନିଆରା ଢଙ୍ଗ ରହିଛି। ପୂଜା ପାଉଥିବାବେଳେ ମା'ଙ୍କ ମୁଖମଣ୍ଡଳର ରଙ୍ଗ ପରିବର୍ତ୍ତନ ହୋଇଥାଏ। ଭିନ୍ନ ଭିନ୍ନ ରୂପରେ ମା' ଦର୍ଶନ ଦେଇଥାନ୍ତି। ମା'ଙ୍କ କରୁଣା ଲାଭ କରିବା ପାଇଁ ଅଧିକରୁ ଅଧିକ ଭକ୍ତ ଆସି ମା'ଙ୍କ ଦର୍ଶନ କରନ୍ତୁ।

– ମନେନ୍ଦ୍ର ଦାସ, ସମ୍ପାଦକ

## କେନାଲରେ ବୁଡ଼ି ପ୍ରାଣ ହରାଇଲେ ବୃଦ୍ଧ

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ଆୟତ୍ତପୁର ନିକଟ ସୁକପାଇକା କେନାଲରେ ବୁଡ଼ିଯାଇ ଗୁରୁବାର ଜଣେ ବୃଦ୍ଧ ପ୍ରାଣ ହରାଇଛନ୍ତି। ମୃତକ ହେଲେ ବ୍ରାହ୍ମଣବାଡ଼ ଗ୍ରାମର ଜାପାନୀ ଦେହୁରୀ (୭୦)। ମୃତକ ବାର୍ଦ୍ଧକ୍ୟ ଭତ୍ତା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ। ଟଙ୍କା ନେବା ପରେ ଘରକୁ ଯିବା ପାଇଁ ଆୟତ୍ତପୁର ଉଚ୍ଚ ବିଦ୍ୟାଳୟ ନିକଟରେ ଯାଇଥିବା ସୁକପାଇକା କେନାଲ ଭିତରେ ପଶି ଘରକୁ ଯିବା ପାଇଁ ଉଦ୍ୟମ କଲାବେଳେ ଭାରସାମ୍ୟ ହରାଇ ପାଣିରେ ବୁଡ଼ିଯାଇଥିଲେ। ପରେ ଲୋକମାନେ ତାଙ୍କୁ ଖୋଜାଖୋଜି କରି ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ଖବର ପାଇ କନ୍ଦରପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି।

## ଷୋଳପୂଜାର ପଞ୍ଚମ ଦିନ ବେଶ


ଷୋଡ଼ଶ ଉପଚାର ପୂଜା ଅବସରରେ ଗୁରୁବାର ମା' କଟକ ଚଣ୍ଡୀଙ୍କ ଜୟଦୁର୍ଗା ବେଶ।


ମା' ଗଡ଼ଚଣ୍ଡୀଙ୍କ ତାରା ବେଶ।


ମା' ଝାଞ୍ଜିରି ମଙ୍ଗଳାଙ୍କ କମଳା ବେଶ।


ମା' ବାସନ୍ତୀ ଦୁର୍ଗାଙ୍କ ଉଗ୍ରତାରା ବେଶ।


ପିଠାପୁର ମା' ଧାକୁଲେଇଙ୍କ ରୁଦ୍ରାଣୀ ବେଶ।


ହରିପୁର ମା' ବିମଳାଙ୍କ କମଳା ବେଶ।


ବାଙ୍କୀର ମା' ଚର୍ଚ୍ଚିକାଙ୍କ ପୂଜାର ରାତ୍ରି ବେଶ।


ତିଗିରିଆ: କଳାପାଟଙ୍କ ବଗଳାମୁଖୀ ବେଶ।


ବଡ଼ମ୍ବା: ମା' ଭଟ୍ଟାରିକାଙ୍କ ମାତଙ୍ଗୀ ବେଶ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅଙ୍କିତା


@ ଦିଲୀପ


@ ରଶ୍ମିରଞ୍ଜନ


@ ସରିତା


@ ସୂର୍ଯ୍ୟକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ଶିବିରରୁ ୮୮ ୟୁନିଟ୍ ରକ୍ତ ସଂଗ୍ରହ

କଟକ,୧୮।୯(କାର୍ତ୍ତିକ ସାହୁ)

କଟକ ଇଲେକ୍ଟ୍ରିକାଲ ଟ୍ରେଡର୍ସ ଆସୋସିଏଶନ ଏବଂ ତେରାପନ୍ଥ ଯୁବକ ପରିଷଦର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବକ୍ସି ବଜାର ମଣିସାହୁ ଛକରେ ଆୟୋଜିତ ଶିବିରରୁ ୮୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। କଟକ ଇଲେକ୍ଟ୍ରିକାଲ ଟ୍ରେଡର୍ସ ଆସୋସିଏଶନ ସଭାପତି ରାଜକୁମାର ଖେମକା କହିଛନ୍ତି ଯେ ରକ୍ତଦାନ ହେଉଛି ମହାଦାନ ଏବଂ ପ୍ରତ୍ୟେକ ସୁସ୍ଥ ବ୍ୟକ୍ତି ସମାଜର ହିତ ପାଇଁ ରକ୍ତଦାନ କରିବାକୁ ଆଗେଇ ଆସିବା ଉଚିତ। ବରିଷ୍ଠ କର୍ମୀ ସଞ୍ଜୟ ସେଠିଆ କହିଛନ୍ତି ଯେ ଗତବର୍ଷ କଟକ ଇଲେକ୍ଟ୍ରିକାଲ ଟ୍ରେଡର୍ସ ଆସୋସିଏଶନ ୭୮ ୟୁନିଟ ରକ୍ତ ସଂଗ୍ରହ କରି ତେରା ପନ୍ଥ ଯୁବକ ପରିଷଦକୁ ସମର୍ଥନ କରିଥିଲା। ଦେବବ୍ରତ ପଲ୍ଲେ, ଜୟ ଅଗ୍ରୱାଲ, ଶୈଳେଶ ବର୍ମା, ପୀତବାସ ସାହୁ, ପଙ୍କଜ ଗିରି, ଜଗବନ୍ଧୁ ସାହୁ, ନକୁଳ ସାହୁ, ରାଜେନ୍ଦ୍ର ନନ୍ଦୀ, ବିନୟ ମନ୍ତ୍ରୀ ଏବଂ ଅନ୍ୟ ସଦସ୍ୟମାନେ ଶିବିର ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ ଗତ ବର୍ଷ ତେରାପନ୍ଥ ଯୁବକ ପରିଷଦ ସାରା ଦେଶରେ ୨ ଲକ୍ଷ ୨୫ ହଜାର ୟୁନିଟ ରକ୍ତ ସଂଗ୍ରହ କରି ବିଶ୍ୱ ରେକର୍ଡ ସ୍ଥାପନ କରିଥିଲା। ଚଳିତ ବର୍ଷ ସଂଗଠନ ୩ ଲକ୍ଷ ୟୁନିଟ ରକ୍ତ ସଂଗ୍ରହ କରିବାର ଲକ୍ଷ୍ୟ ରଖିଛି।

### ବେଣ୍ଟକାର ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ନିଲମ୍ବିତ


DIRECTORATE OF SECONDARY EDUCATION, ODISHA, BHUBANESWAR

Order No. 24482 / Dt. 17/09/2025

1A-32-2024-41

In exercise of power conferred under Rule 12 (1) (a) of OCS (CC&A) Rules 1962, Smt. Pravasini Khandei, Headmaster (Sr. SES), Bentakar Nodal High School, Bentakar, Cuttack Sadar, Cuttack is placed under suspension with immediate effect pending drawal of disciplinary proceeding under Rule-15 of OCS (CC&A) Rules,1962.

During the suspension period, the Headquarters of Smt. Pravasini Khandei is fixed in the office of the DEO, Cuttack.

DIRECTOR

Memo No. 24483 / Dt. 17/09/2025

Copy forwarded to the DEO, Cuttack with a request to serve the copy of this Order to Smt. Pravasini Khandei, Headmaster (Sr. SES), Bentakar Nodal High School, Bentakar, Cuttack Sadar, Cuttack against acknowledgement towards token of receipt and report for necessary action at this end.

He is requested to prepare the detailed draft proceeding under Rule- 15 of OCS (CC&A) Rules 1962 against Smt. Pravasini Khandei, Bentakar Nodal High School, Bentakar, Cuttack Sadar, Cuttack and furnish the same to this Directorate for further course of action.

JOINT DIRECTOR

Memo No. 24484 / Dt. 17/09/2025

Copy forwarded to the Collector & District Magistrate, Cuttack for information and necessary action.

JOINT DIRECTOR

କଟକ,୧୮।୯(କାର୍ତ୍ତିକ ସାହୁ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ କଟକ ସଦର ବ୍ଲକ ଅନ୍ତର୍ଗତ ବେଣ୍ଟକାର ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଭାସିନୀ ଖଣ୍ଡେଇଙ୍କୁ ବୁଧବାର ନିଲମ୍ବିତ କରିଛନ୍ତି। ନିଲମ୍ବିନ ସମୟ ମଧ୍ୟରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରଧାନଶିକ୍ଷକ ଖଣ୍ଡେଇ ସଂଯୁକ୍ତ ରହିବେ ବୋଲି ନିର୍ଦ୍ଦେଶାନାମାରେ ଦର୍ଶାଇଛନ୍ତି। ନିର୍ଦ୍ଦେଶକଙ୍କ ପକ୍ଷରୁ କଟକ ଜିଲାପାଳ ଓ କଟକ ଜିଲା ଶିକ୍ଷାଧିକାରୀଙ୍କୁ ଏ ନେଇ ଅବଗତ କରାଯାଇଛି। ଖଣ୍ଡେଇଙ୍କ ବିରୋଧରେ ନିଆଯାଇଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶାନାମାର ନକଲ ତାଙ୍କୁ ପ୍ରେରଣ କରିବା ନିମନ୍ତେ ଓଡ଼ିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ନିର୍ଦ୍ଦେଶାନାମାରେ ନିର୍ଦ୍ଦେଶ ଦେଇଛନ୍ତି।

# କେରଳର କାତ୍ୟାୟନୀ ମନ୍ଦିର ସଦୃଶ ଗେଟ୍




କଟକ,୧୮।୯(ଶିଳ୍ପା ପ୍ରିୟଦର୍ଶିନୀ)

ଧରାପୃଷ୍ଠକୁ ମା'ଦୁର୍ଗାଙ୍କ ଆଗମନକୁ ନେଇ ବିଭିନ୍ନ କମିଟି ପୂଜା ଓ ଭସାଣି ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି ପୂଜା ଦୌଡ଼ରେ ସାମିଲ ହୋଇଛି ଚାଉଳିଆଗଞ୍ଜ ପୂଜା କମିଟି। ପୂଜା କମିଟିରେ ୪୨ଜଣ କର୍ମକର୍ତ୍ତା ରହିଛନ୍ତି। ସଭାପତି ଭାବେ ଦେବେନ୍ଦ୍ର ପାତ୍ର, ସାଧାରଣ ସମ୍ପାଦକ ଭାବେ ନିରଞ୍ଜନ ସାହୁ (ଶିବ), କୋଷାଧ୍ୟକ୍ଷ ଭାବେ ବିଭୁଦତ୍ତ ସେନାପତି ରହିଛନ୍ତି। ଏଠାରେ ଥିବା ସ୍ଥାୟୀ ଠାକୁରାଣୀଙ୍କ ୧୭ ବେଶ କରାଯାଇଛି। ଏହି ପୂଜା କମିଟି ୧୯୨୫ରେ ଚାଳ ଘରେ ହରପାର୍ବତୀଙ୍କ ପୂଜାର୍ଚ୍ଚନା କରାଯାଉଥିଲା। ୧୯୬୨ରେ ଶାରଦୀୟ ଦୁର୍ଗାପୂଜା ଆରମ୍ଭ କରାଯାଇଥିଲା। ଆଜକୁ ୬୩ବର୍ଷ ହେବ ଏହି ପୂଜା ମଣ୍ଡପରେ ଶାରଦୀୟ ଦୁର୍ଗାପୂଜା କରାଯାଇ ଆସୁଛି। ଚଳିତବର୍ଷ ପୂଜା ପାଇଁ କମିଟି ପକ୍ଷରୁ ୨୦ ଲକ୍ଷ ଟଙ୍କା ବଜେଟ କରାଯାଇଛି। କମିଟି ପକ୍ଷରୁ ଦୁଇଟି ଏଲ୍‌ଇଡି ଲାଇଟ ଗେଟ୍ ବ୍ୟବସ୍ଥା କରାଯିବ। ଦୁଇଟି ଲାଇଟ ଗେଟ୍ ମଧ୍ୟରେ ଗୋଟିଏ ଓଏମ୍‌ପି ପଟୁ ଏବଂ ଅନ୍ୟଟି ଚାଉଳିଆଗଞ୍ଜ ପ୍ରବେଶ ପଥରେ କେରଳର କାତ୍ୟାୟନୀ ମନ୍ଦିର ସଦୃଶ ଲାଇଟ ଗେଟ୍ ଲଗାଯିବ। ଏହାର ଉଚ୍ଚତା ୬୫ ଫୁଟ୍ ଏବଂ ଚଉଡ଼ା ୪୨ ଫୁଟ୍ ରହିଛି। କଟକର କାରିଗର ଏହି ଲାଇଟ ଗେଟ୍ କାମ କରିବେ। ମା'ଙ୍କ ମୂର୍ତ୍ତି ଉଚ୍ଚତା ୫.୫ ଫୁଟ୍ ରହିଛି। ମା'ଙ୍କ ମୂର୍ତ୍ତି ସମେତ ମେଢ଼ର ଉଚ୍ଚତା ୨୦ଫୁଟ୍ ରହିଛି। ମଣ୍ଡପରେ ବଙ୍ଗୀୟ ପରମ୍ପରାରେ ମା'ଙ୍କ ପୂଜାର୍ଚ୍ଚନା କରାଯିବ। ୪୨ମୌଜା ଅଞ୍ଚଳର ମାନସ ଆଚାର୍ଯ୍ୟ ମୁଖ୍ୟ ପୂଜକ ଭାବେ ପୂଜାର୍ଚ୍ଚନା କରିଥାନ୍ତି। ୧୯୯୯ରେ ଚାନ୍ଦି ମେଢ଼ କରାଯାଇଥିଲା। ପରେ ୨୦୦୭ରେ ମା' ଦୁର୍ଗାଙ୍କ ସୁନା ମୁକୁଟ କରାଯାଇଛି। ଚାନ୍ଦି ମେଢ ସମେତ ଅନ୍ୟାନ୍ୟ ଅଳଙ୍କାର ୪.୫ କୁଇଣ୍ଟାଲ ଓଜନର ରହିଥିବାବେଳେ ସୁନା ମୁକୁଟ ସମେତ ମା'ଙ୍କ ହାର, ଟିକ୍କା, ନୋଥ, କାନଫୁଲ, ମଥାମଣି, କଣ୍ଠମାଳ ଇତ୍ୟାଦି ୫ କେଜି ୫ଶହ ଗ୍ରାମ ଓଜନର ରହିଛି। ଚଳିତବର୍ଷ ଆଉ ୧ କେଜି ଓଜନର ଚାନ୍ଦି ଅଳଙ୍କାର ଯୋଡ଼ାଯିବ। ମହାଷଷ୍ଠୀରେ ବିଲ୍ୱବରଣ ଓ ଅଧିବାସ ପୂଜା କରାଯିବ। ପରେ ସପ୍ତମୀ ପୂଜା କରାଯାଇ ମହାଷ୍ଟମୀରେ ସନ୍ଧି ପୂଜା ଓ ତାରିଣୀ ବ୍ରତପୂଜା କରାଯିବ। ମହାନବମୀରେ ନବପତ୍ରିକା ପୂଜା କରାଯିବା ସହ ମା' ଚକ୍ଷୁଦାନ ପାଇବେ। ଦଶମୀରେ ପୂଜା ମଣ୍ଡପରେ ଅପରାଜିତା ପୂଜା କରାଯାଇ ମଣ୍ଡପରେ ବିସର୍ଜନ କରାଯିବ ଏବଂ ଦହି ପଖାଳଭୋଗ ଲାଗି କରାଯିବ। ଏଠାରେ ପ୍ରାୟ ୧୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଦହିପଖାଳ ବ୍ୟବସ୍ଥା କରାଯିବ। ଦଶମୀର ସନ୍ଧ୍ୟାରେ ବଙ୍ଗୀୟ ମହିଳାମାନେ ମା'ଙ୍କ ନିକଟରେ ସିନ୍ଦୂର ଖେଳି ମା'ଙ୍କୁ ବିଦାୟ ଦେବେ। ଭସାଣିରେ ଭଦ୍ରେଶ୍ୱର ଘଣ୍ଟ, ଢେଙ୍କାନାଳ ମାଦଳ, ଯାଜପୁର ବ୍ୟାଣ୍ଡ ପାର୍ଟି, ରଘୁନାଥପୁର ଯୋଡି ଶଙ୍ଖ, ସାରଳା ପଞ୍ଜାବୀ ବାଜା ସମେତ ପାରମ୍ପରିକ ବାଦ୍ୟରେ ଯାତ୍ରା କରାଯିବ।

**ଚାଉଳିଆଗଞ୍ଜ ପୂଜା କମିଟି**

### ଭସାଣିରେ ପାରମ୍ପରିକ ବାଦ୍ୟକୁ ଗୁରୁତ୍ୱ



"ଚାଉଳିଆଗଞ୍ଜ ପୂଜା କମିଟି ପକ୍ଷରୁ ଚଳିତବର୍ଷ ପ୍ରଶାସନର ସଚେତନତା ମୁତାବକ ପୂଜା ଓ ଭସାଣି ଯାତ୍ରା କରାଯିବ। ଏଥିପାଇଁ ଭସାଣି ଯାତ୍ରାରେ ପ୍ରମୁଖ ସ୍ଥାନରୁ ହାତ ବାଜା ଅଣାଯିବ। ଐତିହ୍ୟ, ସଂସ୍କୃତିକୁ ବଜାୟ ରଖିବାକୁ କମିଟି ପକ୍ଷରୁ ସର୍ବଦା ପ୍ରୟାସ ଜାରି କରାଯାଇଛି।

ଦେବେନ୍ଦ୍ର ପାତ୍ର, ସଭାପତି

### ଦଶହଜାର ଲୋକଙ୍କ ପାଇଁ ଦହିପଖାଳ ଭୋଗ



"ପ୍ରତ୍ୟେକ ବର୍ଷ ଭଳି ପରମ୍ପରା ଅନୁଯାୟୀ ଚଳିତବର୍ଷ ଦଶମୀରେ ଦହିପଖାଳ ଭୋଗ ମା'ଙ୍କୁ ଲାଗି କରାଯିବା ପରେ ଶ୍ରଦ୍ଧାଳୁଙ୍କ ପାଇଁ ଏହି ବ୍ୟବସ୍ଥା କରାଯାଏ। ମା'ଙ୍କୁ ମେଲାଣି ଦେବା ସମୟରେ ଦହିପଖାଳ ଭୋଗ କରାଯାଇ ଖୁସି କରି ବିଦାୟ ଦିଆଯାଇଥାଏ। ଏହାସହ ପୂଜା କମିଟି କଟକ-ପାରାଦ୍ୱୀପ ମୁଖ୍ୟ ରାସ୍ତାରେ ଥିବାରୁ କମିଟି ପକ୍ଷରୁ ଏଠାରେ ମୁଭେବୁଲ ଶୌଚାଳୟ ଓ ପାଣି ଟାଙ୍କିର ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯିବାକୁ ଦାବି କରାଯାଉଛି।

ନିରଞ୍ଜନ ସାହୁ(ଶିବ), ସାଧାରଣ ସମ୍ପାଦକ

## ଭାଜପା ପକ୍ଷରୁ ସେବାପକ୍ଷ ଉପଲକ୍ଷେ ଫଳ ବଣ୍ଟନ

ଫୁଲନଖରା,୧୮।୯(ସତ୍ୟରଞ୍ଜନ ଦାସମହାପାତ୍ର)

ରାଜ୍ୟରେ ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ବାର୍ଷିକୀ ଉପଲକ୍ଷେ ସେବାପକ୍ଷ ପାଳନ କରାଯାଉଛି। ଏହି ଅବସରରେ ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ରଞ୍ଜିତ କୁମାର ପଣ୍ଡାଙ୍କ ନେତୃତ୍ୱରେ କଟକ ତେଲେଙ୍ଗାପେଣ୍ଠସ୍ଥିତ ପଣ୍ଡା କ୍ୟାନ୍‌ସର ହସ୍ପିଟାଲରେ ଗୁରୁବାର ଫଳ ବଣ୍ଟନ କରାଯାଇଛି। ଏଥିରେ ଭାଜପା ରାଜ୍ୟ ଉପସଭାପତି ଗୋଲଖ ଚନ୍ଦ୍ର ମହାପାତ୍ର, ମିଡିଆ ସେଲ ଅଧ୍ୟକ୍ଷ ଦିଲ୍ଲୀପ ମଲ୍ଲିକ, ରାଜ୍ୟ ମହିଳା କମିଶନର ସଦସ୍ୟା ପ୍ରତିଭା ଶତପଥି, ଆମ୍ବା ଚେୟାରମ୍ୟାନ ରମାକାନ୍ତ ବିଶ୍ୱାଳ, ଭାଜପା କଟକ ଜିଲା ଉପସଭାପତି ସ୍ୱାଧୀନଚେତା ମହାନ୍ତି, ଭାଜପା ଗୋପାଳପୁର ମଣ୍ଡଳ ପୂର୍ବତନ ସଭାପତି ପ୍ରସନ୍ନ ପ୍ରଧାନ, ଉରାଳି ମଣ୍ଡଳ ପୂର୍ବତନ ସଭାପତି ପ୍ରଦୀପ ବେହେରା, ପ୍ରକାଶ ସେନାର ପ୍ରତାପ ନଗରୀ ମୁଖ୍ୟ ସିଦ୍ଧାର୍ଥ ରାଉତ, ଭାଜପା ଉରାଳି ମଣ୍ଡଳ ପ୍ରଭାରୀ ବଦ୍ରି ନାରାୟଣ ପଟ୍ଟନାୟକ, ଅଶୋକ ସାହୁ, ରାଧାକାନ୍ତ ମଲ୍ଲିକ ପ୍ରମୁଖ ଶତାଧିକ କର୍ମୀ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ।

## ଠାକୁର ଶ୍ରୀଶ୍ରୀ ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମୋତ୍ସବ



କଟକ,୧୮।୯(କାର୍ତ୍ତିକ ସାହୁ)

ଠାକୁର ଶ୍ରୀଶ୍ରୀ ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମୋତ୍ସବ ବକ୍ସିବଜାରସ୍ଥିତ କଟକ ସତସଙ୍ଗ ବିହାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସହପ୍ରତିଋତ୍ୱିକ ରାଜକିଶୋର ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟବକ୍ତା ସହପ୍ରତିଋତ୍ୱିକ ବିଭୂତି ଭୂଷଣ ପତି କହିଲେ, ପ୍ରତ୍ୟେକ ମଣିଷ ଜୀବନରେ ଗୁରୁ ଗ୍ରହଣ କରିବାର ଆବଶ୍ୟକତା ରହିଛି। ଗୁରୁଙ୍କୁ କେନ୍ଦ୍ର କରି ଚଳିଲେ ସୁମଣିଷ ହେବ ବୋଲି ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ସେ କହିଥିଲେ। ସତସଙ୍ଗ ବିହାରର ପରିଚାଳକ ସନାତନ ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ନିତ୍ୟ ରଞ୍ଜନ ସାହୁ, ଜ୍ଞାନେନ୍ଦ୍ର ତ୍ରିପାଠୀ, ମୁନ ପତି ଭଜନ ଓ ରବି ନାରାୟଣ ଦୀକ୍ଷିତ୍ କୀର୍ତ୍ତନ ପରିବେଷଣ କରିଥିଲେ। ଏହି ଅବସରରେ ସକାଳେ ଠାକୁରଙ୍କ ଜନ୍ମଲଗ୍ନ ଘୋଷଣା ସହ ଅପରାହ୍ନରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

## ତ୍ରିଶା ହସ୍ପିଟାଲ ଅଗ୍ନିକାଣ୍ଡ ଘଟଣାର ତଦନ୍ତ ଆରମ୍ଭ

କଟକ,୧୮।୯(ଶିଳ୍ପା ପ୍ରିୟଦର୍ଶିନୀ)

ପୁରୀଘାଟ ଥାନା ଅଞ୍ଚଳରେ ଥିବା ତ୍ରିଶା ହସ୍ପିଟାଲ ଅଗ୍ନିକାଣ୍ଡ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ନୂଆଦିଲ୍ଲୀସ୍ଥିତ ଜାତୀୟ ମାନବାଧିକାରୀ କମିଶନଙ୍କ ଏକ ପ୍ରତିନିଧି ଦଳ ଏସ୍‌ସିବି ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଟିମ୍ ସହ ଡିଏସ୍‌ପିସ୍ତରର ଅଧିକାରୀ ଓ ମଙ୍ଗଳାବାଗ ଥାନା ପୋଲିସ ଉପସ୍ଥିତିରେ ବିଭିନ୍ନ ଦିଗ ଉପରେ ତଦନ୍ତ କରାଯାଇଛି। ପରେ ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏସ୍‌ସିବି ଅଧୀକ୍ଷକ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଟିମ୍ ଦୀର୍ଘ ସମୟ ଧରି ରୋଗୀଙ୍କ ଚିକିତ୍ସା ସମ୍ପର୍କିତ ବିଭିନ୍ନ ତଥ୍ୟ ଉପରେ ଆଲୋଚନା କରିବା ସହ ରୋଗୀଙ୍କ ହସ୍ପିଟାଲ ସମ୍ପର୍କିତ ଚିକିତ୍ସାର ସମସ୍ତ ନଥିପତ୍ର ଏବଂ ବିବରଣୀ ସଂଗ୍ରହ କରିଥିବା ସୂଚନା ମିଳିଛି। ସୂଚନାଥାଉ କି, ୨୦୨୪ ଜୁଲାଇ ୧୩ରେ ଏହି ଅଗ୍ନିକାଣ୍ଡ ଘଟଣା ନେଇ ପ୍ରଶାସନ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଅଗ୍ନିକାଣ୍ଡରେ ପାଖାପାଖି ୧୭ରୁ ୧୮ଜଣଙ୍କୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଦୁର୍ଘଟଣାରେ ୧୨ରୁ ୧୩ଜଣ ପୁରୁଷ, ୩ରୁ ୪ଜଣ ମହିଳା ଏବଂ ୨ରୁ ୩ଜଣ ଶିଶୁ ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ।

## ଜଳ ନିଷ୍କାସନ ପାଇଁ ଏନ୍‌ଏଚ୍‌ଆଇ, ପୌର କର୍ତ୍ତୃପକ୍ଷଙ୍କ ତତ୍ପରତା

ଚୌଦ୍ୱାର,୧୮।୯(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୭ ନଂ. ୱାର୍ଡ ସୁଇପର କଲୋନୀରେ ଲୋକଙ୍କ ଘରେ ଗତ ସୋମବାର ବର୍ଷାପାଣି ସହିତ ପାଖରେ ଥିବା ଡ୍ରେନ ପାଣି ପଶିଯାଇଥିଲା। ଫଳରେ ସ୍ଥାନୀୟ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରିଥିଲେ। ଏହାର ପ୍ରତିବାଦରେ ମଙ୍ଗଳବାର ରାସ୍ତାରୋକୋ କରାଯାଇଥିଲା। ଖୁବଶୀଘ୍ର ବସ୍ତିରେ ଥିବା ଡ୍ରେନ, ରସ୍ତା ଓ ପରିମଳ ବ୍ୟବସ୍ଥା ସୁଧାର ଆଣିବା ପାଇଁ ପୌରପାଳିକା ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ବସ୍ତିବାସିନ୍ଦା ରାସ୍ତାରୋକୋରୁ ହଟିଥିଲେ। ଗୁରୁବାର ପୌରପାଳିକା ପକ୍ଷରୁ ଏ ଦିଗରେ ତତ୍ପରତା ଦେଖାଇଛି। ପୌର ପରିମଳ ବିଭାଗ ଦ୍ୱାରା ବସ୍ତିରେ ଥିବା ଡ୍ରେନଗୁଡିକ ସଫେଇ କାର୍ଯ୍ୟ ଆରମ୍ଭ କରାଯାଇଛି। ହେଲେ ଜାତୀୟ ରାଜପଥ କଡରେ ଡ୍ରେନ ନିର୍ମାଣ କାର୍ଯ୍ୟ ହେଉ ନ ଥିବାରୁ ବସ୍ତିରେ ବର୍ଷା ପାଣି ସହିତ ଡ୍ରେନର ବର୍ଜ୍ୟପାଣି ପଶୁଥିବା ଲୋକେ ଅଭିଯୋଗ କରିଥିଲେ। ଅପରାହ୍ନରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର, ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ଜାତୀୟ ରାଜପଥ ପ୍ରାଧିକରଣର ଅଧିକାରୀ ସୁଦିପ୍ତ ପାତ୍ରଲ, ଡ୍ରେନ ନିର୍ମାଣକାରୀ ସଂସ୍ଥା ଠିକାଦାର ପ୍ରତିନିଧି ଦିବ୍ୟଜ୍ୟୋତି ପ୍ରଭାଷ, ଡି.କେ.ସିଂ ପ୍ରମୁଖ ବସ୍ତି ପରିଦର୍ଶନ କରି ଅଧାପନ୍ତରିଆ ଡ୍ରେନର ସ୍ଥିତି ତଦାରଖ କରିବା ସହିତ ଡ୍ରେନ୍ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯିବା ପାଇଁ ବ୍ୟବସ୍ଥା କରିଥିଲେ। ଡ୍ରେନ ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ ପାଇଁ ଅଧିକାରୀମାନେ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ।


ଏନ୍‌ଏଚ୍‌ଆଇ ଓ ଚୌଦ୍ୱାର ପୌର କର୍ତ୍ତୃପକ୍ଷ ଘଟଣାସ୍ଥଳ ତଦାରଖ କରୁଛନ୍ତି।

**ଘରେ ବର୍ଷା, ଡ୍ରେନ୍ ପାଣି ପଶିବା ଘଟଣା**

# ରାଜ୍ୟ ସରକାରଙ୍କ ଦିବ୍ୟାଙ୍ଗଙ୍କ ଚିନ୍ତା

## ବଜେଟରେ ୫% ବ୍ୟବସ୍ଥା ପାଇଁ ୯ ବିଭାଗକୁ ଅନୁରୋଧ

**ଭୁବନେଶ୍ୱର,୧୮।୯ (ରବିନାରାୟଣ ଜେନା)**

ବାର୍ଷିକ ବଜେଟରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଅତି କମ୍‌ରେ ୫% ବ୍ୟବସ୍ଥା କରିବାକୁ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ସଂକ୍ରାନ୍ତରେ ଗୁରୁବାର ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସଚିବ ଆର. ସନ୍ତ ଗୋପାଳନ ୯ଟି ବିଭାଗ ସଚିବଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ସେ ଦର୍ଶାଇଛନ୍ତି, ସରକାରଙ୍କ ଦାରିଦ୍ର୍ୟ ଦୂରୀକରଣ ଏବଂ ଜୀବିକା ନିର୍ବାହ କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ଅନ୍ତର୍ଭୁକ୍ତି ସୁନିଶ୍ଚିତ କରିବା ପାଇଁ ସ୍ୱତନ୍ତ୍ର ଆଇନ ରହିଛି। ଏହି ପରିପ୍ରେକ୍ଷୀରେ, ବିଭାଗ ପକ୍ଷରୁ ଓଡ଼ିଶାରେ ଥିବା ୧୨ ଲକ୍ଷ ୪୪ହଜାର ୯୦୨ଜଣ ଭିନ୍ନକ୍ଷମଙ୍କ ହିତକୁ ଦୃଷ୍ଟିରେ ରଖି ବାର୍ଷିକ ବଜେଟରେ ସେମାନଙ୍କ ପାଇଁ ଅତି କମ୍‌ରେ ୫% ବ୍ୟବସ୍ଥା କରିବାକୁ ହେବ; ଯଦ୍ୱାରା ସେମାନଙ୍କ ଆର୍ଥିକ ଏବଂ ସାମାଜିକ ବିକାଶ ହୋଇପାରିବ। ସେ ଉଲ୍ଲେଖ କରିଛନ୍ତି, ସମସ୍ତ ସରକାରୀ ଜୀବନଜୀବିକା ମିଶନ କାର୍ଯ୍ୟକ୍ରମରେ ସର୍ବନିମ୍ନ ଆର୍ଥିକଗ୍ରହଣ ଦିବ୍ୟାଙ୍ଗମାନଙ୍କୁ ପ୍ରାଥମିକତା ଭିତ୍ତିରେ ସାମିଲ କରାଯିବା ଆବଶ୍ୟକ। ସେହିପରି ଭୂମିହୀନ ଦିବ୍ୟାଙ୍ଗମାନଙ୍କୁ ଜମି ଯୋଗାଇବା ଏବଂ ବାସହୀନ ଦିବ୍ୟାଙ୍ଗମାନଙ୍କୁ ପକ୍କାଘର ନିର୍ମାଣ ସମେତ ସେମାନଙ୍କୁ ଉଦ୍ୟୋଗ, ଦକ୍ଷତା ବିକାଶ ଏବଂ ଆତ୍ମନିଯୁକ୍ତି କ୍ଷେତ୍ରରେ ପ୍ରୋତ୍ସାହିତ ପାଇଁ ଆର୍ଥିକ ସହାୟତା ଭଳି ବିଭିନ୍ନ ପ୍ରକାର ବ୍ୟବସ୍ଥା କରିବାକୁ ବିଭାଗୀୟ ସଚିବଙ୍କୁ ଗୋପାଳନ ଦର୍ଶାଇଛନ୍ତି।

# ଏସ୍‌ଏଚ୍‌ଜି ମହିଳାଙ୍କୁ ସଶକ୍ତ କରିବ ୪ ବୁଝାମଣାପତ୍ର: ଉପମୁଖ୍ୟମନ୍ତ୍ରୀ




ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ବୋଧନ ଦେଉଛନ୍ତି।

**ଭୁବନେଶ୍ୱର, ୧୮।୯(ସୁନିତ୍ ମିଶ୍ର)**

ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ୪ଟି ବୁଝାମଣା ପତ୍ର ସଶକ୍ତ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ମିଶନ ଶକ୍ତି ବିଭାଗ ପକ୍ଷରୁ ଗୁରୁବାର ଅନୁଷ୍ଠିତ ବୁଝାମଣା ପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି,୧ ଲକ୍ଷ ୬୩ ହଜାର ୭୫୭ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ

### ୧.୬୩ ଲକ୍ଷ ଗୋଷ୍ଠୀଙ୍କୁ ବ୍ୟାଙ୍କ ଋଣ ଫେରସ୍ତ ବାବଦକୁ ୧୧୦ କୋଟିର ଅନୁଦାନ

ଆକାଉଣ୍ଟକୁ ବ୍ୟାଙ୍କ ଋଣ ଫେରସ୍ତ ବାବଦକୁ ୧୧୦ କୋଟି ୯୭ ଲକ୍ଷ ୫୮ ହଜାର ୮୬୦ ଟଙ୍କା ଆର୍ଥିକ ଅନୁଦାନ ପ୍ରେରଣ କରାଯିବ। ଆଉ ମିଶନ ଶକ୍ତି ବିଭାଗ ସହିତ ଏଫଆଇସିଏସ୍‌ଆଇ, ଟିଏସ୍‌ଏସ୍‌ସି, ଜିଜେଏସ୍‌ସିଆଇ ଏବଂ ଏନ୍‌ସିଡବ୍ଲୁର ୪ଟି ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଗଦର୍ଶନରେ ତୃଣମୂଳସ୍ତରରେ ମହିଳା ନେତୃତ୍ୱାଧୀନ ଉଦ୍ୟୋଗ ସୃଷ୍ଟି କରିବା ପାଇଁ ମିଶନ ଶକ୍ତି ବିଭାଗ ସମସ୍ତ ପ୍ରକାର ପଦକ୍ଷେପ ନେଉଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ କହିଛନ୍ତି।

# ଶୁଭମିତ୍ରାଙ୍କୁ ନ୍ୟାୟ ଦାବିରେ ମହିଳା କଂଗ୍ରେସର କ୍ୟାଣ୍ଡେଲ ଶୋଭାଯାତ୍ରା

**ଭୁବନେଶ୍ୱର,୧୮।୯ (ରବିନାରାୟଣ ଜେନା)**

ହତ୍ୟାର ଶିକାର ମହିଳା କନେଷ୍ଟବଳ ଶୁଭମିତ୍ରା ସାହୁଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯିବା ସହ ତାଙ୍କୁ ନ୍ୟାୟ ଦାବିରେ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ନିର୍ଦ୍ଦେଶକ୍ରମେ ମହିଳା କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ ହାତରେ କ୍ୟାଣ୍ଡେଲ ଧରି କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ମୃତକ ଶୁଭମିତ୍ରାଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତି ପୂରଣ ଦେବା ସହ ଦୋଷୀକୁ ଫାଶୀ ଦଣ୍ଡରେ ଦଣ୍ଡିତ କରିବାକୁ ଦାବି କରାଯାଇଥିଲା। ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ନିରୁପମା ପାତ୍ର, ସିଲି ସେଠୀ, ବିଶ୍ୱକଲ୍ୟାଣୀ କର, ଅମିତା ବିଶ୍ୱାଳ, ସୁନୀତା ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

# ଜିଏସ୍‌ଟି ସଂସ୍କାର ୨ ଲକ୍ଷ କୋଟିର ଆର୍ଥିକ ପ୍ରୋତ୍ସାହନ ଦେବ: ଚୁଗ୍




**ଭୁବନେଶ୍ୱର, ୧୮।୯(ସୁନିତ୍ ମିଶ୍ର)**

ଜିଏସ୍‌ଟି ସୁଧାର ଦ୍ୱାରା କେବଳ ଜିଏସ୍‌ଟି ହାର ବା ଟିକସରେ କମ୍ ହେବ ନାହିଁ ବରଂ ଏହା ସାଧାରଣ ଜନତାଙ୍କର ଜୀବନଯାପନରେ ଏକ ବ୍ୟାପକ ପରିବର୍ତ୍ତନକାରୀ ଐତିହାସିକ ପଦକ୍ଷେପ ବୋଲି ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍ କହିଛନ୍ତି। ଭାଜପା ବୁଦ୍ଧିଜୀବୀ ପ୍ରକୋଷ୍ଠ ଆନୁକୂଲ୍ୟରେ ରାଜ୍ୟ କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ଆଗାମୀ ପିଢ଼ିର ଜିଏସ୍‌ଟି ସୁଧାର ପ୍ରସଙ୍ଗରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଯୋଗଦେଇ ଚୁଗ୍ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗତ ୧୧ବର୍ଷ ଶାସନ ମଧ୍ୟରେ ଆର୍ଥିକ ଶୃଙ୍ଖଳା ଓ ଦୂରଦର୍ଶୀ ନୀତି ପାଇଁ ଭାରତ ବିଶ୍ୱର ସବୁଠାରୁ ଦୃଢ଼ ଓ ଦ୍ରୁତ ଗତିରେ ବଢୁଥିବା ଅର୍ଥନୀତି ହୋଇପାରିଛି। ନୂତନ ପିଢ଼ିର ଜିଏସ୍‌ଟି ସୁଧାର ଦ୍ୱାରା ଦେଶବାସୀଙ୍କୁ ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ଆର୍ଥିକ ପ୍ରୋତ୍ସାହନ ମିଳିବ। ଏହା ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଏକ ମଜଭୁତ ଶକ୍ତି ଏବଂ ଗତି ପ୍ରଦାନ କରିବ। ମୋଦି ସରକାରଙ୍କର ଜିଏସ୍‌ଟି ୨.୦ ସୁଧାର ଦ୍ୱାରା ଓଡ଼ିଶାର ଡବଲ ଇଞ୍ଜିନ ସରକାରକୁ ନୂତନ ଗତି ମିଳିବ। ୧୨% ହାରରେ ଥିବା ଜିଏସ୍‌ଟି ବର୍ଗର ପ୍ରାୟ ୯୯% ସାମଗ୍ରୀକୁ ୫% ହାରକୁ ଅଣାଯାଇଛି ଏବଂ ୨୮% ହାରରେ ଥିବା ପ୍ରାୟ ୯୦% ସାମଗ୍ରୀକୁ ୧୮% ହାରକୁ କମାଇ ଦିଆଯାଇଛି। ଏଥିରେ ଉପଭୋକ୍ତାଙ୍କ ସଞ୍ଚୟ ବଢ଼ିବ, ଆବଶ୍ୟକ ସାମଗ୍ରୀର ଦାମ କମିବ ଓ ଦେଶୀୟ ଚାହିଦା ମଜଭୁତ ହେବ। ରାଜ୍ୟ ଭାଜପା ବୁଦ୍ଧିଜୀବୀ ପ୍ରକୋଷ୍ଠର ଆବାହକ ସୁଦର୍ଶନ ନାୟକଙ୍କ ପୌରୋହିତ୍ୟରେ ଏହି ଆଲୋଚନାଚକ୍ରରେ ଦଳର ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ।

# ୬୦ ବର୍ଷ ଛୁଇଁଥିବା ହିତାଧିକାରୀ ସୁଭଦ୍ରାରୁ ବାଦ୍ ପଡ଼ିବା ଦୁର୍ଭାଗ୍ୟଜନକ: ବିଜେଡି

**ଭୁବନେଶ୍ୱର, ୧୮।୯ (ସୁନିତ୍ ମିଶ୍ର)**

ସୁଭଦ୍ରା ଯୋଜନାର ହିତାଧିକାରୀଙ୍କ ମଧ୍ୟରୁ ୬୦ ବର୍ଷ ଛୁଇଁଥିବା ପ୍ରାୟ ୯୩, ୭୯୨ ଜଣ ମହିଳା ଏଥିରୁ ମିଳୁଥିବା ସୁବିଧା ପାଇବାରୁ ବାଦ୍ ପଡ଼ିବେ। ଏହା ସ୍ପଷ୍ଟ ହୋଇଥିବା ବେଳେ ସେମାନେ ସାମାଜିକ ସୁରକ୍ଷା ଯୋଜନାରେ ବାର୍ଦ୍ଧକ୍ୟ ପେନ୍‌ସନ ପାଇଁ ଆବେଦନ କରିପାରିବେ ବୋଲି ସରକାରଙ୍କ ତରଫରୁ ଦିଆଯାଇଥିବା ମନ୍ତବ୍ୟ ବାସ୍ତବିକ କଟା ଘା'ରେ ଚୂନ ଲଗାଇବା ସଦୃଶ ବୋଲି ବିଜେଡି କହିଛି। ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ନିର୍ବାଚନ ସମୟରେ ଭାଜପା ତା'ର ଇସ୍ତାହାରରେ ସୁଭଦ୍ରା ଯୋଜନା ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ୨ ବର୍ଷରେ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଭାଜପା କ୍ଷମତାକୁ ଆସିବା ପରେ ପ୍ରତ୍ୟେକ ମହିଳାଙ୍କୁ ନ ଦେଇ କେବଳ ୨୧ରୁ ୬୦ ବର୍ଷର ଆର୍ଥିକ ଅନଗ୍ରସର ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯିବ ବୋଲି ନିଷ୍ପତ୍ତି ନେଇଥିଲେ। ଏବେ ୬୦ ବର୍ଷ ଛୁଇଁଥିବା ପ୍ରାୟ ୯୩, ୭୯୨ ମହିଳା ଯୋଜନାରୁ ବାଦ୍ ପଡିବେ। ଏମାନେ ଏବେ ସୁଦ୍ଧା ମାତ୍ର ୨ଟି କିସ୍ତି ପାଇଛନ୍ତି। ସେମାନେ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆବେଦନ କରିପାରିବେ ବୋଲି ଯାହା କୁହାଯାଇଛି, ତାହା ଗ୍ରହଣୀୟ ନୁହେଁ। କାରଣ, ସାମାଜିକ ସୁରକ୍ଷା ଯୋଜନାରେ ପୂର୍ବରୁ ପ୍ରାୟ ୬ ଲକ୍ଷ ଲୋକ ବାର୍ଦ୍ଧକ୍ୟ ପେନ୍‌ସନ ପାଇଁ ଆବେଦନକରି ଅପେକ୍ଷାରେ ଅଛନ୍ତି ବୋଲି ଲେନିନ୍ କହିଛନ୍ତି।

# ପ୍ରଧାନଶିକ୍ଷକଙ୍କ ସହ ୩ ଶିକ୍ଷକ ନିଲମ୍ବିତ

**ପାରଳାଖେମୁଣ୍ଡି,୧୮।୯ (ଗିରିଧାରୀ ପରିଚ୍ଛା)**

ଗଜପତି ଜିଲା ଗୋସାଣି ବ୍ଲକ ମାଛମରା ସ୍କୁଲର ଦୁଇ ଶିକ୍ଷକ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟଣାରେ ପ୍ରଧାନଶିକ୍ଷକଙ୍କ ସମେତ ୩ ଶିକ୍ଷକ ନିଲମ୍ବିତ ହୋଇଛନ୍ତି। କ୍ରୀଡା ଶିକ୍ଷକ ଏବଂ ହିନ୍ଦୀ ଶିକ୍ଷକଙ୍କୁ ଆକ୍ରମଣ କରିଥିବାରୁ ଦୁଇ ସହକାରୀ ଶିକ୍ଷକ ବି.ରାଜଶେଖରମ ଓ ଏସ. ଜୟ ରାଓ ନିଲମ୍ବିତ ହୋଇଛନ୍ତି। ସେହିପରି ପରିଚାଳନାଗତ ତ୍ରୁଟି ଓ ସରକାରୀ ସ୍ତରରେ ଆସିଥିବା ଟିଭି, ପିଲାଙ୍କ ପାଇଁ ଆସିଥିବା ସାମଗ୍ରୀଗୁଡିକର ଅପବ୍ୟବହାର କରିଥିବା ଅଭିଯୋଗରେ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ରଥଙ୍କୁ ନିଲମ୍ବିତ କରାଯାଇଛି।

# ରେଭେନ୍ସାରେ ୪ବର୍ଷିଆ ଇଣ୍ଟିଗ୍ରେଟେଡ୍ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ

**କଟକ,୧୮।୯ (କାର୍ତ୍ତିକ ସାହୁ)**

ନୂତନ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ୪ବର୍ଷିଆ ଇଣ୍ଟିଗ୍ରେଟେଡ୍ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ ପାଇଁ ନାଶନାଲ କାଉନସିଲ ଫର୍ ଟିଚର ଏଜୁକେସନ (ଏନ୍‌ସିଟିଇ)ରୁ ସ୍ୱୀକୃତି ମିଳିଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୁରୁବାର ଏନେଇ ସୂଚନା ପ୍ରଦାନ କରାଯାଇଛି। ସୂଚନା ଯେ, ରେଭେନ୍ସା ଶିକ୍ଷା ବିଭାଗ ପକ୍ଷରୁ ଏହି ପାଠ୍ୟକ୍ରମ ପାଇଁ ଗତବର୍ଷ ଆବେଦନ କରାଯାଇଥିଲା। ରେଭେନ୍ସା ବିଶ୍ୱବିଦ୍ୟାଳୟ ନାକ୍ ମାନ୍ୟତାରେ ଗ୍ରେଡ୍ ଏ ପ୍ଲସ ପ୍ଲସ ଥିବାରୁ ସର୍ବୋଚ୍ଚ ପଏଣ୍ଟ ହାସଲ କରିଥିଲା। ଏହାପରେ ଏନ୍‌ସିଟିଇ ପକ୍ଷରୁ ଆଭାସି ମାଧ୍ୟମରେ ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି ଓ ଶୈକ୍ଷିକ ସୁବିଧାଗୁଡ଼ିକର ନିରୀକ୍ଷଣ କରାଯାଇଥିଲା। ଶିକ୍ଷା ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ଷ୍ଟାଫ ତାଲିକା ପ୍ରଦାନ କରାଯିବା ପରେ ଏନ୍‌ସିଟିଇ ଏହାକୁ ଅନୁମୋଦନ କରି ସ୍ୱୀକୃତି ପ୍ରଦାନ କରିଛି। ଏହି ସ୍ୱୀକୃତି ମିଳିବା ପରେ ପୂର୍ବରୁ ଚାଲିଥିବା ପାରମ୍ପରିକ ଇଣ୍ଟିଗ୍ରେଟେଡ୍ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ ୪ ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଏବିଏଡ୍, ବିଏସ୍‌ସି ବିଏଡ୍ ସ୍ଥାନରେ ଆଗାମୀ ଶିକ୍ଷା ବର୍ଷ ୨୦୨୬-୨୭ରେ ନୂତନ ୪ ବର୍ଷିଆ ଇଣ୍ଟିଗ୍ରେଟେଡ୍ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ (ବିଏ-ବିଏଡ୍, ବିଏସ୍‌ସି-ବିଏଡ୍) ଆରମ୍ଭ ହେବ। ଦ୍ୱାଦଶ ଶ୍ରେଣୀ ପାସ୍ କରିଥିବା ଛାତ୍ରୀଛାତ୍ରମାନେ ନାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ କରାଯାଉଥିବା ନାଶନାଲ କମନ ଏଣ୍ଟ୍ରାନ୍ସ ଟେଷ୍ଟରେ ଯୋଗ୍ୟ ବିବେଚିତ ହେଲେ ଏହି ପାଠ୍ୟକ୍ରମରେ ନାମ ଲେଖାଇପାରିବେ। ୪ ବର୍ଷିଆ ପାଠ୍ୟକ୍ରମ ସରିବା ପରେ ଛାତ୍ରୀଛାତ୍ରମାନେ କେନ୍ଦ୍ରୀୟ ତଥା ରାଜ୍ୟ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଭାବେ ନିଯୁକ୍ତି ପାଇପାରିବେ।


## OFFICE OF THE SORO MUNICIPALITY, SORO, BALASORE

Tel. Phone No.-06788-221262, Email ID - soromunicipality@gmail.com

**Cancellation Notice**

**No.4258 Date : 18.09.2025**

**No.C-1118** : As per Tender Call Notice No-4176, dtd-11.09.2025 opening of bid for the work "Construction of drain with slab from Sk. Jamsed House to wards R.I. Office of Soro Municipality" was to be fixed on dtd - 23.09.2025 at 10.00 A.M. in the office chamber of the Executive Officer, Soro Municipality.

The Tender Call Notice No.-4176, dtd-11.09.2025 is hereby cancelled as per clause No.19 of the DTCN.

**Sd./- Executive Officer**
**Soro Municipality**

**OIPR-13166/11/0016/2526**

## GOVERNMENT OF ODISHA
## DEPARTMENT OF WATER RESOURCES

**No.A-631:**

**O/o THE CHIEF ENGINEER AND BASIN MANAGER**
**MAHANADI BASIN, AT-BURLA, DIST.-SAMBALPUR,PIN-768017**
**E-mail Id-cebmumbburla@gmail.com**

**'e' Procurement Notice No-CE & BM-MB-21/2025-2026 (Online)**
**BID IDENTIFICATION NO-CE & BM-MB-21/2025-2026 (Online)**

| | | | |
|---|---|---|---|
| 1 | Name of the Work | : | Renovation of Canal System of Hirakud Dam Project (Rampur Canal Section, Barpali Irrigation Division, Barpali) |
| 2 | No. of Works | : | One (01) Number |
| 3 | Class of Contractor | : | "Special Class" and "Super Class" |
| 4 | Bid Identification No. | : | CE&BM-MB-21/2025-2026 (Online) |
| 5 | Estimated Cost | : | Rs.22.27 Crores |
| 6 | Period of Completion | : | 24 (Twenty-Four) Calendar Months |
| 7 | Date and Time of availability of bid documents in the portal | : | Dated 22.09.2025 at 11.30 AM to Dated 09.10.2025 upto 5.00 P.M. |
| 8 | Last date/time for receipt of Bids in the Portal | : | Dated 09.10.2025 upto 5.00 PM |
| 9 | Date of Opening of Technical Bid (Cover-I) | : | Dated 10.10.2025 at 11.30 AM O/o. Chief Engineer & Basin Manager, Mahanadi Basin, Burla |
| 10 | Name and Address of the Officer Inviting Bid | : | Chief Engineer & Basin Manager, Mahanadi Basin, Burla, Dist.- Sambalpur, Odisha-768017, Email Id: cebmumbburla@gmail.com |

1. Any addendum/ Corrigendum/ Cancellation/ erratum of tender can also be seen in the said website.
2. Further details can be seen from Government Website http://tendersodisha.gov.in.

**Sd./- Chief Engineer & Basin Manager**
**Mahanadi Basin, Burla**

**OIPR-32508/11/0034/2526**

## ADVERTISEMENT FOR SUPPLY OF PRINTED ARTICLES TO THE BHIMA BHOI MEDICAL COLLEGE & HOSPITAL, BALANGIR

No.E-391: Sealed Tender is invited from organisation/firms/ Agencies for supply of Printed Articles to Bhima Bhoi Medical College & Hospital, Balangir. The Tender Paper completed in all respect should be submitted separately for the services to the undersigned on or before dt.08.10.2025 upto 05.30 P.M. in the office of the Superintendent, BBMC&H, Balangir. The details and terms & condition can be downloaded from https://bbmchbalangir.nic.in, www.balangir.odisha.gov.in & www.dmetodisha.gov.in.

**Sd./- Superintendent**
**Bhima Bhoi Medical College & Hospital, Balangir**

**OIPR-10141/11/0048/2526**

## ଓଡ଼ିଶା ସରକାର

**No.A-634**

### ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
### ଆଖୁଆପଦା ଜଳସେଚନ ବିଭାଜନ

ଇମେଲ-akp.irrigationdivision@gmail.com

**'e'- Procurement Notice No.10/2025-26**

| | | | |
|---|---|---|---|
| 1. | କାର୍ଯ୍ୟର ନାମ | : | ମରାମତି କାର୍ଯ୍ୟ |
| 2. | ମୋଟ କାର୍ଯ୍ୟ ସଂଖ୍ୟା | : | ୭ ଗୋଟି କାର୍ଯ୍ୟ |
| 3. | ଅଟକଳ ମୂଲ୍ୟ | : | ୧୩.୮୯ ଲକ୍ଷରୁ ୭୨.୮୧ ଲକ୍ଷ |
| 4. | ଇ.ଏମ.ଡି (Bid Security) ଓ ବିଡ୍ ମୂଲ୍ୟର ଦେୟ ପ୍ରଣାଳୀ | : | The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN. |
| 5. | କାର୍ଯ୍ୟ ସମାପ୍ତି ସମୟ | : | ୬ ମାସ |
| 6. | ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ | : | |
| I. | Procurement Officer | : | ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା |
| II. | ଅନ୍‌ଲାଇନ Biddingର ସମୟସୀମା | : | ତା.୨୦.୦୯.୨୦୨୫ ଦିବା ୧୦ ଘଟିକାରୁ ତା.୦୪.୧୦.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ |
| III. | Technical ଏବଂ Financial bid ଖୋଲାଯିବାର ତାରିଖ ଓ ସମୟ | : | ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୦୬.୧୦.୨୦୨୫ ଦିବା ୧୧.୩୦ |
| IV. | Transparent Lotteryର ତାରିଖ ଓ ସମୟ | : | ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୧୪.୧୦.୨୦୨୫ ଦିବା ୧୧.୦୦ ଘଟିକା ସମୟରେ । |

ଅନ୍‌ଲାଇନ ତଥ୍ୟ ଏହି ୱେବ୍‌ସାଇଟରେ ପ୍ରଦାନ କରାଯାଇଅଛି www.tendersorissa.gov.in

**ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ**
**ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା**

**OIPR-32548/11/0011/2526**


# ବୋହୂଙ୍କୁ ଟାଙ୍ଗିଆରେ ହାଣିବା ପରେ ଶ୍ୱଶୁରଙ୍କ ଆତ୍ମହତ୍ୟା

**ଧୂଷୁରୀ,୧୮।୯ (ଦୀପ୍ତିରଞ୍ଜନ ନାୟକ)**

ପାରିବାରିକ କଳହକୁ ନେଇ ଜଣେ ବୃଦ୍ଧ ତାଙ୍କ ବୋହୂଙ୍କ ଟାଙ୍ଗିଆ ହାଣି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏଭଳି ଘଟଣା ଘଟିଛି ଗୁରୁବାର ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ ଅସ୍ତକ ଗ୍ରାମରେ। ଗ୍ରାମର ପଞ୍ଚାନନ ମଲ୍ଲିକ (୫୮) କୌଣସି କଳିଝଗଡାକୁ ନେଇ ନିଜ ବୋହୂ ଯଶୋଦା(୩୦)ଙ୍କ ମୁଣ୍ଡକୁ ଟାଙ୍ଗିଆରେ ହାଣି ପକାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଧୂଷୁରୀ ଏରିଆ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏପଟେ ପଞ୍ଚାନନ ବେକରେ ରଶିଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ଧୂଷୁରୀ ପୋଲିସ ପହଞ୍ଚି ଉଭୟଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ସଂକ୍ରାନ୍ତରେ ଧୂଷୁରୀ ଥାନାରେ ଏକ ହତ୍ୟା ମାମଲା(ନଂ. ୪୪୬/ ୨୫) ଓ ଏକ ଅପମୃତ୍ୟୁ ମାମଲା(ନଂ.୩୬ /୨୫) ରୁଜୁ ହୋଇଛି।


## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, SUNABEDA

**No.O-812**

e-mail : serwsbd2003@yahoo.com

**Letter No. : 3307** **Date : 15.09.2025**

**2nd Corrigendum**

In continuation to this office Bid Identification No. CCERWCSBD-Online-10/2025-26 invited vide this office Notice No.2759 Dtd.31.07.2025, partial modification of NCB has been made as follows :-

| Sl. No. | Item | Time Schedule as per original NCB | Time Schedule as per 1st Corrigendum | Time Schedule as per 2nd Corrigendum |
|---|---|---|---|---|
| 1 | Availability of Tender online for bidding | 08.08.2025 at 11.00 AM to 29.08.2025 up to 5.00 PM | Extended up to 19.09.2025 5.00 P.M. | Extended up to 04.10.2025 5.00 PM |
| 2 | Date and Time of seeking tender clarification if any | 26.08.2025 up to 2.00 PM | 18.09.2025 up to 2.00 P.M. | 03.10.2025 up to 2.00 P.M. |
| 3 | Date & Time of opening of tender (Technical Bid) | 30.08.2025 at 11.00 AM | 20.09.2025 at 11.00 A.M. | 06.10.2025 at 11.00 A.M. |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

**Sd./- Chief Construction Engineer,**
**RW Circle, Sunabeda**

**OIPR-25182/11/0087/2526**

## LEVEL-I TRANSPORT CONTRACTOR 2025-27

**NOTICE INVITING TENDER**

### Office of District Manager
### Odisha State Civil Supplies Corporation Ltd. (OSCSC), KALAHANDI (District)

**No.CAD-1805**

**TENDER No. 2640** **Dated: 18.09.2025**

**Cost of Tender Document:- Rs.11800/- Inclusive of GST**

**Online Tenders are invited from eligible bidders for selection and appointment of level-I transport contractor for transportation of Wheat from Food Storage Depot (FSD), FCI to Rice Receiving Centre (RRC).**

| | | |
|---|---|---|
| 1 | Availability of tender documents | From Date 19.09.2025 Downloadable from website : www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference | On dt 22.09.2025 at. 11.00 AM, in the office of th CCSO-cum-District Manager, OSCSC Ltd., Kalahandi, Bhawanipatna |
| 3 | Last date and time for **online** submission of completed Tender Documents with enclosures | Through e-Procurement Portal : www.tendersodisha.gov.in Up to 05.00 PM of dt.03.10.2025 |
| 4 | Date, time and venue for opening of Technical Bid by the Tender Committee | On dt 04.10.2025 at 11.00 AM, in the office of th CCSO-cum-District Manager, OSCSC Ltd., Kalahandi, Bhawanipatna |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt 04.10.2025 at 11.00 AM, in the office of the CCSO-cum-District Manager, OSCSC Ltd., Kalahandi, Bhawanipatna |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Venue of the opening of Technical & Financial Bids | Office of the CCSO-cum-District Manager, OSCSC Ltd., Kalahandi, Bhawanipatna. |
| 8 | Validity Period | Tenders are to remain open for acceptance for 180 days inclusive of date of opening of tender. |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk telephone No. | (i) OSCSC Ltd. :- District Manager :-9438200045 Accounts Head:- 9853772700 (ii) State Procurement Cell:-0674-2530998 18003456765 |

**N.B:**

1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any/ all of the tenders at any time without assigning any reason thereof:
3. Further details can be obtained in the website www.tendersodisha.gov.in.
4. The bidder must deposit Tender Document Fee and EMD at the time of submission of tender through online payment gate way service.
5. Any amendment/ cancellation/ re-tender/ corrigendum please refer to the website www.tendersodisha.gov.in, www.oscsc.in &www.foododisha.in.

**Sd./- District Manager**
**OSCSC Ltd., Kalahandi**

**NOTICE INVITING TENDER**

### Office of District Manager
### Odisha State Civil Supplies Corporation Ltd. (OSCSC), KALAHANDI

**(Unit : Kesinga Block & NAC)**

**TENDER No. 2641** **Dated: 18.09.2025**

**Cost of Tender Document:- Rs.5900/- Inclusive of GST for each RRC to Unit (Block/ULB) combination of the district.**

**Online Tenders are invited from eligible bidders for selection and appointment of level-II contractor for transportation of Custom Milled Rice (CMR) from Rice Receiving Centre (RRC) to Retail Centre (FPS).**

| | | |
|---|---|---|
| 1 | Availability of tender documents | From Date 19.09.2025 Downloadable from website : www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference | On dt 22.09.2025 at. 11.00 AM, in the office of th CCSO-cum-District Manager, OSCSC Ltd., Kalahandi, Bhawanipatna |
| 3 | Last date and time for **online** submission of completed Tender Documents with enclosures | Through e-Procurement Portal : www.tendersodisha.gov.in Up to 05.00 PM of dt.03.10.2025 |
| 4 | Date, time and venue for opening of Technical Bid by the Tender Committee | On dt 04.10.2025 at 11.00 AM, in the office of th CCSO-cum-District Manager, OSCSC Ltd., Kalahandi, Bhawanipatna |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt 04.10.2025 at 11.00 AM, in the office of the CCSO-cum-District Manager, OSCSC Ltd., Kalahandi, Bhawanipatna |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Venue of the opening of Technical & Financial Bids | Office of the CCSO-cum-District Manager, OSCSC Ltd., Kalahandi, Bhawanipatna. |
| 8 | Validity Period | Tenders are to remain open for acceptance for 180 days inclusive of date of opening of tender. |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk telephone no | (i) OSCSC Ltd. :- District Manager :-9438200045 Accounts Head:- 9853772700 (ii) State Procurement Cell:-0674-2530998 18003456765 |

**N.B:**

1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any/ all of the tenders at any time without assigning any reason thereof:
3. Further details can be obtained in the website www.tendersodisha.gov.in.
4. The bidder must deposit Tender Document Fee and EMD at the time of submission of tender through online payment gate way service.
5. Any amendment/ cancellation/ re-tender/ corrigendum please refer to the website www.tendersodisha.gov.in, www.oscsc.in &www.foododisha.in.

**Sd./- District Manager**
**OSCSC Ltd., Kalahandi**

**NOTICE INVITING TENDER**

### Office of District Manager
### Odisha State Civil Supplies Corporation Ltd. (OSCSC), KALAHANDI

**(Unit : Bhawanipatna Muncipality)**

**TENDER No. 2642** **Dated: 18.09.2025**

**Cost of Tender Document:- Rs.5900/- Inclusive of GST for each RRC to Unit (Block/ULB) combination of the district.**

**Online Tenders are invited from eligible bidders for selection and appointment of level-II contractor for transportation of Custom Milled Rice (CMR) from Rice Receiving Centre (RRC) to Retail Centre (FPS).**

| | | |
|---|---|---|
| 1 | Availability of tender documents | From Date 19.09.2025 Downloadable from website : www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference | On dt 22.09.2025 at. 11.00 AM, in the office of th CCSO-cum-District Manager, OSCSC Ltd., Kalahandi, Bhawanipatna |
| 3 | Last date and time for **online** submission of completed Tender Documents with enclosures | Through e-Procurement Portal : www.tendersodisha.gov.in Up to 05.00 PM of dt.03.10.2025 |
| 4 | Date, time and venue for opening of Technical Bid by the Tender Committee | On dt 04.10.2025 at 11.00 AM, in the office of th CCSO-cum-District Manager, OSCSC Ltd., Kalahandi, Bhawanipatna |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt 04.10.2025 at 11.00 AM, in the office of the CCSO-cum-District Manager, OSCSC Ltd., Kalahandi, Bhawanipatna |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Venue of the opening of Technical & Financial Bids | Office of the CCSO-cum-District Manager, OSCSC Ltd., Kalahandi, Bhawanipatna. |
| 8 | Validity Period | Tenders are to remain open for acceptance for 180 days inclusive of date of opening of tender. |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk telephone no | (i) OSCSC Ltd. :- District Manager :-9438200045 Accounts Head:- 9853772700 (ii) State Procurement Cell:-0674-2530998 18003456765 |

**N.B:**

1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any/ all of the tenders at any time without assigning any reason thereof:
3. Further details can be obtained in the website www.tendersodisha.gov.in.
4. The bidder must deposit Tender Document Fee and EMD at the time of submission of tender through online payment gate way service.
5. Any amendment/ cancellation/ re-tender/ corrigendum please refer to the website www.tendersodisha.gov.in, www.oscsc.in &www.foododisha.in.

**OIPR-07068/11/0008/2526**

**Sd./- District Manager**
**OSCSC Ltd., Kalahandi**

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଓମ୍‌ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ୧୪ତମ ଜନ୍ମ ବାର୍ଷିକୀ ଶୁଭେଚ୍ଛା



**ଓମ୍‌ସାଇ ବିଶ୍ୱାଳ**
ଲେଣ୍ଡୋ, ନିରାକାରପୁର, ଖୋର୍ଦ୍ଧା

ଜନ୍ମଦିନେ ବୁଦ୍ଧି, ବିଦ୍ୟା, ଆଶିଷ
ଦେଇଥାଅ ପ୍ରଭୁ ଓମ୍‌ସାଇ ଡାକୁଥିବ ସଦା
ତୁମକୁ ଦୁଃଖ ଆସିଲେବି ଭାଗ୍ୟଫଳ ଭାବି
ବୁଝାଇ ଦେବି ମୋ ମନକୁ।

ଶୁଭେଚ୍ଛାସହ:
ସାଇ ପରିବାର, ଆମ ପରିବାର, ତୁମ ପରିବାର, ଗୁରୁ ମା, ଗୁରୁଜୀ, ବନ୍ଧୁ ଓ ପରିବାରବର୍ଗ।
ଧ-୨୦୧୯

## SPOT ADMISSION 2025-27

**B.Ed**
Approved by NCTE & Govt of Odisha
BAJIRAO B.ED ACADEMY LLP
Education For All !!!
Near Ganjam Kala Parishad, Berhampur -760001
99380 25554
63708 53214

## PhD ଡିଗ୍ରୀରେ ସମ୍ମାନିତ



ପାରାଦ୍ୱୀପର ଡଃ ସୁବ୍ରତ କୁମାର ବରାଳ PhD (Mechanical Engineering) ଡିଗ୍ରୀ ପାଇଛନ୍ତି। ସେ VNIT, ନାଗପୁର, ମହାରାଷ୍ଟ୍ରରେ ଡଃ ରବି କୁମାର ଦମ୍ପଲାଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ସେ ଶ୍ରୀ ଶରତ କୁମାର ବରାଳ, P.A., PDA ଏବଂ ଶ୍ରୀମତୀ ତୁଳସୀ ବରାଳ, ଲେଖିକା ଏବଂ ସମାଜସେବୀଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି। ଏହି କୃତିତ୍ୱ ପାଇଁ ସାଙ୍ଗସାଥୀ, ବନ୍ଧୁବାନ୍ଧବ ଏବଂ ପାରାଦ୍ୱୀପର କିଛି ଜନସାଧାରଣ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।
ଧ-୨୦୨୦

ବିଶେଷଜ୍ଞ
**ଅର୍ଶ ଭଗନ୍ଦର ମଳକଣ୍ଟକ**
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
**PILES CLINIC**
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ନାରାୟଣୀ ମୋଟର୍ସରେ ମାରୁତି ଅଲ୍ ନ୍ୟୁ ଭିକ୍ଟୋରିଜ୍‌ର ଅନାବରଣ

ଭୁବନେଶ୍ୱର,୧୮।୯(ଅନୁରାଧା ମହାରଣା)



ମାରୁତି ସୁଜୁକି ଅଧିକୃତ ବିକ୍ରେତା ନାରାୟଣୀ ମୋଟର୍ସ ପକ୍ଷରୁ ମାରୁତି ଅଲ୍ ନ୍ୟୁ ଭିକ୍ଟୋରିଜ୍ ଗୁରୁବାର ଅନାବରଣ କରାଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି କାର୍‌ର ଅନାବରଣ ଅବସରରେ ୟୁନିୟନ ବ୍ୟାଙ୍କର ଡେପୁଟି ଜେନେରାଲ ମ୍ୟାନେଜର ନିରଞ୍ଜନ ବାରିକ, ଡେପୁଟି ଜୋନାଲ ମ୍ୟାନେଜର ହରିନ୍ଦର ସିଂ ସାନ୍ଧୁ, ନାରାୟଣୀ ମୋଟର୍ସର ପରିଚାଳନା ନିର୍ଦ୍ଦେଶକ ପୁରୁଷୋତ୍ତମ ବୁଦ୍ଧରାଜ, ନିର୍ଦ୍ଦେଶକ ପ୍ରଣୟ ବୁଦ୍ଧରାଜ ପ୍ରମୁଖ ଯୋଗଦେଇଥିଲେ। ନୂଆ ଡିଜାଇନ ଓ ଆଧୁନିକ ଫିଚର୍ସ ସହ ଲଞ୍ଚ ହୋଇଥିବା ଏହି କାର୍‌ରେ ଏଲ୍‌ଇଡି ଲାଇଟିଂ ଓ କନେକ୍ଟେଡ୍ ଟେଲଲ୍ୟାମ୍ପ ରହିଛି। ଏହା ଏଏଏକ୍ସଆଇ, ଭିଏକ୍ସଆଇ, ଜେଡ୍‌ଏକ୍ସଆଇ, ଜେଡ୍‌ଏକ୍ସଆଇ ଅପ୍‌ସନାଲ, ଜେଡ୍‌ଏକ୍ସଆଇ ପ୍ଲସ୍ ଓ ଜେଡ୍‌ଏକ୍ସଆଇ ପ୍ଲସ୍ ଅପ୍‌ସନାଲ ଭଳି ୬ଟି ଭାରିଆଣ୍ଟରେ ଉପଲବ୍ଧ। ୧୦.୫ ଲକ୍ଷ ଟଙ୍କାରୁ ଆରମ୍ଭ କରି ୧୯.୨୦ ଲକ୍ଷ ଟଙ୍କାରେ ଏହିସବୁ ଭାରିଆଣ୍ଟ ଉପଲବ୍ଧ ହୋଇଛି। ମୁଖ୍ୟ ଫିଚର୍ସ ମଧ୍ୟରେ ୧୦.୨୫ ଇଞ୍ଚ ଡିଜିଟାଲ ଡ୍ରାଇଭର ଡିସ୍‌ପ୍ଲେ, ପାନୋରାମିକ୍ ସନ୍‌ରୁଫ୍ ଓ ୬୪-କଲର ଆମ୍ବିଏଣ୍ଟ ଲାଇଟିଂ ସହ ଅନ୍ୟାନ୍ୟ ସେଫ୍‌ଟି ଫିଚର୍ସ ରହିଛି। ଏହା ମାରୁତିର ପ୍ରଥମ ଗାଡ଼ି ଯାହା ଲେଭେଲ-୨ ଆଡାସ୍ ସହ ଆସିଛି। ଏହା ୧୦ ଟି ରଙ୍ଗରେ ଉପଲବ୍ଧ। ଏହା ପେଟ୍ରୋଲ, ଷ୍ଟ୍ରଙ୍ଗ୍-ହାଇବ୍ରିଡ୍ ଓ ସିଏନ୍‌ଜି ପାୱାର ଟ୍ରେନ୍ ଅପ୍‌ସନ ସହ ଉପଲବ୍ଧ। ଏହା ମାରୁତିର ପ୍ରଥମ ଗାଡ଼ି ଯାହା ଅଣ୍ଡରବଡି ଟ୍ୱିନ-ଟ୍ୟାଙ୍କ ସିଏନ୍‌ଜି ସେଟ୍‌ଅପ ସହ ଅଧିକ ବୁଟ୍ ସ୍ପେସ୍ ଦେଉଛି। ଲିଟର ପ୍ରତି ୨୭ରୁ ୨୮ କିଲୋମିଟର ମାଇଲେଜ ରହିଛି। ଉନ୍ମୋଚନ ଅବସରରେ ନାରାୟଣୀ ମୋଟର୍ସ ନିର୍ଦ୍ଦେଶକ ପ୍ରଣୟ ବୁଦ୍ଧରାଜ କହିଛନ୍ତି, ପାର୍ବଣଋତୁରେ ଏହାର ଲଞ୍ଚ କରାଯାଇଥିବାରୁ ବ୍ୟବସାୟ ଲାଭଦାୟକ ହେବ ବୋଲି ଆଶା ରହିଛି। ଆସନ୍ତା ୨୨ ତାରିଖରୁ ଲାଗୁ ହେବାକୁ ଥିବା ନୂଆ ଜିଏସ୍‌ଟି ହ୍ରାସର ସୁବିଧା ଗ୍ରାହକଙ୍କୁ ପ୍ରଦାନ କରାଯିବ। ଏହାସହ ସ୍ୱତନ୍ତ୍ର ଫେଷ୍ଟିଭ୍ ଡିସ୍‌କାଉଣ୍ଟ ପ୍ରଦାନ ପାଇଁ ମଧ୍ୟ ଯୋଜନା ରହିଛି।

# ରାଜ୍ୟରେ ଉତ୍ପାଦନ ହେଉଛି ୩୦ ନିୟୁତ ମେଟ୍ରିକ୍ ଟନ୍ ଇସ୍ପାତ

ଭୁବନେଶ୍ୱର,୧୮।୯(ଅନୁରାଧା ମହାରଣା)

ରାଜ୍ୟରେ ଥିବା ୫୪ଟି ଛୋଟ ବଡ଼ ଇସ୍ପାତ କାରଖାନାରୁ ବାର୍ଷିକ ପାଖପାଖି ୩୦ ନିୟୁତ ମେଟ୍ରିକ ଟନ୍ ଇସ୍ପାତ ଉତ୍ପାଦନ ହେଉଛି। ଏଥିରୁ ୧ ନିୟୁତ ଟନ୍ ଇସ୍ପାତ ବିଦେଶକୁ ରପ୍ତାନି ହେଉଛି । ରାଜ୍ୟ ଭିତରେ ୫.୭୩ ନିୟୁତ ଟନ୍ ଇସ୍ପାତ ବ୍ୟବହାର ହେଉଥିବାବେଳେ ରାଜ୍ୟ ବାହାରକୁ ୧୭ ନିୟୁତ ଟନ୍‌ରୁ ଅଧିକ ଇସ୍ପାତ ଯାଉଛି । ରାଜ୍ୟରେ ଇସ୍ପାତ ଉତ୍ପାଦନ ସମ୍ପର୍କରେ ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟ ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି, ଏହିସବୁ କାରଖାନାରୁ ୨୦୨୨-୨୩ରେ ୨୫.୧୨ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ ହୋଇଥିବାବେଳେ ୨୦୨୩-୨୪ ରେ ତାହା ୨୭.୩୧ ନିୟୁତ ଟନ୍‌କୁ ବୃଦ୍ଧି ପାଇଥିଲା ଏବଂ ୨୦୨୪-୨୫ରେ ଏହା ପ୍ରାୟ ୩୦ ନିୟୁତ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି । ସେହିଭଳି ଓଡ଼ିଶାରେ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ୪୯ଟି କମ୍ପାନୀ ରାଜ୍ୟ ସରକାରଙ୍କ ସହ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି । ଏଥିମଧ୍ୟରୁ ୨୩ ଇସ୍ପାତ କମ୍ପାନୀ କାର୍ଯ୍ୟକ୍ଷମ ଥିବାବେଳେ ଗୋଟିଏ ଫେରୋଆଲଏଜ୍, ଗୋଟିଏ ପେଲେଟ୍ ଓ ୫ଟି ସ୍ପଞ୍ଜ ଲୁହା କାରଖାନା ଚାଲିଛି। ଅସ୍ଥାୟୀ ଭାବେ ୪ଟି କାରଖାନା କାର୍ଯ୍ୟକ୍ଷମ ହୋଇ ନ ଥିବାବେଳେ ୧୨ଟି ଇସ୍ପାତ କାରଖାନାର କାର୍ଯ୍ୟ ଆରମ୍ଭ ହୋଇନାହିଁ । ଚାରିଟି ଇସ୍ପାତ କମ୍ପାନୀ ଓଡ଼ିଶା ଛାଡ଼ିଛନ୍ତି। ଏହି ୪ଟି କମ୍ପାନୀ ମଧ୍ୟରେ ପୋସ୍କୋ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ରହିଛି ।

# କ୍ୱାଲିଟି କନ୍‌ସେପ୍ଟରେ ଟିପିସିଓଡିଏଲ୍‌କୁ ୧୫ ପୁରସ୍କାର

ଭୁବନେଶ୍ୱର,୧୮।୯



ଟାଟା ପାୱାର ଓ ରାଜ୍ୟ ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) କ୍ୟୁସିଏଫ୍‌ଆଇ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଆୟୋଜିତ କ୍ୱାଲିଟି କନ୍‌ସେପ୍ଟ ୨୦୨୫ରେ ୧୫ଟି ପୁରସ୍କାର ଜିତିଛି। କ୍ୱାଲିଟି ସର୍କଲ ଓ କାଇଜେନ୍‌ର ୧୫ ପ୍ରକଳ୍ପ ମଧ୍ୟରୁ ୧୪ଟି ଟିମ୍ ସ୍ୱର୍ଣ୍ଣ ଏବଂ ଗୋଟିଏ ଟିମ୍ ରୌପ୍ୟ ପଦକ ହାସଲ କରିଛି। ଏନ୍‌ଟିପିସି, ଓ ଖଣି ନିଗମ, ଜିନ୍ଦଲ ଷ୍ଟେନ୍‌ଲେସ୍, ନାଲ୍‌କୋ, ବାଲ୍‌କୋ, ଟାଟା ପାୱାର, ବେଦାନ୍ତ ଭଳି ଅଗ୍ରଣୀ କମ୍ପାନୀର ୨୧୦ରୁ ଅଧିକ ଟିମ୍ ସହ ଟିପିସିଓଡିଏଲ୍‌ର ଟିମ୍ ପ୍ରତିଦ୍ୱନ୍ଦ୍ୱିତା କରିଥିଲା। ସ୍ୱର୍ଣ୍ଣ ବିଜୟୀ ଟିମ୍ ଆସନ୍ତା ଡିସେମ୍ବରରେ ଅନୁଷ୍ଠିତ ହେବାକୁ ଥିବା କ୍ୱାଲିଟି କନ୍‌ସେପ୍ଟର ଜାତୀୟ କନ୍‌ଭେନଶନ ପାଇଁ ଯୋଗ୍ୟତା ହାସଲ କରିଛନ୍ତି।

# ପାତ୍ର ଇଲେକ୍ଟ୍ରୋନିକ୍ସର ପ୍ରି ବୁକିଂ ବିଗ୍ ଫେଷ୍ଟିଭାଲ ସେଲ୍

ଭୁବନେଶ୍ୱର,୧୮।୯

PATRA ELECTRONICS — BIG FESTIVAL SALE

ଦେଶର ନୂଆ ଜିଏସ୍‌ଟି ସଂଶୋଧନ ବ୍ୟବସ୍ଥାରେ ଚଳିତ ମାସ ୨୨ତାରିଖ ପରେ କେତେକ ଇଲେକ୍ଟ୍ରୋନିକ୍ସ ଜିନିଷର ମୂଲ୍ୟ ହ୍ରାସ ହେବାକୁ ଯାଉଛି । ଏହି ଅବସରରେ ଓଡ଼ିଶାର ଥିବା ସମସ୍ତ ପାତ୍ର ଇଲେକ୍ଟ୍ରୋନିକ୍ସ ବ୍ରାଞ୍ଚରେ ପ୍ରି ବୁକିଂ ସେଲ୍‌ସ ଆରମ୍ଭ ହୋଇଛି। ଏହି ଅବସରରେ ପାତ୍ର ଇଲେକ୍ଟ୍ରୋନିକ୍ସ ତରଫରୁ ଜିଏସ୍‌ଟି ବେନିଫିଟ ସହ କଷ୍ଟ ଟୁ କଷ୍ଟ ପ୍ରାଇସ୍‌ରେ ସମସ୍ତ ଜିନିଷକୁ ସହଜ କିସ୍ତିରେ ଯୋଗାଇ ଦିଆଯିବ । ଏହି ସମୟରେ କେତେକ ଜିନିଷକୁ ଜିରୋ ଡାଉନ୍ ପେମେଣ୍ଟ, ଜିରୋ ଇଣ୍ଟରେଷ୍ଟ,ଜିରୋ ପ୍ରୋସେସିଂ, ୯୯୦ ଟଙ୍କାରେ ସହଜ କିସ୍ତି, ୩୬ ମାସ ପର୍ଯ୍ୟନ୍ତ ଇଏମ୍‌ଆଇ, ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ଟ୍ରିପଲ କ୍ୟାଶ୍ ବ୍ୟାକ୍, ୨ଲକ୍ଷ ୫୦ ହଜାର ଟଙ୍କାର ଡେଲି ଲକି ଡ୍ର, ଗିଫ୍ଟ ଭାଉଚର, ମାତ୍ର ୩୯୯୦ରେ ୪ଟି ପ୍ରଡକ୍ଟ ଏଲ୍‌ଇଡି ଟିଭି, ୱାଶିଂ ମେଶିନ, ଫ୍ରିଜ୍, ଏସି, ମିଳୁଛି ଓ ଦୁଇଟି ଇଏମ୍‌ଆଇ ପର୍ଯ୍ୟନ୍ତ ରିଫଣ୍ଡର ବ୍ୟବସ୍ଥା ଅଛି । ପ୍ରି ବୁକିଂ କଲେ ଜିଏସ୍‌ଟି ପରିବର୍ତ୍ତିତ ମୂଲ୍ୟ ସହ ଏହିସବୁ ସମସ୍ତ ଅଫରର କେତେକ ଜିନିଷକୁ ୫୦% ପର୍ଯ୍ୟନ୍ତ ରିହାତି ମିଳିବାର ସୁବିଧା ଅଛି।

# ଏଏମ୍/ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ଚାରାରୋପଣ

ଭୁବନେଶ୍ୱର,୧୮।୯

ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗ ଆନୁକୂଲ୍ୟରେ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ 'ଏକ୍ ପେଡ୍ ମା' କେ ନାମ୍ ୨.୦' ଅଭିଯାନର ଏକ ଅଂଶ ଭାବେ ପାରାଦୀପ, ଡାବୁନା, ଠାକୁରାଣୀ ଏବଂ ସାଗାସାହି ନିକଟରେ ୧୨ଟି ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଜଗତସିଂହପୁରର ପାରାଦୀପସ୍ଥିତ ପେଲେଟ ପ୍ଲାଣ୍ଟ ପରିସରରେ ବୃକ୍ଷରୋପଣ ଅଭିଯାନରେ ୪୦୦ରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ପାରାଦୀପ ପେଲେଟ ପ୍ଲାଣ୍ଟର ମୁଖ୍ୟ ୟୁଏସ୍‌ଆର୍ ରାଜୁ, ଏଚ୍‌ଆର୍ ଓ ଆଇଆର୍‌ର ଓଡ଼ିଶା ଆସେଟ ମୁଖ୍ୟ ସୁନୀଲା ଦାସ, କର୍ପୋରେଟ ଆଫେୟାର୍ସ ବିଭାଗ ମୁଖ୍ୟ ସୁପର୍ଣ୍ଣା ନନ୍ଦ, ସିଏସ୍‌ଆର୍ ବିଭାଗ ମୁଖ୍ୟ ଡ. ବିକାଶ ଯାଦଭେନ୍ଦୁ, ଓଡ଼ିଶା ପରିବେଶ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଦାଶଙ୍କ ସମେତ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ବରିଷ୍ଠ ନେତୃତ୍ୱ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଟେଲିଂ ଡ୍ୟାମ୍ ନିକଟସ୍ଥ ଶଙ୍କାରୀ ଗ୍ରାମରେ ଡାବୁନା ଟିମ୍ ଏକତ୍ରିତ ହୋଇ ବୃକ୍ଷରୋପଣ କରିଥିଲେ । ଏହି ଅଭିଯାନରେ ପ୍ରକଳ୍ପ ବିଭାଗର ଭାଇସ୍ ପ୍ରେସିଡେଣ୍ଟ ଶୈଳେନ୍ଦ୍ର ଶାହା, ଡାବୁନା ବେନିଫିସିଏସନ ପ୍ଲାଣ୍ଟର ମୁଖ୍ୟ ଜୟବର୍ଦ୍ଧନ ପରୋହା, ହାଜିରାର ଆକାଉଣ୍ଟସ ବିଭାଗ ମୁଖ୍ୟ ଭବେଶ ମୋଦି ଏବଂ ୭୦ ଜଣ କର୍ମଚାରୀ ଏବଂ ସହଯୋଗୀ କର୍ମଚାରୀ ଯୋଗଦେଇଥିଲେ । ସୁନ୍ଦରଗଡ଼ ଏଏମ୍ / ଏନ୍‌ଏସ୍ ଇଣ୍ଡିଆର ଘୋରାବୁରହାନି ସାଗାସାହି ଖଣି ନିକଟରେ ସାଗାସାହି, କଲମଙ୍ଗ ଏବଂ କାନିସାହି ଗ୍ରାମରେ ବୃକ୍ଷରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଏଏମ୍ / ଏନ୍‌ଏସ୍ ଇଣ୍ଡିଆର ଅପରେଶନ୍ସ ବିଭାଗ ନିର୍ଦ୍ଦେଶକ ତଥା ଭାଇସ୍ ପ୍ରେସିଡେଣ୍ଟ ୱିମ ଭାନ ଗର୍ଭେନ, ଖଣି ଏବଂ ରଣନୈତିକ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଆଲୋକ ମେହେଟ୍ଟା, ମୁଖ୍ୟ ନିରାପତ୍ତା ଅଧିକାରୀ ନାଗେଶ୍ୱର ରାଓ, ଓଡ଼ିଶା ଗ୍ରୀନ୍‌ଫିଲ୍ଡ ପ୍ରକଳ୍ପ ଏବଂ ବୈଷୟିକ ସହାୟତା ବିଭାଗ ମୁଖ୍ୟ ଟି.ଏସ୍. ଶାନଭୋଗ, ଓଡ଼ିଶା ଆସେଟର ଅପରେଶନ୍ସ ବିଭାଗ ମୁଖ୍ୟ ସୁରେଶ ଜି. ବରିଷ୍ଠ ମହାପ୍ରବନ୍ଧକ ଅମିତ ଦୁବେ, ସାଗାସାହି ଖଣି ପ୍ରବନ୍ଧକ ସତ୍ୟକାମା ଦାସ, ଡାବୁନା ଲଜିଷ୍ଟିକ୍ସ ବିଭାଗ ମୁଖ୍ୟ ଜୟକିଶନ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।


# Classified Everyday

0674-2580101, 9692975378



## REAL ESTATE SALE

ଭୁବନେଶ୍ୱର NISER, IIT ଜଟଣୀ ପାଖରେ ପ୍ରସ୍ତାବିତ BDA 200ft ରୋଡ୍‌କୁ ଲାଗି investment ପ୍ଲଟ୍ ପୋଜେସନ ଥାଇ Sqft.- 650/-, 850/- ବିକ୍ରି ହେଉଛି- 9337166296. D-1942

Ready to move 1/2 BHK flat for sale @ 18/24lakh at Gudiapokhari Bhubaneswar, Call- 9861642492. D-2018




Newly open Jyoti SPA positively health benefits (expert therapist). 8458067955. D-76936

ବହୁବର୍ଷ ଧରି ଭଲହେଉନଥିବା ଯେକୌଣସି ରୋଗରୁ ମୁକ୍ତି ପାଇଁ ଓ ସର୍ବଦା ସୁସ୍ଥ ନିରୋଗ ରହିବାକୁ ଚାହୁଁଥିଲେ Cellogen ଖାଆନ୍ତୁ 9439493164. D-2012

The massage felt totally professional & comfortable at all times-7978109255. D-76495

Now Matrimonial ads. only on Wednesday & Sunday Book 1 Get 1 FREE


## AFFIDAVIT

By virtue of an affidavit sworn before Executive Magistrate, Nayagarh on 25.06.2025, I Kshirod Kumar Sahoo, S/o- Gobinda Chandra Sahoo, At/P.O.- Balugaon, P.S./Dist.- Nayagarh, PIN-752070, declare that I have changed my name from Khiroda Kumar Sahoo to Kshirod Kumar Sahoo. Henceforth, I shall be known as Kshirod Kumar Sahoo for all purposes. D-2016

By this affidavit sworn before the Executive Magistrate, Jharsuguda, No.-997, date- 17.09.25, I, Amit Kumar Singh, S/o- Kameshwar Singh, R/o- Q.No.- 80, Budhijam, Orient colliery, Brajrajnagar, Dist.- Jharsuguda, Odisha declare that in my all educational documents my father's name has been written as Kameswar Singh instead of Kameshwar Singh. That both the names are relates to one and same person. D-2022

I, Sandhyarani Pattanaik, D/o- Pravakar Pattanaik, At- Jadupati Bihar, Jubuli Town, P.O./P.S.- Dhenkanal Town, Dist.-Dhenkanal, Odisha-759001, declare by the affidavit before the Executive Magistrate, Dhenkanal, No.- 830, dtd-18.09.2025 that now onwards my son Swastik Mathan will be known as Swastik Pattanaik for all future purposes.
Sandhyarani Pattanaik. D-2014

By virtue of an affidavit Before Notary Public, Kantabanji bearing No.- 2316 on 18.09.2025 that before marriage I known as Demati Banachhor which is mentioned in my Aadhaar Card and S.B. account of Bank of Baroda, Kantabanji but after marriage to Hemanta Nial I known as Keshari Nial, W/o Hemanta Nial of Village /P.O./P.S.- Belpada, Dist.- Balangir,Odisha and updated my Aadhaar Card whereas Demati Banachhor and Keshari Nial W/o Hemanta Nial, is same and one person. D-2015

By virtue of an Affidavit sworn before Notary Public, Bhubaneswar, dated- 18.09.2025. I, Ajaya Kumar Sahoo, Address: Kunja Patana, Lingaraj, Old town declare that I have changed my name from Ajay Kumar Sahu to Ajaya Kumar Sahoo. Henceforth, I shall be known as Ajaya Kumar Sahoo for all purposes.
Ajaya Kumar Sahoo D-2017

By virtue of an affidavit sworn before (Notary Public) Rourkela dated- 03.09.25 I, Shashikanta Ekka, Address: Kuarmunda, P.O.- Kuarmunda, P.S.- Biramitrapur Dist.- Sundargarh, declare that I have changed my Surname from Shashikant Behera to Shashikant Ekka. Henceforth, I shall be known as Shashikanta Ekka for all purposes. D-2021

I, Andavarapu Sahasra, Daughter of Andavarapu Srinivasa Rao, resident of plot No.- 2989, 1st floor, Nageswar Tangi, Bhubaneswar 751 oo2, hereby infrom that in my class 10th Pass Certificate and Mark sheet, my name is Incorrectly mentioned as A. Sahasra. The correct name is Andavarapu Sahasra, which has been affirmed before the Executive Magistrate, Bhubaneswar vide affidivit No. CF No.- 17/13.09.2025. this notice is being published for official and public record purposes. D- 2010

I, Tripti Ray W/o- Bholanath Ray, Village- Jyotinagar, Gondiaguda, P.O./P.S./Dist.- Malkangiri presently residing at Mathili, P.O./P.S.- Mathili, Dist.- Malkangiri do hereby solemnly affirm and state on oath as follows. That my actual name is Tripti Barai and after my marriage my surname is changed as Tripti Ray. That, in Aadhaar Card my name is mentioned as Tripti Barai and I want to change my name in Aadhaar Card as Tripti Ray. That, Tripti Barai and Tripti Ray is one and same i.e. myself. That, I swear this affidavit in order to produce before the concerned authority to change my name in Aadhaar Card as Tripti Ray. D-2025


**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


By virtue of an affidavit sworn before Executive Magistrate, Bhubaneswar, dated- 18th September 2025. I, Mirza Zayed Baig, Address: At.-Haridaspur, P.O.- Naharkanta, P.S.- Balianta, Dist.- Khordha PIN- 752101 Odisha declare that I have changed my name from Mirja Jayad Beg to Mirza Zayed Baig. Henceforth, I shall be known as Mirza Zayed Baig for all purposes.
Mirza Zayed Baig D-2011

By virtue of an affidavit sworn before the Executive Magistrate, Harabhanga, No.149 date 01.08.25, I, Sadananda Behera, R/o- Village- Khalisahi, P.O.- Talagaon, P.S.- Harabhanga, Dist.- Boudh, Odisha, PIN- 762012 declare that I have changed my son's name from Aryana Behera to Yariyan Behera. Henceforth he shall be known as Yariyan Behera for all purposes.
Sadananda Behera D-2025


ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## ମନେ ପଡ଼ନ୍ତି

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶ୍ରୀମତୀ ସୁଜାତା ଷଡ଼ଙ୍ଗୀ**
ଆବିର୍ଭାବ: ୨୧।୦୩।୧୯୬୨
ତିରୋଧାନ: ୧୫।୦୯।୨୦୨୦

ତରଭା ନିବାସୀ ଶିକ୍ଷୟିତ୍ରୀ ଶ୍ରୀମତୀ ସୁଜାତା ଷଡ଼ଙ୍ଗୀଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ୧୯।୦୯।୨୦୨୫ ତ୍ରୟୋଦଶୀ ତିଥିରେ ପାଳନ ଅବସରରେ ସ୍ୱାମୀ ଦୁର୍ଯ୍ୟୋଧନ ରାଉତ, ପୁତ୍ର ସୂର୍ଯ୍ୟ ପ୍ରତାପ ରାଉତ, ପୁତ୍ରବଧୂ ପିଙ୍କି ସାମଲ, ନାତି, ନାତୁଣୀ- ଏଞ୍ଜେଲ, ଆରବ, ଅଂଶ, ଆୟୁଷ ଓ ସମସ୍ତ ଆତ୍ମୀୟ ସ୍ୱଜନ ଏବଂ ବନ୍ଧୁବର୍ଗ। ଦିବଂଗତ ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ପାଇଁ ଜଗତ ଜନନୀ ମା, ମଙ୍ଗଳାଙ୍କ ନିକଟରେ ପ୍ରାର୍ଥନା କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ।
ଧ-୨୦୨୩

**ପ୍ରଥମ ଶ୍ରଦ୍ଧାଞ୍ଜଳି**



**୰ଆଶା ବାଗ**
ତିରୋଧାନ: ୧୯।୦୯।୨୦୨୪
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତୋ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀରାମଙ୍କ ନିକଟରେ ପ୍ରାର୍ଥନା।
**ଶୋକସନ୍ତପ୍ତ:** ମା, ସନ୍ତୋଷିନୀ, ବାପା ଉଦୟ, ଭଉଣୀ ଶୀତଲ, ନିଶା, ମମୁନ,ଓ ବନ୍ଧୁବର୍ଗ।
ଧ-୨୦୨୪


Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



ନିର୍ମଳ କୁମାର ମିଶ୍ର

ଓଡ଼ିଶା ପ୍ରୋ ଟି୨୦

# ଯୁବ ଖେଳାଳିଙ୍କ ପାଇଁ ବଡ଼ ସୁଯୋଗ

**ଓଡ଼ିଶା ପ୍ରୋ ଟି୨୦ ଲିଗ୍ ଆରମ୍ଭ ହୋଇଯାଇଛି। ସେପ୍ଟେମ୍ବର ୨୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତୀକ୍ଷିତ ଲିଗ୍ ରାଜ୍ୟର ଯୁବ ଖେଳାଳିଙ୍କ ପାଇଁ ବଡ଼ ସୁଯୋଗ ଆଣିବାକୁ ଯାଉଛି। ଏଥିରେ ଭଲ ପ୍ରଦର୍ଶନ କଲେ ଓଡ଼ିଶା ଖେଳାଳିମାନେ ଆଇପିଏଲ୍ ଫ୍ରାଞ୍ଚାଇଜଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ...**

ଓଡ଼ିଶା କ୍ରିକେଟ ପାଇଁ ଭଲ ଖବର। ଓଡ଼ିଶା ପ୍ରୋ ଟି୨୦ ଲିଗ୍ ଆରମ୍ଭ କରିଛି ଓଡ଼ିଶା କ୍ରିକେଟ ଆସୋସିଏଶନ୍ (ଓସିଏ)। ଭୁବନେଶ୍ୱର ଟାଇଗର୍ସ ଓ କଟକ ପାନ୍ଥର୍ସ ମଧ୍ୟରେ ଉଦ୍ଘାଟନୀ ମ୍ୟାଚ କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଛି। ଏଥିରେ କଟକ ପାନ୍ଥର୍ସ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛି। ଫ୍ରାଞ୍ଚାଇଜ୍ ଭିତ୍ତିକ ଏହି ଲିଗ୍‌କୁ ନେଇ ଯୁବ ଖେଳାଳିମାନେ ବେଶ ଉତ୍ସାହିତ ଅଛନ୍ତି। ଦୀର୍ଘ ୧୨ବର୍ଷ ପରେ ଓସିଏର ଏପରି ପ୍ରୟାସ ନିଶ୍ଚିତ ରୂପେ ସ୍ୱାଗତ ଯୋଗ୍ୟ। ୨୦୧୨ ଓ ୨୦୧୩ ସିଜନ୍‌ରେ ଓସିଏ ଓଡ଼ିଶା ପ୍ରିମିୟର ଲିଗ ଆରମ୍ଭ କରିଥିଲା। ଫ୍ରାଞ୍ଚାଇଜ୍ ଭିତ୍ତିକ ଏହି ଲିଗ୍ କୌଣସି କାରଣ ଯୋଗୁଁ ବନ୍ଦ ହୋଇଯିବାରୁ ଖେଳାଳିମାନେ ନିରୁତ୍ସାହିତ ହୋଇଥିଲେ। ଏହି ଲିଗ୍ ମାଧ୍ୟମରେ ଅନେକ ଯୁବ କ୍ରିକେଟର ଲୋକଲୋଚନକୁ ଆସିବା ସହିତ ଓଡ଼ିଶାର କ୍ଲବ କ୍ରିକେଟ ବେଶ୍ ଶକ୍ତିଶାଳୀ ହୋଇପାରିଥିଲା। ଓଡ଼ିଶା ମଧ୍ୟ ଜାତୀୟ ସ୍ତରର ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟୁର୍ନାମେଣ୍ଟରେ ଅନେକ ଶକ୍ତିଶାଳୀଦଳକୁ ହରାଇବାକୁ ସକ୍ଷମ ହୋଇଥିଲା। ଯଦିଓ ପ୍ରଦର୍ଶନରେ ଅସ୍ଥିରତା ରହିବା ଯୋଗୁ ବିଶେଷ ସଫଳତା ମିଳି ନ ଥିଲା ତେବେ ଅନେକ ଯୁବ ଖେଳାଳି ସୃଷ୍ଟି ହୋଇଥିଲେ। ଏହାର ଶୁଭାରମ୍ଭ ପୁନର୍ବାର ନୂଆ ରୂପରେ କରିଛି ଓସିଏ। ସେପ୍ଟେମ୍ବର ୧୫ରେ କାର୍ଯ୍ୟସୂଚୀ ପ୍ରକାଶ ପାଇଥିବାବେଳେ ୧୬ରେ ଜର୍ସି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜୁଲାଇ ୭ରୁ ୧୩ ମଧ୍ୟରେ ଫ୍ରାଞ୍ଚାଇଜ ମାନଙ୍କୁ ସେମାନଙ୍କର ବିଡିଂ ଏବଂ ସହଯୋଗ ମାଧ୍ୟମରେ ଏହି ମେଗା ଟୁର୍ନାମେଣ୍ଟକୁ ସଫଳ କରିବାକୁ ପ୍ରୟାସ କରିଛି। ଆଗକୁ ଅକ୍ଟୋବର ମାସରୁ ବିଭିନ୍ନ ବର୍ଗର ଘରୋଇ ଟୁର୍ନାମେଣ୍ଟ ବିସିସିଆଇ ଆରମ୍ଭ କରିବାକୁ ଯାଉଥିବାରୁ ପ୍ରୋ ଲିଗ୍‌ର କାର୍ଯ୍ୟସୂଚୀକୁ ସଂକ୍ଷିପ୍ତ କରିବାକୁ ଚାହିଁଥିଲା ଓସିଏ। ବର୍ତ୍ତମାନ ଦେଶର ବିଭିନ୍ନ ରାଜ୍ୟରେ ଟି୨୦ ଭିତ୍ତିକ କ୍ରିକେଟ ଟୁର୍ନାମେଣ୍ଟ ଅତି ସଫଳତାର ସହିତ ଆୟୋଜିତ ହେଉଥିବାର ଦେଖିବାକୁ ମିଳୁଛି। ଏଥି ମଧ୍ୟରେ ଦିଲ୍ଲୀ, ବେଙ୍ଗଲ, ତାମିଲନାଡୁ, କେରଳ, ୟୁପି, ମହାରାଷ୍ଟ୍ର, କର୍ନାଟକ ପ୍ରିମିୟର ଲିଗ ଅନ୍ୟତମ। ଜାତୀୟ ଦଳର ଅନେକ ନାମୀଦାମୀ ଖେଳାଳୀ ଏହି ପ୍ରତିଯୋଗିତା ଗୁଡିକରେ ଭାଗ ନେଉଥିବାର ଦେଖିବାକୁ ମିଳୁଛି। ଏଥିରୁ ମଧ୍ୟ ଆଇପିଏଲ ପାଇଁ ଅନେକ ପ୍ରତିଭାସମ୍ପନ୍ନ ଖେଳାଳି ଚୟନ ହୋଇ ଲୋକଲୋଚନକୁ ଆସିବା କ୍ରିକେଟ ପାଇଁ ଶୁଭଖବର। ଏପରି ଲିଗ ଗୁଡିକରୁ ଓସିଏ ଅନୁପ୍ରାଣୀତ ହୋଇ ଏକ ଭଲ ପଦକ୍ଷେପ ନେଇଛି।

ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ଖେଳାଳି ଦେବାଶିଷ ମହାନ୍ତି ଓ ପୂର୍ବତନ ଭାରତୀୟ ଅଲ୍ ରାଉଣ୍ଡର ଇରଫାନ ପଠାନ ଓଡ଼ିଶା ପ୍ରୋ ଟି୨୦ର ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ସମସ୍ତ ମ୍ୟାଚ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଉଦ୍ଘାଟନୀ ଓ ଫାଇନାଲକୁ ଛାଡ଼ିଦେଲେ ପ୍ରତିଦିନ ୨ଟି ଲେଖାଏ ମ୍ୟାଚର କାର୍ଯ୍ୟସୂଚୀ ରହିଛି। ମୋଟ ୧୮ଟି ମ୍ୟାଚ ହେବା ସହିତ ସମୟର ସ୍ୱଳ୍ପତା ଦୃଷ୍ଟି କୋଣରୁ ପ୍ରତ୍ୟେକ ଟିମ ଗ୍ରୁପ ପର୍ଯ୍ୟାୟରେ ପରସ୍ପର ସହିତ ଗୋଟିଏ ଥର ଖେଳିବେ। ଅନେକ ମ୍ୟାଚ ଫ୍ଲଡ ଲାଇଟ୍‌ରେ ଅନୁଷ୍ଠିତ ହେବ। ଏହା ବହୁ ସଂଖ୍ୟାରେ ଦର୍ଶକମାନଙ୍କୁ ଆକର୍ଷିତ କରିବା ସମ୍ଭାବନା ରହିଛି। ଦର୍ଶକଙ୍କ ପାଇଁ ଷ୍ଟାଡିୟମର ୧, ୩ ଓ ୫ ନମ୍ବର ଗ୍ୟାଲେରୀ ମାଗଣାରେ ଉନ୍ମୁକ୍ତ ରହିଛି। ତେବେ ଦର୍ଶକଙ୍କୁ ଏଥିପାଇଁ ଟିକେଟ ଜେନି ମାଧ୍ୟମରେ ମୋବାଇଲରେ ଟିକେଟ ଦେଖାଇବାକୁ ପଡ଼ିବ।

ଘରୋଇ କ୍ରିକେଟର ସର୍ବୋଚ୍ଚ ଟୁର୍ନାମେଣ୍ଟରୁ ଖେଳାଳି ଚୟନ କରାଯିବା ସହିତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶ୍ରେଷ୍ଠ ଖେଳାଳିମାନଙ୍କୁ ନେଇ ୬ଟି ଦଳ ଗଠନ କରାଯାଇଛି। ଏହି ଦଳ ଗୁଡ଼ିକ ହେଲେ ଭୁବନେଶ୍ୱର ଟାଇଗର୍ସ, କଟକ ପାନ୍ଥର୍ସ, କେନ୍ଦୁଝର ମାଇନର୍ସ, ପୁରୀ ଟାଇଟନ୍ସ, ରାଉରକେଲା ଷ୍ଟିଲର୍ସ ଓ ସମ୍ବଲପୁର ୱାରିୟର୍ସ। ଓଡ଼ିଶା ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳୀମାନଙ୍କୁ ୬ଟି ଦଳର ଅଧିନାୟକ ମନୋନୀତ କରାଯାଇଥିବା ବେଳେ ପୂର୍ବତନ ରଣଜୀ ଖେଳାଳିମାନଙ୍କୁ ବିଭିନ୍ନ ଦଳର ମୁଖ୍ୟ କୋଚ ଓ ସପୋର୍ଟ ଷ୍ଟାଫ ଭାବେ ନିଆଯାଇଛି। ଆରିଭା ସ୍ପୋର୍ଟ୍ସ ଏହି ଟୁର୍ନାମେଣ୍ଟର ମୁଖ୍ୟ ପ୍ରାୟୋଜକ ରହିଥିବା ବେଳେ ଅନ୍ୟ ପ୍ରାୟୋଜକମାନେ ମଧ୍ୟ ସହାୟତାର ହାତ ବଢାଇଛନ୍ତି।

କ୍ରିକେଟ ସମ୍ପାଦକ ସଞ୍ଜୟ ବେହେରା ଏହି ଲିଗ୍‌ର ସଫଳତାକୁ ନେଇ ବେଶ୍ ଆଶାବାଦୀ ରହିଛନ୍ତି। ବର୍ତ୍ତମାନ ଓଡ଼ିଶା କ୍ରିକେଟରେ ପ୍ରତିଭା ସମ୍ପନ୍ନ ଖେଳାଳିମାନଙ୍କ ମଧ୍ୟରେ ଶୁଭ୍ରାଂଶୁ ସେନାପତି, ଗୋବିନ୍ଦ ପୋଦ୍ଦାର, ସ୍ୱସ୍ତିକ ସାମଲ, ସନ୍ଦୀପ ପଟ୍ଟନାୟକ, ଆଶୀର୍ବାଦ ସ୍ୱାଇଁ, ସୂର୍ଯ୍ୟକାନ୍ତ ପ୍ରଧାନ, ବିପ୍ଳବ ସାମନ୍ତରାୟ, ଶାନ୍ତନୁ ମିଶ୍ର, ଅନୁରାଗ ଷଡଙ୍ଗୀ, ରାଜେଶ ମହାନ୍ତି, ରାଜେଶ ଧୂପର, କାର୍ତ୍ତିକ ବିଶ୍ୱାଳ, ଅନୀଲ ପରିଡା, ସୁନୀଲ ରାଉଳ, ଦେବବ୍ରତ ପ୍ରଧାନ, ତାରଣୀ ଶ’, ହର୍ଷିତ ରାଠୋର, ସୁମୀତ ଶର୍ମାଙ୍କ ପରି ଦକ୍ଷ ଓ ଅନୁଭବ ସମ୍ପନ୍ନ ଖେଳାଳି ରହିଛନ୍ତି। ଅନେକ ଯୁବ ଖେଳାଳି ମଧ୍ୟ ମୁଖ୍ୟ ଦଳରେ ସାମିଲ ହେବା ପାଇଁ ଅପେକ୍ଷାରତ। ଶଭ୍ରାଂଶୁ ସେନାପତି ୫୭ଟି ପ୍ରଥମ ଶ୍ରେଣୀ ମ୍ୟାଚରୁ ୩୨୧୮ ରନ୍ (୮ ଶତକ, ସର୍ବାଧିକ ରନ ୨୭୭), ସନ୍ଦୀପ ପଟ୍ଟନାୟକ ୩୪ ମ୍ୟାଚରୁ ୧୭୩୫ ରନ୍ (୫ ଶତକ, ସର୍ବାଧିକ ସ୍କୋର ୧୫୦), ସୂର୍ଯ୍ୟକାନ୍ତ ପ୍ରଧାନ ୬୨ ମ୍ୟାଚରୁ ୧୯୭ ଉଇକେଟ (୫ରୁ ଅଧିକ ଉଇକେଟ ୮ଥର) ନେଇଛନ୍ତି। ସେହିପରି ବିପ୍ଳବ ସାମନ୍ତରାୟ ୯୧ଟି ପ୍ରଥମ ଶ୍ରେଣୀ ମ୍ୟାଚର ଅଭିଜ୍ଞତା ରଖି ୭ ଶତକ ଓ ୨୪ ଅର୍ଦ୍ଧଶତକ ସହ ୪୨୩୩ ରନ୍ କରିଛନ୍ତି। ତେଣୁ ଯୁବ ଖେଳାଳିମାନେ ଏପରି ଅଭିଜ୍ଞ ଖେଳାଳିଙ୍କଠାରୁ ଲିଗ୍ ମାଧ୍ୟମରେ ବହୁତ କିଛି ଶିଖିବାର ଆଶା ରଖିଛନ୍ତି। ଏହା ନିଶ୍ଚିତ ଯେ ଓଡ଼ିଶା ପ୍ରୋ ଲିଗ୍ ଘରୋଇ କ୍ରିକେଟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ। ଏହା ଯୁବ ଖେଳାଳିଙ୍କ ପାଇଁ ଯେ ବେଶ୍ ଉପାଦେୟ ହେବ ଏଥିରେ ସନ୍ଦେହ ନାହିଁ।

### ୬ ଦଳ ଓ ଅଧିନାୟକ

ଭୁବନେଶ୍ୱର ଟାଇଗର୍ସ: ସୂର୍ଯ୍ୟକାନ୍ତ ପ୍ରଧାନ
କଟକ ପାନ୍ଥର୍ସ: ସ୍ୱସ୍ତିକ ସାମଲ
କେନ୍ଦୁଝର ମାଇନର୍ସ: ଗୋବିନ୍ଦ ପୋଦ୍ଦାର
ପୁରୀ ଟାଇଟନ୍ସ: ସନ୍ଦୀପ ପଟ୍ଟନାୟକ
ରାଉରକେଲା ଷ୍ଟିଲର୍ସ: ଆଶୀର୍ବାଦ ସ୍ୱାଇଁ
ସମ୍ବଲପୁର ୱାରିୟର୍ସ: ଶୁଭ୍ରାଂଶୁ ସେନାପତି




ଟ୍ରଫି ଉନ୍ମୋଚନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।



ଲିଗ୍ ଉଦ୍ଘାଟନ ଅବସରରେ ସେଲିବ୍ରିଟିଙ୍କ ସେଲ୍ଫି

# ଗ୍ରାଣ୍ଡ୍ ସୁଇସ୍ ବିଜୟିନୀ ବୈଶାଳୀ

ଉଜ୍‌ବେକିସ୍ତାନର ସମରକନ୍ଦରେ ସେପ୍ଟେମ୍ବର ୧୫ରେ ଉଦ୍‌ଯାପିତ ଫିଡେ ଗ୍ରାଣ୍ଡ ସୁଇସ ଚେସ୍‌ରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଆର. ବୈଶାଳୀ ଟାଇଟଲ ବଜାୟ ରଖିଛନ୍ତି। ଏଥିସହ ସେ ୨୦୨୬ ମହିଳା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବୈଶାଳୀ ଓ ରୁଷିଆର କାଟରିନା ଲାଗ୍ନୋ ୮ ପଏଣ୍ଟ ଲେଖାଏ ପାଇ ପ୍ରତିଯୋଗିତା ଶେଷ କରିଥିଲେ। ମାତ୍ର ୨୪ ବର୍ଷୀୟା ବୈଶାଳୀ ଉନ୍ନତ ଟାଇବ୍ରେକ ସ୍କୋରରେ ଚାମ୍ପିୟନ ଘୋଷିତ ହୋଇଛନ୍ତି। ୧୧ଶ ତଥା ଅନ୍ତିମ ରାଉଣ୍ଡରେ ସେ ଚାଇନାର ଟାନ ଝୋଙ୍ଗୟିଙ୍କ ସହ ମ୍ୟାଚ ଡ୍ର ରଖିବା ସହ ଏହି ସଫଳତା ପାଇଛନ୍ତି। ଦିବ୍ୟା ଦେଶମୁଖ ଓ କୋନେରି ହମ୍ପିଙ୍କ ପରେ ତୃତୀୟ ଭାରତୀୟ ମହିଳା ଭାବେ ସେ ଫିଡେ ମହିଳା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୂର୍ବରୁ ଗତ ଜୁନ୍‌ରେ ଜର୍ଜିଆରେ ଅନୁଷ୍ଠିତ ଫିଡେ ମହିଳା ଚେସ୍ ବିଶ୍ୱକପର ଫାଇନାଲରେ ପ୍ରବେଶ କରି ଦେଶମୁଖ ଓ ହମ୍ପି କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ଖେଳିବାକୁ ଯୋଗ୍ୟତା ପାଇଥିଲେ। ଏଥିରେ ଦେଶମୁଖ ଚାମ୍ପିୟନ ହୋଇଥିଲେ। ପ୍ରକାଶ ଯୋଗ୍ୟ ଯେ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟର ବିଜେତା ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ଚାଇନାର ଜୁ ୱେନଜୁନଙ୍କ ଚ୍ୟାଲେଞ୍ଜର ହେବାପାଇଁ ଯୋଗ୍ୟ ବିବେଚିତ ହେବେ।

୨୦୦୧ ଜୁନ ୨୧ରେ ଜନ୍ମିତ ବୈଶାଳୀ ପୂର୍ବରୁ ୨୦୨୩ରେ ମଧ୍ୟ ଫିଡେମହିଳା ଗ୍ରାଣ୍ଡ ସୁଇସ ଟୁର୍ନାମେଣ୍ଟ ଜିତିଥିଲେ। ଅର୍ଥାତ୍ ସେ ୨୦୨୪ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ମଧ୍ୟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ଏହା ବ୍ୟତୀତ ସେ ୨୦୨୪ ମହିଳା ୱାର୍ଲ୍ଡ ବ୍ଲିଜ୍ ଚେସ୍ ଟୁର୍ନାମେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ବୈଶାଳୀ ହେଉଛନ୍ତି ଭାରତୀୟ ଚେସ୍‌ର ବିସ୍ମୟ ବାଳକ ତଥା ଗ୍ରାଣ୍ଡମାଷ୍ଟର ଆର ପ୍ରଜ୍ଞାନନ୍ଦଙ୍କ ବଡ଼ ଭଉଣୀ। ତାଙ୍କ ବାପା ରମେଶବାବୁ ଟିଏନ୍‌ଏସ୍‌ସି ବ୍ୟାଙ୍କର ମ୍ୟାନେଜର ଏବଂ ମା’ ନାଗାଲକ୍ଷ୍ମୀ ଜଣେ ଗୃହିଣୀ। ତୁଳସୀ ଦୁଇ ପତ୍ରରୁ ବାସିବାପରି ବୈଶାଳୀ ବାଳିକା ୱାର୍ଲ୍ଡ ୟୁଥ୍ ଚେସ୍ ଚାମ୍ପିୟନଶିପ୍ ଟାଇଟଲ ଜିତି ଚର୍ଚ୍ଚାକୁ ଆସିଥିଲେ। କ୍ରମାଗତ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ସେ ୨୦୧୬ରେ ମହିଳା ଅନ୍ତର୍ଜାତୀୟ ମାଷ୍ଟର, ୨୦୧୮ରେ ମହିଳା ଗ୍ରାଣ୍ଡମାଷ୍ଟର, ୨୦୨୧ରେ ଅନ୍ତର୍ଜାତୀୟ ମାଷ୍ଟର ଏବଂ ୨୦୨୩ରେ ଭାରତର ତୃତୀୟ ମହିଳା ଭାବେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କଲେ। ଭାରତର ପ୍ରଥମ ଭାଇ-ଭଉଣୀ ଭାବେ ପ୍ରଜ୍ଞାନନ୍ଦ ଓ ବୈଶାଳୀ ଗ୍ରାଣ୍ଡମାଷ୍ଟର ହେବାର ଗୌରବ ଅର୍ଜନ କରିଥିଲେ। ୨୦୨୪ରେ ତାଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।



# ପେନାଲ୍ଟି କର୍ଣ୍ଣର ସ୍ପେଶାଲିଷ୍ଟ ଉଦିତା

ନିକଟରେ ଶେଷ ହୋଇଥିବା ଏସିଆ କପ୍ ମହିଳା ହକିରେ ଭାରତର ଅଭିଜ୍ଞ ଡିଫେଣ୍ଡର ଉଦିତା ଦୁହାନ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଛନ୍ତି। ଟୁର୍ନାମେଣ୍ଟ ଫାଇନାଲରେ ଭାରତ ୧-୪ ଗୋଲରେ ଚାଇନାଠାରୁ ପରାସ୍ତ ହୋଇ ରନରଅପ୍ ହୋଇଥିଲା। ପୂରା ଟୁର୍ନାମେଣ୍ଟରେ ଉଭୟ ଡିଫେନ୍ସିଭ ଓ ଆଟାକିଂ ବିଭାଗରେ ଉଦିତାଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା। ନିୟମିତ ଡ୍ରାଗ ଫ୍ଲିକର ଦୀପିକାଙ୍କ ଅନୁପସ୍ଥିତିରେ ଉଦିତା ଅତିରିକ୍ତ ଦାୟିତ୍ୱ ନେଇଥିଲେ। ଦୀପିକା ଇଞ୍ଜୁରି କାରଣରୁ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଥିଲେ। ତାଙ୍କ ଅନୁପସ୍ଥିତିରେ ଉଦିତା ପେନାଲ୍ଟି କର୍ଣ୍ଣର ଦାୟିତ୍ୱ ନେଇ ସଫଳତାର ସହ ୩ ଗୋଲ କନଭର୍ଟ ମଧ୍ୟ କରିଥିଲେ।

ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ସମ୍ପର୍କରେ ସେ କହିଛନ୍ତି ଯେ, ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହେବା ମୋ ପାଇଁ ସମ୍ମାନର ବିଷୟ। ଏହି ସ୍ୱୀକୃତି ଖୁବ ସ୍ୱତନ୍ତ୍ର। କାରଣ ମୁଁ ଚଳିତ ବର୍ଷ ୟୁରୋପରେ ଖେଳାଯାଇଥିବା ପ୍ରୋ ଲିଗ୍ ମ୍ୟାଚ୍ ମିସ କରିଥିଲି। ଏଭଳି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟରେ ସଫଳ ପ୍ରତ୍ୟାବର୍ତ୍ତନ କରିବା ମୋ ଟାର୍ଗେଟ ଥିଲା। ମୋ ଉପରେ ଭରସା କରିବା ପାଇଁ ମୁଁ ମୋ ସାଥି ଖେଳାଳି ଓ କୋଚିଂ ଷ୍ଟାଫଙ୍କ ନିକଟରେ କୃତଜ୍ଞ। ଦଳୀୟ ପ୍ରଦର୍ଶନ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ଆମେ ଏକ ଦଳ ଭାବେ ଖୁବ ଭଲ ହକି ଖେଳିଲୁ। କଷ୍ଟକର ମ୍ୟାଚ୍‌ରେ ଆମେ ନିଜ ଦକ୍ଷତା ପ୍ରଦର୍ଶିତ କରିଥିଲୁ। କୋରିଆ ଓ ଜାପାନ ଭଳି ଦଳ ବିପକ୍ଷରେ ମିଳିଥିବା ବିଜୟ ଆମକୁ ଆତ୍ମବିଶ୍ୱାସ ଦେବ। ଦୁର୍ଭାଗ୍ୟବଶତଃ, ଫାଇନାଲରେ ଆମକୁ ଆଶାନୁଯାୟୀ ଫଳାଫଳ ମିଳିଲା ନାହିଁ। କିନ୍ତୁ ଆମେ ଏହି ରୌପ୍ୟ ପଦକ ସହ ଆଗକୁ ବଢ଼ିଛୁ ଏବଂ ଏହା ଆଗକୁ ଆମକୁ ଆହୁରି ବଡ଼ ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ହେବାକୁ ପ୍ରେରଣା ଯୋଗାଇବ। ଉଦିତା ତାଙ୍କର ପୁରସ୍କାରକୁ ଦଳର ମିଳିତ ଉଦ୍ୟମକୁ ଉତ୍ସର୍ଗ କରି କହିଛନ୍ତି, ବ୍ୟକ୍ତିଗତ ପୁରସ୍କାର ସର୍ବଦା ସ୍ୱତନ୍ତ୍ର। କିନ୍ତୁ ମୋ ପାଇଁ ଏହା ଆମ ପୂରା ଦଳର ଉଦ୍ୟମକୁ ଦର୍ଶାଉଛି। ଏଥିରେ ପ୍ରତ୍ୟେକ ଖେଳାଳିଙ୍କ ଅବଦାନ ରହିଛି ଏବଂ ଏଭଳି କଠିନ ପରିଶ୍ରମୀ ଦଳର ପ୍ରତିନିଧିତ୍ୱ କରୁଥିବାରୁ ମୁଁ ସମ୍ମାନିତ ଅନୁଭବ କରୁଛି। ଆମେ ଏହି ଅନୁଭୂତିରୁ ଶିକ୍ଷା ନେବୁ ଓ ଅଧିକ ଶକ୍ତିଶାଳୀ ହୋଇ ଫେରିବୁ।

**ଏସିଆ କପ୍ ମହିଳା ହକିର ଉଭୟ ଡିଫେନ୍ସିଭ ଓ ଆଟାକିଂ ବିଭାଗରେ ଉଦିତାଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା। ଫଳରେ ସେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ହୋଇଥିଲେ..**



DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୯/୨୦୨୫ Bhubaneswar, Friday, September 19/ 2025

# କେନ୍ଦୁଝର ମାଇନର୍ସ ୪୫ ରନରେ ବିଜୟୀ

ଭୁବନେଶ୍ୱର, ୧୮।୯ (ତପନ ସ୍ୱାଇଁ)

**ଓଡ଼ିଶା ପ୍ରୋ ଟି୨୦ ଲିଗ୍**

କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ଗୁରୁବାର ଅନୁଷ୍ଠିତ ଡବଲ ହେଡରର ପ୍ରଥମ ମ୍ୟାଚରେ କେନ୍ଦୁଝର ମାଇନର୍ସ ୪୫ ରନରେ ପୁରୀ ଟାଇଟନ୍ସକୁ ପରାସ୍ତ କରିଛି। ଫଳରେ କେନ୍ଦୁଝର ଦଳ ୨ ପଏଣ୍ଟ ସହ ଅଭିଯାନ ଆରମ୍ଭ କରିଛି।

ଟସ୍ ଜିତି ବ୍ୟାଟିଂ ନେଇଥିବା କେନ୍ଦୁଝର ମାଇନର୍ସ ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦେବବ୍ରତ ପ୍ରଧାନ ଖାତା ଖୋଲିପାରି ନ ଥିବାବେଳେ ଓମ୍ ଟି. ମୁଣ୍ଡେ ୨୨, ବିଶ୍ୱଭୂଷଣ ବିହାରୀ ୧୧ ଓ ଅଧିନାୟକ ଗୋବିନ୍ଦ ପୋଦ୍ଦାର ୪ ରନ କରି ଆଉଟ ହେବାରୁ ୪୫ ରନ ମଧ୍ୟରେ ଦଳର ୪ ଉଇକେଟ ପଡ଼ି ଯାଇଥିଲା। ମିଡିଲ ଅର୍ଡରରେ ୪୮ ଓ ଅନିଲ ପରିଡ଼ା ୩୮ ରନ କରିବାରୁ କେନ୍ଦୁଝର ୨୦ ଓଭରରେ ୮ ଉଇକେଟ ହରାଇ ୧୫୯ ରନ କରିଥିଲା। ବିପକ୍ଷ ଦଳର ମହମ୍ମଦ ଡାନିସ ୩୪ ରନ ଦେଇ ସର୍ବାଧିକ ୪ ଉଇକେଟ ସଫଳତା ପାଇଥିଲେ। ଉଦୟ ଜଟ ୨ଟି ଏବଂ ରାଜେଶ ମହାନ୍ତି ଓ ଆଶୁତୋଷ ଛୁରିଆ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



୫ ଉଇକେଟ ନେବା ଅବସରରେ ସର୍ବେଶ୍ୱର ମହାନ୍ତି।

୧୬୦ ରନ ବିଜୟ ଲକ୍ଷ୍ୟରେ ପୁରୀ ଟାଇଟନ୍ସ ୧୮.୧ ଓଭରରେ ୧୧୪ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଅଧିନାୟକ ସନ୍ଦୀପ ପଟ୍ଟନାୟକ ସର୍ବାଧିକ ୨୫ ଓ କାର୍ତ୍ତିକ ବିଶ୍ୱାଳ ୨୩ ରନ କରିଥିବାବେଳେ ଅନ୍ୟ ବ୍ୟାଟରଙ୍କ ବିଫଳତା ଦଳ ପାଇଁ ବିପର୍ଯ୍ୟୟ ଆଣିଥିଲା। ୭ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବିଜୟୀ ଦଳର ବୋଲରଙ୍କ ମଧ୍ୟରେ ସର୍ବେଶ୍ୱର ମହାନ୍ତି ୨.୧ ଓଭର ସ୍ପେଲ୍‌ରେ ମାତ୍ର ୧୨ ରନ ବିନିମୟରେ ୫ ଉଇକେଟ ନେଇ ପୁରୀ ଦଳକୁ ପରାଜୟ ମୁହଁକୁ ଠେଲି ଦେଇଥିଲେ। ସୟଦ ତୁଫେଲ ଅହମଦ ୨ଟି ଏବଂ ସୌମ୍ୟ ଲେଙ୍କା ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପୋଲିସ ଡିଜି ସୁଧାଂଶୁ ଷଡ଼ଙ୍ଗୀ ଓ ଓସିଏ ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ ଅତିଥିଭାବେ ଯୋଗଦେଇ ସର୍ବେଶ୍ୱର ମହାନ୍ତିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

### ବିଜୟ ସନ୍ତୋଷଜନକ: ପୋଦ୍ଦାର

"ଚଳିତ ସିଜନରେ ଏହା ଆମର ପ୍ରଥମ ମ୍ୟାଚ ଥିଲା। ଏଥିରେ ୪୫ ରନରେ ବିଜୟୀ ହୋଇଥିବାରୁ ମୁଁ ବହୁତ ଖୁସି। ଆମ ବ୍ୟାଟିଂ ବିଭାଗର ଲୋୟର ଅର୍ଡର ଉପଯୋଗୀ ଅବଦାନ ଯୋଗୁ ଆମେ ସମ୍ମାନଜନକ ସ୍କୋର କରିଥିଲୁ। ସର୍ବେଶ୍ୱର ଅତି ଚମତ୍କାର ବୋଲିଂ କଲେ। ଆମ ବୋଲିଂ ଆକ୍ରମଣକୁ ନେଇ ମୁଁ ଆତ୍ମବିଶ୍ୱାସରେ ଥିଲି। ସର୍ବେଶ୍ୱରଙ୍କ ସହ ସୌମ୍ୟ ରଞ୍ଜନ ଲେଙ୍କା, ପପୁ ରାୟ ଓ ସୟଦ ଅହମଦ ପ୍ରମୁଖ ସମସ୍ତଙ୍କୁ ବିଜୟର ଶ୍ରେୟ ଯିବ" ବୋଲି ମ୍ୟାଚ ପରେ ଅଧିନାୟକ ଗୋବିନ୍ଦ ପୋଦ୍ଦାର ପ୍ରକାଶ କରିଛନ୍ତି।

# ଭାରତୀୟ ଫଏଲ୍ ଟିମ୍‌କୁ ବ୍ରୋଞ୍ଜ

ଭୁବନେଶ୍ୱର, ୧୮।୯ (ତପନ ସ୍ୱାଇଁ)

**ପାରା ଫେନ୍‌ସିଂ ବିଶ୍ୱକପ୍**

ଇଣ୍ଡୋନେସିଆର ସୋଲୋଠାରେ ଅନୁଷ୍ଠିତ ପାରା ଫେନ୍‌ସିଂ ବିଶ୍ୱକପରେ ଭାରତୀୟ ପୁରୁଷ ଫଏଲ୍ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶାର ୩ ଫେନ୍‌ସର ରାଖାଲ କୁମାର ସେଠୀ, ଭି. ରମେଶ ରାଓ ଏବଂ ଓମ୍ ପ୍ରକାଶ ବେହେରା ଭାରତୀୟ ଦଳର ସଦସ୍ୟ ଥିଲେ। କ୍ୱାର୍ଟର ଫାଇନାଲରେ ଭାରତ ୨୦-୧୬ରେ ଇରାକ୍‌କୁ ହରାଇଥିବାବେଳେ ସେମିଫାଇନାଲରେ ଥାଇଲାଣ୍ଡଠାରୁ ୬-୨୦ରେ ହାରି ଯାଇଥିଲା। ୩ୟ ସ୍ଥାନ ପାଇଁ ଅନୁଷ୍ଠିତ ମୁକାବିଲାରେ ଭାରତ ୨୦-୧୮ରେ ଜର୍ମାନୀକୁ ପରାସ୍ତ କରିଥିଲା। ଭାରତୀୟ ଦଳର ସଦସ୍ୟଭାବେ ପଦକ ଜିତିଥିବାରୁ ରାଖାଲ, ରମେଶ ଓ ଓମ୍ ପ୍ରକାଶଙ୍କୁ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି କମଳାକାନ୍ତ ରଥ ଓ ସମ୍ପାଦକ ସୁନୀଲ ପ୍ରଧାନ ଅଭିନନ୍ଦନ ଜଣାଇଛନ୍ତି।



ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ପାରା ଫେନ୍‌ସିଂ ଦଳ।

# ନର୍ଥ ଇଷ୍ଟ ସେକ୍ଟର ଚାମ୍ପିୟନ


ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳ।

ଭୁବନେଶ୍ୱର,୧୮।୯(ଅନାଦି କର)

**ଇଣ୍ଟର ସେକ୍ଟର ବ୍ୟାଡ୍‌ମିଣ୍ଟନ**

ସିଆର୍‌ପିଏଫ୍‌ର ଗ୍ରୁପ ସେଣ୍ଟର ଦ୍ୱାରା ପୋଖରିପୁଟସ୍ଥିତ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଚାଲିଥିବା ସିଆର୍‌ପିଏଫ୍‌ର ଇଣ୍ଟର ସେକ୍ଟର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ସିଆର୍‌ପିଏଫ୍‌ର ୨୩ ସେକ୍ଟର ଅଂଶଗ୍ରହଣ କରିଥିଲେ। ଫାଇନାଲରେ କମ୍ୟୁନିକେଶନ ସେକ୍ଟରକୁ ହରାଇ ନର୍ଥ ଇଷ୍ଟ କ୍ଷେତ୍ର ଚାମ୍ପିୟନ ହୋଇଛି।

ଓଡ଼ିଶା ସେକ୍ଟର ଇନ୍ସପେକ୍ଟର ଜେନେରାଲ ଅମିତେନ୍ଦ୍ର ନାଥ ସିହ୍ନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଡିଆଇଜି ଭରତ ଭୂଷଣ ସେଠୀ, ଡିଆଇଜି ତୃପ୍ତି କାନ୍ତ ହାତୀ, ଡିଆଇଜି ହରପାଲ ସିଂ, ଡିଆଇଜି ତାରିକ ହୁସେନ ଖାନ ଓ ଅନ୍ୟ ଅଧିକାରୀ ଏହି ଅବସରରେ ଉପସ୍ଥିତ ଥିଲେ।

# ସମ୍ବଲପୁର ୱାରିଅର୍ସର ରୋମାଞ୍ଚକ ବିଜୟ

ଭୁବନେଶ୍ୱର, ୧୮।୯ (ବିଜୟ ରଣା)

ଓଡ଼ିଶା ପ୍ରୋ ଟି୨୦ ଲିଗ୍ ୨୦୨୫ରେ ଗୁରବାର ଖେଳାଯାଇଥିବା ଦିନର ଦ୍ୱିତୀୟ ମ୍ୟାଚ୍‌ରେ ସମ୍ବଲପୁର ୱାରିଅର୍ସ ୧ ରନରେ ରାଉରକେଲା ଷ୍ଟିଲର୍ସକୁ ହରାଇ ରେମାଞ୍ଚକ ବିଜୟ ହାସଲ କରିଛି। ସମ୍ବଲପୁର ୱାରିଅର୍ସ ତରଫରୁ ଧାର୍ଯ୍ୟ ୧୯୫ ରନର ବିଜୟ ଲକ୍ଷ୍ୟକୁ ପିଛା କରି ରାଉରକେଲା ଷ୍ଟିଲର୍ସ ୨୦ ଓଭରରେ ୮ ଉଇକେଟ ହରାଇ ୧୯୩ ରନ କରିପାରିଥିଲା। ଦଳ ପକ୍ଷରୁ ସାଇଦୀପ ମହାପାତ୍ର ସର୍ବାଧିକ ୪୨ ରନ କରିଥିବା ବେଳେ ସମ୍ବିତ କୁମାର ବରାଳ ୩୭, ବିଶ୍ୱଜିତ ପ୍ରଧାନ ୨୭ ଓ ଆଶୀର୍ବାଦ ସ୍ୱାଇଁ ୨୬ ରନ କରିଥିଲେ। ସୁମିତ ଶର୍ମା, ରାକେଶ ପଟ୍ଟନାୟକ ଓ ପ୍ରିୟାଂଶୁ ମହାନ୍ତି ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର ୱାରିଅର୍ସ ନିର୍ଦ୍ଧାରିତ ୨୦ଓଭରରେ ୩ ଉଇକେଟ ବିନିମୟରେ ୧୯୪ ରନ କରିଥିଲା। ଆଦିତ୍ୟ ରାଉତ ୬୮, ଶ୍ରେୟାଂଶ ଭରଦ୍ୱାଜ ୫୨ ଅଧିନାୟକ ଶୁଭ୍ରାଂଶୁ ସେନାପତି ୩୬ ରନ କରିଥିବା ବେଳେ ପ୍ରୟାଂଶ ସିଂ ୨୮ରନ କରି ଅପରାଜିତ ରହିଥିଲେ। ରାଉରକେଲା ଷ୍ଟିଲର୍ସ ତରଫରୁ ଜମଳା ମହାପାତ୍ର, ସମ୍ବିତ ବରାଳ ଓ ଶୋଭନଦେବ ବେହେରା ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ।



ଦିତା ଭେଞ୍ଚର୍ସ ମାଲିକାଣୀ ତନିଶା ଜୈନ୍‌ଙ୍କଠାରୁ ପ୍ଲେୟର୍ ଅଫ୍ ମ୍ୟାଚ୍ ଟ୍ରଫି ଗ୍ରହଣ କରୁଛନ୍ତି ଆଦିତ୍ୟ ରାଉତ।

**ସଂକ୍ଷିପ୍ତ ସ୍କୋର**

ସମ୍ବଲପୁର ୱାରିଅର୍ସ: ୨୦ ଓଭରରେ ୧୯୪/୩ (ଆଦିତ୍ୟ ରାଉତ-୬୮, ଶ୍ରେୟାଂଶ ଭରଦ୍ୱାଜ- ୫୨, ଶୁଭ୍ରାଂଶୁ ସେନାପତି-୩୬ ; ଜମଳା ମହାପାତ୍ର-୧/୨୨, ସମ୍ବିତ ବରାଳ-୧/୪୪, ଶୋଭନ ଦେବ ବେହେରା-୧/୪୩)। ରାଉରକେଲା ଷ୍ଟିଲର୍ସ: ୨୦ ଓଭରରେ ୧୯୩/୮ (ସାଇଦୀପ ମହାପାତ୍ର-୪୨, ସମ୍ବିତ ବରାଳ-୩୭, ବିଶ୍ୱଜିତ ପ୍ରଧାନ-୨୭, ଆଶୀର୍ବାଦ ସ୍ୱାଇଁ-୨୬, ବିନାୟକ ସାହୁ-୨୦ରନ ; ରାକେଶ ପଟ୍ଟନାୟକ-୨/୨୫, ପ୍ରିୟାଂଶୁ ମହାନ୍ତି-୨/୧୨, ସୁମିତ ଶର୍ମା-୨/୧୫)।

# ପାକିସ୍ତାନ ଉପରେ ହୋଇପାରେ କାର୍ଯ୍ୟାନୁଷ୍ଠାନ

ଦୁବାଇ, ୧୮।୯ (ପି.ଟି.)

**ପାଇକ୍ରଫ୍ଟ ବିବାଦ**

ଚଳିତ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଏକାଧିକ ନିୟମ ଉଲ୍ଲଂଘନ କରିଥିବାରୁ ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଚାରକରୁଛି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)। ମ୍ୟାଚ ରେଫରି ଆଣ୍ଡି ପାଇକ୍ରଫ୍ଟଙ୍କ ବହିଷ୍କାର ଦାବିକୁ ଆଇସିସି ପ୍ରତ୍ୟାଖ୍ୟାନ କରିବା ପରେ ପାକିସ୍ତାନ କ୍ରିକେଟ ଦଳର ପ୍ରତିବାଦ ଯୋଗୁ ୟୁଏଇ ବିପକ୍ଷ ମ୍ୟାଚ ଆରମ୍ଭରେ ବିଳମ୍ବ ଘଟିଥିଲା। ଆଇସିସି ଏହି ମର୍ମରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ ଇ-ମେଲ୍ କରି ଜବାବ ମାଗିଛି। ବୁଧବାର ମ୍ୟାଚ ପୂର୍ବରୁ ପାକିସ୍ତାନ ଏକାଧିକ ଥର ପ୍ଲେୟର୍ସ ଆଣ୍ଡ ମ୍ୟାଚ ଅଫିସିଆଲ ଏରିଆ (ପିଏମ୍‌ଓଏ) ପ୍ରୋଟୋକଲ ଭଙ୍ଗ କରିଛି। ଖବର ଅନୁସାରେ ବାରମ୍ବାର ଚେତାବନୀ ସତ୍ତ୍ୱେ ପାକିସ୍ତାନ ନିୟମ ଉଲ୍ଲଂଘନ କରି ଟସ୍ ପୂର୍ବରୁ ଏହାର ମୁଖ୍ୟ କୋଚ୍ ମାଇକ୍ ହେସନ, ଅଧିନାୟକ ସଲମନ ଅଲି ଆଘା ଓ ପାଇକ୍ରଫ୍ଟଙ୍କ ମଧ୍ୟରେ ବୈଠକର ଏକ ଭିଡ଼ିଓ ପ୍ରସ୍ତୁତ ଲାଗି ମିଡିଆ ମ୍ୟାନେଜର ନଇମ ଗିଲାନିଙ୍କୁ ଟିମ୍ ମ୍ୟାନେଜମେଣ୍ଟ ଅନୁମତି ଦେଇଥିଲା। ଆଇସିସି ତରଫରୁ ପୂର୍ବରୁ ସ୍ପଷ୍ଟ କରିଦିଆଯାଇଥିଲା ଯେ, ଏଭଳି ବୈଠକରୁ ମିଡିଆ ମ୍ୟାନେଜରଙ୍କୁ ବାରଣ ରହିଛି। ଆଇସିସି ସିଇଓ ସଂଯୋଗ ଗୁପ୍ତା ପିସିବିକୁ ଏହି ଇ-ମେଲ କରିଛନ୍ତି।

# ସାଇକ୍ଲିଂ କୋଚ୍ ସୁଶୀଲ କୁମାରଙ୍କ ବିୟୋଗ


ସୁଶୀଲ କୁମାର ଦାସ

ଭୁବନେଶ୍ୱର,୧୮।୯(ଅନାଦି କର)

ଓଡ଼ିଶାର ସୁନାମଧନ୍ୟ ସାଇକ୍ଲିଷ୍ଟ ତଥା କୋଚ୍ ସୁଶୀଲ କୁମାର ଦାସଙ୍କର ଗୁରୁବାର ପରଲୋକ ଘଟିଛି। ସେ କଟକସ୍ଥିତ ଏସ୍‌ସିବି ମେଡିକାଲରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କ ବୟସ ୬୦ ବର୍ଷ ହୋଇଥିଲା। ସାଇକ୍ଲିଷ୍ଟ ଭାବେ ୧୯୮୮ରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦ୍ୱାରା ଆୟୋଜିତ ୧୪୦୦ କିମି ବିଶିଷ୍ଟ ସାଇକ୍ଲିଂ ଏକ୍ସପେଡିଶନ ଓଡ଼ିଶା ଆବିଷ୍କାରରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଆଥଲେଟ୍ ଭାବେ ଅବସର ନେବା ପରେ ସେ ସ୍ୱାତି ସିଂ ଓ ଦୀନେଶ କୁମାରଙ୍କ ଭଳି ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସାଇକ୍ଲିଷ୍ଟଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ୨୦୧୫ଠାରୁ ସେ ଓଡ଼ିଶା ସାଇକ୍ଲିଂ ଆସୋସିଏଶନର ଉପ ସଭାପତି ରହିଥିଲେ।

# ଡ୍ର ଅଭିମୁଖେ ଭାରତ 'ଏ'-ଅଷ୍ଟ୍ରେଲିଆ 'ଏ' ମ୍ୟାଚ

ଲକ୍ଷ୍ନୌ, ୧୮।୯ (ପି.ଟି.)

ଭାରତ 'ଏ' ଦଳର ମିଳିତ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ ଯୋଗୁ ଅଷ୍ଟ୍ରେଲିଆ 'ଏ' ବିପକ୍ଷ ୪ ଦିନିଆ ଅନ୍ ଅଫିସିଆଲ ଟେଷ୍ଟ ମ୍ୟାଚରେ ତୃତୀୟ ଦଳ ଖେଳ ଶେଷ ସୁଦ୍ଧା ୪ ଉଇକେଟ ବିନିମୟରେ ୪୦୩ ରନ ସଂଗ୍ରହ କରିଛି। ଉଇକେଟକିପର ବ୍ୟାଟର ଧ୍ରୁବ ଜୁରେଲ ୧୧୩ ରନ କରି ଅପରାଜିତ ରହିଛନ୍ତି। ପୂର୍ବରୁ ଭ୍ରମଣକାରୀ ଦଳ ୫୩୨/୬ରେ ଏହାର ପ୍ରଥମ ଇନିଂସ ଘୋଷଣା କରିଥିଲା। ଶୁକ୍ରବର ମ୍ୟାଚର ୪ର୍ଥ ତଥା ଅନ୍ତିମ ଦିବସ ହୋଇଥିବାରୁ ମ୍ୟାଚ 'ଡ୍ର' ଆଡକୁ ମୁହାଁଇଛି।

# ସୁପର-୪'ରେ ଶ୍ରୀଲଙ୍କା, ବାଂଲାଦେଶ

ଆବୁଧାବି,୧୮।୯

ନୁୱାନ ଥୁସାରାଙ୍କ ଘାତକ ବୋଲିଂ ଓ ପରେ କୁସାଲ ମେଣ୍ଡିସଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଚଳିତ ଏସିଆ କପ୍‌ରେ ଗୁରୁବାର ଖେଳାଯାଇଥିବା ଗ୍ରୁପ୍-ବି'ର ଅନ୍ତିମ ମ୍ୟାଚ୍‌ରେ ଶ୍ରୀଲଙ୍କା ୬ ଉଇକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ଏହା ଶ୍ରୀଲଙ୍କାର କ୍ରମାଗତ ତୃତୀୟ ବିଜୟ। ଏହି ବିଜୟ ସହ ଗ୍ରୁପ୍-ବି'ରୁ ଶ୍ରୀଲଙ୍କା ଓ ବାଂଲାଦେଶ ସୁପର-୪'ରେ ସ୍ଥାନ ପକ୍କା କରିଛନ୍ତି।

**ଏସିଆ କପ୍ କ୍ରିକେଟ**

**(ଆଜିର ମ୍ୟାଚ୍)**

**ଭାରତ**
**ବନାମ ଓମାନ**
ଭେନ୍ୟୁ: ଆବୁଧାବି,
ସମୟ: ରାତି ୮ଟା
ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟଓ୍ୱାର୍କ



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ କୁସାଲ ମେଣ୍ଡିସ।

ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୯ ରନ କରିଥିଲା। ଦଳ ୧୯ ଓଭର ସୁଦ୍ଧା ୭ ଉଇକେଟ ହରାଇ ୧୩୭ ରନ କରି ସଂଘର୍ଷ କରୁଥିଲା। ହେଲେ ମହମ୍ମଦ ନବି ଶେଷ ଓଭରରେ ଲଗାତର ୫ ଛକା ମାରି ଦଳୀୟ ସ୍କୋରକୁ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇଥିଲେ। ନବି ୨୨ ବଲରେ ୩ ଚୌକା ଓ ୬ ଛକା ସହାୟତାରେ ୬୦ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ରଶିଦ ଖାନ ଓ ଇବ୍ରାହିମ ଜଦ୍ରାନ ୨୪ ଲେଖାଏ ରନ କରିଥିଲେ। ଶ୍ରୀଲଙ୍କା ପାଇଁ ଥୁସାରା ୪ ଉଇକେଟ ନେଇଥିଲେ। ଜବାବରେ ଶ୍ରୀଲଙ୍କା ୧୮.୪ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଦଳ ପକ୍ଷରୁ କୁସାଲ ମେଣ୍ଡିସ ୭୪ ଓ କାମିନ୍ଦୁ ମେଣ୍ଡିସ ୨୬ ରନ କରି ମ୍ୟାଚ୍ ଫିନିଶ କରିଥିବା ବେଳେ କୁସାଲ ପେରେରା ୨୮ ରନ କରିଥିଲେ। ଆଫଗାନିସ୍ତାନ ପାଇଁ ମୁଜିବ ଉର ରହମାନ, ଆଜମାତୁଲ୍ଲା ଓମାରଜାଇ, ମହମ୍ମଦ ନବି ଓ ନୂର ଅହମଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ: ୨୦ ଓଭରରେ ୧୬୯/୮ (ମହମ୍ମଦ ନବି-୬୦, ରଶିଦଖାନ-୨୪, ଇବ୍ରାହିମ ଜଦ୍ରାନ-୨୪, ନୁୱାନ ଥୁସାରା-୪/୧୮)। ଶ୍ରୀଲଙ୍କା: ୧୮.୪ ଓଭରରେ ୧୭୧/୪ (କୁସାଲ ମେଣ୍ଡିସ-୭୪*, କାମିନ୍ଦୁ ମେଣ୍ଡିସ-୨୬*, କୁସାଲ ପେରେରା-୨୮, ଆଜମାତୁଲ୍ଲା ଓମାରଜାଇ-୧/୧୦)।

# ନୀରଜ ଅଷ୍ଟମ

ଟୋକିଓ, ୧୮।୯ (ପି.ଟି.)

ନୀରଜ ଚୋପ୍ରା ବିଶ୍ୱ ଚାମ୍ପିୟନଶିପ୍ ପୁରୁଷ ଜାଭେଲିନ୍ ଫାଇନାଲରେ ପରାଜିତ ହୋଇଛନ୍ତି। ଫାଇନାଲର ୫ମ ରାଉଣ୍ଡରେ ତାଙ୍କର ଶ୍ରେଷ୍ଠ ପ୍ରୟାଶ ଥିଲା ୮୪.୦୩ ମିଟର। ଫଳରେ ସେ ଓଭରଅଲ ୮ମ ସ୍ଥାନ ସହ ଅଭିଯାନ ଶେଷ କରିଛନ୍ତି। କେବଳ ଶ୍ରେଷ୍ଠ ୬ ଆଥଲେଟ ୬ଷ୍ଠ ଓ ଫାଇନାଲ ରାଉଣ୍ଡରେ ଭାଗ ନେଇପାରିବେ। ପାକିସ୍ତାନର ଅର୍ଶଦ ନଦୀମ ମଧ୍ୟରୁ ୪ର୍ଥ ରାଉଣ୍ଡରୁ ବିଦାୟ ନେଇଥିଲେ। ଅନ୍ୟଜଣେ ଭାରତୀୟ ସଚିନ ଯାଦବ କେବଳ ତିଷ୍ଠି ରହିଥିଲେ। ସେ ତାଙ୍କର ଶ୍ରେଷ୍ଠ ଥ୍ରୋ ୮୬.୨୭ ମିଟର ସହ ଓଭରଅଲ ଚତୁର୍ଥ ସ୍ଥାନରେ ଥିଲେ। ଏହି ଇଭେଣ୍ଟରେ ତ୍ରିନିଦାଦ ଓ ଟବାଗୋର କେଶୋରନ ୱାଲ୍‌କଟ (୮୮.୧୬ମିଟର) ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ତାଙ୍କ ପଛକୁ ପଛ ଯଥାକ୍ରମେ ୨ୟ ଓ ୩ୟ ସ୍ଥାନ ସହ ରୌପ୍ୟ ଓ ବ୍ରୋଞ୍ଜ ଜିତିଥିଲେ ଗ୍ରେନେଡାର ଆଣ୍ଡରସନ ପିଟର୍ସ (୮୭.୩୮ ମିଟର) ଓ କୁର୍ଟିଷ୍ଟ ଥମ୍ପସନ (୮୬.୬୭)।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ